# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଅକ୍ଟୋବର ୨୪/୨୦୨୨ (୧୬ ପୃଷ୍ଠା) | Sambalpur, Monday, October 24/2022 | Page 16 ₹ 7.00 | ★★

୧୮ଶ ଭାଗ ୩୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 306 | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କେ.ପି. ସମୂହ ତରଫରୁ ଆପଣ ସମସ୍ତଙ୍କୁ
ଦୀପାବଳିର
ହାର୍ଦ୍ଦିକ ଶୁଭକାମନା।
KP GROUP
Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ସୁରକ୍ଷିତ ରୁହନ୍ତୁ ।
ସଫଲ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ସୋମବାର, ଅକ୍ଟୋବର ୨୪/୨୦୨୨ | Monday, October 24/2022 | ପୃଷ୍ଠା-୧




### ମେଣ୍ଡିସ ପ୍ଲେୟର ଅଫ୍ ଦି ମ୍ୟାଚ

ଆୟର୍ଲାଣ୍ଡ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଶ୍ରୀଲଙ୍କାର କୁଶାଲ ମେଣ୍ଡିସଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୨

୧୦

### 'ଧନୀ ନୁହନ୍ତି ଜାହ୍ନବୀ'

ପ୍ରଡ୍ୟୁସରଙ୍କୁ ଟଙ୍କା ଦେଇ ଫିଲ୍ମ ତିଆରି କରିବା ଲାଗି ଅଭିନେତ୍ରୀ ଜାହ୍ନବୀ କପୁରଙ୍କ ପାଖରେ ଟଙ୍କା ନ ଥିବା କହିଛନ୍ତି।





କଟକ ଖାନନଗର ପୂଜା ମଣ୍ଡପରେ ରୁପା ମେଢ଼ ଓ ସୁନା ମୁକୁଟରେ ଝଲସୁଛନ୍ତି ମା' ଶ୍ୟାମାକାଳୀ।

# ସୁରକ୍ଷା ଖୋଜୁଛି ସୁରକ୍ଷାକବଚ

**■ ହେନ୍ତାଳବଣ ସୁଦୃଢ଼ ପାଇଁ ମିଳିତ ପ୍ରୟାସ ଲୋଡ଼ା**

**■ ସ୍ଥାୟୀ ବିଶେଷଜ୍ଞ କମିଟି ଗଠନ ଆବଶ୍ୟକ**

ପ୍ରାକୃତିକ ବିପର୍ଯ୍ୟୟ କାରଣରୁ କ୍ଷୟ ହେଉଥିବା ଉପକୂଳ ଅଞ୍ଚଳକୁ ସୁରକ୍ଷିତ ରଖୁଥିବା ହେନ୍ତାଳ ବଣକୁ ସୁରକ୍ଷା କବଚ କୁହାଯାଏ। ଏହାର ସୁରକ୍ଷା ଯେତିକି ଜରୁରୀ ଏହି ବୃକ୍ଷର ଔଷଧୀୟ ଗୁଣ ମାନବ ସମାଜ ପାଇଁ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଏହି ସୁରକ୍ଷାକବଚ ପ୍ରତି ମାନବୀୟ କାର୍ଯ୍ୟକଳାପ ବିପଦ ସୃଷ୍ଟି କରିଛି। ଏହାର ନିରାକରଣ ପାଇଁ ସରକାରୀ ତତ୍ପରତା ସହ ପ୍ରତ୍ୟେକ ସ୍ତରରେ ସାମୂହିକ ଉଦ୍ୟମ ଆବଶ୍ୟକ ହୋଇପଡ଼ିଛି।

**ଭୁବନେଶ୍ୱର(ବ୍ୟୁରୋ)/ ରାଜନଗର, ୨୩।୧୦(ଡି.ଏନ୍.ଏ)**



ହେନ୍ତାଳ ହେଉଛି ଲବଣ ପ୍ରତିରୋଧୀ ପ୍ରଜାତିର ବୃକ୍ଷ, ଯାହାକି ସମୁଦ୍ର ଉପକୂଳ ଏବଂ ନଦୀ ମୁହାଣରେ ଥିବା ଆର୍ଦ୍ର ଅଞ୍ଚଳରେ ଦେଖିବାକୁ ମିଳିଥାଏ। ଏହା ବାତ୍ୟା, ଜୁଆର ସମୟରେ ମାଡ଼ି ଆସୁଥିବା ସମୁଦ୍ର ପାଣିରୁ ଉପକୂଳକୁ ସୁରକ୍ଷା ଦେଇଥାଏ। ସମୁଦ୍ର କୂଳରେ ମୃତ୍ତିକା କ୍ଷୟରୁ ମଧ୍ୟ ଏହି ହେନ୍ତାଳ ବଣ ରକ୍ଷା କରିଥାଏ। ହେନ୍ତାଳ ବନାଞ୍ଚଳରେ ଜୈବ ବିବିଧତା ବିଶେଷଭାବେ ବିକଶିତ ହୋଇଥାଏ। ଏହି ଅଞ୍ଚଳରେ ଚିଙ୍ଗୁଡ଼ି, କଙ୍କଡ଼ା, ମାଛ, କଇଁଛ ଭଳି ବିଭିନ୍ନ ପ୍ରଜାତିର ସାମୁଦ୍ରିକ ଜୀବ ଅଣ୍ଡାଦାନ କରିବା ସହ ବଂଶବୃଦ୍ଧି କରିଥାନ୍ତି। ଏହା ଉପକୂଳ ଅଞ୍ଚଳବାସୀଙ୍କ ପାଇଁ ସୁରକ୍ଷା ଦେବା ସହ ମତ୍ସ୍ୟଜୀବୀଙ୍କ ଜୀବିକା ଉପାର୍ଜନରେ ସହାୟକ ହୋଇଥାଏ। ୨୦୨୧ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ତଥ୍ୟ ଅନୁସାରେ ଓଡ଼ିଶା ଉପକୂଳରେ ହେନ୍ତାଳ ବନ ବୃଦ୍ଧି ପାଇଛି। ହେନ୍ତାଳ ବନୀକରଣ ବୃଦ୍ଧିରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି। ୨୦୧୮ ସୁଦ୍ଧା ରାଜ୍ୟରେ ୨୫୧ ବର୍ଗ କି.ମି. ଅଞ୍ଚଳରେ ହେନ୍ତାଳବନ ପରିବ୍ୟାପ୍ତ ☞ପୃଷ୍ଠା-୨

# ଦୀପାବଳିରେ ଭିଜିବ ଉପକୂଳ

## ଆଜି ବଙ୍ଗୋପସାଗରରେ ସୃଷ୍ଟି ହେବ ବାତ୍ୟା

**ଭୁବନେଶ୍ୱର,୨୩।୧୦ (ବ୍ୟୁରୋ)**

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସକ୍ରିୟ ଥିବା ଅବପାତ ୬ ଘଣ୍ଟା ମଧ୍ୟରେ ଘନୀଭୂତ ହୋଇ ରବିବାର ସକାଳେ ଗଭୀର ଅବପାତରେ ପରିଣତ ହୋଇଛି। ଘଣ୍ଟାପ୍ରତି ୧୭ କି.ମି. ବେଗରେ ଉତ୍ତର-ପଶ୍ଚିମ ଦିଗରେ ଗତି କରି ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ କେନ୍ଦ୍ରୀଭୂତ ରହିଛି। ଆଗାମୀ ୧୨ଘଣ୍ଟା ଯାଏ ନିଜ ଗତିର ଦିଗ ବଜାୟ ରଖିବା ସହ ପରେ କେନ୍ଦ୍ରୀୟ ବଙ୍ଗୋପସାଗର ☞ପୃଷ୍ଠା-୨

# ଚାଇନାରେ ପୁଣି ଜିନ୍‌ପିଙ୍ଗ୍ ଶାସନ

## ମହିଳା ଶୂନ୍ୟ ନୂଆ କ୍ୟାବିନେଟ୍

**ବେଜିଂ, ୨୩।୧୦**

ଚାଇନା କମ୍ୟୁନିଷ୍ଟ ପାର୍ଟି (ସିପିସି) ରବିବାର ୬୯ ବର୍ଷୀୟ ଶି ଜିନ୍‌ପିଙ୍ଗଙ୍କୁ ଦଳର ମହାସଚିବ ନିର୍ବାଚିତ କରିଛି। ଫଳରେ ଜିନ୍‌ପିଙ୍ଗ୍ କ୍ରମାଗତ ୩ୟ ଥର ପାଇଁ ଚାଇନାର ରାଷ୍ଟ୍ରପତି ହୋଇଛନ୍ତି। ମାଓ ଜେଡୋଙ୍ଗଙ୍କ ପରେ ଜିନ୍‌ପିଙ୍ଗ୍ କମ୍ୟୁନିଷ୍ଟ ପାର୍ଟିର ସବୁଠାରୁ ଶକ୍ତିଶାଳୀ ନେତା ହେବା ସହ ତୃତୀୟ ଥର ପାଇଁ ଶାସନରେ ରହିବାରେ ରେକର୍ଡ କରିଛନ୍ତି। ସପ୍ତାହେ ଧରି ଚାଲିଥିବା ସିପିସି ବୈଠକରେ ଶନିବାର ଜିନ୍‌ପିଙ୍ଗ୍ ଶକ୍ତିଶାଳୀ ସେଣ୍ଟ୍ରାଲ କମିଟିକୁ ମନୋନୀତ ହୋଇଥିଲେ। ରବିବାର ଅନୁଷ୍ଠିତ ଷ୍ଟାଣ୍ଡିଂ କମିଟି ଅଧିବେଶନରେ ୨୦୩ ସିପିସି ସେଣ୍ଟ୍ରାଲ କମିଟି ସଦସ୍ୟ ଏବଂ ୧୬୮ ଅନ୍ୟ ମେମ୍ବର ଉପସ୍ଥିତ ଥିଲେ। ଏହି ଅବସରରେ ଜିନ୍‌ପିଙ୍ଗଙ୍କୁ ସିପିସି ସେଣ୍ଟ୍ରାଲ ମିଲିଟାରି କମିଶନ (ସିଏମ୍‌ସି)ର ଅଧ୍ୟକ୍ଷ ଭାବେ ମଧ୍ୟ ନାମିତ କରାଯାଇଥିଲା। ☞ପୃଷ୍ଠା-୨



ଶି ଜିନ୍‌ପିଙ୍ଗ

# ଟିମ୍ ଇଣ୍ଡିଆର ଦୀପାବଳି ଭେଟି

**ଟି୨୦ ବିଶ୍ୱକପ୍**

**■ ମେଲବୋର୍ନରେ କୋହଲି କରିସ୍ମା**

**■ ପାକିସ୍ତାନକୁ ହରାଇ ଭାରତର ଅଭିଯାନ ଆରମ୍ଭ**

**ମେଲବୋର୍ନ, ୨୩।୧୦(ପି.ଟି.)**

ଟୁର୍ନାମେଣ୍ଟ ଟି୨୦ କ୍ରିକେଟ ବିଶ୍ୱକପ୍ ଏବଂ ହାଇପ୍ରୋଫାଇଲ ମ୍ୟାଚ୍ ଭାରତ ବନାମ ପାକିସ୍ତାନ। ଭାରତ ଆଗରେ ଲକ୍ଷ୍ୟ ଥିଲା ୧୬୦ ରନ୍। ମାତ୍ର ୩୧ ରନ୍ ମଧ୍ୟରେ ୪ ଉଇକେଟ ହରାଇ ବିପଦକୁ ଆସିଯାଇଥିଲା ଟିମ୍ ଇଣ୍ଡିଆ। କୋଟି କୋଟି ଭାରତୀୟ ଦର୍ଶକଙ୍କ ହୃତ୍‌ସ୍ପନ୍ଦନ ବଢ଼ିଚାଲିଥିଲା। ଆରମ୍ଭ ହୋଇଯାଇଥିଲା ପୂଜାର୍ଚ୍ଚନା ଆଉ ପ୍ରାର୍ଥନା। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଗର୍ଜିଲା କିଙ୍ଗ୍ କୋହଲି ବିରାଟଙ୍କ ବ୍ୟାଟ୍। ସାଥ୍ ଦେଲେ ହାର୍ଦ୍ଦିକ ପାଣ୍ଡ୍ୟା। ସାକ୍ଷୀ ରହିଲେ ଷ୍ଟାଡିୟମରେ ଉପସ୍ଥିତ ୯୦,୦୦୦ ଦର୍ଶକ। ନୂଆ ନୂଆ ରଣନୀତି ଆପଣାଇଲେ ପାକିସ୍ତାନ ବୋଲର। ମାତ୍ର ସବୁ କିଛି ଫେଲ୍ ମାରିଲା। କୋହଲି ନିଜ ବିରାଟ ନାମର ଯଥାର୍ଥତା ପ୍ରତିପାଦନ କଲେ। ରୋମାଞ୍ଚକ ଏବଂ ଲୋମହର୍ଷଣକାରୀ ମ୍ୟାଚ୍‌ରେ ବିଜୟ ମୁକୁଟ ପିନ୍ଧିଲା ଟିମ୍ ଇଣ୍ଡିଆ। ଏଥିସହ ଦେଶବାସୀଙ୍କୁ ଦେଲା ଦୀପାବଳି ଭେଟି। ରବିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ☞ପୃଷ୍ଠା-୨



### ଦୀପାବଳି ଶୁଭେଚ୍ଛା

ପବିତ୍ର ଦୀପାବଳି ଅବସରରେ ଧରିତ୍ରୀର ଅଗଣିତ ପାଠିକା ପାଠକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।

### ଧରିତ୍ରୀର ଛୁଟି

ଦୀପାବଳି ପାଇଁ ଧରିତ୍ରୀ କାର୍ଯ୍ୟାଳୟ ତା ୨୪।୧୦।୨୦୨୨ ରିଖ ସୋମବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ତା ୨୬।୧୦।୨୦୨୨ ରିଖ ବୁଧବାର ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

କ୍ଷମତା ଲୋଭ








ପବିତ୍ର ଦୀପାବଳି-୨୦୨୨ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

DADLS - 52

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

ଗଣେଶୀ ଲାଲ

(ଗଣେଶୀ ଲାଲ)

OIPR-15001/13/0154/2223

ଓଡ଼ିଶା ସରକାର

ମୁଖ୍ୟମନ୍ତ୍ରୀଙ୍କ ଦୀପାବଳି ଶୁଭେଚ୍ଛା

DADLS - 52

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା । ବିକାଶର ଆଲୋକରେ ସମସ୍ତଙ୍କ ଜୀବନକୁ ଉଦ୍‌ଭାସିତ କରିବା ପାଇଁ ଆସନ୍ତୁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ଏବଂ ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବା ।

ନବୀନ ପଟ୍ଟନାୟକ

(ନବୀନ ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0154/2223

ପବିତ୍ର ଦୀପାବଳି - ୨୦୨୨ ଉପଲକ୍ଷେ ବାର୍ତ୍ତା

DADLS - 52

ଆଲୋକ ଓ ଆନନ୍ଦର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟର ସମସ୍ତ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି । ସମସ୍ତଙ୍କର ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ପୂରିଉଠୁ ଏହା ମୋର ମା'ଙ୍କ ନିକଟରେ ପ୍ରାର୍ଥନା ।

ପ୍ରଦିପ କୁମାର ଅମାତ

(ପ୍ରଦିପ କୁମାର ଅମାତ)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-15001/13/0154/2223

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: .............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଛକୁ ରହିଲେ ମେଞ୍ଚାଏ,**
**ନ ହେଲେ କେଞ୍ଚାଏ ।**

ସାଧାରଣତଃ ଭୋଜିଭାତ ବା ମେଳା ମଉଛବରେ ଏପରି ଘଟୁଥିବାର ଲକ୍ଷ୍ୟ କରାଯାଇଥାଏ। ପଛକୁ ରହିଲେ କେବେ ଅଧିକ ମିଳିଯାଏ ତ କେବେ କେବେ ସରିଯିବା ଭଳି ପରିସ୍ଥିତି ମଧ୍ୟ ଉପୁଜିଥାଏ। ଆହାର ବା ଖାଦ୍ୟର ବଳକା ଉପରେ ଏହା ନିର୍ଭର କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପଳେଇ ପଶିଲି ମାଉସୀ ଘରେ,**
**ମାଉସୀ ମାଇଲା ଦି'ପାହାରେ ।**

ମା' ଯେମିତି ନିଜ ପିଲାଙ୍କ ଯତ୍ନ ନେଇଥାଏ ଓ ସ୍ନେହ ଶ୍ରଦ୍ଧା କରିଥାଏ, ତାହା ସେମିତି ଆଉ କେହି କରିପାରି ନ ଥାନ୍ତି। ମା'ର ଭଉଣୀ ମାଉସୀ ପରି ଯେତେ ସମ୍ପର୍କୀୟ ହୋଇଥିଲେ ମଧ୍ୟ ସେମାନେ କେବେ ମା'ପରି ନିଜ ମନର ଭାବ , ଆବେଗ ବୁଝିପାରି ନ ଥାନ୍ତି। ଅନେକ ସମୟରେ ସେମାନଙ୍କଠାରୁ ହତାଦର ବା ଅବହେଳାର ଶିକାର ହେବାକୁ ପଡ଼ିଥାଏ। ପରଲୋକ କେବେ ନିଜର ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**ଆଜିର ମନ୍ତବ୍ୟ**

" ଦେଶ ସାମ୍ନାରେ ଥିବା ମୁଖ୍ୟ ପ୍ରସଙ୍ଗଗୁଡ଼ିକରୁ ଲୋକଙ୍କ ଧ୍ୟାନ ହଟାଇବା ଏବଂ କଂଗ୍ରେସକୁ ବଦନାମ କରିବା ପାଇଁ ରାଜୀବ ଗାନ୍ଧୀ ଫାଉଣ୍ଡେସନ ବିରୋଧରେ କେନ୍ଦ୍ର କାର୍ଯ୍ୟାନୁଷ୍ଠାନ ନେଇଛି।

**-ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ**

# ପ୍ରଥମ ପୃଷ୍ଠାରୁ...

## ସୁରକ୍ଷା ଖୋଜୁଛି ..

ଥିବାବେଳେ ୨୦୧୯ ଓ ୨୦୨୦ରେ ଏହା ୮କି.ମି. ବୃଦ୍ଧି ପାଇ ୨୫୯ କି.ମି.ରେ ପହଞ୍ଚିଛି। କେନ୍ଦ୍ରାପଡ଼ା ଜିଲା ଭିତରକନିକାରେ ସର୍ବାଧିକ ୨୦୯.୨୫ ବର୍ଗ କିଲୋମିଟର ହେନ୍ତାଳ ବଣ ରହିଥିବାବେଳେ ଭଦ୍ରକ ଜିଲାରେ ୩୪.୮୭ କି.ମି., ଜଗତ୍‌ସିଂହପୁରରେ ୮.୩୩ କି.ମି., ପୁରୀ ଜିଲାରେ ୧.୧୩ କି.ମି. ଏବଂ ବାଲେଶ୍ୱର ଜିଲାରେ ୫.୪ ବର୍ଗ କି.ମି. ପରିବ୍ୟାପ୍ତ ରହିଛି। ହେଲେ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ। ବିଭିନ୍ନ ମାନବୀୟ କାର୍ଯ୍ୟକଳାପ ଯୋଗୁ ହେନ୍ତାଳ ବଣ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଲୋକମାନେ ହେନ୍ତାଳ ଜଙ୍ଗଲ କାଟି ସେଠାରେ ବସତି ସ୍ଥାପନ କରିବା ସହ ବେଆଇନ୍ ଚିଙ୍ଗୁଡ଼ି ଘେରି କରି ବ୍ୟବସାୟ ଚଳାଇଛନ୍ତି। ଅପରପକ୍ଷରେ ହେନ୍ତାଳ ବଣର ସୁରକ୍ଷା କରୁଥିବା ବନ ବିଭାଗ ଜବରଦଖଲକୁ ନ ରୋକି ହେନ୍ତାଳ ଚାରା ରୋପଣ କରି ଜଙ୍ଗଲ ସୃଷ୍ଟି କରୁଥିବା କହୁଛି। ଯେପର୍ଯ୍ୟନ୍ତ ହେନ୍ତାଳ ବଣ ସୁରକ୍ଷାରେ ଅଧିକରୁ ଅଧିକ ସ୍ଥାନୀୟ ଲୋକଙ୍କୁ ସମ୍ପୃକ୍ତ କରା ନ ଯାଇଛି, ସେପର୍ଯ୍ୟନ୍ତ ବନୀକରଣ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ପରିବେଶବିତ୍ ମତ ପ୍ରକାଶ କରୁଛନ୍ତି। ହେନ୍ତାଳରେ ବାୟୋ ଆକ୍ଟିଭ କମ୍ପାଉଣ୍ଡ ବା ଜୈବ ସକ୍ରିୟ ଉପାଦାନ ରହିଛି। ହେନ୍ତାଳ ଗଛରୁ ପ୍ରସ୍ତୁତ କେମିକାଲ ମାରାତ୍ମକ ରୋଗ ବିରୋଧରେ ଲଢ଼ିବାରେ ମଧ୍ୟ ସହାୟକ ହୋଇଥାଏ। ୧୯୭୧ ବାତ୍ୟାରେ ରାଜନଗର ଅଞ୍ଚଳରେ ପ୍ରାୟ ୧୦ ହଜାର ଲୋକ ସମୁଦ୍ର ଜୁଆରରେ ଭାସିଯାଇଥିବାବେଳେ ୧୯୯୯ ମହାବାତ୍ୟାରେ ଭିତରକନିକା ହେନ୍ତାଳବଣ ଯୋଗୁ ରାଜନଗର ଜନବସତି ଅଳ୍ପକେ ରକ୍ଷା ପାଇଯାଇଛି। ଅନେକ ବାତ୍ୟା ହୁଡ୍‌ହୁଡ୍, ଫାଇଲିନ୍, ଅମ୍ଫନ ଭଳି ବାତ୍ୟାକୁ ଲୁଣା ଜଙ୍ଗଲ ସୁରକ୍ଷା କବଚ ହୋଇ ନିର୍ବିକାର ଭାବେ ଛିଡ଼ା ହୋଇଛି। ଏବେ ଏହାର ସୁରକ୍ଷା ପାଇଁ ଭିତରକନିକା ସୀମା ସରହଦରେ ଥିବା କନକ ନଗର, ଶୈଳେନ୍ଦ୍ର ନଗର, ରାଜେଶ୍ୱରୀ ନଗର, ତ୍ରିଲୋଚନପୁର, କୃଷ୍ଣ ନଗର ପ୍ରଭୃତି ଗ୍ରାମର ୫୦ ପରିବାର ହେନ୍ତାଳ ବଣ ସୃଷ୍ଟି ପାଇଁ ସେମାନଙ୍କ ଜମି ଦେଇଥିବା ଜଣାପଡ଼ିଛି।

ପ୍ରାକୃତିକ ବିପର୍ଯ୍ୟୟରୁ ଉପକୂଳ ଅଞ୍ଚଳକୁ ସୁରକ୍ଷା ଦେବାରେ ହେନ୍ତାଳ ବନର ବଡ଼ ଭୂମିକା ରହିଛି। ଏଥିସହିତ ସ୍ଥାନୀୟ ଲୋକଙ୍କ ଜୀବନଜୀବିକାର ଏକ ମାଧ୍ୟମ। ପୂର୍ବରୁ ବହୁ ସ୍ଥାନରେ ଲୋକେ ଜବରଦଖଲ କରି ଚିଙ୍ଗୁଡ଼ି ଘେରି କରିଦେଇଥିଲେ। କିନ୍ତୁ ଏବେ ସେଠାରେ ଘେରି ଉଚ୍ଛେଦ କରାଯାଇ ଚାରାରୋପଣ କରାଯାଉଛି। ଏହାର ସୁରକ୍ଷା ପାଇଁ ଭିତରକନିକାରେ ସ୍ୱତନ୍ତ୍ର ଏକ ମାନ୍‌ଗ୍ରୋଭ୍ ଫରେଷ୍ଟ ଡିଭିଜନ ହୋଇଛି। ଏଥିସହିତ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଥିବା ବନଖଣ୍ଡରେ ମଧ୍ୟ ଡିଏଫ୍‌ଓମାନେ ଏହାର ସୁରକ୍ଷା ପାଇଁ ପଦକ୍ଷେପ ନେଉଛନ୍ତି। ତେବେ ଏହାର ସୁରକ୍ଷା ପାଇଁ ରାଜ୍ୟସ୍ତରରେ ଏକ ହେନ୍ତାଳ ବନ ମନିଟରିଂ କମିଟି କରାଗଲେ ଭଲ ହୁଅନ୍ତା। ଏ ଦିଗରେ ଯେଉଁ ବରିଷ୍ଠ ଅଧିକାରୀଙ୍କ ବହୁ ଅଭିଜ୍ଞତା ରହିଥିବ ସେମାନଙ୍କୁ ଏହି କମିଟିରେ ରଖାଯାଇ ଏହାର ଅନୁଧ୍ୟାନ କରାଯାଇପାରନ୍ତା। ଯେତେ ମନିଟରିଂ କରିବ ସେତେ ଅଧିକ ରାଜ୍ୟରେ ହେନ୍ତାଳ ବନ ବୃଦ୍ଧି ପାଇବ ବୋଲି ରାଜନଗର ପୂର୍ବତନ ଡିଏଫ୍‌ଓ ଅଜୟ ଜେନା କହିଛନ୍ତି।

ପୁରୀ ଅନ୍ତରଙ୍ଗ ଅଞ୍ଚଳର ଯୁବ ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ମତରେ ହେନ୍ତାଳ ବଣନଷ୍ଟ ହେବାର ବିଭିନ୍ନ କାରଣ ରହିଛି। ଉପକୂଳ ଅବକ୍ଷୟ ରୋକିବା ଏବଂ ନଦୀବନ୍ଧ ସୁରକ୍ଷା ପାଇଁ ସରକାର ଲୁଣା ବନ୍ଧ କରୁଛନ୍ତି, ହେଲେ ଏହା ହେନ୍ତାଳ ବଣ ଉପରେ ପ୍ରଭାବ ପକାଉଛି। ତେଣୁ ଏ ଦିଗରେ ସରକାର ଗୁରୁତ୍ୱ ଦେଇ ଏହାକୁ ତୁରନ୍ତ ବନ୍ଦ କରିବା ଉଚିତ। ରାଜ୍ୟରେ ହେନ୍ତାଳ ବନ ବଢ଼ିଛି ବୋଲି ରିପୋର୍ଟ କହୁଛି। କାରଣ ଚାରାରୋପଣ ଅଧିକ ରହିଛି। ଏହା ସତ। କିନ୍ତୁ ତା'ର ସୁରକ୍ଷା ଅଭାବରୁ ସେସବୁ ନଷ୍ଟ ହେବାରେ ଲାଗିଛି। ପ୍ରାକୃତିକ ଭାବେ ଯେଉଁଠି ଉଠୁଛି ସେଠି ଗଛସବୁ ବଢ଼ିବାରେ ଲାଗୁଛି। କିନ୍ତୁ ଯେଉଁଠି ରୋପଣ କରାଯାଉଛି ସେହି ନୂଆ ଗଛଗୁଡ଼ିକ ନଷ୍ଟ ହେବାରେ ଲାଗୁଛି। ସେହିଭଳି ହାତୀ, ବାଘ ସୁରକ୍ଷା ପାଇଁ ଯେଉଁଭଳି ଭାବେ ସ୍କ୍ୱାଡ୍ ରହିଛି, ସେମିତି ହେନ୍ତାଳ ବନ ସୁରକ୍ଷା ପାଇଁ ରାଜ୍ୟସ୍ତରରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ କରାଯିବା ଉଚିତ ବୋଲି ବିଶ୍ୱାଳ କହିଛନ୍ତି। ସେହିପରି ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀଙ୍କ ମତରେ ଜଳବାୟୁ ପରିବର୍ତ୍ତନ ପ୍ରଭାବ ଏବେ ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟସ୍ତରରେ ଏକ ସ୍ଥାୟୀ ଭାବେ ବିଶେଷଜ୍ଞ କମିଟି ଗଠନ କରାଯିବା ଦରକାର। ବିଶେଷଜ୍ଞଙ୍କ ପରାମର୍ଶକ୍ରମେ କେଉଁ ଜାଗାରେ କ'ଣ ହୋଇପାରିବ ତାହା କରିବା ଉଚିତ। ହେନ୍ତାଳ ବନାଞ୍ଚଳରେ ନଦୀ ଓ ସମୁଦ୍ର ଜଳର ସମ୍ମିଶ୍ରଣରେ ଏକ ନୂତନ ପରିସଂସ୍ଥା ହୋଇଛି ଯାହା ହେଉଛି ସ୍ୱଳ୍ପ ଲବଣାକ୍ତ ଜଳ। ଏହାର ବିଶେଷତ୍ୱ ଭିନ୍ନ ରହିଛି। ମଧୁର ଜଳ ହେଉ କିମ୍ବା ସମୁଦ୍ରରେ ଯେଉଁ ଜୀବଜନ୍ତୁ ଦେଖାଯାଆନ୍ତି, ସେମାନଙ୍କୁ ଛାଡ଼ି ଏଠାରେ ଏକ ସ୍ୱତନ୍ତ୍ର ପ୍ରଜାତିର ଜୀବଜନ୍ତୁ ଦେଖାଯାଆନ୍ତି। ଜୈବବିବିଧତା ଦୃଷ୍ଟିରୁ ଏହା ଗୁରୁତ୍ୱପୂର୍ଣ୍ଣ ପରିସଂସ୍ଥା। ତେଣୁ ଏହାର ସୁରକ୍ଷା ଅପରିହାର୍ଯ୍ୟ। ପୂର୍ବରୁ ଯେତିକି ପରିମାଣର ହେନ୍ତାଳ ବନ ଥିଲା, ଏବେ ବିଭିନ୍ନ ମାନବୀୟ କାର୍ଯ୍ୟକଳାପ ଯୋଗୁ ପ୍ରାୟ ୫୦% ନଷ୍ଟ ହେବାରେ ଲାଗିଲାଣି। ସଂରକ୍ଷଣ ପାଇଁ ସ୍ଥାନୀୟ ଅଧିବାସୀଙ୍କ ସମ୍ପୃକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେଉଁଠାରେ ବନୀକରଣ କରାଯାଉଛି ସେଠାରେ ସ୍ଥାନୀୟ ଲୋକଙ୍କୁ ମିଶାଯାଇ ତାଙ୍କୁ ସଚେତନ କରାଯାଉ। ସେମାନେ ଚାହିଁଲେ ତା'ର ସୁରକ୍ଷା ଦେଇପାରିବେ। ନଚେତ୍ ନଷ୍ଟ ବି କରିପାରିବେ ବୋଲି ପାଣିଗ୍ରାହୀ କହିଛନ୍ତି।

## ଟିମ୍ ଇଣ୍ଡିଆର ...

ମ୍ୟାଚ୍‌ରେ ପାକିସ୍ତାନକୁ ୪ ଉଇକେଟରେ ହରାଇ ବିଜୟ ଅଭିଯାନ ଆରମ୍ଭ କରିଛି ଭାରତ। ରବିଚନ୍ଦ୍ରନ ଅଶ୍ୱିନଙ୍କ ବ୍ୟାଟ୍‌ରୁ ବିଜୟସୂଚକ ରନ୍ ଆସିବାପରେ ସମ୍ପୂର୍ଣ୍ଣ ଦେଶ ହୋଇଗଲା ଉତ୍ସବ ମୁଖରିତ। ୮୨ (୫୩ ବଲ୍, ୬ ଚୌକା, ୪ ଛକା) ରନ୍‌ରେ ଅପରାଜିତ ରହି କୋଟି କୋଟି ଲୋକଙ୍କ ହୃଦୟ ଜିତିଲେ ବିରାଟ। ହେଲେ ପ୍ଲେୟର ଅଫ୍ ଦି ମ୍ୟାଚ୍।

### ଅର୍ଶଦୀପଙ୍କଠାରୁ ଆରମ୍ଭ

ବିଶ୍ୱକପ୍‌ର ବହୁ ପ୍ରତୀକ୍ଷିତ ଏହି ମ୍ୟାଚ୍‌ରେ ପାକିସ୍ତାନ ୨୦ ଓଭରରେ ୮ ଉଇକେଟ ହରାଇ ୧୫୯ ରନ୍ କରିଥିବାବେଳେ ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ୧୬୦ ରନ୍ ସଂଗ୍ରହ କରିନେଇଥିଲା। ଟସ୍ ଜିତି ଭାରତ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଦଳ ପକ୍ଷରୁ ପ୍ରକୃତ ଖେଳ ଆରମ୍ଭ କରିଥିଲେ ଯୁବ ବାମହାତୀ ପେସ୍ ବୋଲର ଅର୍ଶଦୀପ ସିଂ। ଭୁବନେଶ୍ୱର କୁମାରଙ୍କ ପ୍ରଥମ ଓଭରରୁ ୱାଇଡ୍ ଭାବେ ମାତ୍ର ୧ ରନ୍ ଆସିଥିଲା। କ୍ୟାରିୟରର ପ୍ରଥମ ବିଶ୍ୱକପ୍ ଖେଳୁଥିବା ଅର୍ଶଦୀପ ନିଜ ପ୍ରଥମ ଓଭରର ପ୍ରଥମ ବଲ୍‌ରେ ପାକିସ୍ତାନ ଅଧିନାୟକ ବାବର ଆଜମଙ୍କୁ ଆଉଟ କରି ବହୁତ ବଡ଼ ସଫଳତା ପାଇଥିଲେ। କେବଳ ସେତିକି ନୁହେଁ, ଇନ୍‌ଫର୍ମ ମହମ୍ମଦ ରିଜ୍‌ୱାନଙ୍କୁ ମାତ୍ର ୪ ରନ୍‌ରେ ପାଭିଲିୟନ ଫେରାଇ ସେ ପାକିସ୍ତାନକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ସାନ୍ ମାସୁଦ ଓ ଇଫ୍‌ତିକାର ଅହମଦ ତୃତୀୟ ଉଇକେଟରେ ୭୬ ରନ୍ ଯୋଗକରି ଇନିଂସ୍ ସମ୍ଭାଳିଥିଲେ। ୩୪ ବଲ୍‌ରୁ ୫୧ (୨ ଚୌକା, ୪ ଛକା) ରନ୍ କରିଥିବା ଇଫ୍‌ତିକାରଙ୍କୁ ଆଉଟ୍ କରି ଯୋଡ଼ିଭାଙ୍ଗିଥିଲେ ମହମ୍ମଦ ଶାମି। ମାସୁଦ ୪୨ ବଲ୍‌ରୁ ୫୨ (୫ ଚୌକା) ରନ୍ କରି ଅପରାଜିତ ରହିଥିଲେ ହେଁ ଚମତ୍କାର ବୋଲିଂ କରି ପାକିସ୍ତାନକୁ ବଡ଼ ସ୍କୋରରୁ ରୋକିଥିଲେ ଅଲ୍‌ରାଉଣ୍ଡର ହାର୍ଦ୍ଦିକ। ଭାରତୀୟ ବୋଲରଙ୍କ ମଧ୍ୟରେ ଅର୍ଶଦୀପ ଓ ହାର୍ଦ୍ଦିକ ପାଣ୍ଡ୍ୟା ୩ଟି ଲେଖାଏ ଏବଂ ଭୁବନେଶ୍ୱର ଓ ଶାମି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ଶତକୀୟ ଭାଗୀଦାରି

ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷ ଏହି ମ୍ୟାଚ୍‌ରେ ଭାରତର ଆରମ୍ଭ ଭଲ ହୋଇ ନ ଥିଲା। ଲୋକେଶ ରାହୁଲ ୪, ଅଧିନାୟକ ରୋହିତ ଶର୍ମା ୪, ସୂର୍ଯ୍ୟକୁମାର ଯାଦବ ୧୫ ଓ ଅକ୍ଷର ପଟେଲ ୨ ରନ୍ କରି ଆଉଟ୍ ହେବାରୁ ପାକିସ୍ତାନ ଶିବିରରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ମାତ୍ର ଧୈର୍ଯ୍ୟ ହରାଇ ନ ଥିଲେ ବିରାଟ। ସେ ଓ ହାର୍ଦ୍ଦିକ ଧିମା ଆରମ୍ଭ କରିଥିଲେ ହେଁ ପାକିସ୍ତାନ ବୋଲରଙ୍କୁ ସଫଳତାର ସହ ମୁକାବିଲା କରି ଇନିଂସ୍ ଆଗେଇ ନେଇଥିଲେ। ୫ମ ଉଇକେଟରେ ଦୁହେଁ ୭୮ ବଲ୍‌ରୁ ମୂଲ୍ୟବାନ୍ ୧୧୩ ରନ୍‌ର ଭାଗୀଦାରି ଗଢ଼ିଥିଲେ। ଏହା ହିଁ ମ୍ୟାଚ୍‌ର ଟର୍ନିଂ ପଏଣ୍ଟ ଥିଲା। ଏତେସବୁ ସତ୍ତ୍ୱେ ଭାରତ ପାଇଁ ଲକ୍ଷ୍ୟ ସହଜ ହୋଇ ନ ଥିଲା। ଶେଷ ଓଭରରୁ ଭାରତ ବିଜୟ ନିମନ୍ତେ ୧୬ ରନ୍ ଆବଶ୍ୟକ ହେଉଥିବାବେଳେ ମହମ୍ମଦ ନୱାଜ୍‌ଙ୍କ ପ୍ରଥମ ବଲ୍‌ରେ ହାର୍ଦ୍ଦିକ ଆଉଟ ହୋଇଯାଇଥିଲେ। ୩୭ ବଲ୍ ଖେଳିଥିବା ହାର୍ଦ୍ଦିକ ୧ ଚୌକା ଓ ୨ ଛକା ସହ ୪୦ ରନ୍ କରିଥିଲେ। ଦ୍ୱିତୀୟ ବଲ୍‌ରୁ ଦୀନେଶ କାର୍ତ୍ତିକ ୧ ରନ୍ କରିଥିବାବେଳେ ତୃତୀୟ ବଲ୍‌ରୁ କୋହଲି ୨ ରନ୍ ସଂଗ୍ରହ କରିଥିଲେ। ଫଳରେ ୩ ବଲ୍‌ରୁ ବିଜୟ ଲକ୍ଷ୍ୟ ୧୩ ହୋଇଯାଇଥିଲା। ହାଇ ଫୁଲ୍ ଟସ୍ ୪ର୍ଥ ବଲ୍‌କୁ ଅମ୍ପାୟର ନୋ-ବଲ୍ ଡାକିଥିବାବେଳେ କୋହଲି ଏହାକୁ ଛକାରେ ପରିଣତ କରି ମ୍ୟାଚ୍‌କୁ ନିୟନ୍ତ୍ରଣକୁ ନେଇ ଆସିଥିଲେ। ନାଟକ ସେତିକିରେ ସରି ନ ଥିଲା। ୪ର୍ଥ ବଲ୍‌ଟି ୱାଇଡ୍ ଥିବାବେଳେ ୫ମ ବଲ୍‌ରେ କୋହଲିଙ୍କୁ ବୋଲ୍ଡ କରିଥିଲେ ନୱାଜ। ମାତ୍ର ତାହା ଫ୍ରି-ହିଟ୍ ବଲ୍ ଥିଲା। ଏଥିରୁ ବାଇ ଭାବେ ଭାରତ ୩ ରନ୍ ସଂଗ୍ରହ କରିଥିଲା। ୫ମ ବଲ୍‌ରେ କାର୍ତ୍ତିକ ଷ୍ଟମ୍ପିଂ ହୋଇଯିବାରୁ ଶେଷ ବଲ୍ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଥିଲା ଏବଂ ସୁପରଓଭର ସମ୍ଭାବନା ବଢ଼ିଥିଲା। ମାତ୍ର ନର୍ଭସ ନୱାଜ ୬ଷ୍ଠ ବଲ୍‌କୁ ୱାଇଡ୍ ପକାଇବାରୁ ସ୍କୋର ସମାନ ହୋଇଯାଇଥିଲା ଏବଂ ଶେଷ ବଲ୍‌ରୁ ଭାରତ ମାତ୍ର ୧ ରନ୍ ଆବଶ୍ୟକ କରୁଥିଲା। ଅଶ୍ୱିନ ବଲ୍‌କୁ ମିଡ୍‌ଅଫ୍ ଅଞ୍ଚଳକୁ ପଠାଇ ୧ ରନ୍ ନେବା ସହିତ ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ଶେଷ ୫ ଓଭରରୁ ଭାରତ ୬୦ ରନ୍ ସଂଗ୍ରହ କରିଥିଲା। ପାକିସ୍ତାନ ବୋଲର ହାରିସ ରୌଫ ଓ ମହମ୍ମଦ ନୱାଜ ୨ଟି ଲେଖାଏ ଏବଂ ନସିମ ଶାହା ଗୋଟିଏ ଉଇକେଟ ନେଇଥିଲେ।

## ଚାଇନାରେ ପୁଣି ...

ଜିନ୍‌ପିଙ୍ଗଙ୍କ ସମେତ ଆଉ ୬ ନୂଆ ସଦସ୍ୟଙ୍କୁ ଷ୍ଟାଣ୍ଡିଂ କମିଟିରେ ସାମିଲ କରାଯାଇଛି। ସେମାନେ ହେଲେ ଲି କ୍ୱିଆଙ୍ଗ୍, ଜାଓ ଲେଜି, ୱାଙ୍ଗ୍ ହୁନିଙ୍ଗ୍, କାଇ କି, ଡିଙ୍ଗ୍ ଜୁଲଜିଆଙ୍ଗ୍ ଏବଂ ଲି ଶି। ଚାଇନା ରାଷ୍ଟ୍ରପତିଙ୍କ ପରେ କମିଟିର ଏହି ୬ ବିଶ୍ୱସ୍ତ ସଦସ୍ୟଙ୍କ ହାତରେ ଶାସନ କ୍ଷମତା ରହିବ। ଜାଓ ଏବଂ ୱାଙ୍ଗ୍ ପୂର୍ବ କମିଟିରେ ମଧ୍ୟ ସଦସ୍ୟ ରହିଥିଲେ। ଅନ୍ୟପକ୍ଷରେ ଗତ ୨୫ ବର୍ଷରେ ପ୍ରଥମ ଥର ପାଇଁ ଚାଇନା ପଲିଟ୍‌ବ୍ୟୁରୋରେ କୌଣସି ମହିଳାଙ୍କୁ ସାମିଲ କରାଯାଇନାହିଁ। ପୂର୍ବ ପଲିଟ୍‌ବ୍ୟୁରୋରେ ସନ୍ ଚୁନ୍‌ଲାନ୍‌ଙ୍କୁ ଚୟନ କରାଯାଇଥିଲା। ତେବେ ତାଙ୍କ ଅବସର ପରେ ଆଉ କୌଣସି ମହିଳାଙ୍କୁ ଏଥିରେ ସ୍ଥାନ ମିଳିନାହିଁ। ଚାଇନାର ସବୁଠୁ କ୍ଷମତାଶାଳୀ ବ୍ୟକ୍ତି ହେବା ପରେ ଜିନ୍‌ପିଙ୍ଗ୍ କହିଥିଲେ, ବିଶ୍ୱର ବିକାଶ ବିନା ଚାଇନାର ଉନ୍ନତି ହୋଇପାରିବ ନାହିଁ। ସେହିପରି ବିଶ୍ୱ ମଧ୍ୟ ଚାଇନାକୁ ଆବଶ୍ୟକ କରେ। ଦେଶରେ ଅଧିକ ସଂସ୍କାର ଏବଂ ଦ୍ରୁତ ବିକାଶ ନିମନ୍ତେ ୪୦ ବର୍ଷରୁ ଅଧିକ ସମୟ ଧରି କ୍ରମାଗତ ଉଦ୍ୟମ ପରେ ଆମେ ଦୁଇଟି ଆଶ୍ଚର୍ଯ୍ୟ କରି ଦେଖାଇଛୁ। ଗୋଟିଏ ହେଲା ଅର୍ଥନୀତିରେ ଦ୍ରୁତ ଅଭିବୃଦ୍ଧି ଏବଂ ସାମାଜିକ ସ୍ଥାୟିତ୍ୱ। ନିଜ ପାର୍ଟି ଏବଂ ଲୋକଙ୍କ ବିଶ୍ୱାସ ରଖିବା ପାଇଁ ନିରନ୍ତର କାର୍ଯ୍ୟ ଜାରି ରଖିବା ନିମନ୍ତେ ଜିନ୍‌ପିଙ୍ଗ୍ ପ୍ରତିଶ୍ରୁତି ଦେଇଥିଲେ। ଆମେରିକା ପଟୁ ବଢ଼ୁଥିବା ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଜିନ୍‌ପିଙ୍ଗ୍ ଚାଇନାର ସାମରିକ ଶକ୍ତି ବୃଦ୍ଧି ନିମନ୍ତେ ସିପିସି ବୈଠକରେ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ଏପରିକି ବେଜିଂ ନିଜକୁ ଅଧିକ ଶକ୍ତିଶାଳୀ କରି ପାଶ୍ଚାତ୍ୟକୁ ଡରାଇବା ପାଇଁ ଅଣୁଅସ୍ତ୍ର ସଂଖ୍ୟା ବଢ଼ାଇବାର ଯୋଜନା ମଧ୍ୟ କରିଛି।

## ଦୀପାବଳିରେ ଭିଜିବ ...

ଅଞ୍ଚଳରେ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଦୀପାବଳିରେ ଉପକୂଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ଉତ୍ତର-ଉପକୂଳରେ ସାମାନ୍ୟ ଅଧିକ ପ୍ରଭାବ ପଡ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବାଲେଶ୍ୱର, ଭଦ୍ରକ, କଟକ, ଜଗତ୍‌ସିଂହପୁର, ଯାଜପୁର ଏବଂ କେନ୍ଦ୍ରାପଡ଼ା ଆଦି ୬ ଜିଲାକୁ ପ୍ରବଳ ବର୍ଷା ହେବାର ଆଶଙ୍କା ଥିବାରୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଏହି ଜିଲାଗୁଡ଼ିକରେ ୭ ରୁ ୧୧ ସେମି ମଧ୍ୟରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହାଛଡ଼ା ସୋମବାର କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ ସମେତ ଉତ୍ତର ଉପକୂଳ ଓଡ଼ିଶା ଏବଂ ଦକ୍ଷିଣ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବ। ମଙ୍ଗଳବାର କେନ୍ଦୁଝର, ମୟୂରଭଞ୍ଜ ଏବଂ ବୁଧବାର ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରିରେ ସ୍ୱଳ୍ପ ଧରଣର ବର୍ଷା ହେବା ସହିତ ବଜ୍ରପାତ ହେବାର ଆଶଙ୍କା ରହିଛି। ସେପଟେ ବାତ୍ୟା ପାଇଁ ସମୁଦ୍ର ଅଶାନ୍ତ ରହୁଥିବାରୁ ରାଜ୍ୟର ସମସ୍ତ ସାମୁଦ୍ରିକ ବନ୍ଦରଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଗୋପାଳପୁର, ପୁରୀ ଏବଂ ଧାମରା ବନ୍ଦର ପାଇଁ ବିପଦ ସଙ୍କେତ-୩ ଦିଆଯାଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ସେହିପରି ୨୫ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ମଧ୍ୟ ବାରଣ କରାଯାଇ ଆସୁଛି। ଅପରପକ୍ଷେ ରବିବାର ସାରା ଦେଶରୁ ମୌସୁମୀ ବିଦାୟ ନେଇଥିବା ପାଣିପାଗ ବିଭାଗ ସୂଚନା ଦେଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଦୂରାଗତ ବନ୍ଧୁଙ୍କର କେତେକ ସମସ୍ୟା ସମାଧାନ ପାଇଁ ନିଜକୁ କିଛି କରିବାକୁ ପଡ଼ିପାରେ । ରାଜନୀତି, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ। କୃତ୍ତିକା ନକ୍ଷତ୍ର ଋଣ ପରିଶୋଧ ସକାଶେ ଆର୍ଥିକ ସମସ୍ୟା ମଧ୍ୟରେ ଚିନ୍ତିତ ରହିବେ।

**ବୃଷ** – ଅଫିସରେ କେତେକ ଅଟକି ରହିଥିବା ଫାଇଲ କାମ ଯୋଗୁ ବ୍ୟସ୍ତ ହେବେ । ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ, କିନ୍ତୁ କୋଣସି କାମ ଅଟକିବ ନାହିଁ । ବନ୍ଧୁଙ୍କ ସହାୟତାରେ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବ। ମୃଗଶିରା ନକ୍ଷତ୍ର ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** – ଅର୍ଥନୈତିକ ପ୍ରଗତି ସହ ସାମାଜିକ ପ୍ରତିଷ୍ଠା ମନୋବଳ ବୃଦ୍ଧିରେ ସହାୟକ ହେବ। କିନ୍ତୁ ଦାମ୍ପତ୍ୟ ଜୀବନରେ ତିକ୍ତତା ସୃଷ୍ଟି ହେବାରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ । ପୁନର୍ବସୁ ନକ୍ଷତ୍ର ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି ।

**କର୍କଟ** – ଭୁଲ୍ ବୁଝାମଣା କାରଣରୁ ପରିବାରରେ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ପରିବାରର ବ୍ୟୟ ଅଟକଳ କରିବେ ଏବଂ ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ବିବାଦୀୟ ଘଟଣାରେ ନୀରବତା ଶ୍ରେୟ ଅଟେ। ଅଶ୍ଳେଷା ନକ୍ଷତ୍ର ସକାଶେ ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି।

**ସିଂହ** – ଆଜି ବହୁତ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ପଡ଼ିବ। କୌଣସି ବନ୍ଧୁ କଅଁଳ ଭାଷାରେ ମରମ କଥା କହି ଠିକଣା ସମୟରେ ପ୍ରତିଶୋଧ ନେବେ। ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ । ପୂର୍ବାଫାଲଗୁନୀ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**କନ୍ୟା** – ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଦୁର୍ଭାବନା ବଢ଼ିଚାଲିବ । ବାରମ୍ବାର ବିଫଳତା କାରଣରୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। ନିଜର ଫାଇଦା ହାସଲ ପାଇଁ ବନ୍ଧୁମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି । ଚିତ୍ରା ନକ୍ଷତ୍ର ସକାଶେ ମୋଟା ଅଙ୍କର ଅର୍ଥ ଧାରକରଜ କରିବାକୁ ପଡ଼ିପାରେ।

**ତୁଳା** – ସାୟାହ୍ନେ ଶାରୀରିକ ପୀଡ଼ା ଯୋଗୁ ମନ ବିଚଳିତ ହୋଇପାରେ। ସତର୍କତା ରକ୍ଷା ନ କଲେ ନିଜ ଲୋକମାନେ ବିଶ୍ୱାସଘାତକତାରୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ସ୍ୱାତୀ ନକ୍ଷତ୍ର ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ। ବିଭିନ୍ନ ପ୍ରକାର ସମସ୍ୟା ରହିଥିଲେ ମଧ୍ୟ କାମ କରିବାକୁ ପଛାଇବେ ନାହିଁ।

**ବିଛା** – ଆତ୍ମୀୟମାନେ ଦୂରେଇ ଯାଇ ପାରନ୍ତି, ଯାହାକି କେତେକ ଆକସ୍ମିକ ସମସ୍ୟା ସୃଷ୍ଟି କରିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। ଅନୁରାଧା ନକ୍ଷତ୍ରର ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ସଭାସମିତି, ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**ଧନୁ** – କେନ୍ଦ୍ରସ୍ଥ ବୃହସ୍ପତି ହେତୁ ବିଭିନ୍ନ ପ୍ରକାର ଯୋଜନାର ପରିକଳ୍ପନା କରିବେ। ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ କିନ୍ତୁ ଶେଷ ସମୟରେ ତାହା ସ୍ଥଗିତ ରଖିବାକୁ ବାଧ୍ୟ ହେବେ । କୌଣସି ଅପ୍ରୀତିକର ଖବର ପାଇ ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ। ପୂର୍ବାଷାଢ଼ା ନକ୍ଷତ୍ର ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି ।

**ମକର** – ପଡ଼ୋଶୀଙ୍କ ସହ ଟଙ୍କା ପଇସାକୁ କେନ୍ଦ୍ରକରି ଆକସ୍ମିକ କଳହର ସୂଚନା ରହିଛି। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ। ଖଳ ଲୋକମାନଙ୍କ ଦ୍ୱାରା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଶ୍ରବଣା ନକ୍ଷତ୍ରର କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ** – ପ୍ରବାସରେ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ । ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଶତଭିଷା ନକ୍ଷତ୍ର ଘରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଅକସ୍ମାତ୍ ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ।

**ମୀନ** – ଉତ୍ତରଭାଦ୍ର ନକ୍ଷତ୍ରର ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟିରୁ ମନ ଖୁସି ରହିପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଆକସ୍ମିକ ଆବଶ୍ୟକତାକୁ ନେଇ ଆଜିର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ବହୁ ପୂର୍ବରୁ ଭଲ ସମ୍ପର୍କ ନ ଥିବା କୌଣସି ଗୁପ୍ତଶତ୍ରୁ କେହି ଅସୁବିଧାରେ ପକାଇପାରନ୍ତି।

ଆଜି ଅକ୍ଟୋବର ୨୪ ତାରିଖ ସୋମବାର, ଶିବଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା, ଦୀପାବଳି ଅମାବାସ୍ୟା, କାଳୀପୂଜା, ନିଶାପାଳନ, ଜାତିସଂଘ ଦିବସ, ରାଶି ନକ୍ଷତ୍ର, ଦିବା ଘ.୦୨/୪୦ ପର୍ଯ୍ୟନ୍ତ ହସ୍ତା/କନ୍ୟା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ୦୫/୪୭ ଗତେ, ଘ.୦୭/୧୩ ମଧ୍ୟେ, ଘ.୦୮/୫୦ ଗତେ, ଘ.୧୧/୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭/୧୩ ଗତେ, ଘ. ୦୮/୩୯ ମଧ୍ୟେ ରାହୁକାଳ।


# classifieds

Everyday
0674-2580101, 2549302



**SALE**

ପୁରୀ - ଚନ୍ଦନପୁର ବାଇପାସ୍‌ରେ ସିମେଣ୍ଟ ଇଟା ଫ୍ୟାକ୍ଟ୍ରି ବିକ୍ରି କରାଯିବ, ଘରବାରି (65 ଡିସିମିଲ) ପ୍ଲଟ୍ ସହିତ। ଯୋଗାଯୋଗ- 9861212662. D-1839

**Beauty parlour for sale at Prime location in Saheed Nagar. Contact: 9861068715, 7978670541.** D-1814

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

ଭୁବନେଶ୍ୱର ନଖରା ଘରବାରି AC plot sqft.-130/- General- 350/- 9439660381. D-74139

**2/3 BHK residential flats available for sale within gated community and facilities like children's play area, Community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1805

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73655

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200mtr.** ଦୂରତାରେ **SC/ General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.** D-74127

**Dream House For Sale, Ample Open Area, Excellent Ventilation, Fully Furnished 3BHK 1441 SqFt, Netaji Subhash Enclave, Near Sainiiki School. 70324 17465.** D-1822



Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73991

**Full body massage by smart/expert therapist @999 only. 9078484455.** D-73652

"Contact for only professional massage & Steam Bath, Bhubaneswar -9861550765.". D-1787

Newly opened full body massage center by expert therapist. 7381172169. D-73653

**Relax, Refresh your body, Mind at Saikrupa Spa with best therapies. 8984068077.** D-1743

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

Affidavit No.-885 dt 20.10.2022 before Executive Magistrate, Chhatrapur (GM). I, Sanjukta Rana & Sanjukta Devi, W/o-Simanchala Rana, At/PO.- H. Burudi, P.S.- Rambha, Dist.-Ganjam is one and same person. I pray to change my name as Sanjukta Rana in all concern Army documents and all purposes. D-1838

By virtue of an affidavit sworn before the Notary Public, Loisingha, I, Geetanjali Mishra, W/o. Sampad Mishra declare that I want to change my daughter's name from Tanvi Mishra to Aarya Mishra. I also want to change her residential address from At- House No.29, Mahadev Vihar, PO. Aiginia, Dist. Khordha to Gopalatirtha lane, PO.Balisahi, Dist. Puri. D-1840

**ଅଧ୍ୟାପକଙ୍କ ଆଇନ୍‌ରେ ଡକ୍ଟରେଟ୍**



ଢେଙ୍କାନାଳ ଆଇନ୍ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଶ୍ରୀ ଅମରେନ୍ଦ୍ର ତାରେଣିଆ "Legal control of Water Pollution in India: A Critical study with special reference to pollution of Brahmani River in Odisha" ଶୀର୍ଷକ ସନ୍ଦର୍ଭ ଲେଖି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଆଇନ୍‌ରେ ଡକ୍ଟରେଟ୍ ଉପାଧି ପାଇଛନ୍ତି। ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଆଇନ୍ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ଓ ଡିନ୍ ପ୍ରଫେସର (ଡଃ) କୃଷ୍ଣଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଓ ଲଜ୍‌ପତ୍ ରାୟ ଆଇନ୍ ମହାବିଦ୍ୟାଳୟ, ସମ୍ବଲପୁରର ପୂର୍ବତନ ପ୍ରାଧ୍ୟାପକ ତଥା ସଂପ୍ରତି ବରଗଡ଼ସ୍ଥିତ ବିକାଶ 'ଲ' ସ୍କୁଲର ଅଧ୍ୟକ୍ଷ ପ୍ରଫେସର (ଡଃ) ବିକ୍ରମ କୁମାର ଦାଶଙ୍କ ସହ-ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ସନ୍ଦର୍ଭଟି ଗୁଜୁରାଟ ବିଶ୍ୱବିଦ୍ୟାଳୟ ଆଇନ୍ ବିଭାଗର ପ୍ରଫେସର (ଡଃ) ଏସ୍.ପି.ରାଠୋର ଓ ଆସାମ ବିଶ୍ୱବିଦ୍ୟାଳୟ ଆଇନ୍ ବିଭାଗର ପ୍ରଫେସର (ଡଃ ରଶ୍ମିରଞ୍ଜନ ମିଶ୍ରଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଡଃ ତାରେଣିଆ ତାଙ୍କ ସନ୍ଦର୍ଭରେ ଜଳ ପ୍ରଦୂଷଣ ରୋକିବା ପାଇଁ ଆଇନ୍‌ର ଉପଯୋଗ ସହିତ ଜନସଚେତନତାର ଆବଶ୍ୟକତା ଅଧିକ ଆବଶ୍ୟକ ବୋଲି ମତବ୍ୟକ୍ତ କରିଛନ୍ତି। ଏହାଛଡ଼ା କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଦ୍ୱାରା ବ୍ରାହ୍ମଣୀ ନଦୀର ଜଳ ଅଧିକ ମାତ୍ରାରେ ପ୍ରଦୂଷିତ ହୋଇଥିବାରୁ ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇଛନ୍ତି। ଡଃ ତାରେଣିଆ କଟକ ତିନିଘରିଆ, ଗୋଶାଳା ନିବାସୀ ଶ୍ରୀ ଦାମୋଦର ତାରେଣିଆ ଓ ଶ୍ରୀମତୀ ରୀତାରାଣୀ ତାରେଣିଆଙ୍କର ସୁପୁତ୍ର ଓ ଓଡ଼ିଶା ଭେଟେନାରୀ ଓ ଆନିମଲ ହଜବ୍ୟାଣ୍ଡ୍ରି ବିଭାଗର ପୂର୍ବତନ ନିର୍ଦ୍ଦେଶକ ସ୍ୱର୍ଗତ ଡଃ ଶ୍ରୀନାଥ ତାରେଣିଆଙ୍କ ପୁତୁରା।

ଧ-୧୮୩୭

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୨୮,୨୫,୯୭୨ | ୬୫,୮୨,୫୮୩ | ୬୧,୧୬,୬୯,୮୫୪ |
| ଭାରତ | ୪,୪୬,୪୨,୭୪୨ | ୫,୨୮,୯୬୧ | ୪,୪୦,୯୦,୩୪୯ |
| ଓଡ଼ିଶା | ୧୩,୩୫,୮୬୧ | ୯୨୦୩(+୫୩) | ୧୩,୨୬,୧୭୦ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୭ ଟ୍ରମା କେୟାର ଫାସିଲିଟି କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

■ ଓଡ଼ିଶାରେ ସର୍ବାଧିକ ଦୁର୍ଘଟଣାଜନିତ ମୃତ୍ୟୁହାର

■ ମୃତ୍ୟୁହାର ୪୮% ରୁ ୧୦%କୁ କମାଇବାକୁ ନିଷ୍ପତ୍ତି

ଯାଜପୁର ଅଫିସ,୨୩।୧୦



ଯାଜପୁର ଜିଲା ପାଣିକୋଇଲିଠାରେ ନିର୍ମାଣାଧୀନ ଟ୍ରମା କେୟାର ଫାସିଲିଟି ସେଣ୍ଟର।

ରାଜ୍ୟରେ ପ୍ରତିବର୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟୁଛି। ମୃତ୍ୟୁହାର ୪୮%, ଯାହାକି ସାରା ଭାରତ ବର୍ଷରେ ସର୍ବାଧିକ ବୋଲି ରିପୋର୍ଟରେ ଦର୍ଶାଯାଇଛି। ତେଣୁ ସଡ଼କ ସୁରକ୍ଷା ସୁପ୍ରିମକୋର୍ଟ କମିଟି ଏହି ମୃତ୍ୟୁହାରକୁ ୧୦%କୁ କମାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ରାଜ୍ୟ ପରିବହନ ପ୍ରାଧିକରଣ, ଜାତୀୟ ରାଜପଥ ପ୍ରାଧିକରଣ, ରୋଡ ଇଞ୍ଜିନିୟରିଂ ଡିପାର୍ଟମେଣ୍ଟ, ଏନଫୋର୍ସ ଏଜେନ୍ସି, ପୋଲିସ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ପ୍ରତି ଜିଲାରେ କିମ୍ବା ୫୦ କିମି ଦୂରତା ମଧ୍ୟରେ ଏକ ଟ୍ରମା କେୟାର ଫାସିଲିଟି (ଟିସିଏଫ୍) ପ୍ରତିଷ୍ଠା କରିବାକୁ କମିଟି ଗୁରୁତ୍ୱାରୋପ କରିଛି। ଏହି କ୍ରମରେ ରାଜ୍ୟରେ ନିର୍ମାଣାଧୀନ ୭ ଟିସିଏଫ୍ ଯେତେ ଶୀଘ୍ର କାର୍ଯ୍ୟକ୍ଷମ ହେବ, ସେହି ଅନୁପାତରେ ମୃତକଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଶା କରାଯାଇଛି। ତେଣୁ ନିର୍ମାଣାଧୀନ ଉକ୍ତ ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସାରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଟ୍ରମା କେୟାର ସମୀକ୍ଷା ବୈଠକରେ ପରାମର୍ଶ ଦିଆଯାଇଛି।

ଓଡ଼ିଶାର ସିଆଇଡି ଓ କ୍ରାଇମବ୍ରାଞ୍ଚର ରିପୋର୍ଟ ଅନୁଯାୟୀ ରାଜ୍ୟରେ ୨୦୨୨ ଜାନୁୟାରୀରୁ ଜୁନ ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁହାର ଗତବର୍ଷ ଅପେକ୍ଷା ୧୧% ବୃଦ୍ଧି ଘଟିଛି। ରିପୋର୍ଟ ଅନୁସାରେ ୨୦୨୦ ଅପେକ୍ଷା ୨୦୨୧ରେ ଦୁର୍ଘଟଣା ଜନିତ ମୃତ୍ୟୁ ହାର ୭.୨୪% ବୃଦ୍ଧି ପାଇଥିଲା। ୨୦୨୦ରେ ମୋଟ ୯୮୧୭ଟି ଦୁର୍ଘଟଣାରୁ ୪୭୩୮ ଜଣଙ୍କ ମୃତ୍ୟୁ ହୋଇଥିଲା। ତେବେ ୨୦୨୧ରେ ମୃତ୍ୟୁ ସଂଖ୍ୟା ୫୦୮୧ରେ ପହଞ୍ଚିଥିଲା। ଏଥିରୁ ବିଭିନ୍ନ ସମୟରେ ରାଜ୍ୟ ସଡ଼କ ସୁରକ୍ଷା ପରିଷଦ ବୈଠକର ନିଷ୍ପତ୍ତିଗୁଡ଼ିକୁ ଉପଯୁକ୍ତ ଭାବେ ପାଳନ କରାଯାଉ ନ ଥିବା ସ୍ପଷ୍ଟ ମନେହେଉଛି। ଏହାକୁ ନେଇ ବାଣିଜ୍ୟ ଓ ପରିବହନ (ସି ଆଣ୍ଡ ଟି) ବିଭାଗ ପକ୍ଷରୁ ଦୁର୍ଘଟଣା ହ୍ରାସ କରିବାକୁ ବୈଷୟିକ, ଚଢାଉ, ଶିକ୍ଷା ଏବଂ ଟ୍ରମା କେୟାର ଫାସିଲିଟିରେ ଜରୁରିକାଳୀନ ଚିକିତ୍ସା ସେବା ଆଦି ତ୍ରୁଟି ଉପରେ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ୍ ନିର୍ମାଣାଧୀନ ଏକାଧିକ ରାସ୍ତା କାମରେ ବିଳମ୍ବ, ଅତି ଖରାପ ରାସ୍ତା ଏବଂ ନୈରାଶ୍ୟଜନକ ରାସ୍ତା ମରାମତି ଦୁର୍ଘଟଣାଜନିତ ମୃତ୍ୟୁ ବୃଦ୍ଧିର କାରଣ ବୋଲି ପରିଷଦ ପକ୍ଷରୁ ମତପ୍ରକାଶ ପାଇଛି। ଏହି କ୍ରମରେ ନିର୍ମାଣାଧୀନ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଖରାପ ଅବସ୍ଥା ଥିବା ରାସ୍ତା ତୁରନ୍ତ ମରାମତି କରିବାକୁ ଭାରତ ସରକାରଙ୍କ ଜାତୀୟ ରାଜପଥ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ)ର ସିଜିଏମ୍‌ଙ୍କୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ୧୬।୯।୨୦୨୨ ପରିଷଦ ବୈଠକର ଉପରୋକ୍ତ ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ସି ଆଣ୍ଡ ଟି ବିଭାଗର ଯୁଗ୍ମ ସଚିବ କିଶୋର ଚନ୍ଦ୍ର ଦାସ ୨୭।୯।୨୦୨୨ରେ କଟକ ପରିବହନ ସଚିବଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ଏହିସବୁ ନିଷ୍ପତ୍ତି କାର୍ଯ୍ୟକାରିତା ଉପରେ ବିଭାଗୀୟ କାର୍ଯ୍ୟଦକ୍ଷତା ଏବଂ ସ୍ୱଚ୍ଛତା ନିର୍ଭର କରିବ ବୋଲି ମତପ୍ରକାଶ ପାଇଛି। ଦୁର୍ଘଟଣାଜନିତ ଗୁରୁତର ଆହତମାନଙ୍କୁ ଠିକ ସମୟରେ ଟ୍ରମା କେୟାରରେ ଚିକିତ୍ସା କରାଗଲେ ଭଲ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ। କିନ୍ତୁ ରାଜ୍ୟରେ ବର୍ତ୍ତମାନ ମାତ୍ର ୪୪ଟି ଟ୍ରମା କେୟାର ସେଣ୍ଟର ରହିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷେ ରାଜଧାନୀ ହସ୍ପିଟାଲରେ ଏଲ ଆଣ୍ଡ ଟି ପକ୍ଷରୁ ଗୃହ ନିର୍ମାଣ ହେଉଥିବାବେଳେ ଯାଜପୁର ଜିଲା ପାଣିକୋଇଲିଠାରେ ନିର୍ମାଣାଧୀନ ଗୃହ କାମ ୫୦% ସରିଛି। ନୂଆପଡ଼ାରେ ଏଯାଏ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ବେଳେ ରାୟଗଡ଼ାର ନିର୍ମାଣ କାମ ନିମିତାଲ ପର୍ଯ୍ୟନ୍ତ ହୋଇଛି। ଏହାସହ ନୂତନ ମେଡିକାଲ କଲେଜରେ ୨୫ଟି ଲେଖାଏ ଟ୍ରମା କେୟାର ବେଡ ସୁବିଧା କରାଯିବ। କଟକ ମେଡିକାଲ କଲେଜ ଏବଂ ଏମ୍ସରେ ମଧ୍ୟ ଟ୍ରମା କେୟାର ୟୁନିଟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଛି। ହେଲେ ଯେଉଁସବୁ ନିଷ୍ପତ୍ତି ଗ୍ରହଣ କରାଯାଉଛି, ସେସବୁର କାମ ମନ୍ଥର ଗତିରେ ଚାଲିଥିବାରୁ ରାଜ୍ୟରେ ଦୁର୍ଘଟଣା ସଂଖ୍ୟା ହ୍ରାସ ଲକ୍ଷ୍ୟ ପରାହତ ହେଉଛି ବୋଲି ମତପ୍ରକାଶ ପାଇଛି।

# ମନ୍ଦିରରେ ରଖିଦେଲେ ଚୋରି ସାମଗ୍ରୀ

## ବଦଳିଲା ଚୋରଙ୍କ ମନୋଭାବ

ଯୋଡ଼ା,୨୩।୧୦(ଡି.ଏନ.ଏ)

ପରିସ୍ଥିତିରେ ପଡ଼ି ହେଉ କିମ୍ବା ଅଳ୍ପ ପରିଶ୍ରମରେ ଅଧିକ ରୋଜଗାର ଆଶାରେ କେହି କେହି ଚୋରି ଭଳି ଖରାପ ବାଟକୁ ବାଛିଥାନ୍ତି। ଏମିତି କିଛି ଲୋକ ଥାଆନ୍ତି, ଯେଉଁମାନେ ଚୋରି ତ କରନ୍ତି କିନ୍ତୁ ପରବର୍ତ୍ତି ସମୟରେ ପଶ୍ଚାତାପ କରି ଚୋରି ସାମଗ୍ରୀ ଫେରାଇଥାନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରେ। ମନ୍ଦିରରୁ ଚୋରି ହୋଇଥିବା କେତେକ ସାମଗ୍ରୀ ଦୁର୍ବୃତ୍ତ ମନ୍ଦିରରେ ପୁଣି ଥୋଇଦେଇଥିବା ଦେଖାଯାଇଛି।

ଯୋଡ଼ାଠାରେ ଥିବା ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଥିଲା। ଦୁର୍ବୃତ୍ତ ପିତ୍ତଳ ଗରା ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ପଳାଇ ଥିଲେ। ଏ ସମ୍ପର୍କରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ଥାନୀୟ ଥାନାରେ ଅଭିଯୋଗ କରାଯାଇଥିଲା। ତେବେ ରବିବାର ସକାଳେ ଚୋରି ହୋଇଥିବା ସାମଗ୍ରୀ ମନ୍ଦିର ପରିସରରେ କେହି ଥୋଇଦେଇ ଯାଇଥିବା ଦେଖିବାକୁ ମିଳିଥିଲା। ଚୋର ତାଙ୍କ ମନ ବଦଳାଇ ଅଥବା ଠାକୁରଙ୍କ ପ୍ରତି ଭକ୍ତି ଭାବନାରୁ ଚୋରି ସାମଗ୍ରୀ ଫେରାଇ ଦେଇଥିବା ଆଲୋଚନା ହେଉଛି। ଉଲ୍ଲେଖଯୋଗ୍ୟ, ଉକ୍ତ ମନ୍ଦିରରୁ ପୂର୍ବରୁ ମଧ୍ୟ ଚୋରି ହୋଇଥିଲା। ମାତ୍ର ଅଦ୍ୟାବଧି କୌଣସି ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇନାହିଁ।



ଅଭିଯୁକ୍ତ ମନ୍ଦିର ବେଢ଼ାରେ ଥୋଇଥିବା ପିତ୍ତଳ ସାମଗ୍ରୀ।

# ମଞ୍ଜେଶ୍ୱର ଥାନା ଅଧିକାରୀଙ୍କ ବିରୋଧରେ ଛାତ୍ର କଂଗ୍ରେସର ଧାରଣା

## ଅନ୍ୟାୟରେ ଛାତ୍ର କଂଗ୍ରେସ ନେତାଙ୍କୁ ଗିରଫ କରିଥିବା ଅଭିଯୋଗ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ମଞ୍ଜେଶ୍ୱର ଥାନା ଅଧିକାରୀ ସୁଧୀର ସାହୁଙ୍କ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ, ପକ୍ଷପାତିତା ଏବଂ ଅନୈତିକ କାର୍ଯ୍ୟ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଭୁବନେଶ୍ୱର ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ରବିବାର ଆୟୋଜିତ ହୋଇଛି। ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନେ ଏକ ରାଲିରେ ଆସି ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟରାସ୍ତାକୁ ଘଣ୍ଟାଏ ଧରି ଅବରୋଧ କରିଥିଲେ। ୟାସୀରଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ କର୍ମୀମାନେ ଡିସିପି ଅଫିସ ଭିତରକୁ ଧସେଇ ପଶିଲାବେଳେ ଉପସ୍ଥିତ ପୋଲିସଙ୍କ ସହ ଧସ୍ତାଧସ୍ତି ହେଲା। ଏହାପରେ ଦାବିପତ୍ର ଦେବା ପାଇଁ ଏକ ପ୍ରତିନିଧି ଦଳ ଡିସିପିଙ୍କ କାର୍ଯ୍ୟାଳୟ ଯିବାକୁ ରାଜି ହୋଇଥିଲା। ଛାତ୍ର କଂଗ୍ରେସର ପ୍ରତିନିଧି ଦଳ ଡିସିପିଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଡିସିପି ପି.କେ. ରାଉତଙ୍କୁ ଦାବିପତ୍ର ଦେବା ସହ ମଞ୍ଜେଶ୍ୱର ଥାନା ଅଧିକାରୀ ସୁଧୀର ସାହୁଙ୍କ ଅନୈତିକ କାର୍ଯ୍ୟ ବିରୋଧରେ ଅଭିଯୋଗ କରିଛନ୍ତି। ମଞ୍ଜେଶ୍ୱର ଥାନା ଅଧିକାରୀ ପ୍ରଦେଶ ଛାତ୍ର କଂଗ୍ରେସର ରାଜ୍ୟସ୍ତରୀୟ ସମ୍ପାଦକ ସଫଳ ସମନ୍ୱୟଙ୍କ ବିରୋଧରେ ମିଥ୍ୟା ମାମଲା ଲଗାଇ ତାଙ୍କୁ ଗିରଫ କରିଛନ୍ତି। ଗତ ୧୮ ଅକ୍ଟୋବରରେ ମଞ୍ଜେଶ୍ୱର ଥାନା ଅଞ୍ଚଳରେ ଏକ ଆପରାଧିକ ଘଟଣାରେ ପୋଲିସ ତାଙ୍କୁ ଗିରଫ କରିଥିଲା। ମାତ୍ର ଏହି ଘଟଣା ସହିତ ସମନ୍ୱୟଙ୍କ କୌଣସି ସମ୍ପର୍କ ନାହିଁ ବୋଲି ଅଭିଯୋଗରେ ଦର୍ଶାଯାଇଛି।

# ‘ଲକ୍ଷେ ଖାଲି ପଦବୀ କେବେ ପୂରଣ କରିବେ କୁହନ୍ତୁ’

## ରାଜସ୍ୱ ମନ୍ତ୍ରୀଙ୍କୁ ଭାଜପାର ପ୍ରଶ୍ନ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ରାଜ୍ୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଥିବା ବେଳେ ଏହା କେବେ ପୂରଣ ହେବ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲିକ ଏହାର ଉତ୍ତର ରଖିବେ କି ବୋଲି ଭାଜପା ନେତ୍ରୀ ସୁରମା ପାଢ଼ୀ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ, ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ମନ୍ତବ୍ୟକୁ ମନ୍ତ୍ରୀ ପ୍ରମିଳା ମଲିକ ଭଲରେ ଶୁଣି ନ ଥିବା ପରି ମନେହେଉଛି। ନ ହେଲେ ସେ କେନ୍ଦ୍ର ସରକାର କ’ଣ କରିଥିବା ନେଇ ତଥ୍ୟ ମାଗି ନଥାନ୍ତେ। ବର୍ତ୍ତମାନ ରାଜ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ କେତେ ପଦବୀ ଖାଲି ଅଛି, ତାହା ଭଲ ଭାବେ ପ୍ରମିଳାଙ୍କୁ ଜଣାଥିବ। ଶାସକ ଦଳର ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓଡ଼ିଶା ବିଧାନସଭାରେ ଦେଇଥିବା ତଥ୍ୟାନୁସାରେ ରାଜ୍ୟରେ ବିଭିନ୍ନ ବିଭାଗରେ ୨ ଲକ୍ଷ ୨୬ ହଜାରରୁ ଊର୍ଦ୍ଧ୍ୱ ପଦବୀ ଖାଲିପଡ଼ିଛି। ସେଥିମଧ୍ୟରୁ କେବଳ ସ୍କୁଲ ଓ ଗଣଶିକ୍ଷା ବିଭାଗରେ ୬୧,୮୩୬ଟି ପଦବୀ ଖାଲି ଅଛି । ଉଚ୍ଚଶିକ୍ଷା ବିଭାଗରେ ୧୧,୫୨୨ ପଦବୀ ଖାଲି ଥିବାବେଳେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗରେ ୩,୧୦୬ ପଦବୀ ଖାଲି ପଡ଼ିଛି। ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ବିଭାଗରେ ୩୬ ହଜାରରୁ ଊର୍ଦ୍ଧ୍ୱ ପଦବୀ ଖାଲି ଅଛି। ଏସବୁକୁ ପୂରଣ କରିବା ପାଇଁ ରାଜ୍ୟ ସରକାର କ’ଣ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

# ପର୍ଯ୍ୟଟକଙ୍କ ଅପେକ୍ଷାରେ କୁଲଡିହା

## ନଭେମ୍ବର ୧ରୁ ଖୋଲିବ ଅଭୟାରଣ୍ୟ

ନୀଳଗିରି, ୨୩।୧୦(ସ୍ୱ.ପ୍ର.)




ନଭେମ୍ବର ୧ରୁ ଖୋଲିବ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡର ସୌନ୍ଦର୍ଯ୍ୟମୟୀ କୁଲଡିହା ଅଭୟାରଣ୍ୟ। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଲାଗି ଏବେଠୁ ସଜେଇ ହେଲାଣି। କେସିପୁର ପଞ୍ଚାୟତ ବାଲିଆପାଳ ଫାଟକ ନିକଟରେ ବନ ବିଭାଗ ଅଧିକାରୀଙ୍କ ଦ୍ୱାରା ପର୍ଯ୍ୟଟକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯିବା ଲାଗି ବ୍ୟବସ୍ଥା କରାଯାଇଛି। ଓଡ଼ିଶା ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଏଠାରେ ରାତ୍ରିଯାପନ କରିବା ପରେ କିପରି ରୋମାଞ୍ଚକର ଅନୁଭୂତି ନେଇ ଫେରିବେ ସେନେଇ ବ୍ୟାପକ ପ୍ରସ୍ତୁତିରେ ଲାଗିପଡିଛି ବନବିଭାଗ। ବାଲେଶ୍ୱର ସହରଠାରୁ ପ୍ରାୟ ୪୦ କି.ମି. ଦୂରରେ ରହିଛି ଏହି ଅଭୟାରଣ୍ୟ। ବର୍ଷାଋତୁ ପାଇଁ ଜୁନ୍ ୧୫ରୁ ଏହା ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଥିବା ବେଳେ ଆସନ୍ତା ନଭେମ୍ବର ୧ରୁ ଜୁନ ୧୫ତାରିଖ ପର୍ଯ୍ୟନ୍ତ ଅଭୟାରଣ୍ୟ ଖୋଲାରହିବ। ବାଲେଶ୍ୱର ଡିଏଫ୍‌ଓଙ୍କ ତତ୍ତ୍ୱାବଧାନରେ କୁଲଡିହା ରେଞ୍ଜର ଅନନ୍ତ କୁମାର ଜେନା ବ୍ୟାପକ ପ୍ରସ୍ତୁତି ଚଳାଇଛନ୍ତି। ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ ଏହି ଅଭୟାରଣ୍ୟରେ ହାତୀ, ବାଘ, ଭାଲୁ, ସମ୍ବର, ହରିଣ, ଠେକୁଆ, ନୀଳଗାଈ, ବଳିଆ କୁକୁର, ବଜ୍ରକାପ୍ତା, ମୟୂର ଆଦି ବନ୍ୟପ୍ରାଣୀ ଓ ବିଭିନ୍ନ ପ୍ରଜାତିର ଦେଶୀ ଏବଂ ବିଦେଶୀ ପକ୍ଷୀ ଦେଖାଯାଆନ୍ତି। କୁଲଡିହାକୁ ଲାଗିରହିଥିବା ଡ୍ୟାମ୍ ସାତଘାଟି, ରିଷିଆ, ପୁରୁଣାପାଣି, ଜଡ଼ାଚୁଆ, ମୁଖଚତୁରି, କଇମଚତୁରୀ ଅଞ୍ଚଳରେ ୨୫୦ରୁ ଅଧିକ ସଂଖ୍ୟାରେ ଦେଶୀ, ବିଦେଶୀ ପକ୍ଷୀ ଦେଖିବାକୁ ମିଳେ। ଏଠାରେ ପର୍ଯ୍ୟଟନର ବିକାଶ ଲାଗି ଗୋହିରାଭୋଳଠାରେ ‘ରିଷିଆ ପ୍ରକୃତି ନିବାସ’ ଖୋଲାଯାଇଛି। ରାତ୍ରିରହଣି ନିମନ୍ତେ ୯ଟି ତମ୍ବୁଘର ନିର୍ମାଣ ହୋଇଛି। ଏହାସହ ନେଚର୍ସ କ୍ୟାମ୍ପ କରାଯାଇ ପିଇବା ପାଣି, ଶୌଚାଳୟ ସହ ଆଲୋକ ବ୍ୟବସ୍ଥା ଓ ରୁଚିକର ଖାଦ୍ୟ ଯୋଗାଇବା ଲାଗି ବ୍ୟବସ୍ଥା କରାଯାଇଛି। ସକାଳେ ଚା’, ଜଳଖିଆ, ଦ୍ୱିପ୍ରହରେ ଭାତ ଡାଲି, ପରିବା ତରକାରି, ମାଛ, ଅଣ୍ଡା ଏବଂ ରାତିରେ ରୁଟି, ଡାଲି, ଅଣ୍ଡା ଆଦି ଖାଦ୍ୟ ପରଷା ଯିବାର ବ୍ୟବସ୍ଥା ରହିଛି। ତେବେ ଏଠାରେ ମାଦକଦ୍ରବ୍ୟ, ମାଂସ ଉପରେ କଟକଣା ରହିଛି। ବନ୍ୟପ୍ରାଣୀ ପଶି ନ ଆସିବା ପାଇଁ ଏହା ଚାରିପାଖରେ ଟ୍ରେଞ୍ଚ ଖୋଳାଯାଇଛି। ନେଚର୍ସ କ୍ୟାମ୍ପ ପାଖରେ ପର୍ଯ୍ୟଟକଙ୍କ ଲାଗି ରିଷିଆ ଡ୍ୟାମରେ ବୋଟିଂ ବ୍ୟବସ୍ଥା ରହିଛି। ଏହି ନେଚର୍ସ କ୍ୟାମ୍ପରେ ରହି ରାତ୍ରିଯାପନ କରି ପର୍ଯ୍ୟଟକମାନେ ବୁଲିବା ସମୟରେ ୪ଟି କୃତ୍ରିମ ସଲ୍ଟପିଟ୍, ୫ଟି ୱାଚ୍ ଟାୱାର ଅତି ନିକଟରୁ କୁଲଡିହା ଅଭୟାରଣ୍ୟ ପଶୁପକ୍ଷୀଙ୍କୁ ଦେଖିବା ସୁବିଧା ରହିଛି। ପୂର୍ବାହ୍ନ ୯ଟା ୩୦ରୁ ଅପରାହ୍ନ ୧ଟା ପ୍ରବେଶ ସହ ୫ଟା ପର୍ଯ୍ୟନ୍ତ ପରିଭ୍ରମଣର ସୁବିଧା ଦିଆଯାଉଛି। ନେଚର୍ସ କ୍ୟାମ୍ପରେ ରହଣି ପାଇଁ ଅନ୍‌ଲାଇନରେ ବୁକିଂ କରିବା ସକାଶେ ୱେବ୍‌ସାଇଟ୍ ଖୋଲାଯାଇଛି। ବିଗତ ୨ବର୍ଷ କୋଭିଡ୍ କଟକଣା ପାଇଁ କମ୍ ପର୍ଯ୍ୟଟକ ଆସିଥିବା ବେଳେ ଚଳିତବର୍ଷ ସଂଖ୍ୟା ଅଧିକ ହେବ ବୋଲି ଟୁରିଷ୍ଟ ଗାଇଡ୍ ତଥା ପକ୍ଷୀ ବିଶେଷଜ୍ଞ ମନୋରଞ୍ଜନ ଦାସ କହିଛନ୍ତି।

# ବନ୍ଦର ପୋତାଶ୍ରୟରେ ଲାଗିଲା ୪୦ରୁ ଊର୍ଦ୍ଧ୍ୱ ବୋଟ୍

## ବାତ୍ୟା ପ୍ରଭାବରେ ସମୁଦ୍ର ଅଶାନ୍ତ

ପାରାଦୀପ,୨୩।୧୦(ସ୍ୱ.ପ୍ର.)

ସମ୍ଭାବ୍ୟବାତ୍ୟା ପ୍ରଭାବରେ ଶନିବାରଠାରୁ ସମୁଦ୍ର ଅଶାନ୍ତ ହେବାରେ ଲାଗିଛି। ଏହାଦ୍ୱାରା ମହାନଦୀ ମୁହାଣରେ ପ୍ରଖର କରେଣ୍ଟ (ଅନ୍ତଃସ୍ରୋତ) ପ୍ରବାହ ହେଉଛି। ଫଳରେ ସମୁଦ୍ରରେ ଥିବା ମାଛଧରା ବୋଟଗୁଡିକ ଫେରିବାରେ ବାଧା ଉପୁଜିଛି। ଏନେଇ ୪୦ରୁ ଊର୍ଦ୍ଧ୍ୱ ବୋଟ ରବିବାର ପାରାଦୀପ ବନ୍ଦର ପୋତାଶ୍ରୟରେ ଆଶ୍ରୟ ନେଇଛନ୍ତି। ସେହିପରି ଶିବଶକ୍ତି ନାମକ ଗୋଟିଏ ବୋଟ୍ ଏରସମା ସୀମାରେ ସମୁଦ୍ର କୂଳ ବାଲି ଉପରକୁ ଚଢ଼ିଯାଇଛି। ବୋଟ୍‌କୁ ଉଦ୍ଧାର କରିବାକୁ କାଠପଟା ଓ ରଶି ଲଗାଇ ପ୍ରୟାସ କରାଯାଉଛି।



ଏରସମା ସୀମାରେ ସମୁଦ୍ର କୂଳ ବାଲି ଉପରକୁ ଚଢ଼ିଯାଇଥିବା ବୋଟ୍।

# ସିନେମା ହଲରେ ଭାରତ–ପାକିସ୍ତାନ ଲାଇଭ୍ ମ୍ୟାଚ୍

ବ୍ରହ୍ମପୁର ଅଫିସ,୨୩।୧୦

ଭାରତ–ପାକିସ୍ତାନ ମଧ୍ୟରେ ରବିବାର ଅନୁଷ୍ଠିତ ଟି–୨୦ ୱାର୍ଲଡ କପ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି, ଯାହାକୁ ନେଇ ବ୍ରହ୍ମପୁର ସହରର କ୍ରିକେଟପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ପାୟଲ ସିନେମା ହଲରେ ପ୍ରଥମ କରି ବଡ ପରଦାରେ ଲାଇଭ୍ ମ୍ୟାଚ ପ୍ରଦର୍ଶିତ ହୋଇଥିଲା। ଅପରାହ୍ନ ୧.୩୦ରେ ମ୍ୟାଚ ଆରମ୍ଭ ହୋଇଥିବା ବେଳେ ହଲରେ ଏହା ଦେଖିବାକୁ କ୍ରିକେଟପ୍ରେମୀଙ୍କ ଭିଡ ଜମିଥିଲା। ହଲ ପକ୍ଷରୁ ମ୍ୟାଚ ନିମନ୍ତେ ଟିକେଟ ବୁକିଂ ପାଇଁ ସ୍ୱତନ୍ତ୍ର କାଉଣ୍ଟର କରାଯାଇଥିଲା। ବାଲ୍‌କୋନି ଟିକେଟ ମୂଲ୍ୟ ୨୦୦ ଟଙ୍କା ଓ ଫାଷ୍ଟ କ୍ଲାସ ୧୦୦ ଟଙ୍କା ରଖାଯାଇଥିଲା। ଟିକେଟ ମୂଲ୍ୟ ବୃଦ୍ଧି ସତ୍ତ୍ୱେ କ୍ରିକେଟପ୍ରେମୀଙ୍କ ଗହଳି ଜମିଥିଲା। ପ୍ରାୟ ୧୦୦ ଦର୍ଶକ ହଲ ପରିସରରେ ମ୍ୟାଚ ଉପଭୋଗ କରିଥିଲେ। ଉକ୍ତ ମ୍ୟାଚରେ ଇଣ୍ଡିଆ ଟିମ୍ ଜିତିବା ପରେ ହଲ ମଧ୍ୟରେ ଦର୍ଶକ ବିଜୟ ଉତ୍ସବ ପାଳନ କରିଥିଲେ। ପ୍ରଥମ ଥର ପାଇଁ ହଲ ମାଲିକଙ୍କ ପକ୍ଷରୁ ଏଭଳି ପଦକ୍ଷେପକୁ ବହୁ କ୍ରିକେଟପ୍ରେମୀ ଖୁସି ପ୍ରକଟ କରିଛନ୍ତି। ବ୍ରହ୍ମପୁରରେ ବହୁ କ୍ରିକେଟପ୍ରେମୀଙ୍କୁ ଦୃଷ୍ଟିରେ ରଖି ଏଭଳି ବଡ ପରଦାରେ ମ୍ୟାଚ ପ୍ରଦର୍ଶନ କରାଯାଇଥିବା ପାୟଲ ହଲ ମ୍ୟାନେଜର କହିଛନ୍ତି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ବିକାଶ



@ ଉମାଶଙ୍କର



@ ପିଣ୍ଟୁ



@ ସଞ୍ଜିବ



@ ବିନାୟକ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।






"ଯାହାକିଛି ତୁମେ କରୁଥାଅ- ଯୋଉ ବାଗରେ ବି କରୁଥାଅ- ଏପରି କି, ତୁମେ ସେ କାର୍ଯ୍ୟରେ ଖୁବ୍ କୁଶଳତା ଓ କ୍ଷମତା ପଛେ ଅର୍ଜନ କରିଥାଅ- ତୁମଙ୍କୁ କିନ୍ତୁ ସେହି କର୍ମଟିର ଫଳକୁ ଈଶ୍ୱରଙ୍କ ହାତରେ ଛାଡି ଦେବାକୁ ହେବ। -ଶ୍ରୀମା

# କ୍ଷମତା ଲୋଭ

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ୨୩ ଅକ୍ଟୋବର ୨୦୨୨ରେ ତୃତୀୟ ଥର ପାଇଁ ଦେଶର ସର୍ବମୟ କର୍ତ୍ତା ହୋଇଛନ୍ତି। ଫଳରେ ଏହି ୫ ବର୍ଷର ଶାସନ ସମୟକୁ ମିଶାଇଲେ ସେ ୧୫ ବର୍ଷ ରାଷ୍ଟ୍ରପତି ରହିବାର ଗୌରବ ଅର୍ଜନ କରିବେ। ଏହା ପୂର୍ବରୁ ହୁ ଜିଣ୍ଟାଓ ୧୦ ବର୍ଷ, ଜିଆଙ୍ଗ୍ ଜେମିନ୍ ଓ ଲିଉ ସାଓକି ୯ ବର୍ଷରୁ ଊର୍ଦ୍ଧ୍ୱ ଏବଂ ମାଓ ସେତୁଙ୍ଗ୍‌ଙ୍କ ଭଳି ନେତା କେବଳ ୪ ବର୍ଷରୁ ଅଧିକ ସମୟ ରାଷ୍ଟ୍ରପତି ରହିଥିଲେ। ତେବେ ପୂର୍ବତନ ରାଷ୍ଟ୍ରପତି ହୁ ଜିଣ୍ଟାଓ ୨୦୧୨ରେ ଜିନ୍‌ପିଙ୍ଗ୍‌ଙ୍କୁ କ୍ଷମତା ହସ୍ତାନ୍ତର କରିଥିଲେ। ହେଲେ ଏକ ଅସ୍ୱାଭାବିକ ଘଟଣାକ୍ରମରେ ଚାଇନା କମ୍ୟୁନିଷ୍ଟ ପାର୍ଟି(ସିପିସି)ର ସପ୍ତାହବ୍ୟାପୀ ଚାଲିଥିବା ୨୦ତମ ଅଧିବେଶନର ଶେଷ ଦିନ ୨୨ ଅକ୍ଟୋବରରେ ଜିନ୍‌ପିଙ୍ଗ୍‌ଙ୍କ ପାଖରେ ବସିଥିବା ଜିଣ୍ଟାଓଙ୍କୁ ସିକ୍ୟୁରିଟି କର୍ମଚାରୀମାନେ ଜବରଦସ୍ତ ଉଠାଇ ନେଇ ପୋଡିୟମ୍ ବାହାରେ ଛାଡ଼ି ଦେଇଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସେହି ସଂକ୍ରାନ୍ତ ଭିଡିଓ ବିଶ୍ୱବ୍ୟାପୀ ପ୍ରସାରିତ ହେବା ପରେ ଜିନ୍‌ପିଙ୍ଗ୍‌ଙ୍କ ନୀରବତାକୁ ସମାଲୋଚନା କରାଯାଇଛି। ଚାଇନା ଗଣମାଧ୍ୟମ ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ। ତେବେ ଗ୍ରେଟ୍ ହଲ୍ ଅଫ୍ ପିପୁଲ୍‌ରେ ଉପସ୍ଥିତ ୨,୩୦୦ ପ୍ରତିନିଧି, ଅଧିକାରୀ ଓ ଗଣମାଧ୍ୟମ ବ୍ୟକ୍ତିଙ୍କ ସମ୍ମୁଖରେ ଏଭଳି ଦୃଶ୍ୟ ଅଭିନୀତ ହେବା ସୂଚାଇ ଦେଉଛି ଯେ ଦୀର୍ଘକାଳୀନ ଶାସନ ଲାଗି ଜିନ୍‌ପିଙ୍ଗ୍ ଯେଉଁ ପ୍ରସ୍ତୁତି ଚଳାଇ ସଫଳ ହୋଇଛନ୍ତି ସେଥିରେ ଏକଛତ୍ରବାଦ ସ୍ପଷ୍ଟ ବାରି ହୋଇପଡୁଛି। ଚାଇନା ସେଣ୍ଟ୍ରାଲ କମିଟି ସଦସ୍ୟଙ୍କ ଅଦଳବଦଳରେ ପ୍ରଧାନମନ୍ତ୍ରୀ ଲି କେକିୟାଙ୍ଗ୍‌ଙ୍କୁ ସେଥିରୁ ବିଦା କରାଯାଇଛି। ଏଥିସହିତ ୨୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ କୌଣସି ଜଣେ ମହିଳାଙ୍କୁ ପ୍ରତିନିଧିମଣ୍ଡଳୀରେ ସାମିଲ କରାଯାଇ ନ ଥିବା ଦେଖିବାକୁ ମିଳିଛି।

> **ଜିନ୍‌ପଙ୍ଗ୍ ଓ ପୁଟିନ୍‌ଙ୍କ ଭଳି କ୍ଷମତାଲୋଭୀମାନେ ନିଜ ଲକ୍ଷ୍ୟରେ ସଫଳ ହେଉଥିବା ଦେଖି ଗଣତାନ୍ତ୍ରିକ ଦେଶର ନେତାମାନେ ନିଜ ତରିକାରେ ସେମାନଙ୍କ ପରି ହେବାକୁ ପ୍ରୟାସ କରୁଥିବା ମଧ୍ୟ ଦେଖାଗଲାଣି। କ୍ଷମତା ଲୋଭରେ ପଡ଼ିଯାଉଥିବା ବ୍ୟକ୍ତିମାନେ ଅନ୍ୟ କାହାର କ୍ଷତି ହେଲେ ମଧ୍ୟ କୌଣସି ଚିନ୍ତା କରୁନାହାନ୍ତି।**

ସିପିସି ଅଧିବେଶନରେ ଘଟିଥିବା ଘଟଣାକୁ ଦେଖିଲେ ଜିନ୍‌ପିଙ୍ଗ୍‌ଙ୍କ ମନଇଚ୍ଛା କାର୍ଯ୍ୟ ସେଠାକାର ଅନ୍ୟାନ୍ୟ ନେତାଙ୍କୁ ଚାପି ରଖାଯାଇଥିବା ପ୍ରତୀୟମାନ ହେଉଛି। ହୁ ଜିଣ୍ଟାଓଙ୍କ ଭଳି ନେତା, ଯିଏକି ଜିନ୍‌ପିଙ୍ଗ୍‌ଙ୍କୁ ରାଷ୍ଟ୍ରପତି ଆସନରେ ବସିବା ଲାଗି ସହଯୋଗ କରିଥିଲେ ଏବେ ତାଙ୍କୁ ଅପମାନିତ କରାଯାଇଛି। ଏହାର ମୂଳ କାରଣ ହେଉଛି ଜିନ୍‌ପିଙ୍ଗ୍‌ଙ୍କ ନୀତିକୁ ଜିଣ୍ଟାଓ ବିରୋଧ କରି ଆସୁଛନ୍ତି। ତେବେ ସରକାରଙ୍କ ନୀତିଗତ ନିଷ୍ପତ୍ତିକୁ ସମାଲୋଚନା କରୁଥିବା ବ୍ୟକ୍ତିଙ୍କୁ ବିରୋଧୀ ଓ ସ୍ଥଳବିଶେଷରେ ଦେଶଦ୍ରୋହୀ ଆଖ୍ୟା ଦିଆଯିବାର ମାନସିକତା ଆଜି ବିଶ୍ୱବ୍ୟାପୀ ଦେଖିବାକୁ ମିଳୁଛି। ଆଜୀବନ ରାଷ୍ଟ୍ରପତି ହେବା ନେଇ ପାର୍ଲାମେଣ୍ଟରେ ଆଇନ ଆଣି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସେଠାରେ ଏକଛତ୍ରବାଦ ଚଳାଇଛନ୍ତି। ଏହାର କୁପ୍ରଭାବ ତାଙ୍କ ଦେଶର ନାଗରିକ ଓ ୟୁକ୍ରେନ୍‌ବାସୀ ଭୋଗୁଥିବା ବେଳେ ବିଶ୍ୱ ମଧ୍ୟ ଏବେ କଲବଲ ହେଉଛି। ଶୁଣିବାକୁ ମିଳୁଛି ୟୁକ୍ରେନ୍ ଉପରେ ପରମାଣୁ ବୋମା ପକାଇବା ପାଇଁ ପୁଟିନ୍ ସେହି ସଂକ୍ରାନ୍ତ କାଗଜପତ୍ରରେ ଦସ୍ତଖତ କରିଛନ୍ତି। କିନ୍ତୁ ସେନା ଅଧିକାରୀମାନେ ପ୍ରସ୍ତୁତ ନ ଥିବା ଜଣାଇବା ପରେ ବସ୍ତୁତଃ ୟୁକ୍ରେନ୍ ଧ୍ୱଂସ ଦ୍ୱନ୍ଦ୍ୱ ମଧ୍ୟରେ ରହିଯାଇଛି। ଏଭଳି ସନ୍ଧିକ୍ଷଣରେ ଏକଛତ୍ରବାଦ ପ୍ରଦର୍ଶନ କରୁଥିବା ବ୍ୟକ୍ତିମାନେ ନିଜ ଦେଶବାସୀଙ୍କ ପାଇଁ ଯେଭଳି ବିପଦ ସୃଷ୍ଟି କରୁଛନ୍ତି, ପଡ଼ୋଶୀ ରାଷ୍ଟ୍ର ସମେତ ବିଶ୍ୱ ସକାଶେ ଏକ ଅସ୍ୱାଭାବିକ ସ୍ଥିତି ଉପୁଜୁଥିବା ସ୍ପଷ୍ଟ ହେଉଛି। ପୂର୍ବରୁ କମ୍ୟୁନିଷ୍ଟ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ବ୍ୟକ୍ତିମାନେ ଯେଉଁ ସାମ୍ୟବାଦ କଥା କହୁଥିଲେ, ଏବର ସମୟରେ ସେହି ପରିଭାଷା ବଦଳିବାରେ ଲାଗିଛି। ଗଣତାନ୍ତ୍ରିକ ଉପାୟରେ କାର୍ଯ୍ୟ ହେଉ ନ ଥିବାରୁ ଥରେ ଯେଉଁ ନେତା ଗାଦିରେ ବସୁଛନ୍ତି, ସେ ନିଜକୁ ରାଷ୍ଟ୍ରର ସର୍ବେସର୍ବା ଭାବେ ଗଢ଼ିତୋଳିବାକୁ ଚେଷ୍ଟା କରୁଛନ୍ତି। ଏଭଳି ନେତାଙ୍କ କ୍ଷମତାଲୋଭ ତାଙ୍କୁ ଅନ୍ଧ କରିଦେଉଛି, ଯାହାଫଳରେ ସାଧାରଣ ନାଗରିକର ମଙ୍ଗଳ ହେବା ପରିବର୍ତ୍ତେ ଅମଙ୍ଗଳ ହେଉଛି। ଜିନ୍‌ପଙ୍ଗ୍ ଓ ପୁଟିନ୍‌ଙ୍କ ଭଳି କ୍ଷମତାଲୋଭୀମାନେ ନିଜ ଲକ୍ଷ୍ୟରେ ସଫଳ ହେଉଥିବା ଦେଖି ଗଣତାନ୍ତ୍ରିକ ଦେଶର ନେତାମାନେ ନିଜ ତରିକାରେ ସେମାନଙ୍କ ପରି ହେବାକୁ ପ୍ରୟାସ କରୁଥିବା ମଧ୍ୟ ଦେଖାଗଲାଣି। କ୍ଷମତା ଲୋଭରେ ପଡ଼ିଯାଉଥିବା ବ୍ୟକ୍ତିମାନେ ଅନ୍ୟ କାହାର କ୍ଷତି ହେଲେ ମଧ୍ୟ କୌଣସି ଚିନ୍ତା କରୁନାହାନ୍ତି। ଏହି ଧାରା ଆଗାମୀ ଦିନରେ ବିଶ୍ୱକୁ ଧ୍ୱଂସାଭିମୁଖୀ ଆଡ଼କୁ ନେବାର ଆଶଙ୍କା ଉପୁଜିଲାଣି।

## ୨୫ ବର୍ଷ ତଳର ଧରିତ୍ରୀ

**୨୪ ଅକ୍ଟୋବର ୧୯୯୭**

- ଦକ୍ଷିଣ ପଶ୍ଚିମ ଚୀନରେ ଏକ ପାହାଡ଼ିଆ ରାସ୍ତାରୁ ଗୋଟିଏ ଘରୋଇ ବସ୍ ଖସିପଡ଼ିବା ଫଳରେ ୪୭ ଯାତ୍ରୀଙ୍କ ମୃତ୍ୟୁ।
- ପ୍ରଥମ ଭାରତୀୟ ମହିଳା ଭାବେ ପୋଲିସ ଅଫିସର କିରଣ ବେଦୀ ଯୋଶେଫ ବୁଏଜ୍ ପୁରସ୍କାରରେ ସମ୍ମାନିତ।
- ବିଶୃଙ୍ଖଳା ସୃଷ୍ଟି ଅଭିଯୋଗରେ ସମତାପାର୍ଟିର ଜାତୀୟ ସାଧାରଣ ସମ୍ପାଦକ ତଥା ଏପ୍‌ପି ଆନନ୍ଦ ମୋହନ ପାର୍ଟିର ପ୍ରାଥମିକ ସଦସ୍ୟ ପଦରୁ ସସ୍‌ପେଣ୍ଡ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 7 | | | | | | |
| | 1 | | | | | 9 | | |
| | | | 8 | | | 4 | | |
| 6 | | 5 | | 3 | | 1 | | |
| | | | | | 8 | | | |
| | | | | 9 | | 3 | 8 | 7 |
| | | 8 | | | | 6 | 5 | |
| 4 | | | 1 | 5 | 2 | | 9 | |
| | | | 3 | | | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 3 | 5 | 7 | 9 | 8 | 1 | 4 |
| 7 | 4 | 9 | 8 | 1 | 2 | 3 | 6 | 5 |
| 8 | 1 | 5 | 3 | 6 | 4 | 9 | 7 | 2 |
| 5 | 8 | 2 | 7 | 4 | 3 | 6 | 9 | 1 |
| 9 | 7 | 1 | 6 | 5 | 8 | 4 | 2 | 3 |
| 3 | 6 | 4 | 9 | 2 | 1 | 7 | 5 | 8 |
| 2 | 5 | 7 | 4 | 8 | 6 | 1 | 3 | 9 |
| 1 | 9 | 8 | 2 | 3 | 7 | 5 | 4 | 6 |
| 4 | 3 | 6 | 1 | 9 | 5 | 2 | 8 | 7 |

ଗତକାଲିର ଉତ୍ତର

# ଜାତିରେ ମୁଁ ଯବନ



ଡ. ଚନ୍ଦନ କୁମାର ସିଂହ

କାର୍ତ୍ତିକ କୃଷ୍ଣ ଚତୁର୍ଦ୍ଦଶୀ, ହସ୍ତାକନ୍ୟା ନକ୍ଷତ୍ର, ୧୯୨୩ ମସିହା। ଆଗର କଟକ ଜିଲାର ବାଗଲପୁର ଗାଁ। ହାରାମଣି ଦେବୀ ଓ ଖୋସାଲି ଚରଣ ଦାସଙ୍କର କୋଳମଣ୍ଡନ କରିଥିଲେ, ବହୁଜନଙ୍କର ପ୍ରିୟ ଚିତ୍ତଭାଇ, ପ୍ରଫେସର ଚିତ୍ତରଞ୍ଜନ ଦାସ। ଆଭୂମା ବିସ୍ତାରର କାଳଖଣ୍ଡରେ ଏକ ଉଜ୍ଜ୍ୱଳ ନକ୍ଷତ୍ରର ପରାକାଷ୍ଠାରେ ତାଙ୍କର ପରିଚିତ ଠୋ ଠୋ ହୋଇ ହସୁଥିବା ଜଣେ-ଯବନର ପରିଚୟରେ । ଯେ ଯବନର ପରିଚୟ ଏକ ପୂର୍ଣ୍ଣାର୍ଘ୍ୟ ନୈବେଦ୍ୟର ଥାଳି। ସେ ଥାଳିର ପ୍ରତିଟି ଉପାଦାନ ଅତ୍ୟନ୍ତ ମୌଳିକ। ଜାତି ଅଛି ଅଥଚ ଜାତି ନାହିଁ, କାହାରି ରକତର ସ୍ୱୀକାର ନୁହେଁ, ମାତ୍ର ରୁଧିର ଅଛି ବୋଲି ତ ଦେଖୁ ଦେଖୁ କେବା ସହୁ, ଭୂଇଁଟିଏ ଅଛି ସିନା ବୋଲି କେତେ କେତେ ଦେଶ ଦୂରକୁ ନିକଟ ଲାଗନ୍ତି। ପ୍ରତିଟି ବାନା ଶିଖରଶୃମ୍ଫୀ ପତିତପାବନର ସ୍ୱର୍ଶ ଦିଅନ୍ତି। ତେଣୁ ଯବନର ଆଘ୍ରାଣ, ଯବନର ସ୍ୱପ୍ନ ଏକ ମିତ୍ରପଣର ଅଭୁଲା ଡୋରରେ ନିଜର ପରିଚୟ କେବେ ବି ଖୋଜି ନ ଥିଲା। ମହିମାର ଗରିମାରେ ସେ ପରିଚୟ ଝରା ଶେଫାଳିକୁ ନେଇ ଆଞ୍ଜୁଳା ପୂର୍ଣ୍ଣ କରିଥିଲା।

ଭିନ୍ନ ଏକ ଧାତୁର ମଣିଷ ଶୁଭଚିନ୍ତକ ପ୍ରିୟ ଚିତ୍ତଭାଇ। ଅକଳ୍ପନୀୟ ଈର୍ଷା-ଅସୂୟାର ଯନ୍ତ୍ରଣାକୁ ବେଖାତିର କରୁଥିବା ନମ୍ର ବନ୍ଧୁତାର ସେ ଏକ ଅଭୁଲା ପରିଚୟ। ଆଜୀବନ ଶିକ୍ଷକତାକୁ ସାଦରେ ବରଣ କରିନେଇଥିବା ସେ ଥିଲେ ଅନନ୍ୟ ବନ୍ଧୁତାର ସ୍ମାରକୀ ଶିଳାଲେଖ। ଖୁବ୍ ଲେଖନ୍ତି ଓ ଖୁବ୍ ପଢ଼ନ୍ତି ମଧ୍ୟ। ଏହି ଦୁଇ କରାୟତ୍ତ ଶୃଙ୍ଖଳାକୁ ସେ ତପସ୍ୟାଲବ୍ଧ କରିଥିଲେ। ତପସ୍ୟା ହେତୁରେ ଜିଜ୍ଞାସା କରିଥିଲେ। ତପଃଶକ୍ତିର ମଞ୍ଜିକୁ ସାଉଁଟି ନେଇଥିଲେ। ତେଣୁ ଯେତିକି ପରିମାଣରେ ବିନୟୀ ଥିଲେ ଠିକ୍ ସେତିକି ପରିମାଣରେ ଉଦାର, ନିର୍ଭୀକ ମଧ୍ୟ ଥିଲେ। ଜରୁରିକାଳୀନ ପରିସ୍ଥିତିରେ 'ଧରିତ୍ରୀ'ର ସମ୍ପାଦକୀୟକୁ ଚିହ୍ନରା-ଲୋକ ଏହା କାହାର ଲେଖା ବୋଲି ଠଉରାଇପାରୁଥିଲେ। ମନେପଡ଼ନ୍ତି ଓଡ଼ିଶାର ପ୍ରିୟ ବ୍ୟକ୍ତିତ୍ୱ ଦାଶରଥି ପଟ୍ଟନାୟକ-ଦାସିଆ ଅଜା। ବିଚାର ଓ ବିବେକକୁ କ୍ଷତାକ୍ତ କରିବାର ଧୂରୀଣ ଶିଳ୍ପୀଙ୍କୁ ସେ ବେଶ୍ ଠଉରାଇ ପାରିଥିଲେ। ଆଗ୍ରା ଗ୍ରାମୀଣ ବିଶ୍ୱବିଦ୍ୟାଳୟ, ବିଚ୍‌ପୁରୀରୁ ସେ ଅନେକ ଥର ଚିଠି ଲେଖନ୍ତି ଦାସିଆ ଅଜାଙ୍କୁ ଏବଂ ବୁଲାଇ ନେଇଛନ୍ତି ଅନେକ ଅଭୀପ୍ସୁ ବିଦେଶାଗତ ବନ୍ଧୁଙ୍କୁ ସେହି ସାରସ୍ୱତ ପୁଣ୍ୟପୀଠକୁ।

ଶିକ୍ଷକ ଜୀବନର ଉତ୍ତରଣ ପଥରେ 'ଯବନ'ର ଯେଉଁ ଉଚ୍ଛଳ ଓ ଉଜ୍ଜ୍ୱଳ ଦୃଷ୍ଟିଭଙ୍ଗୀ ସେ ଆହରଣ କରିଥିଲେ, ତାହା ଥିଲା ସକାଳର ପ୍ରାର୍ଥନା। ସକାଳ ଆମ ଭୌତିକ ଜୀବନର ଏକ ପବିତ୍ରତମ କ୍ଷଣ। ମାତ୍ର ସକାଳ ସେତିକିରେ ସୀମାବଦ୍ଧ ନ ଥିଲା, ସେତିକିରେ ପରିପୂର୍ଣ୍ଣ ନ ଥିଲା। ଭିନ୍ନ ଏକ ମନୋଭୂମିରେ ସେ ସକାଳକୁ ପ୍ରତି ନିୟତ ଭରପୂର ଚକ୍ଷୁରେ ଦେଖୁଥିଲେ। ଏକ ଭରପୂର ଖୁସିରେ ଆପ୍ଲୁତ ହୋଇ ବିମୋହିତ ହୋଇ ଦେଖୁଥିଲେ।

### ଚିତ୍ତରଞ୍ଜନ ଦାସଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ



ଲକ୍ଷ୍ମୀଙ୍କର ମହିମାରେ ପର୍ବତକୁ ଦେଖୁଥିଲେ, ସାଗରକୁ ଦେଖୁଥିଲେ ଏବଂ ସ୍ୱର୍ଶଲାଭ କରୁଥିଲେ ମଣିଷର ଅନେକାଂଶ ସମ୍ଭାବନାକୁ ନେଇ। ସେଥିପାଇଁ ସମ୍ଭାବନାର ଘେର ଭିତରେ ଅନେକ କଥା ଓ ବ୍ୟଥାର ବ୍ୟଞ୍ଜନା ତାଙ୍କୁ ଧରାଦେଉଥିଲା।

ଅନନ୍ୟ ଉଚ୍ଚାରଣର ପଥିକ ପ୍ରିୟ ଚିତ୍ତଭାଇଙ୍କର ଗତିପଥକୁ ଛୁଇଁପାରିବାର ଏକ ମାଧ୍ୟମ ତାଙ୍କ ଜେଲ-ଜୀବନର କବିତା ଖାତା ଓ ଟିପା ଖାତାକୁ ଦେଖିଲେ ଜାଣିହୁଏ। କୋଡ଼ିଏ ବର୍ଷର କିଶୋର ପ୍ରାଣରେ ଧରା ଓ ଧାରାର ଅଞ୍ଜନ କିଏ ପିନ୍ଧାଇଥିଲା କେଜାଣି। କଇଁ କଇଁ ହୋଇ ଅଶ୍ରୁ ଢାଳୁଥିବା ସେ ପ୍ରାଣର ନିବେଦନକୁ ବେଶ୍ ପ୍ରତ୍ୟକ୍ଷ କରିହୁଏ, ତାରିଖ ନିର୍ଦ୍ଦିଷ୍ଟ ହୋଇଥିବା ସେ କବିତାଗୁଡ଼ିକରୁ । ଏକଶହରୁ ବେଶି ହେବ ସେ କବିତାଗୁଡ଼ିକର ସଂଖ୍ୟା। ଗୋଟିଏ କବିତା ଖାତାର ସମୟକାଳ ୧୯୪୩ ମସିହା। ଜେଲ୍ ଅଧୀକ୍ଷକ ତହିଁରେ ସ୍ୱାକ୍ଷର କରି ପୃଷ୍ଠାର ନିର୍ଦ୍ଧାରଣ କରିଛନ୍ତି କାରାଗାରର ନିୟମ ଅନୁସାରେ।

ସ୍ୱାଧୀନତା ସଂଗ୍ରାମରେ ନିଜକୁ ଭାଗୀଦାରି କରାଇବା ନ ଥିଲା କେବେହେଲେ ଉନ୍ମାଦନା। ଥିଲା ଜୀବନର ଏକ ପୂର୍ଣ୍ଣ ନିଷ୍ପତ୍ତି। ସେହି ନିଷ୍ପତ୍ତି ଦେଶକୁ ଗଢ଼ିବାର ଏକ ସକରୁଣ ଆଖି ଦେଇଥିଲା, ବ୍ୟାକୁଳତା ବି ଆଣିଦେଇଥିଲା।

ମହାତ୍ମା ଗାନ୍ଧୀଙ୍କ ରଚନାତ୍ମକ କାର୍ଯ୍ୟଧାରା, ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଶାନ୍ତିନିକେତନର ବ୍ୟାପ୍ତି ଓ ଗଭୀରତା ଯୁବକ ଚିତ୍ତରଞ୍ଜନଙ୍କୁ ସେତେବେଳେ ବହୁଭାବରେ ପାଗ କରି ଆଣିଥିଲା। ଦେଶକୁ ଦେଖିବା ସହ ସଂସାରକୁ ବୁଝିବାରେ ସେ ଅନ୍ୟ ଏକ ବାସନାର ବ୍ରତୀ ହୋଇଥିଲେ। ଏହି ବାସନା ସହ ୟୁରୋପର ଭ୍ରମଣ ଏବଂ ଅଧ୍ୟୟନ, ସାମାଜିକ, ଆଧ୍ୟାତ୍ମିକ ବ୍ୟବସ୍ଥା ଚିତ୍ତରଞ୍ଜନଙ୍କ ଚିତ୍ତକୁ ଅନେକ ପୁଞ୍ଜି ଆଣିଦେଇଥିଲା। ସେତେବେଳକୁ ସେ ନିଷ୍ପତ୍ତି ଘେନିଥିଲେ ଶିକ୍ଷକର ଜୀବନକୁ ଆପଣେଇବା ପାଇଁ। ତେଣୁ ୟୁରୋପ ଗସ୍ତ ସମୟରେ ଭାରତର ପ୍ରଧାନମନ୍ତ୍ରୀ ଯୁବକ ଚିତ୍ତରଞ୍ଜନଙ୍କ ଯେଉଁ ସୁଖ୍ୟାତି ବିଷୟରେ ଅବଗତ ହୋଇଥିଲେ, ତାହାକୁ କାର୍ଯ୍ୟକାରୀ କରିବା ଲାଗି ସଙ୍ଗେ ସଙ୍ଗେ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବାଧିକାରୀ ଜଗଦ୍‌ବନ୍ଧୁ ମହାପାତ୍ରଙ୍କୁ ବିଶେଷଭାବେ ପଠାଇଥିଲେ ରାଷ୍ଟ୍ରଦୂତ ପଦବୀ ଗ୍ରହଣ ଲାଗି। ଥରେ ନୁହେଁ ଦୁଇ ଦୁଇ ଥର ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ଚିଠି ନେଇ ଆସିଲେ ଜଗଦ୍‌ବନ୍ଧୁ ମହାପାତ୍ର ଏବଂ ଫେରିଗଲେ ଶୂନ୍ୟ ହସ୍ତରେ। ଉତ୍ତର ଥିଲା, 'ମୁଁ ଜଣେ ଶିକ୍ଷକ ହେବାକୁ ସ୍ଥିର କରିସାରିଛି।' ସେହି ସୂତ୍ରରେ ଜୀବନ-ବିଦ୍ୟାଳୟର ପ୍ରତିଷ୍ଠା (୧୯୫୪) ଥିଲା ତାଙ୍କ ସ୍ୱପ୍ନ ସାକାର ହେବାର ଉଷାକାଳ। ମାତ୍ର ଓଡ଼ିଶାରେ ଆସ୍ଥାନ କାହିଁ। ଜୀବନ ବିଦ୍ୟାଳୟର ସ୍ମୃତି ସାରା ଜୀବନ ଆପ୍ଲୁତ କରିଥିଲା ଶିକ୍ଷକ ଚିତ୍ତରଞ୍ଜନଙ୍କୁ। ଜୀବନ-ବିଦ୍ୟାଳୟ, ଆଗ୍ରା-ଗ୍ରାମୀଣ ବିଶ୍ୱବିଦ୍ୟାଳୟ, ପୂର୍ଣ୍ଣାଙ୍ଗ ଶିକ୍ଷା ଆନ୍ଦୋଳନ, ବିଦେଶକୁ ପରିଦର୍ଶକ ଅଧ୍ୟାପକ ଜୀବନ (ପଶ୍ଚିମ ଜର୍ମାନୀ) ଏସବୁ ଅନନ୍ୟ ଚିତ୍ତରଞ୍ଜନଙ୍କ ଜୀବନର ଅଲିଭା ଦାଗଭଳି। ଆଉ ଏକ ଦୃଷ୍ଟିରେ ତାଙ୍କୁ ଅନାଉଥିବା ପ୍ରତ୍ୟେକ ସତୀର୍ଥଙ୍କର ଏହା ଏକ ଅବଶ୍ୟ ଆଲୋଚ୍ୟ ବିଷୟ। ଦେଶ ସ୍ୱାଧୀନତାକୁ ଆହ୍ୱାନ ରୂପେ ଗ୍ରହଣ କରିଥିବା ଚିତ୍ତରଞ୍ଜନଙ୍କ ଦେହ ଓ ମନ କେବେହେଲେ ସ୍ୱୀକାର କରୁ ନ ଥିଲା ରାଜନୀତିକ ଓ ପ୍ରଶାସନିକ ଅଙ୍କୁଶର ଅଧୀନ ହେବା ପାଇଁ। ସମ୍ମାନନୀୟ ସୁରେନ୍ଦ୍ରନାଥ ଦ୍ୱିବେଦୀ ରାଜ୍ୟପାଳ ପଦବୀ ଅଳଙ୍କୃତ କରିବା ପରେ ଦିନେ ସାକ୍ଷାତ୍ କରିବାର ଅବସରରେ ପହଞ୍ଚନ୍ତି ବିଶ୍ୱନୀଡ଼ମ୍‌ରେ। ରାଜ୍ୟପାଳଙ୍କ ପାଇଁ ବିଧି-ବ୍ୟବସ୍ଥାକୁ ସେ ଦୂରରେ ଛାଡ଼ି ପହଞ୍ଚିଥିଲେ ଅଗ୍ନି ସ୍ଫୁଲିଙ୍ଗ ଚିତ୍ତରଞ୍ଜନଙ୍କ ନିକଟରେ ଏବଂ ଯାହା ହେବାର ଥିଲା ତାହା ହିଁ ଘଟିଥିଲା। ନିଜର ଖେଦ, ଅସନ୍ତୋଷ ଖୁବ୍ ଆଚ୍ଛା ଆଚ୍ଛା ପ୍ରକାଶ ଚିତ୍ତରଞ୍ଜନଙ୍କ କଣ୍ଠରେ ସେଦିନ ସକ୍ରିୟ ହୋଇଉଠିଥିଲା। ସେଥିପାଇଁ ଯବନର ଜୀବନରେ ଠୋ ଠୋ ହୋଇ ହସିପାରୁଥିଲେ ଚିତ୍ତରଞ୍ଜନ।

ମୌଳିକ ରଚନା, ଅନୁବାଦ ସାହିତ୍ୟ, ଡାଏରୀ, କବିତା ଆଦି ବିଭିନ୍ନ ଦିଗକୁ ସ୍ୱର୍ଶ କରି ଚିତ୍ତରଞ୍ଜନଙ୍କ ରଚନା ହାରାହାରି ୨୪୦ ଖଣ୍ଡରୁ ଆହୁରି ବେଶି ହେବ। ମଗ୍ନ ମଣିଷର ବ୍ୟଥା ଓ ବ୍ୟଞ୍ଜନାକୁ ନେଇ ଭରପୂର ତାଙ୍କର ବିଶ୍ଲେଷଣ ଓ ଆଲୋଚନା, କାହା ସହ ତୁଳନା କଲେ ନିରାଶ ହେବାକୁ ପଡ଼େ, ମାତ୍ର ନିଜକୁ ନିଜ ପାପୁଲି ଉପରେ ଦେଖିବାର ସାହସ ଜୁଟାଇ ଆଣେ ସେସବୁ ଲେଖା। ହାଣ୍ଡିକୁ ଟିଙ୍ଘା ମାରି ତାହାର ନିଦାପଣ ଦେଖିଲା ପରି ଚିତ୍ତରଞ୍ଜନଙ୍କ ଲେଖାର ନିଦାପଣ ଆମ ଅନେକଙ୍କ ପାଖ ମାଡ଼େ ନାହିଁ, ମାତ୍ର ହାତରେ ପଡ଼ିବା ତ ଦୂରର କଥା। ଜଣାପଡ଼େ ସେ ଚାଲିଛନ୍ତି ଆଗେ ଆଗେ ଶିଳାତୀର୍ଥର ସନ୍ଧାନରେ, ମୁଁ ଚାଲିଛି ଆତ୍ମାଭିଭୂତ ହୋଇ ସେ ଯାତ୍ରା ପଥରେ। ତେଣୁ କେବଳ ଓଡ଼ିଆ ସାହିତ୍ୟର ପରାକାଷ୍ଠା ଭିତରେ ତାଙ୍କୁ ଅସ୍ମିତା ଦେବା କେବଳ ଅନ୍ୟାୟ ହେବନାହିଁ ଅଯଥାର୍ଥ ହିଁ ହେବ। କାରଣ ତାଙ୍କ ଜୀବନ-ଉତ୍ତରତାର ଚର୍ଯ୍ୟା ପଦ୍ୟଥିଲା, ନିୟତ ହୋଇ ଉଠିବାରେ, ସାଙ୍ଗଟିଏ ହୋଇ କଥା ଦେବାରେ, କଥା ରଖିବାରେ, କଥା ଶୁଣିବାରେ ଏବଂ ସେହି କଥାକୁ ଗୋଟି ଗୋଟି କରି ଲେଖିଦେବାରେ। କେବଳ ଓଡ଼ିଶା ଭିତରେ କି ଓଡ଼ିଶା ବାହାରେ ନୁହେଁ, ସଂସାର ବୋଲି ଯାହା ବୁଝାପଡ଼େ, ଚିତ୍ତରଞ୍ଜନ ଅନେକଙ୍କ ନିକଟକୁ ଚିଠି ଲେଖିଛନ୍ତି। ହିମାଳୟର ହାଟ କଲ୍ୟାଣୀ ଗାଁ ଠିକଣାର ପ୍ରାପ୍ତି ପ୍ରିୟ ଛାତ୍ର ସଦନଙ୍କୁ କିମ୍ବା ନାଗପୁରର ରମେଶ ଘୋଡ଼େ କିମ୍ବା ମାନପୁରର ଶଶିଭୂଷଣଙ୍କୁ। ସେ ସବୁଚିଠିର ମହନୀୟତା ଓ ଔଜ୍ଜ୍ୱଲ୍ୟ ଆଜି ଅନେକଙ୍କ ନିକଟରେ ସୁରକ୍ଷିତ ଏବଂ ସମ୍ମାନସ୍ପଦ ଭାବରେ ସଂରକ୍ଷିତ।

ଦିନ ଚାଲିଯାଏ। ଚିହ୍ନ ରହିଯାଏ। ସାରା ସଂସାର ନିମନ୍ତେ ପ୍ରାର୍ଥନା ପରି ଉକୁଟି ଉଠୁଥିବା ପ୍ରିୟ ଚିତ୍ତଭାଇଙ୍କ ନିକଟରେ ଆମ ସମସ୍ତଙ୍କର ପ୍ରଣାମ।

ବିଷମ କଟକ, ରାୟଗଡ଼,
ମୋ: ୮୨୪୯୬୫୭୭୭୮

# ଜାତୀୟ ସଂହତିର ଉତ୍ସବ ଦୀପାବଳି



ବିମଳ ପ୍ରସନ୍ନ ଦାସ

ଆନନ୍ଦ ଓ ଆଲୋକର ଉତ୍ସବ ଦୀପାବଳିର ଆଦର୍ଶ ଓ ଆବେଦନ ଯେତିକି ଗୁରୁତ୍ୱପୂର୍ଣ୍ଣ, ସେତିକି ଗରିମାମୟ। ପ୍ରଥମତଃ ଭାରତୀୟ ଜନମାନସରେ ଦୀପଦାନ ଏକ ପରମ ପୁଣ୍ୟ ପ୍ରଥା ଭାବରେ ସ୍ୱୀକୃତ ହୋଇଛି। ହିନ୍ଦୁ, ଖ୍ରୀଷ୍ଟିଆନ୍, ଶୈବ, ଶାକ୍ତ, ବୌଦ୍ଧ, ଜୈନ ଧର୍ମାବଲମ୍ବୀମାନେ ପ୍ରଦୀପ ପ୍ରଜ୍ୱଳନକୁ ଏକ ମଙ୍ଗଳମୟ କାର୍ଯ୍ୟ ବୋଲି ଗ୍ରହଣ କରିଛନ୍ତି। ମଣିଷକୁ ଏକ ବିକାଶଶୀଳ ଅଭୀପ୍ସାପରାୟଣ ଆତ୍ମା ଭାବରେ ମହାଯୋଗୀ ଶ୍ରୀଅରବିନ୍ଦ ତାଙ୍କ 'ଦିବ୍ୟ ଜୀବନ' ଗ୍ରନ୍ଥରେ ପ୍ରତିପାଦିତ କରିଛନ୍ତି। ମାନବାତ୍ମା ଅହରହ ପ୍ରାର୍ଥନା କରିଛି ଅନ୍ଧକାରରୁ ଆଲୋକ ଅଭିମୁଖେ ଅଗ୍ରସର ହେବା ପାଇଁ। ମୃତ୍ୟୁରୁ ଅମୃତ, ତା'ର ଏକ ବ୍ୟାକୁଳ ତଥା ଅନାହତ ଏବଂ ଆକୁଳତାମୟ ଅଭୀପ୍ସା। ଅନ୍ଧକାର ତା' ପାଇଁ ମୃତ୍ୟୁର ପ୍ରତୀକ। ଭୂତ, ପ୍ରେତ ପ୍ରଭୃତି ଅନିଷ୍ଟକାରୀ ଶକ୍ତିଙ୍କୁ ଭୟ କରୁଥିବା ଆଦିମ ମଣିଷ ସେମାନଙ୍କ ଦାଉରୁ ରକ୍ଷା କରିବା ପାଇଁ ହୁଏତ ଆଲୋକ ଜଣାଇଥିଲା। ଏହିଠାରୁ ହୁଏତ ଦୀପାବଳିର ଅୟମାରମ୍ଭ ବୋଲି କେହି କେହି ଅନୁମାନ କରନ୍ତି।

ହିନ୍ଦୁ ମହାକାବ୍ୟ ମହାଭାରତ ଅନୁସାରେ, ଦୀପ ଜଳାଇ ମଣିଷ ତେଜସ୍ୱୀ ଓ ଉଚ୍ଚାକାଂକ୍ଷୀ ହୁଏ। ଅନ୍ଧକାରାଚ୍ଛନ୍ନ ଯମଲୋକରୁ ନିଜ ପିତୃପୁରୁଷଙ୍କୁ ଆଲୋକର ରାଜ୍ୟ ଧର୍ମଲୋକକୁ ଫେରାଇ ଆଣିବାକୁ ଜୀବିତ ଲୋକମାନେ ନାନା ପ୍ରକାରର ଆଲୋକ ପ୍ରଜ୍ୱଳନର ବ୍ୟବସ୍ଥା କରିଥା'ନ୍ତି। ଦେବାଲୋକ ସହିତ ସମ୍ପର୍କ ଓ ସୌହାର୍ଦ୍ଦ୍ୟ ସୃଷ୍ଟି ପାଇଁ ଘର ଓ ଦେବପୀଠମାନଙ୍କରେ ଦୀପ ଜଳାଯାଏ।

ଅନ୍ୟତମ ମହାକାବ୍ୟ ରାମାୟଣ ଅନୁସାରେ ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର ପିତୃସତ୍ୟ ପାଳନ ପୂର୍ବକ ଚଉଦବର୍ଷ ବନବାସ ଓ ରାବଣର ନିଧନ କରି ଅଯୋଧ୍ୟା ଫେରିବା ପରେ ଆନନ୍ଦ ଓ ଉଲ୍ଲାସରେ ଅଯୋଧ୍ୟାବାସୀ ଦୀପାବଳିର ଆଲୋକମୟ ଲଗ୍ନରେ ତାଙ୍କର ମହାଭିଷେକ ପର୍ବ ପାଳନ କରିଥିଲେ। ଅନ୍ୟ ମତରେ ଏହି ତିଥିରେ ସୃଷ୍ଟିକର୍ତ୍ତା ବିଷ୍ଣୁଙ୍କ ସହ ଅନ୍ନପୂର୍ଣ୍ଣା ମା' ମହାଲକ୍ଷ୍ମୀଙ୍କର ବିବାହ ସମ୍ପନ୍ନ ହୋଇଥିଲା। କାଳିକା ପୁରାଣ ଅନୁଯାୟୀ, ଏହିତିଥିରେ ମା' କାଳୀଙ୍କ ସଂହାରମୂର୍ତ୍ତିକୁ ନିଜେ ଶିବ ହିଁ ଶାନ୍ତ କରି ଜଗତର ମଙ୍ଗଳ କହିଥିଲେ। ସୁତରାଂ ଏହା ଉଭୟ ମା' ଲକ୍ଷ୍ମୀ ଓ କାଳୀଙ୍କ ଆରାଧନା ତଥା ଆବାହନର ଉଜ୍ଜ୍ୱଳ ସ୍ମାରକୀ ବହନ କରେ। ଆଜି ଘରେ ଘରେ ଦେବୀଙ୍କର ଆହ୍ୱାନ ଓ ଅର୍ଚ୍ଚନା ତା'ର ପ୍ରତୀକାତ୍ମକ ଅଭିବ୍ୟକ୍ତି।

ଏ ଦେଶର ଇତିହାସ ଦୀପାବଳିର ଐତିହ୍ୟରେ ମୁଖରିତ। ସମ୍ରାଟ୍ ହର୍ଷବର୍ଦ୍ଧନଙ୍କ 'ନାଗନମ' ନାଟକ ଐତିହାସିକ ଆବୁଲ ଫଜଲଙ୍କ 'ଆଇନ-ଇ-ଆକ୍‌ବରୀ' ଦୀପାବଳିର ମହିମାମୟ ଗରିମା ଲିପିବଦ୍ଧ କରିଛି। ସମ୍ରାଟ୍ ଆକବର ନିଜେ ଦୀପଦାନ ପାଳନ କରିଥିବା ଘଟଣାର ଅବତାରଣା ଆଜି ସାମ୍ପ୍ରଦାୟିକତାର ସଂଘର୍ଷରେ ଶାନ୍ତ, କ୍ଳାନ୍ତ ଭାରତୀୟଙ୍କ ପାଇଁ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ବରୋଦା ସଂଗ୍ରହାଳୟରେ ସଂରକ୍ଷିତ ଅଛି ବାଦ୍‌ଶାହ ଆକବରଙ୍କର ଏ ପ୍ରଦୀପ ଜାତୀୟ ସଂହତିର ଅମ୍ଳାନ ସ୍ମାରକୀ। ଜାତି, ବର୍ଣ୍ଣ, ଧର୍ମ, ସଂସ୍କୃତି ଓ ସଭ୍ୟତା ନିର୍ବିଶେଷରେ ଦୀପାବଳି ଉତ୍ସବ ଏକ ସାର୍ବଜନୀନ ସର୍ବଭାରତୀୟ ଉତ୍ସବ। ଭାରତ ଭ୍ରମଣରେ ଆସିଥିବା ୟୁରୋପୀୟ ପରିବ୍ରାଜକମାନେ ମଧ୍ୟ ଦୀପଦାନ ଉତ୍ସବର ଅନ୍ତର୍ନିହିତ ମାନସିକତାର ଭୂୟସୀ ପ୍ରଶଂସା କରିଛନ୍ତି। ପ୍ରଦୀପର ବ୍ୟବହାର ଯେତିକି ନବୀନ, ସେତିକି ପ୍ରାଚୀନ। ରାଜା ଭୃହରିଙ୍କଠାରୁ ମହାକବି କାଳିଦାସଙ୍କ ପର୍ଯ୍ୟନ୍ତ ସମସ୍ତେ ଦୀପାବଳି ସମ୍ପର୍କରେ ନିଜ ସୃଷ୍ଟି ଭିତରେ ଉଲ୍ଲେଖ କରିଛନ୍ତି। ବହୁ ପ୍ରାଚୀନ ସ୍ଥାପତ୍ୟ ଓ ପ୍ରତ୍ନତାତ୍ତ୍ୱିକ କୃତିରେ ପ୍ରଦୀପର ଚିତ୍ର ଦୀପାବଳିକୁ ମହିମାନ୍ୱିତ କରିଛି।

ଦୀପାବଳିର ଧର୍ମଧାରା ଆଜି ଭାରତର ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ରୂପରେ ଓ ରଙ୍ଗରେ ଅନୁଭୂତ। ଆମ ରାଜ୍ୟରେ ପୟାଶ୍ରାଦ୍ଧ, ପିଣ୍ଡଦାନ ଓ ଗୋବର୍ଦ୍ଧନ ଉତ୍ସବ ଭାବରେ ଏହା ପାଳିତ ହେଲାବେଳେ ସମଗ୍ର ଦକ୍ଷିଣ ଭାରତରେ ଏହି ପର୍ବ 'ନରକ ଚତୁର୍ଦ୍ଦଶୀ'' ଭାବେ ପାଳିତ ହୁଏ। ଯେଉଁ ନାରକାସୁର ଷୋଳହଜାର ରମଣୀଙ୍କୁ ବନ୍ଦୀ କରି ରଖିଥିଲା, ସେ ଅତ୍ୟାଚାରୀ ରାକ୍ଷସକୁ ଶ୍ରୀକୃଷ୍ଣ ଏହି ଦିନ ହତ୍ୟାକରି ବନ୍ଦିନୀମାନଙ୍କୁ ଉଦ୍ଧାର କରିଥିଲେ ବୋଲି ବିଶ୍ୱାସ କରାଯାଏ। ସେହିପରି ଆନ୍ଧ୍ରପ୍ରଦେଶରେ ଦୀପାବଳି ତିଥିରେ ସର୍ପମାନଙ୍କର ପୂଜା କରାଯାଉଥିବାବେଳେ କେରଳର ଅଧିବାସୀମାନେ ପ୍ରଦୀପ ପ୍ରଜ୍ୱଳନ ଭିତରେ ଏହି ଆଲୋକର ଉତ୍ସବକୁ ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି। ରାଜସ୍ଥାନର ଲୋକେ ଏହି ତିଥିକୁ ମହାରାଜା ବିକ୍ରମାଦିତ୍ୟଙ୍କର ଅଭିଷେକ ଉତ୍ସବର ସ୍ମାରକୀ ଭାବରେ ପାଳନ କଲାବେଳେ, ମହାରାଷ୍ଟ୍ରରେ ମହାଦାନୀ ରାଜା ବଳିଙ୍କର ପୂଜା କରାଯାଏ। ପ୍ରଜାନୁରଞ୍ଜନ ରାଜା ବଳିଙ୍କ ପ୍ରତି ଭଗବାନ ବିଷ୍ଣୁଙ୍କର ବିଚାରକୁ ଦେବତାମାନେ ପରବର୍ତ୍ତୀ ସମୟରେ ଅବିଚାର ବୋଲି ବିବେଚନା କରି ଗୋଟିଏ ଦିନ ପାଇଁ ତାଙ୍କୁ ତାଙ୍କର ରାଜ୍ୟକୁ ଏହି ତିଥିରେ ଆଣିଥିଲେ ବୋଲି ମଧ୍ୟ ଏମାନେ ବିଶ୍ୱାସ କରନ୍ତି। ଦୀପାବଳି ଉତ୍ସବ ଉତ୍କଳର ଅତୀତ ନୌବାଣିଜ୍ୟର ସ୍ମୃତି ମୁରୁଜ ମାଧ୍ୟମରେ ବହନ କଲାପରି, ଗୁଜରାଟର ବ୍ୟବସାୟୀମାନେ ଏହି ଶୁଭଲଗ୍ନରେ ସେମାନେ ବ୍ୟବସାୟିକ ନୂତନ ଉଦ୍ୟମର ଶୁଭାରମ୍ଭ କରନ୍ତି। ପଞ୍ଜାବରେ ଦୀପାବଳି ଉତ୍ସବ ବହୁ ଆଡ଼ମ୍ବରରେ ପାଳିତ ହୁଏ। ସ୍ୱର୍ଣ୍ଣମନ୍ଦିର ଏକମାସ ଧରି ବିଭିନ୍ନ ବର୍ଣ୍ଣାଢ଼୍ୟ ଆଲୋକରେ ବିଭୂଷିତ ହୁଏ। ଉଭୟ ମହାଲକ୍ଷ୍ମୀ ଓ ସିଦ୍ଧିଦାତା ଗଣେଶଙ୍କର ଆରାଧନା କରାଯାଏ। ମୋଗଲ ସମ୍ରାଟ୍ ଜାହାଙ୍ଗୀର ଶିଖ୍‌ମାନଙ୍କର ଷଷ୍ଠଗୁରୁ ବନ୍ଦୀ ହରଗୋବିନ୍ଦ ସିଂହଙ୍କୁ ଦୀପାବଳି ତିଥିରେ ଗୋଆଲିଅର ଦୁର୍ଗରୁ ମୁକ୍ତ କରିଥିଲେ। ସେଥିପାଇଁ ପଞ୍ଜାବୀମାନଙ୍କ ନିମନ୍ତେ ଏହି ଉତ୍ସବ ଯେତିକି ଐତିହାସିକ, ସେତିକି ଐତିହ୍ୟପୂର୍ଣ୍ଣ।

ବୌଦ୍ଧ ଧର୍ମାବଲମ୍ବୀମାନେ ଏହି ଦିନଟିକୁ ତଥାଗତ ଶିଷ୍ୟଙ୍କର ପରିନିର୍ବାଣ ଭାବରେ ପାଳନ କଲାବେଳେ, ଜୈନମାନେ ସେମାନଙ୍କର ୨୪ତମ ତୀର୍ଥଙ୍କର ମହାବୀରଙ୍କ ପରିନିର୍ବାଣ ଭାବରେ ପାଳନ କରନ୍ତି। ସୁତରାଂ ଦୀପାବଳି ଯେପରି ଉଭୟ ତତ୍ତ୍ୱର ଜ୍ଞାନାଲୋକର ପ୍ରତୀକ।

ଏହି ଦୃଷ୍ଟିରୁ ଦୀପାବଳି ଯଥାର୍ଥରେ ଜାତୀୟ ସଂହତିର ସ୍ମାରକୀ କହିଲେ ଅତ୍ୟୁକ୍ତି ହେବନାହିଁ। ଏକ ବିରଳ ପର୍ବ ଯାହା ଶାନ୍ତି, ସଂହତି, ସଦିଚ୍ଛାର ବାର୍ତ୍ତା ବହନ କରେ। ମହାଯୋଗୀ ଶ୍ରୀଅରବିନ୍ଦ ତାଙ୍କ 'ଦିବ୍ୟ ଜୀବନ' ଗ୍ରନ୍ଥରେ ସଂହତି ଉପରେ ବିଶେଷ ଗୁରୁତ୍ୱ ଆରୋପ କରି କହିଛନ୍ତି: 'ସଂହତି ହିଁ ଆଜି ମାନବ ଜୀବନ ତଥା ସମାଜର ସମସ୍ୟା'। ଅନୁରୂପ ଭାବରେ ଦିବ୍ୟ ଜନନୀଙ୍କ ଅନୁପମ ଭକ୍ତି ହୋଇଛି। ''ଯାହା ସଂହତି ଦିଗରେ ଆଗେଇ ନିଏ, ତାହାହିଁ ମତେ ସନ୍ତୁଷ୍ଟ କରେ।''

ସଦିଚ୍ଛା ଓ ସଂହତିର ଦୁର୍ଭିକ୍ଷ ଆଜିର ଅର୍ଥ ଓ ସ୍ୱାର୍ଥସର୍ବସ୍ୱ ସମାଜ ଓ ଜୀବନକୁ ଚରମ ଅମାନୁଷିକତା ଆଡ଼କୁ ଠେଲି ନେଉଥିବାବେଳେ ମହାଯୋଗୀ ଶ୍ରୀଅରବିନ୍ଦ ଓ ଦିବ୍ୟ ଜନନୀ ଶ୍ରୀମା'ଙ୍କ ପବିତ୍ର ବାର୍ତ୍ତା ମଣିଷ ଜାତିକୁ ଅତିମାନସିକତାରେ ଅଭିମନ୍ତ୍ରିତ କରୁ ଏବଂ ଦୀପାବଳିର ଆନନ୍ଦମୟ ଆଲୋକ ତାକୁ ଅମୃତାୟନର ଦିବ୍ୟସ୍ପର୍ଶ ଦେଉ- ଏତିକି ପ୍ରାର୍ଥନା।

ମୋ: ୯୪୩୮୧୮୬୨୨୬

## ଏଇ ଭାରତରେ

ଛତିଶଗଡ଼କୁ ମାତା କୌଶଲ୍ୟାଙ୍କ ସହର କୁହାଯାଏ। ଏହା ମଧ୍ୟ ଭଗବାନ ଶ୍ରୀରାମଙ୍କ ଆଈଙ୍କ ଘର। ଶ୍ରୀରାମଙ୍କ ଆଈଙ୍କ ଘରେ ରାମଙ୍କ ଭକ୍ତ ପ୍ରଭୁ ହନୁମାନଙ୍କ ପାଇଁ ଏକ ନୋଟିସ ଜାରି କରାଯାଇଛି। ବଜରଙ୍ଗବାଲିଙ୍କୁ ଏହି ନୋଟିସ ରାୟଗଡ଼ ନଗର ନିଗମ ପକ୍ଷରୁ ପଠାଯାଇଛି। ୱାର୍ଡ ନମ୍ବର-୧୮ ଟିକରାପାରରେ ପ୍ରଭୁ ହନୁମାନଙ୍କ ମନ୍ଦିର ରହିଛି। ପ୍ରଶାସନ ପକ୍ଷରୁ ଜଳକର ନୋଟିସ ଜାରି କରାଯାଇ ପୈଠ ପାଇଁ ୧୫ ଦିନର ଅନୁଗ୍ରହ ଅବଧି ଦିଆଯାଇଛି। ଅଫିସକୁ ହନୁମାନଜୀଙ୍କୁ ଡକାଯାଇଛି। ଯଦି ସେ ଅଫିସକୁ ନ ଆସନ୍ତି ତେବେ ସର୍‌ଚାର୍ଜ ଆଦାୟ ପାଇଁ ଏକ ଚେତାବନୀ ଦିଆଯାଇଛି। ପ୍ରଭୁ ହନୁମାନଙ୍କୁ ନୋଟିସ ଜାରି ହୋଇଥିବା ଖବରକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ରାୟଗଡ଼ ମ୍ୟୁନିସିପାଲିଟି କର୍ପୋରେଶନ ବଜରଙ୍ଗବାଲିଙ୍କୁ ୪୦୦ଟଙ୍କାର ଜଳ କର ଶୀଘ୍ର ପୈଠ କରିବାକୁ କହିଛି। ମନ୍ଦିର ପ୍ରଶାସନ ପକ୍ଷରୁ କିଛି ବ୍ୟକ୍ତିଙ୍କ ନାମରେ ଏହି ନୋଟିସ ଜାରି କରାଯାଉଥିଲା, କିନ୍ତୁ ନିଗମର କର୍ମଚାରୀମାନେ ପ୍ରଭୁ ହନୁମାନଙ୍କୁ ସେମାନଙ୍କ ଗ୍ରାହକ ଭାବରେ ବିବେଚନା କରି ଏଭଳି କରିଛନ୍ତି। ଭୁଲ ଜଣାପଡ଼ିବା ପରେ କର୍ପୋରେଶନ ପ୍ରଶାସନ ନୋଟିସରେ ସଂଶୋଧନ କରିବାକୁ କହିଛି। କେବଳ ଏତିକି ନୁହେଁ, କିଛିଦିନ ତଳେ ରାୟଗଡ ଜିଲାର ଅତିରିକ୍ତ ତହସିଲଦାର ବିକ୍ରାନ୍ତ ସିଂ ଠାକୁର ଜମି ଜବରଦଖଲ ନେଇ ପ୍ରଭୁ ଶଙ୍କରଙ୍କ ସମେତ ୧୦ଜଣଙ୍କ ବିରୋଧରେ ନୋଟିସ ଜାରି କରିଥିଲେ। ଶୁଣାଣିରେ ହାଜର ନ ହେଲେ ୧୦ ହଜାର ଟଙ୍କାର ଜରିମାନା ଦଣ୍ଡାଦେଶ ଲାଗି ଚେତାବନୀ ଦିଆଯାଇଥିଲା। ଏନେଇ ବିବାଦ ସୃଷ୍ଟି ହେବା ପରେ ଜିଲା ପ୍ରଶାସନ ନିଜର ଭୁଲମାନି ଏହାକୁ ସୁଧାର କରିଥିଲା।

## ଚିରନ୍ତନୀ

ପୁରୁଷର ମନ ଘୃଣାରେ ଭରେ
ଦେଖି ସେ ଅଖି
ଛଳନା ତିଆଗି ଦେଖାଅ ତୋର
କି ଅଛି ବାକି।
-(ପ୍ରାଚୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବାଲିଯାତ୍ରାକୁ ଶୃଙ୍ଖଳିତ କରାଯାଉ

ମହାଶୟ,

କଟକ ବାଲିଯାତ୍ରାରେ ଜନସମାଗମକୁ ଦୃଷ୍ଟି ରଖି ଅପରାଧୀମାନଙ୍କ ଉପରେ କଡ଼ା ନଜର ରହୁ। ଏପରିକି ଲୁଟେରାମାନେ ଲୁଟ୍ କରି ସହଜରେ ଖସି ଯାଆନ୍ତି। ଏଥିରେ ନାବାଳକ-ନାବାଳିକା ସମ୍ପୃକ୍ତ ଥା'ନ୍ତି। ପ୍ରଶାସକ କଡ଼ା ପଦକ୍ଷେପ ସ୍ୱରୂପ ସିସିଟିଭି ଓ ସାଦାପୋଷାକରେ ଜଗିବା ଆବଶ୍ୟକ। ଯାହାଦ୍ୱାରା ବାଲିଯାତ୍ରା ସୁଶୃଙ୍ଖଳ ଓ ପ୍ରୀତିମୟ ହେବ। ପ୍ରତିଦିନ ଖାଦ୍ୟକୁ ଯାଞ୍ଚ କରି ସଦ୍ୟ ଖାଦ୍ୟ ଦେବାକୁ ପରାମର୍ଶ ଦିଆଯାଉ। ଅସାଧୁ ବ୍ୟବସାୟୀମାନେ ଲୋକଙ୍କୁ ଠକିପାରିବେ ନାହିଁ।

-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସପ୍ତମାତୃକା ଭଦ୍ରକାଳୀ

ସନାତନ ରାଉତ
ଭଦ୍ରକ ଅଫିସ,୨୩।୧୦

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ। ଭଦ୍ରକ ସହରଠାରୁ ୮ କି.ମି. ଦୂର ତଥା ସଦର ବ୍ଲକର ଖଣ୍ଡତରା ପଞ୍ଚାୟତ ଆହାରପଦାଠାରେ ରହିଛି ମା' ଭଦ୍ରକାଳୀଙ୍କ ପୀଠ। ଏଠାରେ ଥିବା ମନ୍ଦିରରେ ମା'ଙ୍କ ମୂର୍ତ୍ତି କଳା ଗ୍ରାନାଇଟ୍‌। ବିଶ୍ୱମାତା ରୂପେ ମା' ଭଦ୍ରକାଳୀ ପୂଜା ପାଇଆସୁଛନ୍ତି। ପ୍ରସିଦ୍ଧ କାଳୀପୂଜା ଭଦ୍ରକର ଗଣପର୍ବରେ ପରିଣତ ହୋଇଥିବା ବେଳେ ଏହି ସମୟରେ ଭଦ୍ରକାଳୀଙ୍କ ପୀଠରେ ହେଉଥିବା ପୂଜା ନିଆରା। ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ୭ଦିନ ବ୍ୟାପୀ ମହାଯଜ୍ଞ ଅନୁଷ୍ଠିତ ହୋଇଥାଏ। ୭ଦିନ ଧରି ସପ୍ତମାତୃକା ବେଶରେ ମା' ପୂଜା ପାଆନ୍ତି। ପ୍ରଥମଦିନ ବେଦମାତା, ଦ୍ୱିତୀୟଦିନ ମହାକାଳୀ, ତୃତୀୟଦିନ ରାଜରାଜେଶ୍ୱରୀ, ଚତୁର୍ଥ ଦିନ ସିଂହବାହିନୀ, ପଞ୍ଚମଦିନ ଜଗଦ୍ଧାତ୍ରୀ, ଷଷ୍ଠଦିନ ମହାସରସ୍ୱତୀ ଓ ସପ୍ତମ ଦିନରେ ମହାଲକ୍ଷ୍ମୀ ବେଶରେ ମା' ଦର୍ଶନ ଦେଇଥାନ୍ତି।


ମା' ଭଦ୍ରକାଳୀ।

ଚଳିତବର୍ଷ ଦ୍ୱିତୀୟ ଦିବସ ମଙ୍ଗଳବାର ସୂର୍ଯ୍ୟପରାଗ ଥିବାରୁ ସନ୍ଧ୍ୟା ପରେ ମା'ଙ୍କ ମହାସ୍ନାନ କରାଯାଇ ମହାକାଳୀ ବେଶ କରାଯିବ ବୋଲି ବରିଷ୍ଠ ପୂଜକ ରଘୁନାଥ ମହାପାତ୍ର କହିଛନ୍ତି।

କିମ୍ବଦନ୍ତୀ ଅନୁସାରେ ମୟୂରଭଞ୍ଜ ଜିଲାର ମେଘାସନ ପର୍ବତରେ ତାପସ ଋଷି ମା' ଙ୍କୁ ଧ୍ୟାନ କରୁଥିଲେ। ଋଷିଙ୍କ ଦେହାନ୍ତ ପରେ ତାଙ୍କୁ ବଞ୍ଚାଇବା ପାଇଁ ଶିଷ୍ୟ ଭଦ୍ରନାଥ ମା'ଙ୍କୁ ପ୍ରାର୍ଥନା କରିଥିଲେ। ମେଘାସନ ପର୍ବତରୁ ବାହାରିଥିବା ସାଳନ୍ଦୀ ନଦୀରେ ତାପସ ଋଷିଙ୍କ ମୃତଦେହକୁ ଭସାଇ ଦେବା ପାଇଁ ମା' ତାଙ୍କୁ ଶୂନ୍ୟବାଣୀ କରିଥିଲେ। ଯେଉଁ ସ୍ଥାନରେ ମୃତଦେହ ଲାଗିବ ସେଠାରେ ମନ୍ଦିର ପ୍ରତିଷ୍ଠା କରି ତାଙ୍କ ପୂଜାର୍ଚ୍ଚନା କରିବାକୁ କହିଥିଲେ। ସେହି ଅନୁଯାୟୀ ଭଦ୍ରନାଥ ଋଷିଙ୍କ ମୃତଦେହ ଭସାଇ ଦେବା ପରେ ଭଦ୍ରକ ଭୂୟାଁମହଲାଠାରେ ଲାଗିଥିଲା। ସେଠାରେ ସ୍ଥାନୀୟ ରାଜାଙ୍କ ସହାୟତାରେ ଭଦ୍ରନାଥ ମନ୍ଦିର ନିର୍ମାଣ କରି ମା'ଙ୍କୁ ପ୍ରତିଷ୍ଠା କରିଥିଲେ। ପରେ କଳାପାହାଡ଼ ଆକ୍ରମଣ ସମୟରେ ମା'ଙ୍କୁ ଆହାରପଦାକୁ ସ୍ଥାନାନ୍ତର କରାଯାଇଥିଲା। କଳାପାହାଡ଼ ଆକ୍ରମଣରେ ଭୂୟାଁମହଲାଠାରେ ଥିବା ମନ୍ଦିରଟି ଭାଙ୍ଗିଯାଇଥିଲା। ଏଣୁ ଆହାରପଦାଠାରେ ହିଁ ମା'ଙ୍କ ମୂର୍ତ୍ତି ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଥିଲା। ପରେ ଏହା ଭଦ୍ରକାଳୀ ପୀଠ ନାମରେ ପରିଚିତ। ମା'ଙ୍କ ଠାରେ ମାନସିକ କଲେ ତାହା ନିଶ୍ଚୟ ଫଳବତୀ ହୁଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି। ଏଥିପାଇଁ ମାନସିକଧାରୀମାନେ କାଳୀପୂଜାରେ କଳସ ସ୍ଥାପନ କରିଥାନ୍ତି।

## ଚେନ୍‌ରେ ବନ୍ଧା ସିଦ୍ଧକାଳୀ

କେନ୍ଦୁଝର,୨୩।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ବହୁ ପୁରାତନ ସିଦ୍ଧମଠଠାରେ ଥିବା ପ୍ରାୟ ୮୦୦ ବର୍ଷର ପୁରୁଣା ସିଦ୍ଧ କାଳୀ ପ୍ରତ୍ୟକ୍ଷ ଦେବୀ ଭାବରେ ପୂଜା ପାଇ ଆସୁଛନ୍ତି। ଏଠାରେ ବର୍ଷ ତମାମ ଭକ୍ତଙ୍କ ଭିଡ଼ ଜମୁଥିଲେ ହେଁ ବିଶେଷ କରି କାଳୀପୂଜା ସମୟରେ ଅଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଏଠାରେ ଯଥା ରୀତିନୀତିରେ ମା' କାଳୀଙ୍କ ଉପାସନା କରାଯାଇ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଏ। ପୂଜା ପାଉଥିବା ମା' କାଳୀଙ୍କ ସ୍ୱତନ୍ତ୍ରତା ରହିଛି। କାରଣ ଏଠାରେ ମା' ଚେନ୍‌ରେ ବନ୍ଧା ହୋଇ ପୂଜା ପାଇ ଆସୁଛନ୍ତି।

ଚୁଲିଆ ପାହାଡ଼ ପାଦ ଦେଶରେ ଥିବା ସିଦ୍ଧ ସାଧନର ଏହି ପୀଠରେ ରହିଛି ମା' କାଳୀଙ୍କ ମନ୍ଦିର। ଏହା ତନ୍ତ୍ର ସାଧନର ପୀଠ ଥିଲା। ବହୁ ସିଦ୍ଧ ସାଧୁମାନେ ଏଠାରେ ସାଧନା କରିବା ସହ ମନ୍ତ୍ରତନ୍ତ୍ର ବିଧିବ୍ୟବସ୍ଥାରେ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରୁଥିଲେ। ମା' କାଳୀଙ୍କ ପ୍ରସ୍ତର ମୂର୍ତ୍ତି ରହିଥିବା ବେଳେ ଏହି ପଥର ମାଟିର ବହୁ ତଳକୁ ପୋତି ହୋଇ ରହିଥିବା କୁହାଯାଏ। ମା'ଙ୍କ ଶରୀର କଙ୍କାଳ ସଦୃଶ ମୁଗୁନି ପଥରରେ ତିଆରି ହୋଇଥିବା ମନେ ହୁଏ। ମା' ହେଉଛନ୍ତି ଦଶ ଭୁଜା ଓ ପ୍ରତ୍ୟେକ ହାତରେ ବିଭିନ୍ନ ଅସ୍ତ୍ର, କଟା ମୁଣ୍ଡ ଆଦି ଧରିଥିବା ବେଳେ ବାମ ହାତର ଆଙ୍ଗୁଠିକୁ ପାଟିରେ କାମୁଡ଼ି ଥିବା ଦେଖିବାକୁ ମିଳେ। ଚେନ୍‌ରେ ବନ୍ଧା ହେବା ନେଇ ଯଦିଓ କୌଣସି ସ୍ୱତନ୍ତ୍ର କାରଣ ନାହିଁ ତେବେ ମା'ଙ୍କ ପ୍ରକୋପ ଏତେ ଥିଲା ଯେ, ଭକ୍ତଙ୍କ ସୁରକ୍ଷା ପାଇଁ ସେତେବେଳେ ତନ୍ତ୍ରମନ୍ତ୍ର ଦ୍ୱାରା ଚେନ୍‌ରେ ବନ୍ଧା ଯାଇ ପୂଜା କରାଯାଉଥିଲା ବୋଲି କୁହାଯାଏ। ଏଣୁ ଏବେ ମଧ୍ୟ ବହୁ ଭକ୍ତ ଭୟରେ ମନ୍ଦିର ଭିତରକୁ ପ୍ରବେଶ କରି ପୂଜା କରନ୍ତି ନାହିଁ। ମନ୍ଦିର ପାର୍ଶ୍ୱରେ ଥିବା ଏକ ଝରକାରେ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥାନ୍ତି। ଏଠାରେ କାଳିପୂଜାରେ ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ। ଯଜ୍ଞ, ଚଣ୍ଡୀପାଠ ବିଳମ୍ବିତ ରାତି ପର୍ଯ୍ୟନ୍ତ ନୈଷ୍ଠିକତାର ସହ କରାଯାଇଥାଏ। ଏଠାରେ ଥିବା ଶିବ ମହାକାଳ ବା କାଳେଶ୍ୱର ଭାବରେ ପୂଜାପାଇ ଆସୁଛନ୍ତି ବୋଲି କାଳୀ ପୂଜକ ସଞ୍ଜୟ ତ୍ରିପାଠୀ କହିଛନ୍ତି। ପୀଠରେ ଭଗବାନ ଶିବ କ୍ଷମତାହୀନ। ମା' କାଳୀ ଏଠାରେ କ୍ଷମତା ସମ୍ପନ୍ନ ବୋଲି ଲୋକ ବିଶ୍ୱାସ କରି ପୂଜା କରିଥାନ୍ତି।


ଚେନ୍‌ରେ ବନ୍ଧା ମା'।

# ଭାରତୀୟ ପରମ୍ପରାରେ ଦୀପାବଳି



ଆମ ଦେଶ ଭାରତ ସାରା ଜଗତରେ ଦେବଭୂମି ରୂପେ କଥିତ। ବିଶ୍ୱକୁ ଆଧ୍ୟାତ୍ମିକ ଆଲୋକରେ ପ୍ରତିଭାତ କରୁଥିବା ଭାରତ ଅନେକ ପର୍ବପର୍ବାଣିର ଲୀଳାଭୂମି। ତନ୍ମଧ୍ୟରୁ ଦୀପାବଳି ଉତ୍ସବର ମହତ୍ତ୍ୱ ସର୍ବୋଚ୍ଚ ଓ ପ୍ରଧାନ। କଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଏହି ଉତ୍ସବକୁ ଆମ ହିନ୍ଦୁମାନେ ବହୁ ଆଡ଼ମ୍ବର ସହକାରେ ପାଳନ କରିଥାଆନ୍ତି। ସ୍ଥାନ ଭେଦରେ ଏହାକୁ ଦିୱାଲି ବା ଦିଆଲି କୁହାଯାଏ। ଦୀପ+ଆବଳି ଅର୍ଥାତ୍‌ ଦୀପାବଳିକୁ ଆମ ଓଡ଼ିଶାର ଗାଁ ଗଣ୍ଡାରେ କହନ୍ତି ପିମ୍ପେଇ ଅମାବାସ୍ୟା। ଏହା ଭଲ ଉପରେ ମନ୍ଦର ଓ ପଶୁବଳ ଉପରେ ଆତ୍ମବଳର ବିଜୟ ପର୍ବ, ଆଲୋକର ଉତ୍ସବ ଦୀପାବଳି ଅନ୍ଧାର ଉପରେ ଆଲୋକର ବିଜୟ ରୂପେ ପରିଚିତ। ସେଥିପାଇଁ ବୋଲାଯାଏ:

ଅସତୋ ମା ସଦ୍‌ଗମୟ ତମସୋ ମା ଜ୍ୟୋତିର୍ଗମୟ ମୃତ୍ୟୋର୍ମା ଅମୃତଂ ଗମୟ।

ଦୀପ ଓ ଆବଳି ମିଶି ଦୀପାବଳି ସୃଷ୍ଟି। ଆବଳିର ଅର୍ଥ ସମୂହ। ଦୀପ ସମୂହର ପ୍ରଜ୍ୱଳନ ବା କାଉଁରିଆ କାଠି ଜାଳିବା, ମହମବତି ଜାଳି ଲୋକମାନେ କହିଥା'ନ୍ତି

ବଡ଼ବଡୁଆ ହୋ ଅନ୍ଧାରରେ ଆସି ଆଲୁଅରେ ଯାଅ,

ଗଙ୍ଗା ଯାଅ, ଗୟା ଯାଅ, କାଶୀ ଯାଅ, ମଥୁରା ଯାଅ

ପୁରୁଷୋତ୍ତମରେ ମହାପ୍ରସାଦ ଖାଇ ବାଇଶି ପାହାଚରେ ଗଡ଼ଗଡ଼ଉ ଥାଅ।

ଏଣୁ ଏହି ପରିପ୍ରେକ୍ଷୀରେ ଉକ୍ତ ଦିନ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଏ। ପିତୃଲୋକଙ୍କର ସନ୍ତୋଷ ତଥା ନିଜର ଶାରୀରିକ ଓ ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ ଦୀପଦାନ କରି ମଧ୍ୟ ଗାଇଥା'ନ୍ତି: ପିତୃଲୋକଂ ପରିତ୍ୟଜ୍ୟ ଆଗତେ ଯେ ମହାଳୟେ ଉଜ୍ଜ୍ୱଳଂ ଜ୍ୟୋତିଷଂ ମାର୍ଗ ପ୍ରପଶ୍ୟନ୍ତୁ ବ୍ରଜନ୍ତୁ ତେ। ବାସ୍ତବରେ ଏହା ଗୋଟିଏ ବିଜୟ ପର୍ବ ନୁହେଁ, ଏହା ପାଞ୍ଚ ଦିନ ଧରି ଅନୁଷ୍ଠିତ ହେଉଥିବା ପର୍ବ। ଅର୍ଥାତ୍‌ କାର୍ତ୍ତିକ ମାସ ଧର୍ମ ମାସ। ଏହା ତ୍ରୟୋଦଶୀରୁ ଆରମ୍ଭ ହୋଇ କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ପର୍ଯ୍ୟନ୍ତ ପାଳନ କରାଯାଇଥାଏ। ପ୍ରଥମ ଦିବସ ଧନ୍ୱନ୍ତରୀ ଜୟନ୍ତୀ ଓ ଦ୍ୱିତୀୟ ନରକ ଚତୁର୍ଦ୍ଦଶୀ, ତୃତୀୟ ଦୀପାବଳି ଓ ପବିତ୍ର ଲକ୍ଷ୍ମୀପୂଜା, ଚତୁର୍ଥ ଦିବସ ଗୋବର୍ଦ୍ଧନ ପୂଜା ଓ ଚିତ୍ରଗୁପ୍ତ ପୂଜା, ପଞ୍ଚମ ଦିବସ ଯମ ଦ୍ୱିତୀୟା/ଭ୍ରାତୃ ଦ୍ୱିତୀୟା ଓ ଚିତ୍ରକୂଟ ପୂଜା କରାଯାଏ। ଏହି ପର୍ବ ପାଳନର ମୂଳରେ ଅନେକ ପୌରାଣିକ କାହାଣୀ ବିଦ୍ୟମାନ। ଦୀପାବଳି ଉତ୍ସବ ସହ ରାବଣ ମାରି ରାମଚନ୍ଦ୍ରଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ସମ୍ବନ୍ଧୀୟ ସୁଖଦ ସ୍ମୃତି ଜଡ଼ିତ। ଏହାକୁ ବିଜୟା ଦଶମୀ କହନ୍ତି। ଏହା ରଘୁକୁଳ ତିଳକ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଅଭିଷେକ ଉତ୍ସବ ଓ ଭବ୍ୟ ସମ୍ବର୍ଦ୍ଧନା ଦିବସ। ପୁରାଣରେ ବର୍ଣ୍ଣିତ ଭୀତତ୍ରସ୍ତ ଶରଣାପନ୍ନ ଦେବଗଣଙ୍କ ଉଦ୍ଦେଶ୍ୟରେ ଭଗବାନ୍‌ ଶ୍ରୀକୃଷ୍ଣ ମହାପ୍ରତାପୀ ତାରକାସୁରକୁ ବିନାଶ କରି ପୃଥ୍ୱୀ ଭାର ଉଶ୍ୱାସ କରିଥିଲେ। ନରକାସୁର ଦ୍ୱାରା ବନ୍ଦିନୀ ଷୋଳ ସହସ୍ର ସୁନ୍ଦରୀ କନ୍ୟାଙ୍କୁ ମୁକ୍ତିଦେଇ ସେମାନଙ୍କୁ ସସମ୍ମାନେ ଦ୍ୱାରକାକୁ ପଠାଇଥିଲେ। ଏହା ନରକୋତ୍ସବ ନାମରେ ପରିଚିତ। ଲୋକେ ଖତଗଦାରେ କାଉଁରିଆ କାଠିରେ ଅଗ୍ନି ସଂଯୋଗ କରି ଆଲୋକରେ ତାହାର ଓ ତାର ପୁତ୍ର ଭଗଦଙ୍କର ସିଂହାସନ ଆରୋହଣକୁ ଅତି ଆନନ୍ଦରେ ଅଭିନନ୍ଦନ ଜଣାଇଥିଲେ। ଲକ୍ଷ୍ମୀପୂଜା ଦୀପାବଳିର ଅନ୍ୟତମ ଆକର୍ଷଣ। ପୌରାଣିକ ଆଖ୍ୟାନ ଅନୁସାରେ ସୌଭାଗ୍ୟର ଦେବୀ ଲକ୍ଷ୍ମୀ ଅସୁର ରାଜା ବଳୀଙ୍କ ଦ୍ୱାରା ପାତାଳରେ ବନ୍ଦିନୀ ଥିଲେ। ଏହି ଦିନ ସେ ଭଗବାନ୍‌ ବାମନଙ୍କ ଦ୍ୱାରା ଅନ୍ୟ ବନ୍ଦୀ ଦେବତାଙ୍କ ସହ ମୁକ୍ତ ହୋଇଥିଲେ। ଏହା ଲକ୍ଷ୍ମୀଙ୍କ ମୁକ୍ତି ଦିବସ ରୂପେ ପରିଚିତ। କରାଳବଦନୀ କାଳୀପୂଜା ମଧ୍ୟ ଦୀପାବଳି ପୂଜା ସହ ସମ୍ପୃକ୍ତ। ଗୋବର୍ଦ୍ଧନଧାରୀ ଶ୍ରୀକୃଷ୍ଣ କଦବ ଦେବ ଇନ୍ଦ୍ରଙ୍କ କୋପରୁ ଗୋପବାସୀଙ୍କୁ ରକ୍ଷା କରିଥିଲେ। ଉତ୍ତର ଭାରତରେ ମହାସମାରୋହରେ ଦୀପାବଳି ପାଳିତ ହୁଏ। ମହାରାଷ୍ଟ୍ରରେ ଏହି ପର୍ବ ପାଞ୍ଚଦିନ ଧରି ପାଳନ ହେଉଥିଲାବେଳେ ଓଡ଼ିଶାରେ ମାତ୍ର ଗୋଟିଏ ଦିନ ପାଳିତ ହୁଏ। ଆଲୋକର ପର୍ବରେ ପ୍ରଚୁର ବିସ୍ଫୋରକ ଫୁଟିବାଦ୍ୱାରା ଅନେକ ଜୀବାଣୁ କୀଟପତଙ୍ଗ ନିଆଁରେ ପୋଡ଼ି ହୋଇ ମରିଥା'ନ୍ତି। ଏଥିପାଇଁ ଅତିବଡ଼ୀ ଜଗନ୍ନାଥ ଦାସ କହିଛନ୍ତି–

ଅନଳ ଦେଖିଣ ପତଙ୍ଗ। ଯେହ୍ନେ ଧାବନ୍ତି ଉଦବେଗ ॥

ଐତିହାସିକ ମତ ଅନୁସାରେ, ଉଜ୍ଜୟିନୀ ରାଜା ବିକ୍ରମାଦିତ୍ୟ ଏହି ଦିନ ସିଂହାସନ ଆରୋହଣ କରିଥିଲେ। ଆବୁଲ ଫାଜଲ ଆରମ ଆଇନ–ଇ–ଆକବରୀର ମହତ୍ତ୍ୱ ଓ ଗୌରବ ବର୍ଣ୍ଣନା କରିଛନ୍ତି। ପରିବ୍ରାଜକ ଆଲବେରୁଣି ମଧ୍ୟ ଦୀପାବଳି ସମ୍ବନ୍ଧରେ ସୁନ୍ଦର ଚିତ୍ର ପ୍ରଦର୍ଶନ କରିଛନ୍ତି। ସମ୍ରାଟ୍‌ ଆକବର ମଧ୍ୟ ଏହି ପର୍ବ ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରିଥିଲେ। ଚାଲୁକ୍ୟ ବଂଶର ରାଜାଙ୍କ ଶାସନ ସମୟରେ ଭାରତରେ ଏହା ପାଳିତ ହେଉଥିଲା। ହର୍ଷବର୍ଦ୍ଧନଙ୍କ ପ୍ରସିଦ୍ଧ ନାଗାନନ୍ଦ ନାଟକରେ ଏହି ପର୍ବକୁ ଦୀପପ୍ରତିଦୁତ୍ସବ ବୋଲି ବର୍ଣ୍ଣନା ରହିଛି। ଏହି ଦିନରେ ମଧ୍ୟ ମହାବୀରଙ୍କ ମୋକ୍ଷ ହୋଇଥିବା କୁହାଯାଏ। ସ୍ୱାମୀ ଦୟାନନ୍ଦ ସରସ୍ୱତୀ ମଧ୍ୟ ଏହି ଦିନ ନିର୍ବାଣପ୍ରାପ୍ତି ହୋଇଥିଲେ। ସ୍ୱାମୀ ରାମତୀର୍ଥ ଏହି ଦିନ ଜନ୍ମ ଓ ମୃତ୍ୟୁବରଣ କରିଥିଲେ। ଉକ୍ତ ଦିବସରେ ଧନ ଦେବତା କୁବେର ଓ ମୃତ୍ୟୁ ଦେବତା ଯମରାଜାଙ୍କ ପୂଜନ କରାଯାଏ। ଧର୍ମରାଜ ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ ଏହିଦିନରେ ହିଁ ଆରମ୍ଭ ହୋଇଥିଲା। ଏଣୁ ଶୁଭ ଦୀପାବଳିରେ ସମସ୍ତଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଏ।

ସର୍ବେଷାଂ ସ୍ୱସ୍ତିର୍ଭବନ୍ତୁ, ସର୍ବେଷାଂ ଶାନ୍ତିର୍ଭବନ୍ତୁ
ସର୍ବେଷାଂ ପୂର୍ଣ୍ଣ ଭବନ୍ତୁ, ସର୍ବେଷାଂ
ମଙ୍ଗଳଂ ଭବନ୍ତୁ।

–ପଣ୍ଡିତ ବିଦ୍ୟାଧର ଦାସ
ସଂସ୍କୃତ ଶିକ୍ଷକ, ଖଦୋଳ, କଟକ
ମୋ: ୯୧୭୮୦୬୦୧୬୮



## ଭିଜିଲାନ୍ସ ଜାଲରେ କୋଟଗଡ଼ ଆଇଆଇସି

କୋଟଗଡ, ୨୩।୧୦(ଡି.ଏନ.ଏ.)

କନ୍ଧମାଳ ଜିଲା କୋଟଗଡ଼ ଆଇଆଇସି ଧୀରାଜ ଲେଙ୍କା ରବିବାର ରାତିରେ ଭିଜିଲାନ୍ସ ହାତରେ ବାଲିଗୁଡାଠାରେ ଧରାପଡିଛନ୍ତି। ସେ କୋଟଗଡରୁ ଏକ ବୋଲେରୋରେ ଦୀପାବଳି ପାଳନ ଲାଗି ଗାଁକୁ ଯାଉଥିବା ବେଳେ ଗାଡିରେ ବିପୁଳ ପରିମାଣର ଟଙ୍କା ଥିବା ଜାଣି ଫୁଲବାଣୀ ଭିଜିଲାନ୍ସ ଟିମ୍‌ ବାଲିଗୁଡା ଜଗନ୍ନାଥ ମନ୍ଦିର ନିକଟରେ ଜଗି ରହିଥିଲା। ଗାଡି ରାତି ପ୍ରାୟ ସାଢେ ୭ଟାରେ ବାଲିଗୁଡାରେ ପହଞ୍ଚିବା ପରେ ଭିଜିଲାନ୍ସ ଟିମ୍‌ ତାଙ୍କୁ ଧରିଥିଲା। ଖବର ଲେଖିବାବେଳେ ତାଙ୍କଠାରୁ ଗୋଟିଏ ବ୍ୟାଗରେ ଥିବା ୪ଲକ୍ଷ ଟଙ୍କା ଜବତ କରାଯାଇଛି। କିନ୍ତୁ ଗାଡ଼ିରେ ଅଧିକ ଟଙ୍କା ଥିବା ଜଣାପଡ଼ିଛି। ଚଢାଉରେ ଫୁଲବାଣୀ ଭିଜିଲାନ୍ସ ଟିମ୍‌ କର୍ମଚାରୀ ସାମିଲ ହୋଇଥିଲେ। ଲେଙ୍କାଙ୍କୁ ଫୁଲବାଣୀ ଭିଜିଲାନ୍ସ ଅଫିସକୁ ନିଆଯାଇଥିବା ଜଣାପଡିଛି।


ଧୀରାଜ ଲେଙ୍କା

## ଏମ୍‌ସିଏଚ୍‌ କୋଠା ପଛପଟ ଡ୍ରେନ୍‌ରୁ ଶିଶୁ ମୃତଦେହ ଜବତ

ବଲାଙ୍ଗୀର ଅଫିସ, ୨୩।୧୦: ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପରିସରରେ ଥିବା ମାତୃ ଏବଂ ଶିଶୁ ହସ୍ପିଟାଲ କୋଠା ପଛପଟ ଡ୍ରେନ୍‌ରୁ ରବିବାର ସକାଳେ ଏକ ନବଜାତ ମୃତ ଶିଶୁକନ୍ୟା ପଡିଥିବା ଦେଖାଯାଇଥିଲା। ଖବର ପାଇ ଟାଉନ୍‌ ଥାନା ପୋଲିସ ସେଠାରେ ପହଞ୍ଚି ଛାନଭିନ୍‌ କରିବା ସହ ମୃତଦେହ ଜବତ କରିଥିଲା। ହସ୍ପିଟାଲରେ ଦିନକ ଆଗରୁ ଏକ ମୃତ ଶିଶୁ ଜନ୍ମ ଗ୍ରହଣ କରିଥିଲା। ତାକୁ ପରିବାର ଲୋକେ ନେଇଯାଇଥିଲେ। ସେମାନେ ଏହି କାଣ୍ଡ ଭିଆଇଥିବା ପୋଲିସ ଅନୁମାନ କରୁଛନ୍ତି। ମୃତଶିଶୁ ଜନ୍ମ ହେଲେ ହସ୍ପିଟାଲ ପରିସର ଡ୍ରେନ୍‌ରେ ଫିଙ୍ଗି ଦିଆଯାଉଥିବା ଘଟଣା ପୂର୍ବରୁ ବହୁବାର ଘଟିଛି। ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷ ଆଦୌ ସତର୍କ ହେଉ ନ ଥିବାରୁ ଏଭଳି ଘଟଣା ବାରମ୍ବାର ପୁନରାବୃତ୍ତି ଘଟୁଛି।

## ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ଚେତାବନୀ

### ଠିକା ନିଯୁକ୍ତି ଉଚ୍ଛେଦ ସହ ଇନ୍‌କ୍ରିମେଣ୍ଟ ପ୍ରଦାନ ଦାବି

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ଦାବି ପୂରଣ ପାଇଁ ରାଜ୍ୟର ସମସ୍ତ ପ୍ରାଥମିକ ଶିକ୍ଷକ ସଂଘ ଏକତ୍ର ହୋଇ ଏକ ମିଳିତ ପ୍ରାଥମିକ ଶିକ୍ଷକ ମଞ୍ଚ ଗଠନ କରିଛନ୍ତି। ପ୍ରାଥମିକ ଶିକ୍ଷକଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ବିରୋଧରେ ଏହି ମଞ୍ଚ ସ୍ୱର ଉଠାଇଛି। ରବିବାର ଶିକ୍ଷକ ଭବନ ପରିସରରେ ମିଳିତମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଏଡ୍‌ ଶିକ୍ଷକ ସଂଘ ସଭାପତି ଅଜୟ କୁମାର ଧଳ, ମିଳିତମଞ୍ଚ ଆବାହକ ମଣ୍ଡଳୀ ଆର୍ତ୍ତଭଞ୍ଜନ ସାହୁ, ସୁନିଲ କୁମାର ପ୍ରଧାନ, ଉମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ପ୍ରାଥମିକ ଶିକ୍ଷକଙ୍କ ଠିକାନିଯୁକ୍ତି ଉଚ୍ଛେଦ ପାଇଁ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ଠିକା ନିଯୁକ୍ତି ଉଚ୍ଛେଦ କରିଥିବାବେଳେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଶିକ୍ଷା ସହାୟକଙ୍କ ଠିକା ନିଯୁକ୍ତିକୁ ଉଚ୍ଛେଦ କଲେ ନାହିଁ। ସରକାର ତୁରନ୍ତ ଠିକା ନିଯୁକ୍ତି ଉଚ୍ଛେଦ ନ କଲେ ଆଗାମୀ ଦିନରେ ସାରା ଓଡ଼ିଶାର ସମସ୍ତ ପ୍ରାଥମିକ ଶିକ୍ଷକ ସଂଘ ମିଳିତ ଭାବେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ପ୍ରାଥମିକ ଶିକ୍ଷକ ଓ କନିଷ୍ଠ ଶିକ୍ଷକଙ୍କ କ୍ଷେତ୍ରରେ ଠିକା ପ୍ରଥା ଉଚ୍ଛେଦ ସହ ମୂଳ ଚାକିରିରେ ୬ବର୍ଷ ଯୋଗ କରିବା ଓ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବାକୁ ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ମିଳିତମଞ୍ଚ ଦାବି କରିଛି। ଆସନ୍ତା ୧୦ଦିନ ଭିତରେ ସରକାର ଦାବି ପୂରଣ ନ କଲେ ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମିଳିତମଞ୍ଚ ଚେତାବନୀ ଦେଇଛି।

## ସରିଲା ମୃତ୍ତିକା ହସ୍ତଶିଳ୍ପ ପ୍ରଦର୍ଶନୀ

# ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବେପାର



ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଗତ ୧୫ ତାରିଖରୁ ଏକାମ୍ର ହାଟଠାରେ ଆରମ୍ଭ ହୋଇଥିବା ମୃତ୍ତିକା ହସ୍ତଶିଳ୍ପ (ଟେରାକୋଟା) ପ୍ରଦର୍ଶନୀ ରବିବାର ଶେଷ ହୋଇଛି। ମେଳାରେ ୨ଲକ୍ଷରୁ ଅଧିକ ଲୋକ ହୋଇଥିବାବେଳେ ୨କୋଟି ୩ଲକ୍ଷ ୪୭ ହଜାର ଟଙ୍କାର ବ୍ୟବସାୟ ହୋଇଥିବା ସୂଚନା ଦିଆଯାଇଛି। ରାଜ୍ୟର ୨୬ ଜିଲାରୁ ୨୫୦ରୁ ଅଧିକ ହସ୍ତଶିଳ୍ପ କାରିଗର ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରେ ୪୦ରୁ ଊର୍ଦ୍ଧ୍ୱ ଟେରାକୋଟା ହସ୍ତଶିଳ୍ପ ପୁଞ୍ଜି ରହିଛି। କୁଇ ବାହାଲ ଓ ସିଲାଟି(ସୁବର୍ଣ୍ଣପୁର), ବରପାଲି( ବରଗଡ଼), ହଳଧରପୁର (କେନ୍ଦୁଝର), ନୂଆଗାଁ (ଖୋର୍ଦ୍ଧା), ଲୁଣୁକୁଆ (ଜଗତସିଂହପୁର), କୁସୁମି (କୋରାପୁଟ) ପରି କେତେକ ମୁଖ୍ୟ ଟେରାକୋଟା ପୁଞ୍ଜି ସହିତ ଅନ୍ୟ ସମସ୍ତ ଜିଲାର ଟେରାକୋଟା କାରିଗର ଓ ବ୍ୟବସାୟୀ ଯୋଗଦେଇ ସେମାନଙ୍କ ସାମଗ୍ରୀର ବିକ୍ରି ସହ ପ୍ରଦର୍ଶନ କରିଥିଲେ। ମାଟି ତିଆରି ଘର ସଜା ସାମଗ୍ରୀ, ହାଣ୍ଡି, କଡ଼େଇ ଆଦି ରୋଷେଇଘର ସାମଗ୍ରୀ, ଅଳଙ୍କାର, ଦୀପ, ବଗିଚା ସାମଗ୍ରୀର ଚାହିଦା ମେଳାରେ ଦେଖିବାକୁ ମିଳିଥିଲା। ଦୀପାବଳି ଥିବାରୁ ଦୀପ ଚାହିଦା ସର୍ବାଧିକ ଥିଲା। ଗ୍ରାହକଙ୍କ ମନୋରଞ୍ଜନ ପାଇଁ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସବୁବର୍ଷ ଅପେକ୍ଷା ଅଧିକ ଭିଡ଼ ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ଦେଶୀମଦ ଜବତ, ୭ ଗିରଫ

**ରାଉରକେଲା ଅଫିସ,୨୩।୧୦:** ରାଉରକେଲା ଅବକାରୀ ବିଭାଗ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ଦେଶୀମଦ ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୀନା ତିର୍କୀ, ପୂଜା ତିର୍କୀ, କିରଣ ଦତ୍ତ, ଦୁବେଜ ସାଣ୍ଡିଲ, ଅଂଶୁ ଗୋପ, ଏମ୍‌ଡି ଆଲାମ ଓ ରମଣୀ କୁମାର। ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ରାଉରକେଲା ଅବକାରୀ ପୋଲିସ ରବିବାର ସକାଳ ସାଢ଼େ ୧୧ଟାରେ ଉଦିତନଗର ସ୍ଥିତ ଶୀତଳପଡା, ତରକେରା, ନୟାବଜାର ଅଞ୍ଚଳରେ ଚଢ଼ାଉ କରିଥିଲା। ଚଢାଉ ସମୟରେ ୨୭୧ ବୋତଲ ଦେଶୀମଦ ସହ ୨ ହଜାର କେ.ଜି. ମହୁଲ ପୋଚ ନଷ୍ଟ କରାଯାଇଥିଲା। ଏଥିସହ ପୋଲିସ ୩ଟି ବାଇକ୍‌କୁ ଜବତ କରିଛି।

### ୨ ଏଟିଏମ୍ ଲୁଟେରା ଗିରଫ



**ରାଉରକେଲା ଅଫିସ,୨୩।୧୦:** ରାଉରକେଲାର ବିଭିନ୍ନ ଏଟିଏମ୍‌ରୁ ଲୁଟ୍ କରୁଥିବା ଦୁଇ ଅଭିଯୁକ୍ତଙ୍କୁ ଛେଣ୍ଡ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଧୀରଜ ମହାକୁଡ(୨୪) ଓ କୁନ୍ଦନ ପୋଦ୍ଦାର(୨୨)। ଏ ନେଇ ଛେଣ୍ଡ ପୋଲିସ ଏକ ମାମଲା (ନଂ.୨୧୮।୨୨) ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ରେଲୱେ କଲୋନୀ ଅଞ୍ଚଳର କୁନ୍ଦନ ଓ ସେକ୍ଟର-୨୧ ନୟାବଜାର ଅଞ୍ଚଳର ଧୀରଜ ଗତ ୨୧ ତାରିଖ ବିଳମ୍ବିତ ରାତିରେ ଛେଣ୍ଡ ସ୍ଥିତ ଆର୍‌ଡିଏ କଲୋନୀ ଅଞ୍ଚଳରେ ଥିବା ଏସ୍‌ବିଆଇ ଏଟିଏମ୍ କାଉଣ୍ଟରରୁ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ। ଏ ନେଇ ବ୍ୟାଙ୍କ ମ୍ୟାନେଜର ୨୨ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଘଟଣାର ତଦନ୍ତ କରି ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଥିଲା। ପୋଲିସ ସେମାନଙ୍କ ଠାରୁ କଟର ମେଶିନ, ସ୍କ୍ରୁ ଡ୍ରାଇଭର, ଲୁହା ପ୍ଲେଟ, ଦୁଇଟି ମୋବାଇଲ ସହ ଚୋରିରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରିଥିଲା।

### ଗଞ୍ଜେଇ ଚାଲାଣ, ଜଣେ ଗିରଫ

**ରାଉରକେଲା ଅଫିସ,୨୩।୧୦:** ରାଉରକେଲା ରେଳ ଷ୍ଟେଶନରେ ଗଞ୍ଜେଇ ଚାଲାଣ କରୁଥିବାବେଳେ ରାଉରକେଲା ଅବକାରୀ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରବି ନାୟକ(୨୪)। ଏ ନେଇ ପୋଲିସ ଏକ ମାମଲା (ନଂ.୨୭୦।୨୨) ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ରାଉରକେଲା ରେଳ ଷ୍ଟେଶନ ଅଞ୍ଚଳରେ ରବି ଏକ କ୍ୟାରି ବ୍ୟାଗ୍‌ରେ ୬ କେଜି ୯୩୦ ଗ୍ରାମ ଗଞ୍ଜେଇ ଧରି ରବିବାର ଟାଟା ଅଭିମୁଖେ ଯିବାକୁ ଥିବା ଟ୍ରେନ୍‌କୁ ଷ୍ଟେଶନ ବାହାରେ ଅପେକ୍ଷା କରିଥିଲେ। କୌଣସି ବିଶେଷ ସୂତ୍ରରୁ ଅବକାରୀ ପୋଲିସ ଖବର ପାଇ ଆରପିଏଫ ପୋଲିସ ସହାୟତାରେ ରବିଙ୍କୁ କାବୁ କରିଥିଲେ।

# ଡାକ୍ତର ଅଭାବରୁ ରୋଗୀସେବା ବିପର୍ଯ୍ୟସ୍ତ

### ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ଲହୁଣୀପଡ଼ା, ୨୩।୧୦(ଡି.ଏନ୍.ଏ.)**



ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବରୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇଛି। ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟ ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହେଉଛି। ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କୋଇଡା ଓ ଗୁରୁଣ୍ଡିଆ ବ୍ଲକର ଅନେକ ପଞ୍ଚାୟତର ଲୋକ ନିର୍ଭର କରିଥାନ୍ତି। କିନ୍ତୁ ବିଭାଗୀୟ ଅବହେଳାରୁ ଏଠାରେ ଡାକ୍ତର ନାହାନ୍ତି। ଆୟୁଷ ଡାକ୍ତରଙ୍କ ଭରସାରେ ଚାଲିଛି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଏଠାରେ ଆୟୁଷ ଡାକ୍ତର ଓ ଦନ୍ତ ଚିକିତ୍ସକ ବି ଜରୁରୀକାଳୀନ ଡ୍ୟୁଟି କରୁଥିବା ନଜିର ରହିଛି। ଯାହାକି ନିୟମ ବହିର୍ଭୂତ। ଲହୁଣୀପଡ଼ା ଏକ ଦୁର୍ଘଟଣା ପ୍ରବଣ ଅଞ୍ଚଳ ହୋଇଥିବାରୁ ଏଠି ପ୍ରାୟ ଅଧିକାଂଶ ଦିନ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟିଥାଏ। ଲହୁଣୀପଡ଼ାକୁ ସଂଯୋଗ କରିଛି ଦୁଇଟି ଜାତୀୟ ରାଜପଥ ଓ ଗୋଟିଏ ରାଜ୍ୟ ରାଜପଥ ସହିତ ପୂର୍ତ୍ତ ବିଭାଗ ରାସ୍ତା। ଅନ୍ୟପକ୍ଷେ ଏହି ଡାକ୍ତରଖାନା ଉପରେ ମହୁଲପଦା, କେ. ବଲାଙ୍ଗ, ଚାନ୍ଦିପୋଷ, ଲହୁଣୀପଡ଼ା ଥାନା ଓ ଟେନ୍‌ସା ଫାଣ୍ଡି ନିର୍ଭରଶୀଳ। କୋଇଡ଼ା ବ୍ଲକର ପ୍ରାୟ ୮ପଞ୍ଚାୟତ ଓ ଗୁରୁଣ୍ଡିଆ ବ୍ଲକର ୩ ପଞ୍ଚାୟତ ଏବଂ ଲହୁଣୀପଡ଼ା ଥାନା ଓ ଟେନସା ଫାଣ୍ଡି ଅଞ୍ଚଳର ବିଭିନ୍ନ ଗ୍ରାମରେ ଘଟୁଥିବା ଦୁର୍ଘଟଣା, ହତ୍ୟା, ବଳାତ୍କାର, ମାରପିଟ ପ୍ରଭୃତି ମାମଲା ଗୁଡ଼ିକର ଡାକ୍ତରୀ ପରୀକ୍ଷା ଓ ମୃତଦେହ ବ୍ୟବଚ୍ଛେଦ କରିବା ପାଇଁ ନିର୍ଭରଶୀଳ ଥିବା ବେଳେ ଏଠି ମାତ୍ର ୩ ଜଣ ସରକାରୀ ଡାକ୍ତର ଅଛନ୍ତି। ସେଥିମଧ୍ୟରୁ ଜଣେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଥିବାବେଳେ ଅନ୍ୟ ଜଣେ ସ୍ତ୍ରୀ ଓ ପ୍ରସୂତି ବିଭାଗ ସମ୍ଭାଳୁଥିବା ଜଣାପଡିଛି। ଫଳରେ ଆୟୁଷ ଡାକ୍ତରମାନେ ଓପିଡି ଦେଖିବା ସହିତ ଜରୁରୀକାଳୀନ ସେବା ମଧ୍ୟ କରୁଛନ୍ତି। ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬ ଡାକ୍ତରଙ୍କ ମଧ୍ୟରୁ ଅଛନ୍ତି ମାତ୍ର ତିନିଜଣ। ଦୁଇବର୍ଷ ପୂର୍ବେ ଜିଲା ଖଣିଜ ପାଣ୍ଠି ତରଫରୁ ୫ଜଣ ଚିକିତ୍ସକଙ୍କୁ ଲହୁଣୀପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ଦିଆଯାଇଥିବାବେଳେ ଦନ୍ତ ଚିକିତ୍ସକ ଦେବବ୍ରତ ଚୌଧୁରୀଙ୍କ ବ୍ୟତୀତ ଏଠାରେ ଅନ୍ୟ ଚାରିଜଣ ପ୍ରାୟ ଦୁଇମାସ ହେବ ବିଭିନ୍ନ ସ୍ଥାନକୁ ବଦଳି ଓ ଡେପୁଟେସନରେ ପଳାଇଥିବା ଜଣାପଡିଛି। ଫଳରେ ଏଠାରେ ଡାକ୍ତର ଅଭାବରୁ ଚିକିତ୍ସାରେ ବାଧା ସୃଷ୍ଟି ହେଉଛି। ଅଧିକାଂଶ ସମୟରେ ରୋଗୀମାନଙ୍କୁ ବଣାଇ ଓ ରାଉରକେଲା ଡାକ୍ତରଖାନାକୁ ସ୍ଥାନାନ୍ତର କରି ଦିଆଯାଉଥିବାରୁ ଗରିବ ଆଦିବାସୀ ରୋଗୀ ଓ ତାଙ୍କ ପରିବାର ଲୋକ ଅଧିକ ଖର୍ଚ୍ଚାନ୍ତର ଶିକାର ହେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଖୁଣ୍ଟଗାଁ, ଫୁଲଝର, ମହୁଲପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଆୟୁଷ ଡାକ୍ତରମାନେ ଏଠାରେ ଡ୍ୟୁଟି କରୁଥିବାରୁ ଉକ୍ତ ଅଞ୍ଚଳର ପାଉଡି ଭୂୟାଁ ଓ ଆଦିବାସୀ ବର୍ଗର ଲୋକମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏ ଦିଗରେ ବିଭାଗୀୟ ଜିଲା ଅଧିକାରୀ ଦୃଷ୍ଟିଦେଇ ଏଠାରେ ଖାଲିଥିବା ଡାକ୍ତର ପଦବୀ ପୂରଣ ପାଇଁ ପଦକ୍ଷେପ ନେବାକୁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

# ଆବାସିକ ବିଦ୍ୟାଳୟରେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

**କୁଆଁରମୁଣ୍ଡା, ୨୩।୧୦(ଡି.ଏନ୍.ଏ.)**

### ୨ ଶିକ୍ଷକଙ୍କ ନାମରେ ମାମଲା ରୁଜୁ

ଆବାସିକ ବିଦ୍ୟାଳୟରେ ରହି ଶିକ୍ଷାଲାଭ କରୁଥିବା ଗରିବ ଆଦିବାସୀ ଛାତ୍ରୀଙ୍କୁ ୨ଜଣ ଶିକ୍ଷକ ପ୍ରଲୋଭିତ କରି ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ପରେ ଘଟଣା ଲୋକଲୋଚନକୁ ଆସିଛି। ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ କୁମଝରିଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବରଗଡ଼ ଜିଲାର ସୁବନ ମୁନ୍ନା ଓ ଭଦ୍ରକ ଜିଲାର ରତିକାନ୍ତ ବାରିକ କଳା ଓ ବିଜ୍ଞାନ ଶିକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି। ହେଲେ ଉକ୍ତ ୨ଜଣ ଶିକ୍ଷକ ବିଭିନ୍ନ ସମୟରେ ଉକ୍ତ ସ୍କୁଲ ହଷ୍ଟେଲରେ ରହି ୧୦ମ ଶ୍ରେଣୀରେ ପଢୁଥିବା ଜଣେ ଗରିବ ଆଦିବାସୀ ଛାତ୍ରୀଙ୍କୁ ଏକାଧିକ ଥର ଅଶ୍ଳୀଳ ଇଙ୍ଗିତ ସହ ଅସଦାଚରଣ କରିବା ପାଇଁ ବାରମ୍ବାର ଚାପ ପକାଉଥିଲେ। ମାତ୍ର ଛାତ୍ରୀ ଜଣଙ୍କ ଏଥିରେ ରାଜି ନ ହେବାରୁ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ପରୀକ୍ଷାରେ ଫେଲ କରିଦେବା ପାଇଁ ଧମକଚମକ ଦେଇଆସୁଥିଲେ। ଏଥିରେ ଅତିଷ୍ଠ ହୋଇ ସମ୍ପୃକ୍ତ ଛାତ୍ରୀ ଜଣଙ୍କ ନିଜ ମା'ବାପାଙ୍କୁ ଏ ବିଷୟରେ ଜଣାଇଥିଲେ। ପରେ ଘଟଣା ସମ୍ପର୍କରେ ମା'ବାପା ସୁନ୍ଦରଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏସ୍‌ପି ନାଥ ଘଟଣା ସମ୍ପର୍କରେ ଅବଗତ ହେବା ପରେ ତୁରନ୍ତ ଘଟଣାର ତଦନ୍ତ ଦାୟିତ୍ୱ ବୀରମିତ୍ରପୁର ଏସ୍‌ଡିପିଓ ମାନସରଞ୍ଜନ ପ୍ରଧାନଙ୍କୁ ଦେଇଥିଲେ। ଏସ୍‌ପିଙ୍କ ପରାମର୍ଶକ୍ରମେ ସମ୍ପୃକ୍ତ ଛାତ୍ରୀଙ୍କ ମା'ବାପା ବୀରମିତ୍ରପୁର ଥାନାରେ ଶନିବାର ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଦଫା ୩୪୧, ୨୯୪, ୩୨୩, ୩୫୪, ୫୦୬, ୫୦୯, ୩୪ ରେ ଏକ ମାମଲା (ନଂ. ୨୩୦/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏ ନେଇ ବୀରମିତ୍ରପୁର ଏସ୍‌ଡିପିଓ ମାନସରଞ୍ଜନ ପ୍ରଧାନ କହିଛନ୍ତି, ସମ୍ପୃକ୍ତ ଛାତ୍ରୀ ଓ ତାଙ୍କ ମା'ବାପାଙ୍କ ବୟାନ ରେକର୍ଡ କରାଯାଇଛି। ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିୟନର ସାଙ୍ଗଠନିକ ସମ୍ମିଳନୀ


ସମ୍ମିଳନୀରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

**ରାଉରକେଲା ଅଫିସ,୨୩।୧୦**

ରାଉରକେଲା ସେକ୍ଟର-୧୬ ସ୍ଥିତ ଶ୍ରମିକ ଭବନଠାରେ ରାଉରକେଲା କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିୟନର ଷଷ୍ଠ ସାଙ୍ଗଠନିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ସିଆଇଟିୟୁର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ୨୦୧୪ ପରେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଯେଉଁ ସରକାର ଆସିଲା ସେଥିରେ ଦେଶରେ ଶ୍ରମିକ, କୃଷକମାନଙ୍କ ଉପରେ ଆକ୍ରମଣ ବଢିବାରେ ଲାଗିଛି। ଶ୍ରମ ଆଇନଗୁଡ଼ିକ ସଂଶୋଧନ କରି ସରକାର କୋର୍ଡ କରିଦେବା ଫଳରେ ଶ୍ରମିକମାନେ ତାଙ୍କର ଅଧିକାର ହରାଇ ବସିଛନ୍ତି ବୋଲି ମହାନ୍ତି କହିଥିଲେ। କରୋନା କାଳରେ କୃଷକମାନଙ୍କ ବିରୋଧରେ କଳା ଆଇନ ସଂସଦରେ ପାସ୍ କରାଯାଇଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ସରକାର ଜିଏସ୍‌ଟି ଲଗାଇଛନ୍ତି। ଦରଦାମ ବୃଦ୍ଧି ଜନସାଧାରଣଙ୍କୁ ବହୁତ ଅସୁବିଧାରେ ପକାଉଛି। ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି ହେଉନାହିଁ। ଏହାକୁ ନେଇ ଆସନ୍ତା ବଜେଟ ଅଧିବେଶନ ସମୟରେ ସଂସଦ ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବାକୁ ମହାନ୍ତି ଆହ୍ୱାନ ଦେଇଥିଲେ। ସିଆଇଟିୟୁର ସାଧାରଣ ସମ୍ପାଦକ ବିମାନ ମାଇତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆଗାମୀ ୩ବର୍ଷ ପାଇଁ ଏକ ୨୨ ଜଣିଆ କର୍ମକର୍ତ୍ତା କମିଟି ଓ ୩୦ ଜଣିଆ କାର୍ଯ୍ୟକାରୀ କମିଟି ଚୟନ ସର୍ବସମ୍ମତି କ୍ରମେ ହୋଇଥିଲା। ସଭାପତି ଭାବେ ବିଷ୍ଣୁ ମହାନ୍ତି, ସାଧାରଣ ସମ୍ପାଦକ ବିମାନ ମାଇତି, ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ବସନ୍ତ ନାୟକ, ଶ୍ରୀମନ୍ତ ବେହେରା, ଅଜୟ ଶର୍ମା, ଅରୁ ଦାସ, ବିନୟ ବେଉରିଆ, ଲକ୍ଷ୍ମୀଧର ନାୟକ, ବସନ୍ତ ପାଢୀ, ବିଶ୍ୱଜିତ ମାଝୀ, ଦିବାକର ମହାରଣା, ସତ୍ୟମ୍ ତନ୍ତୀ, ସାଗର ଛୋଟରାୟ, ଲଳିତ ରଜକ୍, ଲକ୍ଷ୍ମୀ ମୁଣ୍ଡା, ସତ୍ୟମ ତନ୍ତୀ ପ୍ରମୁଖ ଚୟନ ହୋଇଥିଲେ। ଅକ୍ଟୋବର ୩୦ ସୁନ୍ଦରଗଡ ଜିଲା ସମ୍ମିଳନୀ ଓ ନଭେମ୍ବର ୨୭ରୁ ୨୯ ଭୁବନେଶ୍ୱରଠାରେ ସିଆଇଟିୟୁ ରାଜ୍ୟ ସମ୍ମିଳନୀକୁ ସଫଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

**ନୂଆଗାଁ, ୨୩।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବିଶ୍ରାଥାନା ସୋରଡ଼ା ପଞ୍ଚାୟତ ଅନ୍ତର୍ଗତ ବାରିବେଡା ଗ୍ରାମରେ ରବିବାର ସନ୍ଧ୍ୟାରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଓଆର୍ ୧୬ସି ୬୧୫୮ ନମ୍ବର ଥିବା ଏକ ଟ୍ରକ ଝାଡ଼ଖଣ୍ଡର ଫୋଟୋକା, କୁଲାଗଜ, ଉର୍ମେଇ ଦେଇ ବାରିବେଡା ହୋଇ ପତ୍ରାପାଲି ଆଡକୁ ଯାଉଥିଲା। ସେହି ଟ୍ରକ ଉପରେ ଏକ ଜେସିବି ମେସିନ ଲୋଡ଼ ଥିଲା। ଏହି ସମୟରେ ବାରିବେଡା ବ୍ରାହ୍ମଣବସ୍ତି ନିକଟରେ ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ସେହି ଟ୍ରକକୁ ଗାଁର ଦଶରଥ ଗୌଡ଼ (୫୦) ଛୁଇଁ ଦେବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କ ଗୋଡ଼ପାଦ ସବୁ ଜଳିଯାଇଛି। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଖବରପାଇ ବିଶ୍ରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ହେଲା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି। ଘଟଣା ଘଟିବା ପରେ ଟ୍ରକ ଚାଳକ ଫେରାର୍ ହୋଇଯାଇଛନ୍ତି। ଯେଉଁ ସ୍ଥାନରେ ଦୁର୍ଘଟଣା ଘଟିଛି ସେଠାରେ ବିଦ୍ୟୁତ୍ ମୁଖ୍ୟ ତାର କୁଆଡେ ଆବଶ୍ୟକଠାରୁ କମ ଉଚ୍ଚତାରେ ଥିବା ଲୋକେ ଅଭିଯୋଗ କରିଛନ୍ତି।

# ରାଜଗାଙ୍ଗପୁରରେ ଶିଶୁ ମହୋତ୍ସବ ସୁରଭି



ସୁରଭି କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**ରାଜଗାଙ୍ଗପୁର, ୨୩।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଚୁଙ୍ଗିମାଟି ସ୍ଥିତ କାଂଶବାହାଲ ଉଚ୍ଚ ବିଦ୍ୟାଳୟରେ ବ୍ଲକ ଓ ପୌରପରିଷଦ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଗୋଷ୍ଠୀ ଶିକ୍ଷା ଅଧିକାରୀ ସରିତା ସରୋନିଆ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରତ୍ନପ୍ରଭା ଦେବୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ ପ୍ରଜ୍ୱଳିତ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଭାବେ ଆଇଆଇପିଏମ୍‌ର ନିର୍ଦ୍ଦେଶକ ଡାକ୍ତର ଅସିତ ଘୋଷ ଓ ଚୁଙ୍ଗିମାଟି ସରପଞ୍ଚ ଜଗଦୀଶ କିଣ୍ଡୋ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସରୋଜିନୀ ସାହୁ, ଡାକ୍ତର ସରିତା କୁଜୁର, ସମିତି ସଭ୍ୟ ଜ୍ୟୋତିରଞ୍ଜନ ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରତ୍ୟେକ କ୍ଲଷ୍ଟରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ବଛା ଯାଇଥିଲା। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କୁ ମଧ୍ୟ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁଜାତା ଦାସ ଓ ଶିକ୍ଷକ ସୁଶାନ୍ତ ଭଞ୍ଜ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଲଷ୍ଟରର ସିଆରସିସି, ରାଣୀବନ୍ଧ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱରାଜ ରାଉତରାୟ, ବିମଳା ଦେବୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ଭୂଷଣ ନାୟକ, ଗାନ୍ଧୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଊର୍ମିଳା ତିର୍କୀ ତଥା ଅନ୍ୟମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

# ଫୁଟବଲ ଟୁର୍ନାମେଣ୍ଟ: ସୁଆଜୋର ଚାମ୍ପିୟନ



ଅତିଥିମାନଙ୍କ ଗହଣରେ କୃତୀ ଖେଳାଳିବୃନ୍ଦ।

**ରାଉରକେଲା ଅଫିସ,୨୩।୧୦**

ଆର୍‌ଏସ୍‌ପିର ସିଏସ୍‌ଆର ବିଭାଗ ପକ୍ଷରୁ ଜାମବେର୍ଣ୍ଣା ଗ୍ରାମରେ ନୂଆଗାଁ ବ୍ଲକ ପାଇଁ ଆୟୋଜିତ ହୋଇଥିବା ଜୋନାଲ ସ୍ତରୀୟ ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଆର୍‌ଏସ୍‌ପିର ସାମଗ୍ରୀ ପରିଚାଳନା ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ଆର୍‌ଏସ୍‌ପିର କାର୍ମିକ ଓ ପ୍ରଶାସନିକ ବିଭାଗର ଜିଏମ୍ ଇନ୍‌ଚାର୍ଜ ବିରେନ୍ଦ୍ର କୁଲୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସିଏସ୍‌ଆର ବିଭାଗର ଜିଏମ୍ ମୁନମୁନ ମିତ୍ର, ଏଜିଏମ୍ ଟି. ବି. ଟପ୍ପୋ, ସରପଞ୍ଚ ସୁଖମଣି ଓରାମଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ସୁଆଜୋର ଫୁଟବଲ ଦଳ କେରକେରା ଫୁଟବଲ ଦଳକୁ କରାସ୍ତ କରି ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ୬ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଘୋଡାବନ୍ଧ ଦଳକୁ ତୃତୀୟ ବିଜେତା ଭାବେ ୪ ହଜାର ଟଙ୍କା ଓ ରଣକଟା ଫୁଟବଲ ଦଳକୁ ଚତୁର୍ଥ ବିଜେତା ଭାବେ ୩ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିପରି ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି, ବେଷ୍ଟ ଗୋଲ୍‌କିପର, ଶ୍ରେଷ୍ଠ ସ୍କୋରର, ଶ୍ରେଷ୍ଠ ଡିଫେଣ୍ଡର ଭାବେ ୫ ଶହ ଟଙ୍କା ଲେଖାଏ ପୁରସ୍କୃତ କରାଯାଇଥିଲା। ସୁଆଜୋର ଦଳର କୃଷ୍ଣା ମୁଣ୍ଡାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବେନଡିକ୍ଟ ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଟେଟେଙ୍ଗାଗିଳା ଫୁଟବଲ୍ ଦଳ ଚାମ୍ପିୟନ

**ଲହୁଣୀପଡ଼ା,୨୩।୧୦(ଡି.ଏନ୍.ଏ.)**

### ତିନି ଦିନିଆ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନା ପଞ୍ଚାୟତ ବାନ୍ଧୁପଡାଗ୍ରାମସ୍ଥିତ ବାନ୍ଧୁପଡ଼ା ସ୍ପୋର୍ଟସ ଆସୋସିଏସନ ପକ୍ଷରୁ ଚାଲିଥିବା ତିନିଦିନିଆ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ତିନିଦିନିଆ ଫୁଟବଲ ପ୍ରତିଯୋଗିତାରେ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ହଂସ ନନ୍ଦନ କ୍ଲବ ପଟାସାହି ଦଳକୁ ହରାଇ ଟେଟେଙ୍ଗାଗିଳା ଫୁଟବଲ ଦଳ ଚାମ୍ପିୟନ ହୋଇଥିଲା। ଏହି ତିନିଦିନିଆ ଫୁଟବଲ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିପିଆଇଏମ୍ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ, ଜିଲା ପରିଷଦ ସଭ୍ୟା ଶୁଶିଳା ମୁଣ୍ଡା, ଗୋପନା ସରପଞ୍ଚ ମୁକ୍ତା ମୁଣ୍ଡା, ସମିତି ସଭ୍ୟା ଶକୁନ୍ତଳା କିଷାନ, ଓମନ୍ତ କୁମାର ମାହାନ୍ତ, ବିଭୂତି ଭୂଷଣ କିଷାନ, ନିଖିଲ କୁମାର ସାହୁ, ତୁରୀ ମୁଣ୍ଡା ଯୋଗଦେଇଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ଗୋପୀନାଥ ମାହାନ୍ତଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ପଙ୍କଜ ତନ୍ତି ପରିଚୟ ପ୍ରଦାନ କରିଥିଲେ। ପାରମ୍ପରିକ ଆଦିବାସୀ ନୃତ୍ୟର ତାଳେ ତାଳେ ଅତିଥିମାନଙ୍କୁ ମଞ୍ଚ ନିକଟକୁ ପାଛୋଟି ନେବା ସହିତ କମିଟିର କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ ଦେଇ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅତିଥିମାନେ ଖେଳାଳିମାନଙ୍କ ସହିତ କରମର୍ଦ୍ଦନ କରି ଫାଇନାଲ ଖେଳକୁ ଉଦ୍‌ଘାଟନ କରିଥିଲେ। ବିଜେତା ଓ ଉପବିଜେତା ଦଳକୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସଭା ଶେଷରେ ଦିଗବିଜୟ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁଚରଣ କିଷାନ, ବିନୋଦ ମୁଣ୍ଡା, ମୁକେଶ ମାହାନ୍ତ, ସୁରେଶ ଓରାମ କ୍ରୀଡା ପରିଚାଳନା କରିଥିଲେ। ମହେନ୍ଦ୍ର କିଷାନ, ବାବୁଲା ମାଝି, ଗୌରାଙ୍ଗ ମାହାନ୍ତ, ସୁନୀଲ ମାହାନ୍ତ, ପ୍ରଫୁଲ କିଷାନ, ପବିତ୍ର କିଷାନଙ୍କ ସମେତ କ୍ଲବ କର୍ମକର୍ତ୍ତାଙ୍କ ପରିଚାଳନାରେ ଏହି ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ତିନିଦିନିଆ ଫୁଟବଲ ପ୍ରତିଯୋଗିତାର ଫାଇନାଲରେ ଅତିଥିଙ୍କ ସହ ଖେଳାଳି।

## ସଂକ୍ଷେପରେ

### ରାଉରକେଲାରେ ବୁଲିଲା ଅଗ୍ନି ସୁରକ୍ଷା ସଚେତନତା ଯାନ

**ରାଉରକେଲା ଅଫିସ,୨୩।୧୦:** ଦୀପାବଳି ପର୍ବ ପାଳନ ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରାଇବା ପାଇଁ ସେଲ୍ ରାଉରକେଲା ଇସ୍ପାତ କାରଖାନାର ଅଗ୍ନିଶମ ସେବା ବିଭାଗ ପକ୍ଷରୁ ଶନିବାର ସଚେତନତା ଅଭିଯାନ କରାଯାଇଛି। ଆର୍‌ଏସ୍‌ପିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଏସ୍. ଆର୍ ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଗ୍ନି ସୁରକ୍ଷା ଯାନଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆର୍‌ଏସ୍‌ପିର ମୁଖ୍ୟ ମହାପ୍ରବନ୍ଧକ, ବରିଷ୍ଠ ଅଧିକାରୀ, ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସଚେତନତା ଗାଡିଗୁଡ଼ିକ ଆରଏସ୍‌ପିର ମୁଖ୍ୟ ଫାଟକ, ବିଶ୍ରା ଛକ, ରାଉରକେଲା ଆଇଜି ପାର୍କ ସହ ସହରର ବିଭିନ୍ନ ଅଞ୍ଚଳ ବୁଲି ଜନସାଧାରଣଙ୍କୁ ସଚେତନ କରାଇଥିଲା। ଫାୟାର ସର୍ଭିସେସ୍ ବିଭାଗର ଜିଏମ୍ ଜେ. ବି. ପଟ୍ଟନାୟକ ଏହାକୁ ପରିଚାଳନା କରିଥିଲେ।

### ଗଛରେ ଦଉଡ଼ି ଦେଇ ଥଣ୍ଡା ପାନୀୟ ବିତରକଙ୍କ ଆତ୍ମହତ୍ୟା

**କୁଆଁରମୁଣ୍ଡା,୨୩।୧୦(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଡାଏରୀଫାର୍ମ ପମ୍ପ ହାଉସ୍ ନିକଟସ୍ଥ ଜଙ୍ଗଲରେ ଥିବା ଏକ ଇଉକାଲିପଟସ୍ ଗଛରେ ରବିବାର ଅପରାହ୍ନରେ ଜଣେ ଥଣ୍ଡା ପାନୀୟ ବିତରକ ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି। ଖବର ପାଇ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରି ମର୍ଗ ହାଉସ୍‌ରେ ରଖିଛି। ମୃତ ଥଣ୍ଡାପାନୀୟ ବିତରକ ଜଣକ ହେଉଛନ୍ତି ଅକ୍ଷୟ କୁମାର ବାରିକ(୫୩)। ସେ ପରିବାର ସହ ବେଦବ୍ୟାସର ଲଙ୍ଗେଇଠାରେ ରହୁଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତ ଅକ୍ଷୟ ବୀରମିତ୍ରପୁରର ଜଣେ ବ୍ୟବସାୟୀଙ୍କ ଅଧିନରେ କାର୍ଯ୍ୟ କରୁଥିଲେ।

### ପତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗ ଶିବିର

**ବ୍ରଜରାଜନଗର, ୨୩।୧୦(ଡି.ଏନ୍.ଏ.):** ବ୍ରଜରାଜନଗର ବିର୍ଲା ଶିବମନ୍ଦିର ପରିସରରେ ସ୍ୱତନ୍ତ୍ର ଯୋଗ ଅଭ୍ୟାସ ଶିବିର ପତଞ୍ଜଳି ଯୋଗ ସମିତି ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଶିବିରକୁ ଆନୁଷ୍ଠାନିକ ଭାବେ ପତଞ୍ଜଳି ଯୋଗ ସମିତି ରାଜ୍ୟ ପ୍ରଧାରୀ ରାଧାମାଧବ ବହିଦାର ଉଦ୍‌ଘାଟନ କରିଥିଲେ। ଦୀପାବଳି ସମୟରେ କିଭଳି ବାୟୁ ପ୍ରଦୂଷଣରୁ ନିଜକୁ ଦୂରେଇ ରଖିବେ ଏହା ଉପରେ ବହିଦାର କହିଥିଲେ। ଶିବିରାର୍ଥୀମାନେ ବିଶେଷ ଯୋଗଭ୍ୟାସ କରିଥିଲେ। ବ୍ରଜରାଜନଗର ପତଞ୍ଜଳି ଯୋଗସମିତି ପ୍ରଧାରୀ ପ୍ରଶାନ୍ତ ପାଲଟାସିଂ, ସହ ପ୍ରଧାରୀ ଅଭୟ ଜାଜୁ, ମିଡିଆ ପ୍ରଧାରୀ ରଞ୍ଜନ ସିଂ ସହଯୋଗ କରିଥିଲେ।

# ଆତଙ୍କ ଖେଳାଇଥିବା ୨ ଯୁବକ ଗିରଫ

- ବନ୍ଧବାହାଲରେ ଦୋକାନୀମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ
- ବନ୍ଧୁକ ଗୁଳି ଜବତ କଲା ପୋଲିସ

**ଝାରସୁଗୁଡା ଅଫିସ୍, ୨୩।୧୦**


ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୋଲିସ ଅଧିକାରୀ ଓ ହାଜର କରାଯାଇଥିବା ୨ ଅଭିଯୁକ୍ତ।

ଗତ ଶୁକ୍ରବାର ରାତିରେ ୨ଜଣ ବ୍ୟକ୍ତି ବନ୍ଧବାହାଲ ମାର୍କେଟ୍‌ରେ ଦୋକାନୀମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ଦାଦାବଟି ମାଗୁଥିଲେ। ଦାଦା ବଟି ନ ଦେଲେ ଉଡାଇ ଦେବାକୁ ଧମକ ଦେଇଥିଲେ। ୨ଜଣ ବନ୍ଧବାହାଲ ମାର୍କେଟ୍‌ରେ ଆତଙ୍କ ଖେଳାଇ ପୋଲିସ ଗିରଫଦାରି ଭୟରେ ଫେରାର୍ ହୋଇଯାଇଥିଲେ। ଏଥିରେ ଦୋକାନୀମାନେ ଭୟଭୀତ ହୋଇଯାଇଥିଲେ। ଏହାକୁ ପୋଲିସ ଚ୍ୟାଲେଞ୍ଜକରି ୨୪ଘଣ୍ଟା ମଧ୍ୟରେ ୨ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ବନ୍ଧବାହାଲର ମହମ୍ମଦ କମାଲ ଓ ଗୁଡୁ ସା। ଏମାନଙ୍କ ନିକଟରୁ ପୋଲିସ ଏକ ସ୍ୱୟଂ ଚାଳିତ ଦେଶୀ ବନ୍ଧୁକ, ୪ ଅଫୁଟା ଗୁଳି, ବାଇକ୍ ଓ ମୋବାଇଲ୍ ଆଦି ଜବତ କରିଛି। ଧମକର ଶିକାର ହୋଇଥିବା ଦୋକାନୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ବନହରପାଲି ଥାନାରେ ୩ଟି ମାମଲା (ନଂ.୨୩୯/୨୨, ୨୪୦।୨୨ ଓ ୨୪୧।୨୨) ରୁଜୁକରି ତଦନ୍ତ ଚଳାଇଛି। ଏନେଇ ବ୍ରଜରାଜନଗର ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ ବନହରପାଲି ଥାନାରେ ରବିବାର ଏକ ଖବରଦାତା ସମ୍ମିଳନୀ କରି ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ବନହରପାଲି ଥାନା ଆଇଆଇସି ଅନ୍ନା ମିଞ୍ଜ, ବନ୍ଧବାହାଲ ଫାଣ୍ଡି ଅଧିକାରୀ ରବିଶଙ୍କର ଭଇଁସାଲ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଏସ୍‌ଡିପିଓ ଭୋଇ କହିଛନ୍ତି, ୨ଜଣ ବନ୍ଧବାହାଲ ମାର୍କେଟ୍‌ରେ ବନ୍ଧୁକ ଦେଖାଇ ଦୋକାନୀଙ୍କୁ ଭୟଭୀତ କରି ଫେରାର୍ ହୋଇଯାଇଥିଲେ। ଦୋକାନୀଙ୍କ ଅଭିଯୋଗକୁ ପୋଲିସ୍ ଗୁରୁତର ସହ ନେଇ ୨ଫେରାର୍ ଅଭିଯୁକ୍ତଙ୍କୁ ଧରିବାପାଇଁ ଏକ ସ୍ୱତନ୍ତ୍ର ପୋଲିସ୍ ଟିମ୍ ଗଠନ ହୋଇଥିଲା। ଏଥିରେ ବ୍ରଜରାଜନଗର ଥାନା ଆଇଆଇସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ, ବେଲପାହାଡ ଥାନା ଆଇଆଇସି ରଞ୍ଜନ ବିଶ୍ୱାଳ, ବନହରପାଲି ଥାନା ଆଇଆଇସି ଆନ୍ନା ମିଞ୍ଜ ଓ ବନ୍ଧବାହାଲ ଫାଣ୍ଡି ଅଧିକାରୀ ରବିଶଙ୍କର ଭଇଁସା ପ୍ରମୁଖ ରହିଥିଲେ। ଏହି ପୋଲିସ୍ ଟିମ୍ ଫେରାର୍ ଅଭିଯୁକ୍ତଙ୍କ ମୋବାଇଲ୍ ଟ୍ରାକିଂକରି ଧରିବାରେ ସକ୍ଷମ ହୋଇଛି। ସେମାନଙ୍କ ନାମରେ ହତ୍ୟାକାଣ୍ଡ, ରାହାଜାନୀ ଆଦି ବିଭିନ୍ନ ସଙ୍ଗୀନ ମାମଲା ରହିଛି। କମାଲ ହତ୍ୟାକାଣ୍ଡ ମାମଲାରେ ଜେଲ୍ ଯାଇ ବେଲ୍‌ରେ ମୁକୁଳିବା ପରେ ପୁଣି ବାହାରେ ତାର ଅପରାଧିକ କାର୍ଯ୍ୟକଳାପ ଚଳାଇଥିଲେ । ପୋଲିସ୍ ନିଜ ତରଫରୁ ଅପରାଧିକ କାର୍ଯ୍ୟକଳାପ ୧୧୦ଦଫାରେ ଗିରଫକରି କମାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ କମାଲ ଗତ ବୁଧବାର ଜେଲ୍‌ରୁ ମୁକୁଳିବା ପରେ ପୁଣି ତାର ସହଯୋଗୀଙ୍କ ସହିତ ଅପରାଧିକ କାର୍ଯ୍ୟ କରିଥିଲେ। ଫଳରେ ପୋଲିସ ପୁଣି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଛାତ୍ରୀଙ୍କୁ ଅସଦାଚରଣ: ଜେଲ ଗଲେ ଶିକ୍ଷକ

**ଦେବଗଡ଼,୨୩।୧୦(ଡି.ଏନ୍.ଏ.)**

ଦେବଗଡ଼ ଜିଲା କୁଣ୍ଡେଇଗୋଳା ଥାନା ଖଇରପାଲି ଫାଣ୍ଡି ଅନ୍ତର୍ଗତ ସିଆରମାଳିଆ ପ୍ରାଥମିକ ବିଦ୍ୟାଳୟର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଶିକ୍ଷକଙ୍କୁ ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାଇ ଗତ ଶୁକ୍ରବାର ଛାତ୍ରୀ ଜଣଙ୍କୁ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସାହୁ ବିଦ୍ୟାଳୟର କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିଜ୍ଞାନ ପଢ଼ାଇବା ଆଳରେ ଡାକିନେଇଥିଲେ। ଛାତ୍ରୀଙ୍କ ଶରୀରରୁ ଜାମା ଓହ୍ଲାଇ ଅସଦାଚରଣ କରିଥିଲେ। ତେବେ ଏହି ସମୟରେ କେହି ଜଣେ କାର୍ଯ୍ୟାଳୟ କବାଟ ବାଡେଇବାରୁ ଶିକ୍ଷକଙ୍କ କବଳରୁ ଛାତ୍ରୀ ଜଣକ ଖସି ଦୌଡ଼ି ପଳାଇଥିଲେ। ଘରକୁ ଫେରି ଛାତ୍ରୀ ଜଣକ ପରିବାର ଲୋକଙ୍କୁ ସମସ୍ତ ଘଟଣା କହିବାରୁ ଶନିବାର ପରିବାର ଲୋକେ ବିଦ୍ୟାଳୟ ପରିଚାଳନା କମିଟି ନିକଟରେ ଅଭିଯୋଗ କରିବା ସହ ଏନେଇ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପରେ ପୋଲିସ ଘଟଣାର ତଦନ୍ତ କରିବା ସହ ଶିକ୍ଷକ ସାହୁଙ୍କୁ ଗିରଫ କରିଥିଲା। ଶିକ୍ଷକ ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳର ବୋଲି ଜଣାପଡିଛି।


ଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଉଛି।

## ସମବାୟ ୟୁନିୟନ ନିର୍ବାଚନ: ଭବାନୀ ମାଝି ସମର୍ଥକଙ୍କ ବାଜିମାତ୍


ନିର୍ବାଚିତ ପ୍ରାର୍ଥୀମାନେ।

**ସୁନ୍ଦରଗଡ,୨୩।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ସମବାୟ ୟୁନିୟନ ନିର୍ବାଚନ, ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଓ ପାଇକାରୀ ଖାଉଟି ସମବାୟ ସମିତି ପାଇଁ ରବିବାର ଭୋଟ ଗ୍ରହଣ ହୋଇଥିଲା। ଏହି ନିର୍ବାଚନରେ ଭୋଟ ଗ୍ରହଣ ପରେ ସନ୍ଧ୍ୟାରେ ଫଳାଫଳ ପ୍ରକାଶ ପାଇଛି। ପ୍ରକାଶିତ ଫଳାଫଳ ଅନୁସାରେ ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ତଥା ଜଣାଶୁଣା ସମବାୟବିତ୍ ଭବାନୀ ପ୍ରସାଦ ମାଝିଙ୍କ ସମର୍ଥକମାନେ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ଜିଲା ସମବାୟ ନିର୍ବାଚନରେ ନରେଶ ନାଏକ ୪୮ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିମଳ ପଟେଲ ୧୭ ଖଣ୍ଡ ଭୋଟ ପାଇଛନ୍ତି। ଅମରେନ୍ଦ୍ର ଧର ୪୭ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିକାଶ ନାଏକ ଖଣ୍ଡେ ଭୋଟ ପାଇଛନ୍ତି। ସୁନୀଲ କାଲୋ ୪୮ଖଣ୍ଡ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ପଲଟନ କୋର ୧ଖଣ୍ଡ ପାଇଛନ୍ତି। ନିଆଲି କୁଜୁରଙ୍କୁ ୫୩ ଖଣ୍ଡ ଭୋଟ ମିଳିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦୀ ସୁଷମା ଟେଟେଙ୍କୁ ୨୯ଖଣ୍ଡ ଭୋଟ ମିଳିଛି। ଇର୍ ଫାନ ଅହମ୍ମଦଙ୍କୁ ୪୬ ଖଣ୍ଡ ମିଳିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦୀ ରବି ପଟେଇଙ୍କୁ ମାତ୍ର ୧ ଖଣ୍ଡ ମିଳିଛି। ଜିତେନ୍ଦ୍ର କିଷାନଙ୍କୁ ୨୫ ଖଣ୍ଡ ଭୋଟ ମିଳିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦୀ ମିତ୍ର କିସାନଙ୍କୁ ଗୋଟିଏ ହେଲେ ଭୋଟ ମିଳିନାହିଁ। ସେହିପରି ବନ୍ଦେ ତିର୍କୀଙ୍କୁ ୩୩ଖଣ୍ଡ ମିଳିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦୀ ବିପିନ ବରୁଆ ୨୨ଖଣ୍ଡ ପାଇଥିଲାବେଳେ ଅନ୍ୟଦୁଇଜଣ ପ୍ରତିଦ୍ୱନ୍ଦୀ ରବିନ୍ଦ୍ରଙ୍କୁ ୨ ଖଣ୍ଡ ଓ ସନ୍ଧ୍ୟାଙ୍କୁ ଗୋଟିଏ ହେଲେ ଭୋଟ ମିଳିନାହିଁ। ଆରସିଏମଏସ୍ ନିର୍ବାଚନରେ ପ୍ରକାଶିତ ଫଳାଫଳ ଅନୁସାରେ ରାଜେଶ ସା ୧୬ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ଧନୁ କୁଜୁର ୧୧ଖଣ୍ଡ ପାଇଛନ୍ତି। ପୁଷ୍ପାଞ୍ଜଳୀ ବାର୍ଲା ୨୭ ଖଣ୍ଡ ଭୋଟ ପାଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦୀ ରାଜେଶ୍ୱରୀ ମାଝୀ ୩ଖଣ୍ଡ ଭୋଟ ପାଇଛନ୍ତି। ବିମଳ ପଟେଲ ୧୨ଖଣ୍ଡ ଭୋଟ ପାଇଥିଲାବେଳେ ନିକଟତମ ପ୍ରତିଦ୍ୱନ୍ଦୀ ବୀରେନ୍ଦ୍ର ପଟେଲ ୧୦ଖଣ୍ଡ ପାଇଛନ୍ତି। ଫଣୀନ୍ଦ୍ର ଚୌଧୁରୀ ୧୧ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରଜନୀ ନାଏକ ୯ଖଣ୍ଡ ଭୋଟ ପାଇଛନ୍ତି। ପାଇକାରୀ ଖାଉଟି ସମବାୟ ସମିତିର ଗୋଟିଏ ପଦ ପାଇଁ ହୋଇଥିବା ଭୋଟରେ ବିମଳ ପଟେଲଙ୍କୁ ୧୨ ଖଣ୍ଡ ଭୋଟ ମିଳିଥିବାବେଳେ ନରେଶ ନାଏକଙ୍କୁ ୧୦ଖଣ୍ଡ ଭୋଟ ମିଳିଛି। ଏହି ଫଳାଫଳ ଆସନ୍ତା ୩୦ ତାରିଖରେ ହେବାକୁ ଥିବା ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ନିର୍ବାଚନରେ ବିଶେଷ ପ୍ରଭାବ ପକାଇବାର ସମ୍ଭାବନା ରହିଛି। ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସମବାୟ ୟୁନିୟନର ମୋଟ ୧୫ଟି ସଭ୍ୟ ପଦ ମଧ୍ୟରୁ ୮ଜଣ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇସାରିଥିଲା ବେଳେ ୭ଟି ପଦବୀରେ ରବିବାର ଭୋଟ ଗ୍ରହଣ ହୋଇଥିଲା।

## ଦେବଗଡ଼ ଜିଲା ଆଉଟ ସୋର୍ସିଂ କର୍ମଚାରୀ ସଂଘର ବୈଠକ


ଉପସ୍ଥିତ ଆଉଟ ସୋର୍ସିଂ କର୍ମଚାରୀ।

**ଦେବଗଡ଼,୨୩।୧୦(ଡି.ଏନ୍.ଏ.)**

ସ୍ଥାନୀୟ ଚମ୍ପକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ଦେବଗଡ଼ ଜିଲା ଆଉଟ ସୋର୍ସିଂ କର୍ମଚାରୀ ସଂଘର ବୈଠକ ଅନୁଷ୍ଠିତ ହେବା ସହ କର୍ମକର୍ତ୍ତା ଚୟନ କରାଯାଇଛି। ଏହି ବୈଠକରେ ଜିଲାର ୨୦ଟି ବିଭାଗରେ କାର୍ଯ୍ୟରତ ଆଉଟ ସୋର୍ସିଂ କର୍ମଚାରୀମାନେ ଉପସ୍ଥିତ ରହି ସେମାନଙ୍କର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଏହାସହ ଏଗୁଡିକର ସମାଧାନ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାର ଆଉଟ ସୋର୍ସିଂ କର୍ମଚାରୀମାନଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା ପ୍ରଦାନ କରୁ ନ ଥିବା ନେଇ କର୍ମଚାରୀମାନେ କ୍ଷୋଭ ପ୍ରକାଶ କରିଥିଲେ। ସେମାନଙ୍କୁ ତୁରନ୍ତ ନିୟମିତ କର୍ମଚାରୀ ମାନ୍ୟତା ପ୍ରଦାନ କରିବାକୁ ସରକାରଙ୍କ ନିକଟରେ ଦାବି କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେହିପରି ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାବି ପୂରଣ ନ ହେଲେ ସଂଘ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯିବା ସହ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ହେମନ୍ତ କୁମାର ନାୟକ ଓ ସମ୍ପାଦକ ଭାବେ ଦିବ୍ୟଶଙ୍କର ଗିରିଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଉପଦେଷ୍ଟା ଭାବେ ବ୍ୟୋମକେଶ ଶତପଥି, ସୁଶୀଳ କୁମାର ପ୍ରଧାନ, ମୋହନ ଚନ୍ଦ୍ର ନାୟକ, ଉମାକାନ୍ତ ନାୟକ, ସଙ୍ଗୀତା ପଟ୍ଟନାୟକ, କମଳିନୀ ରଥ ଓ ଚିନ୍ମୟ କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ନୂତନ ସଭାପତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍‌ଡିସି ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବଡ଼ଗାଁ,୨୩।୧୦(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଚେମାପଡା ଗ୍ରାମ ଖେଳପଡିଆରେ ଗତ ୧୯ ତାରିଖରୁ ଚାଲିଥିବା ପଞ୍ଚ ଦିବସୀୟ ଏସ୍‌ଡିସି ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ମୋଟ ୪୦ଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ବେଲପାହାଡ ଏବଂ ସ୍ଥାନୀୟ ଫୁଲବାରୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପେନାଲଟି ସୁଟ ଆଉଟରେ ବେଲପାହାଡ ଦଳ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବଡଗାଁ ବ୍ଲକ ବିଜେଡି ସଭାପତି ଦେବାଶିଷ ମିଶ୍ର ଯୋଗ ଦେଇଥିଲେ। ଚାମ୍ପିୟନ ବେଲପାହାଡ ଦଳକୁ ଟ୍ରଫି ସହ ନଗଦ୨୦ ହଜାର ଟଙ୍କା ଓ ଉପବିଜେତା ଦଳ ଫୁଲବାରୀକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥିବା ଯାଜପୁର ଓ କିଞ୍ଜିରିକେଲା ଦଳକୁ ଟ୍ରଫି ସହ ନଗଦ ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ବିଜେଡି ଜିଲା ସମ୍ପାଦକ ଅରୁଣ କୁମାର ଦୀକ୍ଷିତ,ବରଙ୍ଗାକଛାର ସମିତି ସଭ୍ୟା ସଂଯୁକ୍ତା ସୋରେଙ୍ଗ, ବଡଗାଁ ସମିତି ସଭ୍ୟା ସରିତା କେର୍କେଟା,ବରିଷ୍ଠ ବିଜେଡି କର୍ମୀ ବସନ୍ତ ସାହୁ, ଅମୀୟ ମୁଦୁଲି, ଆଲୋକ ପଟ୍ଟନାୟକ, ସାଗର ବିଶ୍ୱାଳ, ସରୋଜ ଦେଓ,ଏମ୍‌ଡି ଜିଆଉଲ ଯୋଗ ଦେଇଥିଲେ। କେଶ ଖସୈଲ, ମୁନୁମୁନୁ ଏକ୍କା, ସୁମନ ଡୁଙ୍ଗଡୁଙ୍ଗ, ସରୋଜ ଇନ୍ଦୁଆର ରେସବ ଚନ୍ଦନ, ବିକ୍ରମ, ରବିନ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକ, ପୂର୍ବତନ ସାଧାରଣ ସମ୍ପାଦକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ସୁନ୍ଦରଗଡ଼,୨୩।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ପରିଷଦ ବୈଠକ ରବିବାର ସ୍ଥାନୀୟ ବିକାଶ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସମାରୋହରେ ସଂଘର ନେତା, ଜିଲା ସାଧାରଣ ସମ୍ପାଦକ ତଥା ଅବସରପ୍ରାପ୍ତ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସୁଆରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆୟୋଜିତ ସମାରୋହରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବେରିହା, ସେବାନିବୃତ୍ତ ପ୍ରଶାସନିକ ଅଧିକାରୀ ଦୁର୍ଗା ମାଧବ ପଟେଲ, ରାଜ୍ୟ ଫେଡେରେସନର ଉପସଭାନେତ୍ରୀ ସଙ୍ଗୀତା ଦାସ ଓ ମହାସଚିବ ଅମୀୟ ଦାସ ପ୍ରମୁଖ ଯୋଗଦାନ କରିଥିଲେ। ଅତିଥିମାନେ ଅବସରପ୍ରାପ୍ତ ଶିକ୍ଷକନେତା ସୁଆରଙ୍କୁ ଜଣେ ସୁସଙ୍ଗଠକ, ସ୍ପଷ୍ଟବାଦୀ ଶିକ୍ଷକ ନେତା ଭାବେ ଅଭିହିତ କରି ଆଗାମୀ ଦିନରେ ମଧ୍ୟ ଶିକ୍ଷା ଓ ଶିକ୍ଷକଙ୍କ ଉନ୍ନତି ପାଇଁ ତାଙ୍କର ମୂଲ୍ୟବାନ ମତାମତ ସ୍ୱାଗତ କରାଯିବ ବୋଲି କହିଥିଲେ। ଏହି ସଭାରେ ସଂଘର ନବନିର୍ବାଚିତ ସଭାପତି ମମତା କର ଅଧ୍ୟକ୍ଷତା କରିଥିଲେ। ଜିଲାର ସମସ୍ତ ବ୍ଲକରୁ ନିର୍ବାଚିତ ଶିକ୍ଷକ ପ୍ରତିନିଧିମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ରାମନାଥ ଡିଲା ଉତ୍କଳ ବନ୍ଦନା ଗାନ କରିଥିଲେ। ରାଜଗାଙ୍ଗପୁର ବ୍ଲକ ସମ୍ପାଦକ ସୁଜାତା ଦାସ ଓ ହେମଗିର ବ୍ଲକ ପ୍ରତିନିଧି ରଞ୍ଜନ ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ।

## ପୌରାଞ୍ଚଳସ୍ତରୀୟ ଅନୁସୂଚିତ ଜାତି ଏକତା ବୈଠକ



ବୈଠକରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

**ଦେବଗଡ଼,୨୩।୧୦(ଡି.ଏନ୍.ଏ.)**

ସ୍ଥାନୀୟ ବସନ୍ତ ନିବାସ ଡାକ ବଙ୍ଗଳାରେ ରବିବାର ଦେବଗଡ଼ ପୌରାଞ୍ଚଳର ଅନୁସୂଚିତ ଜାତିର ବ୍ୟକ୍ତି ବିଶେଷଙ୍କୁ ନେଇ ପୌରାଞ୍ଚଳସ୍ତରୀୟ ଅନୁସୂଚିତ ଜାତି ଏକତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜାତି ନେତା ପ୍ରଜିତ କୁମାର ଭୋଜଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୂଳ କୁମାର ନାଏକ, ରୁଦ୍ରନାରାୟଣ ନାଏକ, ଅନିରୁଦ୍ଧ ନାଏକ, ସୁଦାମ ବୁଡା, ବିପିନ ବିହାରୀ ସୂର୍ଯ୍ୟା, ସୌଭାଗ୍ୟ ପାତ୍ର, ବୁଲୁ ପାତ୍ର, ସୁରୁ ପାତ୍ର, ମକରଧ୍ୱଜ ହସ୍ତୀ, ଶତୃଘ୍ନ ପାତ୍ର ଓ ରାଜେଶ ନାଏକଙ୍କ ସମେତ ଅନୁସୂଚିତ ଜାତିର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଅସ୍ଥାୟୀ କମିଟି ଗଠନ କରାଯାଇ ପ୍ରଜିତ କୁମାର ଭୋଜଙ୍କୁ ସଭାପତି ମନୋନୀତ କରାଯାଇଥିଲା।

## ବନ୍ଧବାହାଲ ଜଗନ୍ନାଥ ମନ୍ଦିରରେ ସାମୂହିକ ଦୀପଦାନ

# ଏକ ସଙ୍ଗେ ଜଳିଲା ୫୧,୦୫୧ ଦୀପ

**ଝାରସୁଗୁଡା ଅଫିସ୍,୨୩।୧୦**

ଦୀପାବଳୀ ଉପଲକ୍ଷେ ଜଗତର ମଙ୍ଗଳ କାମନା ପାଇଁ ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ତରଫରୁ ଚଳିତବର୍ଷ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଦୀନବାନ୍ଧବ କ୍ଷେତ୍ରରେ ରବିବାର ସନ୍ଧ୍ୟା ୭ଟାରେ ସାମୂହିକ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସାମୂହିକ ଦୀପଦାନରେ ସମୁଦାୟ ୫୧,୦୫୧ଦୀପ ପ୍ରଜ୍ୱଳନ କରାଯାଇଥିଲା। ଲଖନପୁର କ୍ଷେତ୍ର ପ୍ରବନ୍ଧକ ସଞ୍ଜୟ କୁମାର ଝା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହାପରେ ହଜାର ହଜାର ଲୋକେ ଏକ ସଙ୍ଗେ ସାମୂହିକ ଦୀପଦାନ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଜିଲାରେ ପ୍ରଥମ ହୋଇଥିବାବେଳେ ଏହାକୁ ଦେଖିବା ପାଇଁ ହଜାର ହଜାର ଦର୍ଶକଙ୍କ ସମାବେଶ ହୋଇଥିଲା। ଏହି ଦୀପଦାନ ମଧ୍ୟରେ ଏକ ପୌରାଣିକ କଥାବସ୍ତୁ ଯୋଡି ହୋଇଥିଲା। ଏଥିମଧ୍ୟରେ ଭଗବାନ ରାମଚନ୍ଦ୍ର ଓ ଭାଇ ଲକ୍ଷ୍ମଣ ଯେତେବେଳେ ୧୪ବର୍ଷ ବନବାସ ପରେ ଅଯୋଧ୍ୟାକୁ ଫେରିଥିଲେ। ସେତେବେଳେ ଭାଇ ଭରତଙ୍କ ସହିତ ଅଯୋଧ୍ୟାବାସୀ ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କୁ ପାଛୋଟି ନେଇଥିଲେ। ଏହି ଆଧାରରେ ମନ୍ଦିର ପରିସରରେ ଅଯୋଧ୍ୟାପୁରୀର ଆୟୋଜିତ ହୋଇଥିଲା। ଏହି ସାମୂହିକ ଦୀପଦାନରେ ଏମ୍‌ସିଏଲ୍‌ର ୪ୟୁନିଟ୍ ସାମିଲ ହୋଇଥିଲେ। ଏଥିମଧ୍ୟରେ ଲଖନପୁର ଖୋଲାମୁହଁ କୋଇଲା ଖଣି ୟୁନିଟ୍, ବେଲପାହାଡ ଖୋଲାମୁହଁ କୋଇଲା ଖଣି ୟୁନିଟ୍, ସିଡବ୍ଲ୍ୟୁଏସ୍ ଇବ୍‌ବ୍ୟାଲି ୟୁନିଟ୍, ଜିଏମ୍ ଅଫିସ୍ ୟୁନିଟ୍ ରହିଥିଲେ। ଏହିସବୁ ୟୁନିଟ୍‌ର ଅଧିକାରୀ ଓ କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ। ଏହା ସହିତ ବନ୍ଧବାହାଲର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଥିରେ ନିଜକୁ ସାମିଲ କରିଥିଲେ। ଏଥିରେ ଲଖନପୁର ଖଣି ଅଧିକାରୀ ବୀରେନ୍ଦ୍ର କୁମାର ସିଂହ,ବେଲପାହାଡ ଖଣି ଅଧିକାରୀ ସତ୍ୟଭୂଷଣ ବାରିକ,ସିଡବ୍ଲୁଏସ୍ ଇବ୍‌ବ୍ୟାଲି ଅଧିକାରୀ ବିଜୟ କୁମାର,ଜିଏମ୍ ଅଫିସ୍ ୟୁନିଟ୍ ଅଧିକାରୀ ଆର୍‌ଏ ଭେଙ୍କଟରମଣ,ଏପିଏମ୍ ସଞ୍ଜିବ କୁମାର ଭରଦ୍ୱାଜ, କାର୍ମିକ ଅଧିକାରୀ ନିରଞ୍ଜନ ପଟେଲ, ଶ୍ରମିକନେତା ରବୀନ୍ଦ୍ର ପ୍ରସାଦ, ବୁଲୁ ପାଣିଗ୍ରାହୀ, ସଞ୍ଜୟ ପଟେଲ ପ୍ରମୁଖ ବହୁ ଅଧିକାରୀ ସାମିଲ ହୋଇଥିଲେ। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ୍ ତରଫରୁ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା।



ଲଖନପୁର କ୍ଷେତ୍ର ପ୍ରବନ୍ଧକ ସଞ୍ଜୟ କୁମାର ଝା ପ୍ରଦୀପ ପ୍ରଜ୍ୱଳନକରି ସାମୂହିକ ଦୀପଦାନ ଶୁଭାରମ୍ଭ କରୁଛନ୍ତି।(ବାମ) ଜନସାଧାରଣ ସାମୂହିକ ଦୀପଦାନ କରୁଛନ୍ତି।

ଧରିତ୍ରୀ
DHARITRI
ସୋମବାର, ୨୪ ଅକ୍ଟୋବର, ୨୦୨୨



ବ୍ରିଟେନ ମହାନ୍ ଦେଶ। ମୁଁ ଏହାର ଅର୍ଥନୀତିକୁ ସଜାଡ଼ିବାକୁ ଚାହେଁ। ବର୍ତ୍ତମାନ ଆମ ସାମ୍ନାରେ ଅନେକ ବଡ଼ ଚ୍ୟାଲେଞ୍ଜ ରହିଛି। କିନ୍ତୁ ସୁଯୋଗଗୁଡ଼ିକୁ କାର୍ଯ୍ୟରେ ଲଗାଇପାରିଲେ ସେସବୁର ସମାଧାନ ସମ୍ଭବ। ପୂର୍ବରୁ ଉତ୍ତମ ପ୍ରଦର୍ଶନ ନେଇ ମୋର ଟ୍ରାକ୍ ରେକର୍ଡ ରହିଛି। ୨୦୧୯ ନିର୍ବାଚନ ବେଳେ କଞ୍ଜରଭେଟିଭ୍ ପାର୍ଟି ଇସ୍ତାହାରରେ ଉଲ୍ଲେଖ କରାଯାଇଥିବା ପ୍ରତିଶ୍ରୁତିଗୁଡ଼ିକୁ ପାଳନ କରିବି। -ଋଷି ସୁନକ, ବ୍ରିଟେନ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ



## ସଂକ୍ଷେପରେ

### ଆସନ୍ତା ମାସରେ ଆସିବେ କ୍ରାଉନ୍ ପ୍ରିନ୍ସ

**ନୂଆଦିଲ୍ଲୀ, ୨୩।୧୦:** ସାଉଦି ଆରବ ପ୍ରଧାନମନ୍ତ୍ରୀ ତଥା କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ଆସନ୍ତା ମାସରେ ଭାରତ ଆସିବା



କାର୍ଯ୍ୟକ୍ରମ ରହିଛି। ଇଣ୍ଡୋନେସିଆର ବାଲିରେ ଜି୨୦ ସମ୍ମିଳନୀରେ ସାଉଦି କ୍ରାଉନ୍ ପ୍ରିନ୍ସ ଯୋଗଦେବାକୁ ଥିବାବେଳେ ଏହି ଅବସରରେ ସେ ଭାରତ ଆସିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣ କ୍ରମେ ସେ ନୂଆଦିଲ୍ଲୀ ଆସିବାକୁ ଥିବାବେଳେ ତାଙ୍କ ଗସ୍ତ ଗୋଟିଏ ଦିନର ହୋଇପାରେ। ଗତ ସପ୍ତାହରେ ସାଉଦି ଶକ୍ତିମନ୍ତ୍ରୀ ଅବଦୁଲଜିଜ୍ ବିନ୍ ସଲ୍ମାନ ଭାରତ ଗସ୍ତରେ ଆସିଥିଲେ।

### ଆଖି ହରାଇଲେ ସଲମାନ୍ ରଶ୍‌ଡି

**ମାଦ୍ରିଦ୍, ୨୩।୧୦:** ପ୍ରାୟ ଦୁଇ ମାସ ତଳେ ନ୍ୟୁୟର୍କରେ ଆକ୍ରମଣର ଶିକାର ହୋଇ ଚିକିତ୍ସାଧୀନ ଥିବା 'ଦ ସାଟାନିକ୍ ଭର୍ସେସ୍'ର ଲେଖକ ୭୫



ବର୍ଷୀୟ ସଲମାନ୍ ରଶ୍‌ଡି ଗୋଟିଏ ଆଖି ହରାଇଛନ୍ତି। ଏଥିସହ ତାଙ୍କର ଏକ ହାତ ମଧ୍ୟ ଅଚଳ ହୋଇଯାଇଥିବା ରଶ୍‌ଡିଙ୍କ ଏଜେଣ୍ଟ ସୂଚନା ଦେଇଛନ୍ତି। ୧୯୮୦ ଦଶକରୁ ତାଙ୍କ ଉପନ୍ୟାସ ପାଇଁ ଇରାନ୍‌ରୁ ବାରମ୍ବାର ହତ୍ୟା ଧମକ ପାଇଆସୁଥିବା ରଶ୍‌ଡି ଗତ ଅଗଷ୍ଟ ୧୨ରେ ନ୍ୟୁୟର୍କରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ସେ ବକ୍ତବ୍ୟ ରଖିବାବେଳେ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ୨୪ ବର୍ଷୀୟ ହାଦି ମାତର୍ ତାଙ୍କ ତଣ୍ଟି ଏବଂ ଛାତିରେ ଛୁରି ଭୁସି ହତ୍ୟା ଉଦ୍ୟମ କରିଥିଲେ। ହାଦି ମାତର୍‌ଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଥିଲା। ତେବେ ରଶ୍‌ଡି ଏବେ ହସ୍ପିଟାଲରେ ଅଛନ୍ତି ନା ନାହିଁ ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

### ୯ କୁଳପତିଙ୍କୁ ଇସ୍ତଫା ନିର୍ଦ୍ଦେଶ ଦେଲେ କେରଳ ରାଜ୍ୟପାଳ

**ଥିରୁଭାନନ୍ତପୁରମ୍, ୨୩।୧୦:** ଏକ ଅଭୂତପୂର୍ବ ଘଟଣାକ୍ରମେ କେରଳ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ରାଜ୍ୟର ସମସ୍ତ ୯ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଇସ୍ତଫା ଦେବା ଲାଗି ରବିବାର ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କୁ ସୋମବାର ମଧ୍ୟାହ୍ନ ସୁଦ୍ଧା ଇସ୍ତଫା ଦେବା ଲାଗି କୁହାଯାଇଛି। କୁଳପତି ଚୟନରେ ଅନିୟମିତତା ଅଭିଯୋଗ ହୋଇଥିଲା। କେରଳ ଟେକ୍ନିକାଲ ୟୁନିଭର୍ସିଟିର କୁଳପତିଙ୍କୁ ଇସ୍ତଫା ଦେବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ କାଲିକଟ୍ ୟୁନିଭର୍ସିଟି, ସଂସ୍କୃତ ବିଶ୍ୱବିଦ୍ୟାଳୟ, କେଟିୟୁ, ସିୟୁଏସ୍ଏଟି, ଫିସେରିଜ୍, ମାଲାୟାଲମ୍, ଏମ୍‌ଜି, କନ୍ନୁର ଏବଂ ମେଡିକାଲ ୟୁନିଭର୍ସିଟିର କୁଳପତିଙ୍କୁ ଇସ୍ତଫା ଦେବାକୁ ରାଜ୍ୟପାଳ କହିଛନ୍ତି। ପ୍ୟାନେଲରେ ନାମ ନ ଥାଇ ୫ ବିଶ୍ୱବିଦ୍ୟାଳୟର କୁଳପତି ରାଜନୈତିକ ପ୍ରଭାବ ବଳରେ ଚୟନ ହୋଇଥିଲେ। ଅନ୍ୟ ୪ ଜଣଙ୍କ ଚୟନ ବେଳେ ସିଲେକ୍ସନ କମିଟିରେ ବିଶେଷଜ୍ଞ ନ ଥିଲେ ବୋଲି ରାଜଭବନ ପକ୍ଷରୁ କୁହାଯାଇଛି। ରାଜ୍ୟପାଳଙ୍କ ପଦକ୍ଷେପ ସମ୍ବିଧାନ ବିରୋଧୀ। ରାଜ୍ୟ ସରକାର ଏହାର ବିରୋଧ କରନ୍ତୁ ବୋଲି ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ଏମ୍.ଭି. ଗୋବିନ୍ଦନ କହିଛନ୍ତି।

# ଋଷି ବନାମ କିଏ

## ବ୍ରିଟେନ ପ୍ରଧାନମନ୍ତ୍ରୀ ପଦ ପାଇଁ ନାମାଙ୍କନ ଆଜି

**ଲଣ୍ଡନ, ୨୩।୧୦**

କଞ୍ଜରଭେଟିଭ୍ ପାର୍ଟି ଏମ୍‌ପି ତଥା ପୂର୍ବତନ ଅର୍ଥମନ୍ତ୍ରୀ ଋଷି ସୁନକ ବ୍ରିଟେନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଦୌଡ଼ରେ ରବିବାର ଦ୍ୱିତୀୟ ଥର ପାଇଁ ଆନୁଷ୍ଠାନିକ ଭାବେ ସାମିଲ ହୋଇଛନ୍ତି। ବ୍ରିଟେନ ଏକ ମହାନ୍ ଦେଶ କିନ୍ତୁ ଆମେ ଏକ ବୃହତ୍ ଆର୍ଥିକ ସଙ୍କଟକୁ ସାମ୍ନା କରୁଛୁ। ମୁଁ ଦେଶର ଅର୍ଥନୀତିକୁ ସଜାଡ଼ିବାକୁ ଚାହେଁ। ଦଳକୁ ଏକାଠି କରି ଦେଶବାସୀଙ୍କ ସେବା କରିବାକୁ ଆଗ୍ରହୀ ବୋଲି ଋଷି ଟୁଇଟ୍ କରିଛନ୍ତି। ଏହି ଅବସରରେ ସେ କୋଭିଡ୍-୧୯ ମହାମାରୀ ଭଳି କଠିନ ସମୟରେ ଚାନ୍ସେଲର ଥିବାବେଳେ ଦେଶର ଅର୍ଥନୀତିକୁ କିପରି ପରିଚାଳନା କରିଥିଲେ ସେନେଇ ନିଜ ଟ୍ରାକ୍ ରେକର୍ଡ ସହ ଭିଜନ୍ ଷ୍ଟେଟ୍‌ମେଣ୍ଟ ଉପସ୍ଥାପନ କରିଛନ୍ତି। ଋଷିଙ୍କ ସପକ୍ଷରେ ଶାସକ ଦଳର ସର୍ବାଧିକ ଏମ୍‌ପି ଥିବାରୁ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କୁ ପରାଜିତ କରି ପ୍ରଥମ ଭାରତୀୟ ବଂଶୋଦ୍ଭବ ରୂପେ ବ୍ରିଟେନକୁ ଶାସନ କରିପାରନ୍ତି ବୋଲି କୁହାଯାଉଛି। କିନ୍ତୁ ବୋରିସ୍ ଏଯାଏ ନିଜେ ପ୍ରାର୍ଥୀ ହେବା ସମ୍ପର୍କରେ ଘୋଷଣା କରିନାହାନ୍ତି। ହାଉସ୍ ଅଫ୍ କମନ୍ସର ୪୯ ବର୍ଷୀୟା ଲିଡର ପେନି ମୋର୍ଡାଣ୍ଟ ଏହି ଦୌଡ଼ରେ ସାମିଲ ହେବା ନେଇ ପ୍ରଥମେ ଘୋଷଣା କରିଥିଲେ ହେଁ ଏମ୍‌ପିଙ୍କ ସମର୍ଥନ ହାସଲ ଦୃଷ୍ଟିରୁ ସେ ତୃତୀୟ ସ୍ଥାନରେ ରହିଛନ୍ତି। ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ଏନ୍.ଆର୍. ନାରାୟଣମୂର୍ତ୍ତିଙ୍କ ୪୨ ବର୍ଷୀୟ



ବୋରିସ୍ ଜନ୍‌ସନ୍



ପେନି ମୋର୍ଡାଣ୍ଟ

ଜ୍ୱାଇଁ ଋଷି ସୁନକ ୧୨୮ ଏମ୍‌ପିଙ୍କ ସମର୍ଥନ ହାସଲ କରି ବ୍ରିଟେନ ପ୍ରଧାନମନ୍ତ୍ରୀ ଦୌଡ଼ରେ ନିଜକୁ ସାମିଲ କରିଛନ୍ତି। କ୍ଷମତା ଭାଗବଣ୍ଟା ନେଇ ଋଷି ଓ ବୋରିସ୍‌ଙ୍କ ମଧ୍ୟରେ ଡିଲ୍ ପାଇଁ ଶନିବାର ଆଲୋଚନା ହୋଇଥିଲା। ଏନେଇ ଋଷିଙ୍କ ସମର୍ଥକ ତଥା ପୂର୍ବତନ ଉପପ୍ରଧାନମନ୍ତ୍ରୀ ଡୋମିନିକ୍ ରାବ କହିଛନ୍ତି, କଞ୍ଜରଭେଟିଭ୍ ପାର୍ଟିର ଏକତା ବଜାୟ ରଖିବା ସକାଶେ ଉଭୟଙ୍କ ମଧ୍ୟରେ ବାର୍ତ୍ତାଳାପ ହୋଇଛି। ଋଷିଙ୍କ ପ୍ରତି ସମର୍ଥନ ବଢ଼ିଚାଲିଥିବାରୁ ସେ ମଜଭୁତ ସ୍ଥିତିରେ ରହିଛନ୍ତି। ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବା ପାଇଁ ଜଣଙ୍କୁ ୧୦୦ ଏମ୍‌ପିଙ୍କ ସମର୍ଥନ ଲୋଡ଼ା। ସୋମବାର ସ୍ଥାନୀୟ ସମୟ ଅପରାହ୍ନ ୨ଟା ସୁଦ୍ଧା କଞ୍ଜରଭେଟିଭ୍ ପାର୍ଟିର ୧୦୦ ଏମ୍‌ପିଙ୍କ ସ୍ୱାକ୍ଷର ସମ୍ବଳିତ ସମର୍ଥନପତ୍ର ସହ ଜଣେ ପ୍ରାର୍ଥୀ ନିଜ ନାମାଙ୍କନ ଦାଖଲ କରିପାରିବେ। ଯଦି କୌଣସି ପ୍ରାର୍ଥୀ ୧୫୬ରୁ ଊର୍ଦ୍ଧ୍ୱ ଏମ୍‌ପିଙ୍କ ସମର୍ଥନ ହାସଲ କରନ୍ତି ତେବେ ପ୍ରତିଦ୍ୱନ୍ଦ୍ୱିତା ସ୍ୱତଃ ୨ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ସୀମିତ ହୋଇଯିବ। କାରଣ ୬୫୦ ସଦସ୍ୟ ବିଶିଷ୍ଟ ହାଉସ୍ ଅଫ୍ କମନ୍ସରେ କଞ୍ଜରଭେଟିଭ୍ ପାର୍ଟିର ମୋଟ ଏମ୍‌ପିଙ୍କ ସଂଖ୍ୟା ହେଉଛି ୩୫୭। କିନ୍ତୁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଲେ ସୋମବାର ଏମ୍‌ପିମାନେ ବାଲଟ ଜରିଆରେ ଚୂଡ଼ାନ୍ତ ଦୁଇ ପ୍ରାର୍ଥୀଙ୍କୁ ବାଛିବେ। ଏପରି ହେଲେ ଆସନ୍ତା ଶୁକ୍ରବାର ସୁଦ୍ଧା ପ୍ରାୟ ୧,୭୦,୦୦୦ ଟୋରି ସଦସ୍ୟ ନୂଆ ନେତାଙ୍କୁ ଅନ୍‌ଲାଇନ୍ ଭୋଟିଂ ଜରିଆରେ ଚୟନ କରିବେ। ଯଦି ଦଳ ଆପୋସ ଆଲୋଚନା ଜରିଆରେ ଏକାଠି ହୋଇ ଜଣେ ପ୍ରାର୍ଥୀଙ୍କ ସପକ୍ଷରେ ଯାଏ ତେବେ ସୋମବାର ସନ୍ଧ୍ୟା ସୁଦ୍ଧା ବ୍ରିଟେନ ଜଣେ ନୂଆ ପ୍ରଧାନମନ୍ତ୍ରୀଙ୍କୁ ପାଇବ। ପ୍ରକାଶ ଯେ, ବୋରିସ୍‌ଙ୍କ ଇସ୍ତଫା ପରେ ତାଙ୍କ ଉତ୍ତରାଧିକାରୀ ନିର୍ବାଚନ ଲାଗି ହୋଇଥିବା ଭୋଟର ଫଳାଫଳ ଗତ ସେପ୍ଟେମ୍ବର ୫ରେ ଆସିଥିଲା। ତତ୍କାଳୀନ ବହିର୍ବ୍ୟାପାର ସଚିବ ଲିଜ୍ ଟ୍ରସ୍‌ଙ୍କୁ ୮୧,୩୨୬ ଖଣ୍ଡ ଭୋଟ ମିଳିଥିବାବେଳେ ସୁନକଙ୍କ ସପକ୍ଷରେ ୬୦,୩୯୯ ଭୋଟ ପଡ଼ିଥିଲା। ପୁନର୍ବାର କ୍ଷମତାକୁ ଫେରିବାକୁ ଚାହୁଁଥିବା ବୋରିସ୍ ଏହି ସର୍ବନିମ୍ନ ଆବଶ୍ୟକତା ପୂରଣ କରିପାରିଛନ୍ତି କି ନାହିଁ ସେନେଇ ସେ କିଛି ସ୍ପଷ୍ଟ କରିନାହାନ୍ତି।

### ଦ୍ୱିମୁଖୀ ନା ତ୍ରିମୁଖୀ

- ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବା ପାଇଁ ଜଣଙ୍କୁ ୧୦୦ କଞ୍ଜରଭେଟିଭ୍ ଏମ୍‌ପିଙ୍କ ସମର୍ଥନ ଲୋଡ଼ା
- ୧୨୮ ଏମ୍‌ପିଙ୍କ ସମର୍ଥନ ସହ ଦୌଡ଼ରେ ସାମିଲ ହେଲେ ଋଷି
- କୌଣସି ପ୍ରାର୍ଥୀ ୧୫୬ରୁ ଊର୍ଦ୍ଧ୍ୱ ଏମ୍‌ପିଙ୍କ ସମର୍ଥନ ହାସଲ କଲେ ୨ ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା
- ବୋରିସ୍ ଓ ମୋର୍ଡାଣ୍ଟଙ୍କ ମଧ୍ୟରୁ ଜଣେ ପ୍ରାର୍ଥୀ ହେଲେ ଶୁକ୍ରବାର ସୁଦ୍ଧା ଅନ୍‌ଲାଇନ୍ ଭୋଟିଂ
- ଉଭୟେ ପ୍ରାର୍ଥୀ ହେଲେ ତ୍ରିମୁଖୀ ଲଢ଼େଇ

### କାହା ସପକ୍ଷରେ କିଏ

ଗତମାସରେ କଞ୍ଜରଭେଟିଭ୍ ପାର୍ଟିର ନେତା ନିର୍ବାଚନ ବେଳେ ଭାରତୀୟ ବଂଶୋଦ୍ଭବ ସୁଏଲା ବ୍ରାଭରମ୍ୟାନ୍ ଲିଜ୍ ଟ୍ରସ୍‌ଙ୍କୁ ସମର୍ଥନ କରିଥିଲେ। ଟ୍ରସ୍ ଜିତି ପ୍ରଧାନମନ୍ତ୍ରୀ ହେବା ପରେ ବ୍ରାଭରମ୍ୟାନ୍‌ଙ୍କୁ ଗୃହମନ୍ତ୍ରୀ ନିଯୁକ୍ତ କରିଥିଲେ। ନିକଟରେ ଟ୍ରସ୍‌ଙ୍କ କ୍ୟାବିନେଟରୁ ଇସ୍ତଫା ଦେଇଥିବା ବ୍ରାଭରମ୍ୟାନ୍ ଏବେ ଋଷି ସୁନକଙ୍କୁ ନିଜ ସମର୍ଥନ ଜଣାଇଛନ୍ତି। ସେହିପରି ପାକିସ୍ତାନ ବଂଶୋଦ୍ଭବ କଞ୍ଜରଭେଟିଭ୍ ଏମ୍‌ପିମାନେ ମଧ୍ୟ ଋଷିଙ୍କୁ ସମର୍ଥନ ଜଣାଇଛନ୍ତି। ସେମାନଙ୍କ ମଧ୍ୟରେ ପୂର୍ବରୁ ହୋମ୍ ସେକ୍ରେଟାରି ତଥା ଚାନ୍ସେଲର ଭାବେ କାର୍ଯ୍ୟ କରିଥିବା ସାଜିଦ୍ ଜାଭିଦ୍ ଏବଂ ପୂର୍ବତନ ଜୁନିୟର ମିନିଷ୍ଟର ରେହମାନ ଚିସ୍ତି ଅଛନ୍ତି। ପୂର୍ବରୁ ଲିଜ୍ ଟ୍ରସ୍‌ଙ୍କୁ ସମର୍ଥନ କରିଥିବା ଟ୍ରେଡ୍ ସେକ୍ରେଟାରି କେମି ବେଡ୍‌ନୋକ୍ ଏବଂ ସୁରକ୍ଷା ମନ୍ତ୍ରୀ ଟମ୍ ଟୁଗେଣ୍ଡହଟ୍ ଏଥର ଋଷିଙ୍କ ସପକ୍ଷରେ ବାହାରିଛନ୍ତି। ଅନ୍ୟପକ୍ଷେ ଜଣାଶୁଣା ଭାରତୀୟ ବଂଶୋଦ୍ଭବ ଏମ୍‌ପିମାନେ ବୋରିସ୍‌ଙ୍କ ସପକ୍ଷରେ ରହିବା ନେଇ ଘୋଷଣା କରିଛନ୍ତି। ବୋରିସ୍‌ଙ୍କ ସପକ୍ଷବାଦୀ ଏହି ଏମ୍‌ପିମାନେ ହେଲେ ପୂର୍ବତନ ଗୃହମନ୍ତ୍ରୀ ପ୍ରୀତି ପଟେଲ, ଦୁଇଥର କ୍ୟାବିନେଟ ମନ୍ତ୍ରୀ ହୋଇଥିବା ଆଲୋକ ଶର୍ମା, ସର୍ବାଧିକ ସମୟ ଧରି ପାର୍ଲାମେଣ୍ଟରେ ପ୍ରତିନିଧିତ୍ୱ କରିଥିବା ଶୈଳେଶ ଭରା। ବିଜ୍‌ନେସ ସେକ୍ରେଟାରି ଜାକୋବ୍ ରିସ୍‌ମୋଗ୍ କହିଛନ୍ତି, ସେ ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ନେତୃତ୍ୱକୁ ସମର୍ଥନ କରିବେ।

# ଦୀପୋତ୍ସବ ପାଳିଲେ ମୋଦି

### ରାମଙ୍କ ବିଚାରଧାରା 'ସବ୍‌କା ସାଥ୍, ସବ୍‌କା ବିକାଶ' ପାଇଁ ଅନୁପ୍ରାଣିତ କରିଛି



**ଅଯୋଧ୍ୟା, ୨୩।୧୦**

ଭଗବାନ୍ ରାମଚନ୍ଦ୍ରଙ୍କ ଉପଦେଶ ଓ ବିଚାରଧାରା 'ସବ୍‌କା ସାଥ୍ ଓ ସବ୍‌କା ବିକାଶ' ପାଇଁ ଅନୁପ୍ରାଣିତ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ରବିବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଅଯୋଧ୍ୟାରେ ପହଞ୍ଚି ଦୀପାବଳି ଉତ୍ସବ ପାଳନରେ ସାମିଲ ହୋଇଥିଲେ। ସେ ରାମମନ୍ଦିର ଯାଇ ପୂଜାର୍ଚ୍ଚନା କରିବା ସହ ସରଯୂ ନଦୀ କୂଳରେ ଆଳତି କରିଥିଲେ। ପରେ ସେ ଦୀପୋତ୍ସବ ପାଳନର ଶୁଭାରମ୍ଭ କରିବା ସହ ନିଜେ ମାଟିଦୀପ ଜାଳିଥିଲେ। ଦୀପୋତ୍ସବରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଦୀପ ଜଳାଯିବାର ବ୍ୟବସ୍ଥା ହୋଇଛି। ଏହା ବ୍ୟତୀତ ସେଠାରେ ୫ଟି ଆନିମେଟେଡ୍ ଏବଂ ୧୧ଟି ରାମଲୀଳା ପ୍ରଜ୍ଞାପନ ମେଢ଼ ଜରିଆରେ



ବିଭିନ୍ନ ରାଜ୍ୟର ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସରଯୂ କୂଳରେ ଥିବା ରାମ କୀ ପୌଡ଼ିରେ ଆୟୋଜିତ ୩ଡି ହୋଲୋଗ୍ରାଫିକ୍ ପ୍ରୋଜେକ୍ସନ ମ୍ୟାପ୍ ଓ ମ୍ୟୁଜିକାଲ ଲେଜର ଶୋ'କୁ ପ୍ରଧାନମନ୍ତ୍ରୀ ଉପଭୋଗ କରିଥିଲେ। ଏହି ଅବସରରେ ରାମ କଥା ପାର୍କରେ ଜନସମାବେଶକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଭଗବାନ୍ ରାମଙ୍କ କୃପାରୁ ସେ ତାଙ୍କର ଦର୍ଶନ ଲାଭର ସୁଯୋଗ ପାଇଛନ୍ତି। କେବଳ ଅଯୋଧ୍ୟା କି ଉତ୍ତରପ୍ରଦେଶ ନୁହେଁ, ସାରା ବିଶ୍ୱ ଏହି ଉତ୍ସବକୁ ଦେଖୁଛି। ସ୍ୱାଧୀନତା ଅମୃତ ମହୋତ୍ସବ ପାଳନ ଅବସରରେ ଦେଶକୁ ନୂଆ ଉଚ୍ଚତାକୁ ନେଇଯିବା ଲାଗି ଭାଗବାନ୍ ରାମଙ୍କ ଭଳି ସଂକଳ୍ପବଦ୍ଧ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ରାମଙ୍କ ଆଦର୍ଶ ଲୋକଙ୍କ ପାଇଁ ଆଲୋକବର୍ତ୍ତିକା ସଦୃଶ ଆଗାମୀ ୨୫ ବର୍ଷ ନିମନ୍ତେ ଭାରତର ବିକାଶ ଲାଗି ଅନୁପ୍ରାଣିତ କରିବ ଏବଂ ସବୁଠୁ କଠିନ ଲକ୍ଷ୍ୟ ହାସଲ ଲାଗି ସାହସ ଯୋଗାଇବ ବୋଲି ମୋଦି କହିଛନ୍ତି। ଏହି ଉତ୍ସବରେ ବିପୁଳ ଜନସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଦୀପ ଜାଳିବା କାର୍ଯ୍ୟରେ ୨୨ ହଜାର ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥିବାବେଳେ ସୁରକ୍ଷା ଦାୟିତ୍ୱରେ ୪,୦୦୦ ପୋଲିସ ରହିଛନ୍ତି।

### ରାଜୀବ ଗାନ୍ଧୀ ଫାଉଣ୍ଡେଶନ୍‌ର ଏଫ୍‌ସିଆର୍‌ଏ ଲାଇସେନ୍ସ ବାତିଲ

**ନୂଆଦିଲ୍ଲୀ, ୨୩।୧୦**

କେନ୍ଦ୍ର ସରକାର ଶନିବାର ରାଜୀବ ଗାନ୍ଧୀ ଫାଉଣ୍ଡେଶନ (ଆର୍‌ଜିଏଫ୍) ଏବଂ ରାଜୀବ ଗାନ୍ଧୀ ଚ୍ୟାରିଟେବଲ୍ ଟ୍ରଷ୍ଟ (ଆର୍‌ଜିସିଟି)ର ବିଦେଶ ଅନୁଦାନ ନିୟନ୍ତ୍ରଣ ଆଇନ (ଏଫ୍‌ସିଆର୍‌ଏ) ଲାଇସେନ୍ସ ବାତିଲ କରିଦେଇଛନ୍ତି। ବିଦେଶ ଅନୁଦାନ ଆଇନର ଉଲ୍ଲଂଘନ ଅଭିଯୋଗରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏହି ଦୁଇ ଏନ୍‌ଜିଓର ମୁଖ୍ୟ ରହିଛନ୍ତି। ଉକ୍ତ ଏନ୍‌ଜିଓ ଉପରେ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ୨୦୨୦ ଜୁଲାଇରେ ମନ୍ତ୍ରଣାଳୟ ଏକ କମିଟି ଗଠନ କରିଥିଲା। ଆୟକର ରିଟର୍ନ ଦାଖଲ ବେଳେ ଦସ୍ତାବିଜ୍‌ରେ ଜାଲିଆତି, ବିଦେଶରୁ ଆସିଥିବା ପାଣ୍ଠିର ଦୁରୁପଯୋଗ ଏବଂ ମନଲଣ୍ଡରିଂ ହୋଇଥିବା ତଦନ୍ତକାରୀମାନେ ଜାଣିବାକୁ ପାଇଥିଲେ। ଏହି ରିପୋର୍ଟ ଆଧାରରେ ଲାଇସେନ୍ସ ବାତିଲ ନିଷ୍ପତ୍ତି ନିଆଯାଇଛି। ୧୯୯୧ରେ ସ୍ଥାପିତ ଆର୍‌ଜିଏଫ୍‌ର ଅଧ୍ୟକ୍ଷା ସୋନିଆ ଗାନ୍ଧୀ ରହିଥିବାବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏହାର ଟ୍ରଷ୍ଟି ଅଛନ୍ତି। ଗାନ୍ଧୀ ପରିବାର ଓ ସେମାନଙ୍କ ନିୟନ୍ତ୍ରଣରେ ଥିବା ସଂଗଠନଗୁଡ଼ିକ ଆଇନର ଊର୍ଦ୍ଧ୍ୱରେ ନୁହନ୍ତି ବୋଲି ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି। ଆର୍‌ଜିଏଫ୍ ବିବାଦୀୟ ଇସ୍‌ଲାମୀୟ ଧର୍ମୋପଦେଶକ ଜାକିର ନାଏକ, ଚାଇନା ଦୂତାବାସ ଓ ଚାଇନା ସରକାର ଏବଂ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କଠାରୁ ଚାନ୍ଦା ସଂଗ୍ରହ କରୁଥିଲା ବୋଲି ଭାଜପା ମୁଖପାତ୍ର କହିଛନ୍ତି।

### ସ୍ୱାସ୍ଥ୍ୟକେନ୍ଦ୍ରରେ ନର୍ସଙ୍କୁ ବାନ୍ଧି ଗଣବଳାତ୍କାର

**ରାୟପୁର, ୨୩।୧୦**

ଛତିଶଗଡ଼ର ମହେନ୍ଦ୍ରଗଡ଼ ଜିଲାର ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ନର୍ସଙ୍କ ହାତଗୋଡ଼ ବାନ୍ଧି ତାଙ୍କୁ ଗଣବଳାତ୍କାର କରାଯାଇଛି। ୪ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି। ଚତୁର୍ଥ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସେମାନେ ନର୍ସଙ୍କୁ ଗଣବଳାତ୍କାର କରିବା ସହ ଏହାର ଭିଡିଓ ରେକର୍ଡିଂ କରାଇଥିଲେ। ପୋଲିସ୍‌କୁ ଜଣାଇଲେ ମାରିଦେବେ ବୋଲି ସେମାନେ ପୀଡ଼ିତାଙ୍କୁ ଧମକ ଦେଇଥିଲେ। ଅଭିଯୋଗ ଅନୁଯାୟୀ ଜିଲାର ଛିପଛିପି ଗ୍ରାମରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ଶୁକ୍ରବାର ଅପରାହ୍ନରେ ନର୍ସ ଜଣକ ଏକାକୀ ଥିବାବେଳେ ଅଭିଯୁକ୍ତମାନେ ସେଠାରେ ପ୍ରବେଶ କରି ତାଙ୍କ ହାତଗୋଡ଼ ବାନ୍ଧି ବଳାତ୍କାର କରିଥିଲେ। ଏହି ଘଟଣାକୁ ବିରୋଧ କରି ଭାଜପା ରାଜରାସ୍ତାକୁ ଓହ୍ଲାଇବା ସହ ଭୂପେଶ ବଘେଲ ସରକାର ବିରୋଧରେ ବିକ୍ଷୋଭ କରିଛି। ଗ୍ରାମାଞ୍ଚଳରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ସେମାନେ ଛତିଶଗଡ଼ ସରକାରଙ୍କ ନିକଟରେ ଦାବି କରିଛନ୍ତି।

### ଇଚ୍ଛାମୃତ୍ୟୁ ପାଇଁ ରାଷ୍ଟ୍ରପତିଙ୍କ ଅନୁମତି ଲୋଡ଼ିଲେ ପୀଡ଼ିତା

**ପିଲିଭିଟ୍, ୨୩।୧୦**

ସାବତ ପୁଅ ଏବଂ ସ୍ୱାମୀଙ୍କ ସାଙ୍ଗମାନଙ୍କ ଦ୍ୱାରା ଦୀର୍ଘମାସ ଧରି ବଳାତ୍କାର ହୋଇଥିବା ଉତ୍ତରପ୍ରଦେଶ ପିଲିଭିଟ୍ ଅଞ୍ଚଳର ଜଣେ ମହିଳା ଇଚ୍ଛାମୃତ୍ୟୁ ଅନୁମତି ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପତ୍ର ଲେଖିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୁରାଣପୁର କୋଟ୍‌ୱାଲି ପୋଲିସ ଗତ ୯ ତାରିଖରେ ମହିଳାଙ୍କ ସ୍ୱାମୀ, ସାବତ ପୁଅଙ୍କ ସମେତ ୫ ଜଣଙ୍କ ନାମରେ ମାମଲା ରୁଜୁ କରିଥିଲେ ମଧ୍ୟ ଜାଣିଶୁଣି କୌଣସି ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ନ୍ୟାୟ ପାଇବା ଆଶା ହରାଇଥିବା ୩୦ ବର୍ଷୀୟ ପୀଡ଼ିତା ଜଣକ ରାଷ୍ଟ୍ରପତିଙ୍କୁ ଲେଖିଥିବା ପତ୍ରରେ ଜଣାଇଛନ୍ତି। ଅପରାଧ ସମ୍ପର୍କରେ ମୁହଁ ଖୋଲିଲେ ହତ୍ୟା କରାଯିବ ବୋଲି ତାଙ୍କୁ ବାରମ୍ବାର ଧମକ ଦିଆଯାଉଛି। ସେଥିପାଇଁ ସେ ଇଚ୍ଛା ମୃତ୍ୟୁ ନିମନ୍ତେ ରାଷ୍ଟ୍ରପତିଙ୍କ ଅନୁମତି ଚାହିଁଥିବା ଲେଖିଛନ୍ତି।

### ମହିଳାଙ୍କୁ ଚାପୁଡ଼ା ମାରି କ୍ଷମା ମାଗିଲେ ମନ୍ତ୍ରୀ

**ଚାମରାଜନଗର, ୨୩।୧୦:** ଜଣେ ମହିଳାଙ୍କୁ ଚାପୁଡ଼ା ମାରିଥିବା କର୍ଣ୍ଣାଟକର ଗୃହନିର୍ମାଣ ଓ ଭିତ୍ତିଭୂମି ମନ୍ତ୍ରୀ ଭି. ସୋମନ୍ନା ରବିବାର କ୍ଷମା ମାଗିଛନ୍ତି। ସରକାରୀ ଜମିରେ ବସବାସ କରୁଥିବା ଭୂମିହୀନଙ୍କୁ ମନ୍ତ୍ରୀ ସୋମନ୍ନା ଏକ କାର୍ଯ୍ୟକ୍ରମରେ ଜମି ପଟ୍ଟା ବାଣ୍ଟୁଥିବାବେଳେ ମହିଳା ଜଣଙ୍କ ନିଜ ପାଇଁ ଏକ ପଟ୍ଟା ନିମନ୍ତେ ମନ୍ତ୍ରୀଙ୍କୁ ଗୁହାରି କରିଥିଲେ। ଲୋକଙ୍କ ଗହଳି ଭିତରେ ବିରକ୍ତ ହୋଇଯାଇଥିବା ସୋମନ୍ନା ରାଗିଯାଇ ମହିଳାଙ୍କୁ ଚାପୁଡ଼ା ମାରିଥିବା ଦେଖାଯାଇଥିଲା। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ରାଜନୈତିକ ମହଲରେ ନିନ୍ଦା କରାଯାଇଛି।



ଭି. ସୋମନ୍ନା

# ପାର୍ଟି କର୍ମକର୍ତ୍ତାରୁ ସର୍ବାଧିକ କ୍ଷମତାଶାଳୀ

**୧୯୫୩** ଜୁନ୍ ୧୫ରେ ବେଜିଂରେ ଜନ୍ମିତ ଶି ଜିନ୍‌ପିଙ୍ଗ୍ ହେଉଛନ୍ତି କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ନେତା ତଥା ୧୯୪୯ରେ କମ୍ୟୁନିଷ୍ଟ ପାର୍ଟିକୁ ଶାସନକୁ ଆଣିଥିବା ଗୃହଯୁଦ୍ଧବେଳର ଗେରିଲା କମାଣ୍ଡର ଶି ଜୋଙ୍ଗ୍‌ଶୁନ୍‌ଙ୍କ ପୁଅ।

**୧୯୬୯-୧୯୭୫:** ଚାଇନାରେ ସାଂସ୍କୃତିକ ବିପ୍ଳବ ସମୟରେ ତଥା ତତ୍କାଳୀନ ନେତା ମାଓ ଜେଡୋଙ୍ଗ୍‌ଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସାମାଜିକ ସଂସ୍କାର ବେଳେ ଜିନ୍‌ପିଙ୍ଗ୍ ୧୫ ବର୍ଷର ହୋଇଥିଲେ। ସେହି ସମୟରେ ସେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ମଧ୍ୟରେ ଜୀବନ ବିତାଇଥିଲେ।

**୧୯୭୫-୧୯୮୯:** ଶିଙ୍ଗ୍‌ହୁଆ ୟୁନିଭର୍ସିଟିରେ କେମିକାଲ ଇଞ୍ଜିନିୟରିଂ ପଢ଼ିବା ନିମନ୍ତେ ଜିନ୍‌ପିଙ୍ଗ୍ ବେଜିଂକୁ ଫେରିଥିଲେ।

**୧୯୭୯-୧୯୮୨:** ସେଣ୍ଟ୍ରାଲ ମିଲିଟାରି



ଶି ଜିନ୍‌ପିଙ୍ଗ୍

କମିଶନ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଜଣେ ସାମରିକ ସହଯୋଗୀ ଭାବେ ଜିନ୍‌ପିଙ୍ଗ୍‌ଙ୍କ ଯୋଗଦାନ।

**୧୯୮୨-୧୯୮୫:** ହେବେଇ ପ୍ରଦେଶର ଜେଙ୍ଗ୍‌ଡିଙ୍ଗ୍ କାଉଣ୍ଟିରେ କମ୍ୟୁନିଷ୍ଟ ପାର୍ଟି ନେତା ତଥା ଡେପୁଟି ଲିଡର ଚୟନ।

**୨୦୦୦-୨୦୦୨:** ଫୁଜିଆନ୍ ପ୍ରଦେଶର ଗଭର୍ନର। ପରେ ଜେଜିଆଙ୍ଗ୍ ପ୍ରଦେଶରେ ପାର୍ଟି ମୁଖ୍ୟ ଚୟନ।

**୨୦୦୭ ଅକ୍ଟୋବର:** ୯ ସଦସ୍ୟ ବିଶିଷ୍ଟ ପଲିଟ୍‌ବ୍ୟୁରୋ ଷ୍ଟାଣ୍ଡିଂ କମିଟିରେ ସଦସ୍ୟ ହେବା ସହ ଜାତୀୟ ନେତୃତ୍ୱରେ ଯୋଗଦାନ।

**୨୦୦୮ ମାର୍ଚ୍ଚ:** ଚାଇନାର ଉପରାଷ୍ଟ୍ରପତି ମନୋନୀତ।

**୨୦୧୨ ନଭେମ୍ବର:** ଚାଇନା ରାଷ୍ଟ୍ରପତି ହୁ ଜିଣ୍ଟାଓଙ୍କ ସ୍ଥାନରେ କମ୍ୟୁନିଷ୍ଟ ପାର୍ଟିର ମହାସଚିବ(ଦଳର ସବୁଠୁ ଶକ୍ତିଶାଳୀ ପଦବୀ) ନିଯୁକ୍ତ।

**୨୦୧୩ ମାର୍ଚ୍ଚ:** ଚାଇନା ରାଷ୍ଟ୍ରପତି ଭାବେ ଜିନ୍‌ପିଙ୍ଗ୍‌ଙ୍କ ପ୍ରଥମ ୫ ବର୍ଷିଆ କାର୍ଯ୍ୟକାଳ ଆରମ୍ଭ।

**୨୦୧୮ ମାର୍ଚ୍ଚ:** ସର୍ବାଧିକ ୨ ଥର ରାଷ୍ଟ୍ରପତି ହେବା ନେଇ ସମ୍ବିଧାନରେ ଥିବା ନିୟମର ଉଚ୍ଛେଦ।

ସ୍ପେନ୍ ରାଜଧାନୀ ମାଦ୍ରିଦର ବ୍ୟସ୍ତବହୁଳ ରାସ୍ତାରେ ରବିବାର କାର୍ ପରିବର୍ତ୍ତେ ଧାଉଁଥିଲେ ମେଣ୍ଢା। ଶୀତଋତୁର ଆଗମନ ହେତୁ ମେଣ୍ଢାପଲକୁ ପାଳକମାନେ ଚରାଇବାକୁ ନେଉଥିଲେ। ମେଣ୍ଢାମାନଙ୍କ ବେକରେ ବନ୍ଧାଯାଇଥିବା ଘଣ୍ଟିଗୁଡ଼ିକ ବାଜୁଥିବାବେଳେ ଏହି ଦୃଶ୍ୟ ଦେଖିବା ପାଇଁ ବହୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ୧୯୯୪ରେ ସ୍ପାନିଶ୍ ପାର୍ଲାମେଣ୍ଟ ମେଷପାଳକମାନଙ୍କୁ ପାରମ୍ପରିକ ପଥ ପ୍ଲାଜା ମେୟର ସ୍କୋୟାର ଦେଇ ମେଣ୍ଢାଙ୍କୁ ନେବା ପାଇଁ ଅନୁମତି ଦେବା ପରଠୁ ମାଦ୍ରିଦ୍‌ର ବାର୍ଷିକ 'ଫିଏଷ୍ଟା ଡେ ଲା ଟ୍ରାସ୍‌ହ୍ୟୁମାନିକା'କୁ ଉତ୍ସାହର ସହ ପାଳନ କରାଯାଉଛି। ମାଦ୍ରିଦ୍‌ରେ ମାସେ ହେଲା ରହୁଥିବା ୨୨ ବର୍ଷୀୟା ଆମେରିକୀୟ ତଥା ଇଂଲିଶ୍ ଶିକ୍ଷୟିତ୍ରୀ ମାରିଆ କୋଉରିଆବାଲିସ୍ ଏହାକୁ ସ୍ପେନ୍‌ର ଇତିହାସ ଓ ସଂସ୍କୃତି ସମ୍ପର୍କରେ ଜାଣିବା ପାଇଁ ଏକ ବଡ଼ ସୁଯୋଗ ବୋଲି କହିଛନ୍ତି।



# ଘୃଣା ପ୍ରସାର କରୁଛନ୍ତି ଭାଜପା-ଆର୍‌ଏସ୍‌ଏସ୍‌: ରାହୁଲ

ନୂଆଦିଲ୍ଲୀ,୨୩।୧୦

ଏକତା ଓ ଭ୍ରାତୃଭାବ ବଢ଼ାଇବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଭାରତ ଯୋଡ଼ୋ ଯାତ୍ରା ରବିବାର ସକାଳେ ହାଇଦ୍ରାବାଦରେ ପ୍ରବେଶ କରିଛି। ଭାଜପା ଏବଂ ଆର୍‌ଏସ୍‌ଏସ୍‌ ଦେଶରେ ଘୃଣାର ପ୍ରସାର କରୁଥିବା ଏହି ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ଏଥିସହିତ ସେ ଏକ ଜନସମାବେଶରେ ଦରଦାମ୍‌ ବୃଦ୍ଧି ଓ ବେରୋଜଗାରୀ ପ୍ରସଙ୍ଗ ଉଠାଇଥିଲେ। ଭାରତ ଯୋଡ଼ୋ ଯାତ୍ରା ଭାଜପା-ଆର୍‌ଏସ୍‌ଏସ୍‌ ନୀତି, ଘୃଣା ଓ ହିଂସା ବିରୋଧୀ ବୋଲି ରାହୁଲ କହିଛନ୍ତି। ଭାଜପା ସରକାରରେ ଦୁଇଟି ଭାରତ ସୃଷ୍ଟି ହୋଇଛି। ଗୋଟିଏ ମୁଷ୍ଟିମେୟ ଧନୀଙ୍କର ହୋଇଥିବାବେଳେ ଅନ୍ୟଟି କୋଟି କୋଟି ଯୁବ, କୃଷକ, ଶ୍ରମିକ ଓ କ୍ଷୁଦ୍ର ବ୍ୟବସାୟୀଙ୍କର। ଆମେ ଦୁଇଟି ନୁହେଁ, ଗୋଟିଏ ଭାରତ ଚାହୁଁ, ଯେଉଁଠି ସମସ୍ତଙ୍କୁ ନ୍ୟାୟ, ନିଯୁକ୍ତି ମିଳିବ ଏବଂ ଦେଶରେ ଭ୍ରାତୃଭାବ ରହିବ ବୋଲି କଂଗ୍ରେସ ନେତା କହିଥିଲେ। ତେଲଙ୍ଗାନା-କର୍ନାଟକ ସୀମାରେ ରାହୁଲଙ୍କୁ ତେଲଙ୍ଗାନା କଂଗ୍ରେସ ନେତାମାନେ ସ୍ୱାଗତ କରିଥିଲେ। କଂଗ୍ରେସ ଲୋକ ସଭା ସଦସ୍ୟ ତଥା ତେଲଙ୍ଗାନା ପାଇଁ ଦଳୀୟ ପ୍ରଭାରୀ ଥିବା ମନିକମ୍‌ ଟାଗୋର, ରାଜ୍ୟ କଂଗ୍ରେସ ସଭାପତି ଏ. ରେଭନ୍ତ ରେଡ୍ଡୀ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ।

## ତେଲଙ୍ଗାନାରେ ପ୍ରବେଶ କଲା ଭାରତ ଯୋଡ଼ୋ ଯାତ୍ରା



ଭାରତ ଯୋଡ଼ୋ ଯାତ୍ରା ସୋମବାର ତେଲଙ୍ଗାନାରେ ପ୍ରବେଶ କରୁଛି।

## ଯାତ୍ରାରେ ସାମିଲ ହେବେ ପାୱାର

ବାରାବତି,୨୩।୧୦: ସମାଜରେ ଏକତା ଆଣିବା ଉଦ୍ଦେଶ୍ୟରେ କଂଗ୍ରେସ ଦଳ ଚଳାଇଥିବା ଭାରତ ଯୋଡ଼ୋ ଯାତ୍ରା ମହାରାଷ୍ଟ୍ରରେ ପ୍ରବେଶ କଲେ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଏଥିରେ ସାମିଲ ହେବେ ବୋଲି ରବିବାର କହିଛନ୍ତି। ମହାରାଷ୍ଟ୍ର ପ୍ରଦେଶ କଂଗ୍ରେସ ସଭାପତି ଅଶୋକ ଚଭନ ଏବଂ ବାଲାସାହେବ ଥୋରାଟ ତାଙ୍କୁ ଭେଟି ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହେବା ଲାଗି ଆମନ୍ତ୍ରଣ କରିଥିଲେ। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ଏହି ପଦଯାତ୍ରା ନଭେମ୍ବର ୭ରେ ମହାରାଷ୍ଟ୍ରରେ ପ୍ରବେଶ କରିବ। ସେପ୍ଟେମ୍ବର ୭ରେ ତାମିଲନାଡୁର କନ୍ୟାକୁମାରୀରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ୧୫୦ ଦିନରେ ୩,୫୭୦ କିଲୋମିଟର ଅତିକ୍ରମ କରି ଜମ୍ମୁ-କଶ୍ମୀରରେ ଶେଷ ହେବ। ବର୍ତ୍ତମାନ ସୁଦ୍ଧା ଏହା ତାମିଲନାଡୁ, କେରଳ, କର୍ନାଟକ ଏବଂ ଆନ୍ଧ୍ରପ୍ରଦେଶ ଅତିକ୍ରମ କଲାଣି।

# ଦୋବଲ ଜୋନ୍‌: ପଛରେ ପଡ଼ିଯିବ କି ବିଜେଡି

ଧାମନଗର, ୨୩।୧୦(ଡି.ଏନ୍‌.ଏ.)

## ଧାମନଗର ଉପନିର୍ବାଚନ

ଉପନିର୍ବାଚନ ଯେତେ ପାଖେଇ ଆସୁଛି, ଧାମନଗର ରାଜନୀତି ସେତେ ସରଗରମ ହେଉଛି। ପ୍ରାର୍ଥୀମାନଙ୍କ ପ୍ରଚାରରେ ଧାମନଗର ରାସ୍ତାଘାଟ କମ୍ପୁଛି। ଦଳୀୟ ପ୍ରାର୍ଥୀଙ୍କ ପାଇଁ ନେତାମାନେ ପ୍ରଚାରକୁ ଜୋରଦାର କରିଛନ୍ତି। ଘର ଘର ବୁଲି ଜନସମର୍ଥନ ଲୋଡ଼ୁଛନ୍ତି। ଧାମନଗରରେ ବିଜେଡି ପାଇଁ କଣ୍ଟା ସାଜିଛନ୍ତି ବିଦ୍ରୋହୀ ପ୍ରାର୍ଥୀ ରାଜେନ୍ଦ୍ର ଦାସ (ରାଜୁ)। ଯଦିଓ ବିଜେଡି ରାଜେନ୍ଦ୍ରଙ୍କୁ ଦଳରୁ ବହିଷ୍କାର କରିଛି, ତଥାପି ସଙ୍ଗଠନକୁ କରାୟତ୍ତ କରିପାରି ନାହିଁ। ଏଥିଲାଗି ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ସାଧାରଣ ଲୋକଙ୍କ ଘରେ ପହଞ୍ଚୁଛନ୍ତି। ଗୋଟିଏ ସାହିରେ ୨୦ରୁ ୩୦ ଖଣ୍ଡ ଭୋଟକୁ ନେଇ ରାଜନୀତି କରୁଥିବା କୁଜି ନେତାଙ୍କୁ ବି ସେ ମନାଇବାରେ ଲାଗିଛନ୍ତି। ଦୋବଲ ଜୋନ୍‌ ଏବେ ଦଳ ପାଇଁ ଚିନ୍ତାର କାରଣ ସାଜିଛି। ଏହି ଜୋନ୍‌ରେ ଦୋବଲ, ମୁସ୍ତାଫାପୁର, ଖଡ଼ିପଦା, ଆନନ୍ଦପୁର, କରଦା, ସୋହଡ଼ା, ପଧାନି ଓ ଦଳାଙ୍ଗ ପଞ୍ଚାୟତ ରହିଛି। ୮ ପଞ୍ଚାୟତରେ ବିଜେଡିର ପ୍ରମୁଖମାନେ ରାଜୁଙ୍କ ଦୃଢ଼ ସମର୍ଥକ। ଜୋନ୍‌ର ୮ ପଞ୍ଚାୟତ ଲାଗି ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ଦଳ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଛି। ଏଥିସହ ଦୋବଲ ଜୋନ୍‌ ଜିଲା ପରିଷଦ ସଦସ୍ୟା ଊର୍ମିଳା ବିଶ୍ୱାଳଙ୍କ ସ୍ୱାମୀ ତଥା ବିଜେଡି ନେତା ପ୍ରତାପ ସାମଲ, ଦଳର ଯୁବନେତା ମୁକୁନ୍ଦଦେବ ସାମଲ ମଧ୍ୟ ଏଠାରେ ଡେରା ପକାଇବା ସହ ଅନ୍ୟ ବାହାର କର୍ମୀମାନେ ରହି ପ୍ରଚାର କରୁଛନ୍ତି।

ସଙ୍ଗଠନ ରାଜେନ୍ଦ୍ରଙ୍କ ସହ ଥିବା ଓ ରାଜେନ୍ଦ୍ର ମଇଦାନରେ ଥିବାରୁ ବିଜେଡି କର୍ମୀମାନେ ସାମ୍ନାରେ ଦଳର ଜିନ୍ଦାବାଦ୍‌ ପକାଉଥିବା ବେଳେ ରାଜେନ୍ଦ୍ରଙ୍କୁ ଭୋଟ୍‌ ଦେବାକୁ ଅଭୟବାଣୀ ମଧ୍ୟ ଦେଉଛନ୍ତି। ସେହିପରି ଆନନ୍ଦପୁର ଓ ଖଡ଼ିପଦା ପଞ୍ଚାୟତ ବିଜେଡି ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ଦୁଇ ପଞ୍ଚାୟତରେ ବିଜେଡିର ଆଦୌ ସଙ୍ଗଠନ ନାହିଁ। ଯାହା ଅଛି ରାଜେନ୍ଦ୍ରଙ୍କ ଓ ଭାଜପାର। ଆନନ୍ଦପୁରରେ ବିଜେଡି ସମର୍ଥିତ ସରପଞ୍ଚ ଓ ସ୍ୱାଧୀନ ସମିତିସଭ୍ୟ ଜିତିଥିଲେ ମଧ୍ୟ ଏଠାରେ ବିଜେଡିର ବିଦ୍ରୋହୀ ଅନେକ। ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ଶରତ ମାଝିଙ୍କୁ ବିରୋଧ କରି ଅଧେ କର୍ମୀ ପଞ୍ଚାୟତ ନିର୍ବାଚନରେ ନୂଆ ମଞ୍ଚ କରିଥିଲେ। ଦୋବଲ ଓ ମୁସ୍ତାଫାପୁରରେ ରାଜେନ୍ଦ୍ରଙ୍କ ସଙ୍ଗଠନ ଥିବାବେଳେ ସଂଖ୍ୟାଲଘୁ ଭୋଟର ଅଧିକ। ଏମାନଙ୍କର ମାତ୍ରାଧିକ ଭୋଟ୍‌ ରାଜେନ୍ଦ୍ରଙ୍କ ବାକ୍ସରେ ପଡ଼ିବାର ସମ୍ଭାବନା ରହିଛି। ସେହିପରି ଦଳାଙ୍ଗ, କରଦାରେ ମଧ୍ୟ ରାଜେନ୍ଦ୍ରଙ୍କୁ ଅକୁଣ୍ଠ ସମର୍ଥନ ମିଳୁଛି। ବାକି ଭୋଟ ଭାଜପା ସପକ୍ଷରେ ଯାଇପାରେ। ସୋହଡ଼ାରେ ଭାଜପାର ପ୍ରଭାବ ଖୁବ୍‌ ଅଧିକ। ତେବେ ପୂର୍ବତନ ବ୍ଲକ ଚେୟାରମ୍ୟାନ ବିନୋଦ ନାୟକଙ୍କ ପଞ୍ଚାୟତ ଓ ତାଙ୍କ ବୋହୂ ସରପଞ୍ଚ ଥିବାରୁ ବିଜେଡି ଏଠାରେ ଆଶ୍ୱସ୍ତ ଅଛି। ପଧାନି ପଞ୍ଚାୟତରେ ଭାଜପା ଓ କଂଗ୍ରେସର ଦବ୍‌ଦବା। ଏଠାରେ ବିଜେଡିର ପ୍ରାୟତଃ ସ୍ଥିତି ନାହିଁ। ଯାହା କିଛି ଅଛି, ସେସବୁ ରାଜୁଙ୍କ ସପକ୍ଷରେ ରହିଛି। ଯାଜପୁରର ସୁରକ୍ଷା ପାଇଁ ଧାମନଗର ପଟକୁ ବୈତରଣୀରେ ୬ଟି ଏସ୍କେପ କରାଯାଇଥିବାରୁ ଲୋକଙ୍କର ସେହି ରାଗ ମଧ୍ୟ ଏବେ ସ୍ୱାଭିମାନର କଥା ହୋଇ ଉଙ୍କି ମାରୁଛି। ସେହି ସ୍ୱାଭିମାନକୁ ରାଜେନ୍ଦ୍ର ଆୟୁଧ କରିଥିବାରୁ ଲୋକେ ବି ତାଙ୍କ ସପକ୍ଷରେ ଯାଉଥିବା ଦେଖିବାକୁ ମିଳିଛି।

# ଏସ୍‌ଏଚ୍‌ଜି ମହିଳା ଟଙ୍କା ବାଣ୍ଟୁଥିବା ଅଭିଯୋଗ କଲା ଭାଜପା

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

## ଧାମନଗର ଉପନିର୍ବାଚନ

## ‘୪୮ ଘଣ୍ଟା ଭିତରେ ମହିଳାଙ୍କୁ ଗିରଫ ନ କଲେ ଧାରଣା’

ଧାମନଗର ଉପନିର୍ବାଚନ ଜିତିବା ପାଇଁ ସରକାରୀ କଳର ଅପବ୍ୟବହାର ସହିତ ଭୋଟରଙ୍କୁ ଧମକ ଦେବା ଏବଂ ଟଙ୍କା ଦେଇ ଭୋଟ ଦେବାକୁ ପ୍ରବର୍ତ୍ତାଇବା କାର୍ଯ୍ୟରେ ଶାସକ ଦଳ ଲାଗିପଡ଼ିଛି। ଏନେଇ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ଶାସକ ଦଳର ମନ୍ତ୍ରୀ ଓ ନେତାମାନେ ଖୋଲାଖୋଲି ଭାବେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଛନ୍ତି। ମିଶନ ଶକ୍ତି ମହିଳାମାନେ ମତଦାତାଙ୍କ ଘରେ ଘରେ ଟଙ୍କା ବାଣ୍ଟୁଥିବା ଭିଡିଓ ଏବେ ଭାଇରାଲ ହେଉଛି। ବିଜେଡି ସଭାରେ ଯେଉଁ ଜନତା ଆସୁଛନ୍ତି ସେମାନଙ୍କୁ ଏସ୍‌ଏଚ୍‌ଜି ମହିଳା ଟଙ୍କା ବାଣ୍ଟି ଭୋଟ ଦେବାକୁ ପ୍ରଲୋଭିତ କରୁଛନ୍ତି। ବିଜେଡି ସପକ୍ଷରେ ଭୋଟ ଦେବା ପାଇଁ ଜଣେ ମହିଳା ଖୋଲାଖୋଲି ଭାବେ ଅନୈତିକ ଭାବେ ଟଙ୍କା ବାଣ୍ଟିବାର ଏକ ଭିଡିଓ ଶନିବାର ସାମ୍ନାକୁ ଆସିଛି। ଏ ସମ୍ପର୍କିତ ସମସ୍ତ ତଥ୍ୟ ଓ ପ୍ରମାଣ ଭାଜପାର ଏକ ପ୍ରତିନିଧି ଦଳ ରବିବାର ସିଇଓଙ୍କୁ ପ୍ରଦାନ କରିଛନ୍ତି। ଆସନ୍ତା ୪୮ ଘଣ୍ଟା ଭିତରେ ଧାରା ୧୨୩/୧୭୧ ଅନୁଯାୟୀ ସମ୍ପୃକ୍ତ ମହିଳାଙ୍କୁ ଗିରଫ କରାଯାଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ରାଜ୍ୟ ନିର୍ବାଚନ ଅଧିକାରୀ ଏବଂ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଭାଜପା କହିଛି। ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ସ୍ଥାନୀୟ ପୋଲିସ ଓ ପ୍ରଶାସନ ସେମାନଙ୍କୁ ସାହାଯ୍ୟ କରୁଛନ୍ତି। ଏସ୍‌ଏଚ୍‌ଜି ଜରିଆରେ ବ୍ୟାପକ ମାତ୍ରାରେ ଟଙ୍କା ବଣ୍ଟନ କରାଯାଇ ଭୋଟରଙ୍କୁ ପ୍ରଭାବିତ କରାଯାଉଛି। ଧାମନଗର ଉପନିର୍ବାଚନରେ ମଧ୍ୟ ବିଜେଡି ଅନୁରୂପ ଶୈଳୀ ଆପଣାଇଛି। ଏହାକୁ ସିଇଓ ପ୍ରୋତ୍ସାହିତ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

# ୪୮ ଘଣ୍ଟାରେ ଅଭିଯୁକ୍ତଙ୍କୁ ନ ଧରିଲେ ରାଜ୍ୟବ୍ୟାପୀ ଆନ୍ଦୋଳନ

## ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା, ଅର୍ଚ୍ଚନା ନାଗ ବ୍ଲାକମେଲିଂ ଘଟଣା

## ଆସନ୍ତା ୩୧ରେ ନବୀନ ନିବାସ ଘେରିବ ଭାଜପା

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ବିଭିନ୍ନ ଅପରାଧମୂଳକ କାର୍ଯ୍ୟରେ ସମ୍ପୃକ୍ତ ଶାସକ ଦଳର ବହୁ ମନ୍ତ୍ରୀ ଏବଂ ନେତାଙ୍କୁ ସୁରକ୍ଷା ଦିଆଯାଉଥିବାରୁ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ଲୋକଙ୍କ ସେବା ପାଇଁ ଥିବା ପ୍ରଶାସନ ଓ ପୋଲିସ ଉପରୁ ବିଶ୍ୱାସ ହ୍ରାସ ପାଇଲାଣି। ବହୁଚର୍ଚ୍ଚିତ ଧର୍ମେନ୍ଦ୍ର ସାହୁ ମୃତ୍ୟୁର ଅଭିଯୁକ୍ତ ମନ୍ତ୍ରୀ ସମୀର ଦାଶ ଓ ଅର୍ଚ୍ଚନା ନାଗ ସ୍କାଣ୍ଡାଲରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ଥିବା ସତ୍ତ୍ୱେ ଶାସକ ଦଳର ଚାପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ରାଜ୍ୟ ସରକାରଙ୍କ ଚାପର ବଶବର୍ତ୍ତୀ ହୋଇ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ରାଜ୍ୟର ସମସ୍ତ ଜିଲା ଏବଂ ସବ୍‌ଡିଭିଜନରେ ଆନ୍ଦୋଳନ ଜରିଆରେ ଜନଜାଗରଣ ସୃଷ୍ଟି କରାଯିବ। ଏହାସହ ଆସନ୍ତା ୩୧ରେ ନବୀନ ନିବାସ ଘେରାଉ କରାଯିବ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ରବିବାର ଭାଜପା ପ୍ରତିନିଧି ଦଳ ତଥା ନେତା ଓ କର୍ମୀମାନେ ଦ୍ୱିତୀୟ ଦିନ ପାଇଁ ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଶାସକ ଦଳ ନେତାଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ମୃତ୍ୟୁ ପୂର୍ବରୁ ସ୍ୱର୍ଗତ ଧର୍ମେନ୍ଦ୍ର ସାହୁଙ୍କ ବୟାନ ଆଧାରରେ ଅଭିଯୁକ୍ତ ମନ୍ତ୍ରୀ ଦାଶଙ୍କୁ ଜେରା କରିବା ତ ବହୁ ଦୂରର କଥା, ବର୍ତ୍ତମାନ ସୁଦ୍ଧା ତଦନ୍ତ ପରିସରଭୁକ୍ତ କରାଯାଇନାହିଁ। ଆସନ୍ତା ୪୮ ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ ଜେରା କରା ନ ଗଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଭାଜପା କହିଛି।




ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଭାଜପା ନେତା ଓ କର୍ମୀ।

## ରାଜ୍ୟ

# ଯୁବକଙ୍କୁ ଗୁଳିମାଡ଼, ଅଭିଯୁକ୍ତ ଗିରଫ

ବାଲେଶ୍ୱର ଅଫିସ, ୨୩।୧୦

ବାଲେଶ୍ୱର ସହର ଟାଉନ ଥାନା ଅଧୀନ ଆର୍ତ୍ତ କବିରାଜ ରୋଡ୍‌ରେ ଶନିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଛି। ଏନେଇ ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଗୁଳିକାଣ୍ଡରେ ବ୍ୟବହୃତ ବନ୍ଧୁକ ଓ ଏକ ଜୀବନ୍ତ ଗୁଳି ଜବତ କରାଯାଇଛି। ଗୁଳିକାଣ୍ଡର କାରଣ ଜଣାପଡ଼ି ନ ଥିବା ବେଳେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ବିଳମ୍ବିତ ରାତିରେ ଆର୍ତ୍ତ କବିରାଜ ରୋଡ୍‌ର ଭୀମ ଦାସଙ୍କ ପୁଅ କମଲ କୁମାର ଦାସ ରାସ୍ତା ଉପରେ ଛିଡ଼ା ହୋଇ ସାଙ୍ଗମାନଙ୍କ ସହ କଥାବାର୍ତ୍ତା ହେଉଥିବା ବେଳେ ଟାଉନ ଥାନା ଅଧୀନ ଆକତପୁର ଚୌଧୁରୀସାହି ଅଞ୍ଚଳର ସୁଜଳ ଚୌଧୁରୀ (୨୪) ହଠାତ୍‌ ପାଖକୁ ଆସି ବନ୍ଧୁକରୁ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳିଟି କମଲଙ୍କ ଦେହରେ ନ ବାଜି ଆଖି କଡ଼ରେ ବାଜି ପଳାଇଯିବାରୁ ସେ ଅଳ୍ପକେ ବର୍ତ୍ତିଯିବା ସହ ଗୁରୁତର ଭାବେ ତଳେ ପଡ଼ିଯାଇଥିଲେ। ଏନେଇ କମଲଙ୍କ ସମ୍ପର୍କୀୟଙ୍କ ପକ୍ଷରୁ ଟାଉନ ଥାନାରେ ଲିଖିତ ଅଭିଯୋଗ ହେବା ପରେ ମାମଲା (ନଂ. ୨୪୬/୨୨) ଦଫା ୩୦୭/୨୯୪/୫୦୬/ ୩୪ ଆଇପିସି୨୫/୨୭ ଆର୍ମ ଆକ୍ଟ ରୁଜୁ କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ବେଳେ ଏକ ଖୋକା ଜବତ କରିଛି।

## ବନ୍ଧୁକ ସହ ଜୀବନ୍ତ ଗୁଳି ଜବତ



ଗୁଳିମାଡ଼ରେ ଗୁରୁତର ଯୁବକ।

# ୨୫.୫ ଲକ୍ଷ ଟଙ୍କା ଠକେଇ, ବାପା-ପୁଅ ଗିରଫ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଦବୀରେ ଚାକିରି କରାଇ ଦେବାକୁ କହି ଜଣେ ଯୁବକଙ୍କଠାରୁ ସାଢେ ୨୫ ଲକ୍ଷ ଟଙ୍କା ଠକେଇ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ବାପା ଓ ପୁଅଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ସୁନ୍ଦରଗଡ ଜିଲାର ରାଜେନ୍ଦ୍ର କୁମାର ରାଜପୁତ (୫୩) ଓ ଆଶିଷ କୁମାର ରାଜପୁତ (୨୮)। ଏମାନଙ୍କଠାରୁ କୌଣସି ଠକେଇ ଟଙ୍କା ଜବତ କରାଯାଇ ନ ଥିବା ଜଣାପଡିଛି। ଏନେଇ ପୋଲିସ ମାମଲା (ନଂ.୪୨୯/୨୧) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ଘଟଣାରେ ସଂପୃକ୍ତ ଥିବା ବୃନ୍ଦାବାଦୀ ନାମକ ଜଣେ ମହିଳାଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଚଳାଇଥିବା ଜଣାପଡିଛି।

ସୂଚନାନୁସାରେ, ୨୦୧୯ରେ ଏହି ଠକେଇ ହୋଇଥିବାବେଳେ ୨୦୨୧ ଅକ୍ଟୋବର ୧୩ରେ ଠକେଇର ଶିକାର ହୋଇଥିବା ଚୂଡ଼ାମଣି କିଷାନ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ଚୂଡ଼ାମଣିଙ୍କ ଅଭିଯୋଗ ଅନୁସାରେ, ବଡ଼ପୁଅ ରୋହିତ କୁମାର ପଢାପଢି ସାରିବା ପରେ ଚାକିରି ସନ୍ଧାନରେ ଥିଲେ। ୨୦୧୯ ମାର୍ଚ୍ଚରେ ଗିରଫ ଅଭିଯୁକ୍ତଦ୍ୱୟଙ୍କ ସହ ବୃନ୍ଦାବାଦୀ ତାଙ୍କ ଘରକୁ ଆସିଥିଲେ। ସେମାନେ ନିଜକୁ ରାଜ୍ୟ ସରକାରଙ୍କ ଉଚ୍ଚ ଅଧିକାରୀଙ୍କ ସମ୍ପର୍କରେ ଥିବା କଥା କହି ପୁଅ ରୋହିତଙ୍କ ପାଇଁ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଦବୀରେ ଚାକିରି କରେଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ୨୫ ଲକ୍ଷ ଟଙ୍କାର ଚେକ୍‌ ଓ ୫୦ ହଜାର ଟଙ୍କା ନଗଦ ଆକାରରେ ଦେବାକୁ କହିଥିଲେ। ଚାକିରି ନ ଦେଲେ ସମସ୍ତ ଟଙ୍କା କିଛିଦିନ ମଧ୍ୟରେ ଫେରସ୍ତ କରାଇଦେବେ ବୋଲି କଥା ଛିଡିଥିଲା। ହେଲେ ସେମାନେ ଚୂଡ଼ାମଣିଙ୍କଠାରୁ କଥା ଅନୁସାରେ ଟଙ୍କା ନେବା ପରେ ଅଭିଯୁକ୍ତମାନେ ଚାକିରି କରାଇପାରି ନ ଥିଲେ। ଚୂଡ଼ାମଣି ଟଙ୍କା ଫେରସ୍ତ ପାଇଁ କହିବାରୁ ଅଭିଯୁକ୍ତମାନେ ତାଙ୍କ ଘରକୁ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ଧକ୍କା ଓ ଗୋଇଠା ମାରିବା ସହିତ ତାଙ୍କ ଜାତିକୁ ଆକ୍ଷେପ କରି ବିଭିନ୍ନ ପ୍ରକାର କଟୁ କଥା କହିଥିଲେ। ଏନେଇ ଚୂଡ଼ାମଣି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲାର ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଛି।

## ଅନ୍ୟତମ ଅଭିଯୁକ୍ତ ମହିଳା ଫେରାର

# ପୁତୁରା ଇଟା ମାଡ଼ରେ କକାଙ୍କ ମୃତ୍ୟୁ: ଅଭିଯୁକ୍ତ ଗିରଫ

ବୌଦ୍ଧ,୨୩।୧୦(ସ୍ୱ.ପ୍ର.)

ବୌଦ୍ଧ ଥାନା ଅନ୍ତର୍ଗତ ମହାକୁଡପାଲିରେ ରବିବାର ଏକ ହତ୍ୟାକାଣ୍ଡ ଘଟିଛି। ସାମାନ୍ୟ ଘଟଣାକୁ ନେଇ ପୁତୁରାଙ୍କ ଇଟା ମାଡ଼ରେ ଦାଦାଙ୍କ ମୃତ୍ୟୁ ଘଟିଛି। ପୋଲିସ ଏହି ଘଟଣାରେ ଅଭିଯୁକ୍ତ ଝରିଆ ମେହେରଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଉକ୍ତ ଗ୍ରାମର ବେଣୁଧର ମେହେର ନିଜ ଘର ଛାତ ପକାଉଥିବା ବେଳେ ପଡିଶାରେ ରହୁଥିବା ତାଙ୍କ ପୁତୁରା ଘର ଉପରେ କିଛି ପାଣି ପଡିଯାଇଥିଲା। ଏହାକୁ ନେଇ ପୁତୁରା ଝରିଆ ପାଟିତୁଣ୍ଡ କରିବା ସହିତ ଖଣ୍ଡେ ଇଟା କକା ବେଣୁଧରଙ୍କ ଉପରକୁ ଫିଙ୍ଗି ଥିଲେ। ବେଣୁଧରଙ୍କ ମୁଣ୍ଡରେ ଇଟାଖଣ୍ଡ ବାଜିବାରୁ ସେ ଗୁରୁତର ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇପଡିବାରୁ ଡାକ୍ତର ତାଙ୍କୁ ଚିକିତ୍ସା ପାଇଁ ବାହାରକୁ ନେବାକୁ ପରାମର୍ଶ ଦେଇଥିଲେ। ଅନ୍ୟ ଡାକ୍ତରଖାନା ନେବାକୁ ପ୍ରସ୍ତୁତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ବେଣୁଧରଙ୍କୁ ଡାକ୍ତର ମୃତ ଘୋଷଣା କରିବା ପରେ ପରିବାର ଲୋକେ ଏ ନେଇ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ବୌଦ୍ଧ ପୋଲିସ ନଂ ୩୨୭/୨୨ରେ ଏକ ହତ୍ୟା ମାମଲା ରୁଜୁ କରିଛି। ଅଭିଯୁକ୍ତ ପୁତୁରା ଝରିଆଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ମାଧବାନନ୍ଦ ନାଏକ ସୂଚନା ଦେଇଛନ୍ତି।

# ନାରୀ ଶ୍ରମିକଙ୍କ ସହଯୋଗ ଏକ ଜାତୀୟ ଦୃଷ୍ଟାନ୍ତ

ଡ. ସୁରେନ୍ଦ୍ର କୁମାର ମିଶ୍ର

- ରାତିରେ ରାଜପଟୁଆରରେ ରହୁଥିଲେ ନାରୀ ସୁଆଁସିଆ
- ସୂକ୍ଷ୍ମ କାରୁକାର୍ଯ୍ୟରେ ସହଯୋଗୀ ଥିଲେ ନାରୀ ପଥୁରିଆଣି

ମଉଜରେ କେବଳ ଶିଳ୍ପୀମାନେ ସାମିଲ ନ ଥିଲେ, ପାଇଟିଆଳ, ଜଗୁଆଳି, ସୁଆଁସିଆ ଓ ନାରୀ ଶ୍ରମିକମାନେ ସାମିଲ ଥିଲେ। ହାଡ଼ଭଙ୍ଗା ଖଟଣି ଯେମିତି ଖଟିଛନ୍ତି ମନଭରି ଖୁସିବାସିରେ ଖା'ପିଅ ବି କରିଛନ୍ତି। ଗୋଟିଏ ପରିବାର ଭଳି ଶୃଙ୍ଖଳିତ ଭାବରେ ଦିନ ଦିନ ନୁହେଁ, ମାସ ମାସ ନୁହେଁ, ବର୍ଷ ବର୍ଷ କଟାଇ ଦେଇଛନ୍ତି। ମନ୍ଦିର ନିର୍ମାଣ ସମୟରେ ଲୁହା ତରଳାଇବାକୁ ଯେମିତି ଭାଟି ତିଆରି ହୋଇଥିଲା ତମ୍ବା ତରଳାଇବାକୁ ସେହିପରି। ତମ୍ବା ତାର ତରଳାଇବା ପାତ୍ର ଖଞ୍ଜାଗଲେ ଭିତରପାଖ ପଲସ୍ତରା ହୁଏ। ସେ ପଲସ୍ତରା ମାଟି + ଗୋବର + ଚଷୁ ମିଶି ପ୍ରସ୍ତୁତ ହୋଇଥାଏ। ବାରଜଣ ନାରୀ ଶ୍ରମିକ ଉକ୍ତ ମିଶ୍ରିତ ମାଟିକୁ ଭାଗମାପରେ ପ୍ରସ୍ତୁତ କରି ଭିତର ପାଖ ପଲସ୍ତରା କରିଥିଲେ। ନାରୀ ଶ୍ରମିକଙ୍କର ଗୋଟି ଗୋଟି କରି ନିଷ୍ଠା ଓ ପରିଶ୍ରମର ପ୍ରସଙ୍ଗ ବର୍ଣ୍ଣନା କଲେ କଳେବର ଯଥେଷ୍ଟ ବୃଦ୍ଧି ହେବାର ଆଶଙ୍କା ରହିଛି। ସବୁ ପାଠକଙ୍କୁ ସୁଖ ଲାଗି ନ ପାରେ। ପାଠକୀୟ ଅବଗତି ଆମର ମୁଖ୍ୟ ଆଭିମୁଖ୍ୟ। ଗର୍ଭମୁଦ ଯୋଡ଼େଇ ପାଇଁ ମୁଖ୍ୟ ସାମଗ୍ରୀ ଝୁଣା। ଶ୍ରୀରାମ ପଟ୍ଟନାୟକ ବଡ଼ ବଡ଼ ବସ୍ତାରେ ଶାଳଝୁଣା ଆଣି ପହଞ୍ଚିଲେ ଗଞ୍ଜାମରୁ। ସେ ପ୍ରଥମେ ଗଞ୍ଜାମରୁ ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚାଇଥିଲେ। ପୁରୁଷୋତ୍ତମରୁ ୩ଟି ଶଗଡ଼ଗାଡ଼ିରେ ତାହା କୋଣାର୍କରେ ପହଞ୍ଚିଥିଲା। ଝୁଣା ପାଇଁ ସେ ପାଞ୍ଚମାଢ଼ ସୁନା ନେଇଥିଲେ। ଅନୁମାନ କରାଯାଇପାରେ ୩ଟି ଶଗଡ଼ରେ ଆସୁଥିବା ଝୁଣାର ପରିମାଣ କେତେ ହୋଇଥିବ। ଝୁଣାକୁ ଗୁଣ୍ଡକରି ରାଶିତେଲରେ ମିଶାଇବାକୁ ପାଞ୍ଚଜଣ ନାରୀ ସୁଆଁସିଆ ଲାଗିଥିଲେ। ତା' ସହିତ ମିଶିଲା ଚୂନ + ଗୁଡ଼ ଓ ବିରି। ୨୦ ଗୌଣି ବିରିରେ ୧୪ ନଉତି ରାଶିତେଲ। ନଉତି କହିଲେ ଚାରିସେରିଆରେ ଗଉଣି। ଅର୍ଥାତ୍‌ ୧୪ ଗଉଣି। ବଡ଼ ହାଣ୍ଡିରେ ୩ ହାଣ୍ଡି ଗୁଡ଼। ଏତକ ମିଶିବା ପରେ ତା ସହିତ ପଥର ଗୁଣ୍ଡ ଘଷାଗଲା। ତିନିଦିନ ଲାଗିଲା ୧୨ ଜଣ ନାରୀ ସୁଆଁସିଆଙ୍କୁ। କୋଣାର୍କକୁ ମନ୍ଦିର କାମ ଚାଲିଥିବାବେଳେ ଗଜପତି ଅନେକବାର ଆସିଛନ୍ତି। କୋଣାର୍କରେ ରହିଛନ୍ତି। ପାଟମହାଦେଈ ଆସିଛନ୍ତି, ଦ୍ୱିତୀୟ ରାଣୀ ଆସିଛନ୍ତି। ରାଜମାତା ବି ଥରେ ଆସିଛନ୍ତି। ସେମାନଙ୍କ ରହଣି କାଳରେ ଓ ଗମନାଗମନ ସମୟରେ ଆଲୋକ ବ୍ୟବସ୍ଥା ପାଇଁ 'ଦୁହୁଡ଼ି' ଜଳା ଯାଉଥିଲା। ମହାଶ୍ରମ (ଗଜପତି) ରାତିରେ ମଧ୍ୟ କାମ ଦେଖିବାକୁ ଶିବେଇ ସାମନ୍ତରାଙ୍କ ଶିବିରକୁ ବିଜେ କରିଛନ୍ତି। ଶିବେଇ ସାମନ୍ତରା ମୁଖ୍ୟ ପୂଜା ବିଗ୍ରହଙ୍କୁ ଗଢ଼ିବା ଦାୟିତ୍ୱରେ ଥିଲେ। ସେ ତାଙ୍କ ଶିବିରରେ ଗଢୁଥାନ୍ତି। ଶିଳ୍ପୀର ଖିଆଲିମନ, ରାତିରେ ବି କାମ କରିବାକୁ ପଛାନ୍ତି ନାହିଁ। ଶୁଣିଲେ ସୂତ୍ରଧର ମୂର୍ତ୍ତି ଗଢ଼ିବାରେ ବ୍ୟସ୍ତ ଅଛନ୍ତି, ସେଥିପାଇଁ ଗଜପତିଙ୍କ ଶିବିରକୁ ଆସିପାରି ନାହାନ୍ତି। ସାଙ୍ଗେ ସାଙ୍ଗେ ଗଜପତି ଆଦେଶ ଦେଲେ ସୂତ୍ରଧରଙ୍କ ଶିବିରକୁ ବିଜେ କରିବା ହେବା। ଏଠି କାହିଁ ଆସିଲେନି ବୋଲି ଦିଗ୍‌ବିଜୟୀ ଗଜପତିଙ୍କ ମନରେ ଅଭିମାନ ନାହିଁ। ଅନୁରାଗ ଅଛି। ଶିଳ୍ପୀ କାମରେ ବ୍ୟସ୍ତ... ନ ଆସିପାରିଲେ ଆମେ ଯିବା। ମୂର୍ତ୍ତି ନିର୍ମାଣର ଅଗ୍ରଗତି ଦେଖିବା। ଯାକୁ ଆମେ ଗଜପତିଙ୍କ ଉଦାର ମନୋଭାବର ଉଦାହରଣ କହିପାରିବା। ଗଜପତି ବିଜେ କରିବେ। ଚଳଚଞ୍ଚଳ ହୋଇଉଠିଲା ଶିବିର। ଦଶଜଣ ସୁରକ୍ଷା ପାଇକ ରାଜକୀୟ ଠାଣିରେ ପ୍ରସ୍ତୁତ ହୋଇଗଲେ। ଚାମରଧାରୀ ଓ ଅନ୍ୟାନ୍ୟମାନେ ପ୍ରସ୍ତୁତ। ସେଇଠି ନାରୀ ସୁଆଁସିଆମାନେ 'ପଟୁଆରୀ'ର ଭୂମିକା ନିର୍ବାହ କଲେ। ଦିହୁଡ଼ି ଦେଖାଇ ଆଗପଛ ହୋଇ ସମସ୍ତଙ୍କୁ ବାଲିପନ୍ତରାରେ ବାଟ କଢ଼ାଇ ନେଇଥିଲେ। ଯେଉଁ ନାରୀ ଶ୍ରମିକ ପଥୁରିଆମାନଙ୍କ ସହିତ କାମରେ ନିୟୋଜିତ ହୋଇଥିଲେ ସେମାନେ 'ପଥୁରିଆଣି' ନାମରେ ଚିହ୍ନିତ ଥିଲେ। ଦ୍ୱାରବନ୍ଧର ସୂକ୍ଷ୍ମ କାରୁକାର୍ଯ୍ୟ ହେବା ସମୟରେ ନାରାୟଣ ଓ ଗଙ୍ଗା ମହାପାତ୍ରଙ୍କୁ ସୁନା ପଥୁରିଆଣି ସହଯୋଗ କରୁଥିଲେ ତିନିଜଣ ପଥୁରିଆଣିଙ୍କ ସହିତ। 'ବାରଶ ବଢ଼େଇ' ଏମିତି ଏକ ଶବ୍ଦରେ ଆମ ଐତିହ୍ୟ ସଙ୍କୁଚିତ ହୋଇଯାଇଛି ବୋଧହୁଏ। ବଢ଼େଇ ଥିଲେ। ସବୁ ମହାରଣା ବଢ଼େଇ ନୁହନ୍ତି। ପଥର ମହାରଣା ବା ପଥୁରିଆ ଅଲଗା। ପଥୁରିଆଣି, ଓଝା, କମାର ଓ ମହାପାତ୍ର ସାଙ୍ଗିଆ ଶିଳ୍ପୀ ବି ଅଲଗା। ସମସ୍ତଙ୍କୁ 'ବଢ଼େଇ' ଶବ୍ଦରେ କିଆଁ ବ୍ୟକ୍ତ କରାଗଲା ରହସ୍ୟ ହୋଇ ରହିଛି।



କୋଣାର୍କ ମନ୍ଦିର ଦ୍ୱାରବନ୍ଧର ସୂକ୍ଷ୍ମ କାରୁକାର୍ଯ୍ୟର ଚିତ୍ର।
(ଫଟୋ: ସଞ୍ଜୟ ବରାଳ)



# ୧୫ ଘଣ୍ଟାରେ ୧୫୦ କୋଟିର କାରବାର

■୩ ଦିନରେ ୩୦୦ କୋଟିରୁ ଅଧିକ ବ୍ୟବସାୟ
■ଆକର୍ଷଣୀୟ ଅଫର ପାଇଁ ଅଳଙ୍କାର ପ୍ରତିଷ୍ଠାନରେ ଅସମ୍ଭାଳ ଭିଡ଼

ଭୁବନେଶ୍ୱର,୨୩।୧୦

ଗତ ୨ବର୍ଷ ପରେ ଚଳିତ ବର୍ଷ ଧନତେରସର ଉତ୍ସାହ ଏକ ପ୍ରକାର ପରିବେଶ ଓ ପରିସ୍ଥିତି ସବୁ ଦୃଷ୍ଟିକୋଣରୁ ଭଲ ରହିଛି, ଯାହାର ପ୍ରଭାବ ଅଳଙ୍କାର ବ୍ୟବସାୟ ଉପରେ ପରିଲକ୍ଷିତ ହୋଇଛି। ଏପରିକି ଚଳିତ ବର୍ଷର ଧନତେରସ ପାଇଁ ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ରହିଛି। ବିଶେଷକରି ଓଡ଼ିଶା ସୁନା ବଜାର ଗତ ତିନି ଦିନ ହେବ ଚଳଚଞ୍ଚଳ ହୋଇଉଠିଛି। ଆଜି (ରବିବାର) ରାଜଧାନୀ ଭୁବନେଶ୍ୱରରୁ ନେଇ ରାଉରକେଲା ଏବଂ ବ୍ରହ୍ମପୁରରୁ ବାଲେଶ୍ୱର ଏବଂ କଟକରୁ କୋରାପୁଟ ପର୍ଯ୍ୟନ୍ତ ସବୁବର୍ଗର ଅଳଙ୍କାର ପ୍ରତିଷ୍ଠାନ ପ୍ରାୟ ସକାଳ ୮ ଘଟିକାରୁ ରାତି ୧୧ ଘଟିକା ପର୍ଯ୍ୟନ୍ତ କାରବାର ଜମି ଥିଲା ବୋଲି ବିଭିନ୍ନ ସ୍ଥାନରେ ଥିବା ଭିନ୍ନ ଭିନ୍ନ ଅଳଙ୍କାର ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ଏପରିକି ଏହି ୧୫ ଘଣ୍ଟା ମଧ୍ୟରେ ଉଭୟ ଭୁବନେଶ୍ୱର ଏବଂ ରାଜ୍ୟର ସମସ୍ତ ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଓ ୩୦ ଜିଲାର ଜଣାଶୁଣା ସୁନା ଦୋକାନଗୁଡ଼ିକ ୧୫୦ କୋଟିରୁ ଅଧିକ ଟଙ୍କାର ଅଳଙ୍କାର ବ୍ୟବସାୟ କରିଥିବା ଜଣାପଡ଼ିଛି। ସେହିଭଳି ଧନତେରସ ପାଇଁ ଗତ ୩ ଦିନ ହେବ ସାରା ରାଜ୍ୟରେ କାରବାର ଜାରି ରହିଛି। ବିଶେଷକରି ଲୋକମାନେ ଉଭୟ କୋଭିଡ ଓ ୨ ଦିନିଆ ଧନତେରସ ପାଇଁ କିଛି ଲୋକ ଶୁକ୍ରବାରଠାରୁ କିଣାକିଣି ମଧ୍ୟ କରି ସାରିଛନ୍ତି। ଯେଉଁମାନେ ଶନିବାର ଧନତେରସ ବୋଲି ଭାବିଛନ୍ତି ସେମାନେ ଉଭୟ ଶୁକ୍ରବାର ଓ ଶନିବାର କିଣାକିଣି କରିଛନ୍ତି। ହେଲେ ଯେଉଁମାନେ ଧନତେରସ ରବିବାର ପଡୁଛି ବୋଲି ଜାଣିଥିଲେ ସେମାନେ ମଧ୍ୟ ଉଭୟ ଶନିବାର ଓ ରବିବାର କିଣାକିଣି କରିଛନ୍ତି। ଏପରିକି ଗତ ୩ଦିନ ମଧ୍ୟରେ ସାରା ରାଜ୍ୟରେ ୩୦୦ କୋଟିରୁ ଅଧିକ ଟଙ୍କାର ସୁନା,ରୁପା ଓ ହୀରା ଏବଂ ଅନ୍ୟ ମୂଲ୍ୟବାନ ଧାତୁ କିଣିଥିବା ରାଜ୍ୟର ପ୍ରମୁଖ ସୁନା ବ୍ୟବସାୟୀମାନେ ମତବ୍ୟକ୍ତ କରିଛନ୍ତି। ସେହିପରି ଗତ ଦୁଇ ବର୍ଷ ହେଲା ବ୍ୟବସାୟ ଏକ ପ୍ରକାର ବନ୍ଦ ଓ ମାନ୍ଦା ରହିଥିଲା। ଚଳିତ ବର୍ଷ ସୁନା ମୂଲ୍ୟ ପୂର୍ବ ବର୍ଷଗୁଡ଼ିକ ଅପେକ୍ଷା ଚଳିତ ବର୍ଷ ବହୁତ କମ୍ ରହିଛି, ତା' ସାଙ୍ଗକୁ ସଂକ୍ରମଣ ମଧ୍ୟ ତଳମୁହାଁ ରହିଥିବାରୁ ସୁନା ବ୍ୟବସାୟୀମାନେ ସୁନ୍ଦର ସୁନ୍ଦର ଡିଜାଇନ ସାଙ୍ଗକୁ ସବୁ ବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ମଧ୍ୟ ଆକର୍ଷଣୀୟ ଅଫର ଓ ଉପହାରର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଅପରପକ୍ଷରେ ଧନତେରସ ଓ ଆଗାମୀ ବିବାହ ଋତୁ ପାଇଁ ନୂତନ ଉତ୍ପାଦର ଉନ୍ମୋଚନ ଏବଂ ଆକର୍ଷଣୀୟ ସାଜସଜ୍ଜା ମଧ୍ୟ ଗ୍ରାହକଙ୍କୁ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପ୍ରତି ଆକର୍ଷିତ କରୁଛି ବୋଲି ଲକ୍ଷ୍ୟ କରାଯାଇଛି। ବିଶେଷକରି ରବିବାରର ସକାଳ ଭିଡ଼ଠାରୁ ସନ୍ଧ୍ୟାର ଭିଡ଼ ୪ ଗୁଣା ବଢ଼ିଥିବା ବ୍ୟବସାୟ ପ୍ରତିଷ୍ଠାନଗୁଡିକ ସୂଚନା ଦେଇଛନ୍ତି।

ବିଗତ ୨ ବର୍ଷ ପରେ ଚଳିତ ବର୍ଷ ଏକ ସୁସ୍ଥ ବାତାବରଣରେ ଧନତେରସ ପାଳନ କରାଯାଇଛି। ଏପରିକି ଚଳିତ ବର୍ଷ ଉଭୟ ସୁନା ଦର ଓ ସଂକ୍ରମଣ ତଳମୁହାଁ ରହିଥିବାରୁ ବ୍ୟବସାୟ ମଧ୍ୟ ୨୦୧୯-୨୦ ଅପେକ୍ଷା ୨୦% ରୁ ଅଧିକ ବୃଦ୍ଧି ପାଇଛି ବୋଲି ଇଣ୍ଡିଆନ ବୁଲିୟନ ଓ ଜ୍ୱେଲର୍ସ ଆସୋସିଏଶନ (ଆଇବିଜେଏ) ପକ୍ଷରୁ ମତପ୍ରକାଶ ପାଇଛି। ବିଶେଷକରି ଚଳିତ ବର୍ଷର ଧନତେରସ କାରବାର ୩୦୦ କୋଟିରୁ ଅଧିକ ହୋଇଥିବ ବୋଲି ଆଇବିଜେଏ ପକ୍ଷରୁ ଆକଳନ କରାଯାଇଛି।





## ଶୁକ୍ରବାର ଭୁବନେଶ୍ୱର ସୁନା ଦର

| ଉତ୍ପାଦ | ବର୍ଗ | ମୂଲ୍ୟ | ଓଜନ |
|---|---|---|---|
| ସୁନା | ୨୨ କ୍ୟାରେଟ | ୪୭୦୦୦ | ୧୦ ଗ୍ରାମ |
| ସୁନା | ୨୪ କ୍ୟାରେଟ | ୫୧,୨୭୨ | ୧୦ ଗ୍ରାମ |
| ରୁପା | ସାଧାରଣ | ୬,୩୨୦ | ୧୦୦ ଗ୍ରାମ |
| ହୀରା | ସାଧାରଣ | ୮୯,୫୦୦ | କ୍ୟାରେଟ |
| ସୁନା ମୁଦ୍ରା | ୨୪ କ୍ୟାରେଟ | ୫୩,୪୧୪ | ୧୦ ଗ୍ରାମ |
| ସୁନା ମୁଦ୍ରା | ୨୨ କ୍ୟାରେଟ | ୪୮,୧୭୫ | ୧୦ ଗ୍ରାମ |
| ରୁପା | ସାଧାରଣ ବର୍ଗ | ୬,୫୦୦ | ୧୦୦ଗ୍ରାମ |

# ବିଆଇପିଏଫ୍ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ




ଭୁବନେଶ୍ୱର,୨୩।୧୦

ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ୍ (ବିଆଇପିଏଫ୍) ଏବଂ ଇଣ୍ଡିଆନ୍ ମେଟାଲ୍ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା) ଦ୍ୱାରା ଉଚ୍ଚଶିକ୍ଷା ପାଇଁ ପ୍ରଫେସର ଘନଶ୍ୟାମ ଦାଶ ଛାତ୍ର ବୃତ୍ତି (ପିଜିଡିଏସ୍)-୨୦୨୧ ପ୍ରାପ୍ତ କରିଥିବା ବିଦ୍ୟାର୍ଥୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏପରିକି ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ବିଭିନ୍ନ ବିଷୟରେ ବୃତ୍ତିଗତ ଡିଗ୍ରୀ ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବା ୬ଜଣ ମେଧାବୀ ଛାତ୍ର (କୃତୀ ବିଦ୍ୟାର୍ଥୀ)ଙ୍କୁ ଏହି ସମ୍ମାନଜନକ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ବିଶେଷ କରି ବୃତ୍ତି ପାଇଁ ମନୋନୀତ ପ୍ରାର୍ଥୀମାନଙ୍କୁ ଶିକ୍ଷାଶୁଳ୍କର ୯୦% ଏବଂ ୪ବର୍ଷର ଡିଗ୍ରୀ କୋର୍ସ ପାଇଁ ଉପଯୁକ୍ତ ଖର୍ଚ୍ଚ ମଧ୍ୟ ପ୍ରଦାନ କରାଯିବ। ଏପରିକି ବିଆଇପିଏଫ୍ ପକ୍ଷରୁ ନିକଟରେ ଏକ ପୁରସ୍କାର ସମାରୋହର ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଆଇପିଏଫର ଟ୍ରଷ୍ଟି ପାରମିତା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ୬ କୃତୀ ବିଦ୍ୟାର୍ଥୀଙ୍କୁ ମେଧାବୃତ୍ତି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇମ୍ଫାର ସିଓଓ ବିଜୟାନନ୍ଦ ମହାପାତ୍ରଙ୍କ ସମେତ ବିଆଇପିଏଫ୍ର ଉପସଭାପତି ଅଶୋକ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ ସ୍ୱର୍ଗତା ଇଲା ପଣ୍ଡାଙ୍କ ପିତା, ଆନ୍ତର୍ଜାତିକ ବାଗ୍ମୀ ତଥା ବିଶିଷ୍ଟ ଇତିହାସବିତ୍ ସ୍ୱର୍ଗତ ପ୍ରଫେସର ଘନଶ୍ୟାମ ଦାଶଙ୍କ ସ୍ମୃତିରେ ଇମ୍ଫା ଦ୍ୱାରା ୨୦୦୫ଠାରୁ ଏହି ସ୍କଲାରଶିପର ପ୍ରତିଷ୍ଠା କାଯାଇଥିଲା।

# ଏନ୍ସିସିବିଏମ୍ର ନୂତନ ବିଲ୍ଡିଂ ଶିଳାନ୍ୟାସ

ଭୁବନେଶ୍ୱର,୨୩।୧୦

ନ୍ୟାଶନାଲ କାଉନସିଲ୍ ଫର୍ ସିମେଣ୍ଟ ଆଣ୍ଡ ବିଲ୍ଡିଂ ମ୍ୟାଟେରିଆଲ୍ସ(ଏନ୍ସିସିବିଏମ୍) ଭୁବନେଶ୍ୱର ୟୁନିଟ୍ର ସମ୍ପ୍ରସାରଣ ପାଇଁ ଏକ ଅତ୍ୟାଧୁନିକ 'ରିସର୍ଚ୍ଚ ଆଣ୍ଡ ଲାବରେଟୋରି' ବିଲ୍ଡିଂର ଶିଳାନ୍ୟାସ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନସିସିବିଏମ୍ର ମହାନିର୍ଦ୍ଦେଶକ ଡ. ବିବେକାନନ୍ଦ ମହାପାତ୍ର, ଏନ୍ସିସିବିଏମ୍ ସଚବି ଡ.ଏସ୍.କେ. ଚତୁର୍ବେଦୀଙ୍କ ସମେତ ହାଇଦ୍ରାବାଦ ଏବଂ ଭୁବନେଶ୍ୱର ଏନ୍ସିସିବିଏମ୍ ୟୁନିଟ୍ ଇନ୍ଚାର୍ଜ ଡ. ବି. ପାଣ୍ଡୁରଙ୍ଗା ରାଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅପରପକ୍ଷରେ ଶିଳାନ୍ୟାସ ସମାରୋହ ପରେ ସିମେଣ୍ଟ ଏବଂ ବିଲ୍ଡିଂ ମ୍ୟାଟେରିଆଲ୍ସର ମେକାନିକାଲ ଟେଷ୍ଟିଙ୍ଗ୍, କେମିକାଲ ଆନାଲିସିସ୍, କଂକ୍ରିଟ୍ ମିଶ୍ରଣ ଅନୁପାତ ଲାବ୍, କଂକ୍ରିଟ୍-ନନ୍ ଡେଷ୍ଟ୍ରକ୍ଟିଭ ଟେଷ୍ଟିଙ୍ଗ୍ ଲାବରେଟୋରି ଆଦି ପରିଦର୍ଶନ କରିବା ସହ ଭୁବନେଶ୍ୱର ଏନ୍ସିସିବିଏମ୍ ପରିସରରେ ଚାରାରୋପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ସଚିବ ଅନୁରାଗ ଜୈନ କହିଛନ୍ତି, ଭୁବନେଶ୍ୱର ଏନ୍ସିସିବିଏମ୍ ୟୁନିଟ୍ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ସହାୟତା ପ୍ରଦାନ କରିଥିବାରୁ ସରକାରଙ୍କୁ ଧନ୍ୟବାଦ ଜଣାଉଛୁ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ପିଏସୟୁ ଏକାଡେମିକ୍, ଶିଳ୍ପ ବର୍ଜ୍ୟବସ୍ତୁ ଉତ୍ପାଦନ କାରଖାନା, ଓଡ଼ିଶାର ସିମେଣ୍ଟ ଉତ୍ପାଦନ କାରଖାନାର ଅଧିକାରୀ ଏବଂ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

ଫୁରସତ୍



# ଧନୀ ନୁହନ୍ତି ଜାହ୍ନବୀ

ମୁମ୍ବାଇ

ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଷ୍ଟାର କିଡ୍ସମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିବା ନେଇ ଅନେକ ସମୟରେ ବିବାଦ ଦେଖାଯାଇଛି। କିନ୍ତୁ ଏବେ ଆଉ ଏକ ପ୍ରସଙ୍ଗକୁ ନେଇ ଫିଲ୍ମ ଜଗତରେ ଚର୍ଚ୍ଚା ହେବା ଆରମ୍ଭ ହୋଇଛି। ତେବେ ଷ୍ଟାର କିଡ୍ସମାନଙ୍କୁ ନେଇ ଫିଲ୍ମ କରିବା ପାଇଁ ପ୍ରଡ୍ୟୁସରମାନଙ୍କୁ ଟଙ୍କା ଦିଆଯାଉଛି, ନିକଟରେ ଏକ ସାକ୍ଷାତ୍କାର ଜରିଆରେ ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ଏ କଥା କହିଛନ୍ତି। ତାଙ୍କ ପାଖରେ କିମ୍ବା ବାପା ବୋନୀ କପୁରଙ୍କ ପାଖରେ ମୋଟା ଅଙ୍କର ଟଙ୍କା ନାହିଁ କିମ୍ବା ସେମାନେ ସେତେ ଧନୀ ନୁହନ୍ତି, ଯଦ୍ୱାରା ପ୍ରଡ୍ୟୁସରଙ୍କୁ ଟଙ୍କା ଦେଇ ଫିଲ୍ମ ତିଆରି କରିପାରିବେ, ଯେଉଁଥିରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଟ୍ୟାଲେଣ୍ଟ ପାଇଁ ତାଙ୍କ ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳୁଥିବା ସେ କହିଛନ୍ତି। ଅନ୍ୟପକ୍ଷେ ଇଣ୍ଡଷ୍ଟ୍ରିରେ ଏମିତି କୌଣସି ପ୍ରଡ୍ୟୁସର ନାହାନ୍ତି ଯେଉଁମାନେ ଫିଲ୍ମରେ ନିଜ ଟଙ୍କା ଖର୍ଚ୍ଚ କରି ଷ୍ଟାର କିଡ୍ସମାନଙ୍କୁ ସୁଯୋଗ ଦେବେ ଏବଂ କ୍ଷତି ମଧ୍ୟ ସହିବେ। ଶେଷ ଥର ପାଇଁ ଜାହ୍ନବୀ ଫିଲ୍ମ ଡିଜ୍ନୀ ପ୍ଲସ୍ ହଟ୍ଷ୍ଟାରର 'ଗୁଡ୍ ଲକ୍ ଜେରୀ'ରେ ଦେଖାଯାଇଥିଲେ। ଆଗାମୀ ଦିନରେ ତାଙ୍କ ଅଭିନୀତ ' ମିଲି' ରିଲିଜ୍ ହେବ, ଯାହାର ପ୍ରମୋଶନ୍ ଏବେ ଜାରି ରହିଛି।

# ଟିବି ଆକ୍ରାନ୍ତଙ୍କ ପାଇଁ କୋଭିଡ୍ ଘାତକ

**ୱାଶିଂଟନ:** ବିଶ୍ୱରେ ଟ୍ୟୁବରକୁଲୋସିସ୍ (ଟିବି) ରୋଗରେ ଆକ୍ରାନ୍ତଙ୍କ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ଆରମ୍ଭ ହୋଇଛି। ବର୍ତ୍ତମାନ ସମୟରେ କୋଭିଡ୍ଠାରୁ ଅଧିକ ଘାତକ ସାଜିଛି ଟିବି। ୨୦୨୦ରେ ବିଶ୍ୱରେ କୋଭିଡ୍ ସଂକ୍ରମଣ ହଠାତ୍ ମାଡ଼ିଆସିବା କାରଣରୁ ଟିବି ଉପରୁ ଲୋକଙ୍କ ଧ୍ୟାନ ହଟି ଯାଇଥିଲା। କିନ୍ତୁ କରୋନା ସଂକ୍ରମଣରେ ସ୍ଥିରତା ଆସିବା ପରେ ଏବେ ପୁଣି ମୁଣ୍ଡଟେକିଲାଣି ଟିବି। ଏହାର ଦୁଇଟି ପ୍ରମୁଖ କାରଣ ହେଲା, ଟିବି କେୟାର ସେଣ୍ଟର ଗୁଡ଼ିକ କୋଭିଡ୍ ହସ୍ପିଟାଲରେ ରୂପାନ୍ତରିତ ହେବା ଏବଂ ଲକ୍ଡାଉନ୍ ଓ ଶଟ୍ ଡାଉନ୍ କାରଣରୁ ରୋଗୀଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ଆମେରିକାର ଜନ୍ ହୋପ୍କିନ୍ସ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଅଧ୍ୟୟନ ରିପୋର୍ଟରେ ପ୍ରକାଶ ପାଇଛି। ମହାମାରୀ କରୋନା ସଂକ୍ରମଣ ରୋକିବା ଦିଗରେ ଚିକିତ୍ସା ବିଭାଗ ବ୍ୟସ୍ତ ରହିଥିବା ଟିବି ରୋଗୀଙ୍କ ବୃଦ୍ଧିର ମୁଖ୍ୟ କାରଣ ହୋଇଥିବା ଏକ ଅଣଲାଭକାରୀ ଟିବି ସଂଘର ସଭାପତି ମେଲ୍ ସ୍ପିଗେଲମାନ୍ କହିଛନ୍ତି। କୋଭିଡ୍ ପୂର୍ବରୁ ଟ୍ୟୁବରକୁଲୋସିସ୍ରେ ଅଧିକ ସଂଖ୍ୟାରେ ଲୋକ ଆକ୍ରାନ୍ତ ହେଉଥିଲେ। ଏହି ରୋଗରେ ପ୍ରତିବର୍ଷ ୧.୫ ନିୟୁତ ଲୋକଙ୍କ ଜୀବନ ଯାଉଥିବାବେଳେ ଗୋଟିଏ ଦିନରେ ୪,୧୦୯ ଜଣଙ୍କ ମୃତ୍ୟୁ ଘଟୁଥିବା ଜଣାପଡ଼ିଛି। ୟୁନିଭର୍ସିଟି ତରଫରୁ ପ୍ରକାଶିତ ରିପୋର୍ଟ ଅନୁସାରେ ଗୋଟିଏ ଦିନରେ କୋଭିଡ ଜନିତ ମୃତ୍ୟୁ ସଂଖ୍ୟା ୧,୪୪୯ ରହିଥିବାବେଳେ ୨୮ ଦିନରେ ଏହା ୪୦,୫୭୮ ରହିଛି। ୨୦୨୦ରେ ପ୍ରଥମ ଥର ପାଇଁ ବିଶ୍ୱରେ ଟିବି ଜନିତ ମୃତ୍ୟୁ ସଂଖ୍ୟା କମିଥିଲା। ଚିକିତ୍ସା କ୍ଷେତ୍ରରେ ଧନୀଶାଳୀ ବ୍ୟକ୍ତିମାନଙ୍କୁ ସମସ୍ତ ପ୍ରକାର ବ୍ୟବସ୍ଥା ଯୋଗାଇ ଦିଆଯାଉଥିବାବେଳେ ଗରିବ ଟ୍ରିଟ୍ମେଣ୍ଟ ପାଇଁ ହସ୍ତସନ୍ତ ହେଉଥିବା ଲକ୍ଷ୍ୟ କରାଯାଇଛି।



## ଉତ୍ତର ଖାତାରେ ଭୋଜ୍ପୁରୀ ଗୀତ

**ପାଟନା:** ପରୀକ୍ଷା ସମୟରେ ଆନ୍ସର ପେପର୍ରେ ଛାତ୍ରୀଛାତ୍ର ଅନେକ ଅଜବ କଥା ଲେଖୁଥିବାବେଳେ ଧରାପଡ଼ିବା ଭଳି ଅନେକ ଘଟଣା ପୂର୍ବଦିନଗୁଡ଼ିକରେ ଘଟିଛି। ଭଏଳି ଏକ ଘଟଣା ବିହାର ଛାପରା ଗ୍ରାମରେ ଘଟିଛି। କେମେଷ୍ଟ୍ରି ପ୍ରାକ୍ଟିକାଲ ପରୀକ୍ଷାରେ ଜଣେ ଛାତ୍ର ଉତ୍ତର ଖାତାରେ ଭୋଜପୁରୀ ଗୀତ ଲେଖିଛନ୍ତି। ଛାତ୍ରଙ୍କ ଉତ୍ତର ଖାତାକୁ ଅଧ୍ୟାପିକା ଦେଖିବା ପରେ ତାଙ୍କୁ ଫୋନ୍ କରିଥିଲେ। ଉତ୍ତର ଖାତାରେ କ'ଣ ଲେଖିଥିବା ଅଧ୍ୟାପିକା ପଚାରିବାରୁ ଛାତ୍ର ଜଣକ ଗୀତ ଲେଖିଥିବା କହିଥିଲେ। ଅଧ୍ୟାପିକା ରାଗିଯାଇ ପରଦିନ କଲେଜ୍କୁ ବାପାଙ୍କୁ ନେଇ ଆସିବା ପାଇଁ ଛାତ୍ରଙ୍କୁ କହିବା ପରେ ବାପା ଘରେ ନ ଥିବା ସେ କହିଥିଲେ। କିଛି ସମୟ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ପରେ ଛାତ୍ର ଜଣକ ଲେକ୍ଚରଙ୍କୁ କ୍ଷମା ମାଗିଥିଲେ। ତେବେ ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି।

# ୧୭୭ କି.ମି. ବେଗରେ ଉଡ଼ିବ କାର୍

**ୱାଶିଂଟନ:** ବିଭିନ୍ନ ଦେଶରେ ଟ୍ରାଫିକ୍ ଜାମ୍ ଏକ ବିରାଟ ସମସ୍ୟା ପାଲଟିଛି। ଟ୍ରାଫିକ୍ରେ ଭିଡ଼ ସହ ରାସ୍ତା କ୍ଲିୟର୍ କରିବା ପାଇଁ ଘଣ୍ଟା ଘଣ୍ଟା ସମୟ ମଧ୍ୟ ଲାଗୁଛି। ତେବେ ଏ ପ୍ରକାର ସମସ୍ୟାର ସମାଧାନ ପାଇଁ କାଲିଫର୍ନିଆର ଆଲେଫ୍ ଏରୋନଟଇକ୍ସ ତିଆରି କରିଛି ଉନ୍ନତ ଜ୍ଞାନକୌଶଳରେ ତିଆରି କାର୍, ଯାହାର ଉଡ଼ିପାରିବାର କ୍ଷମତା ରହିଛି। ଏହି କାର୍ ତିଆରି କରିବା ପାଇଁ କାଲିଫର୍ନିଆ କମ୍ପାନୀ ୨୦୧୫ରୁ ପ୍ରୟାସ ଆରମ୍ଭ କରିଛି। ଏହି ବିଶେଷ ପ୍ରକାର ଫ୍ଲାଇଂ କାର୍ ନିର୍ମାଣ କରିବା ଟିମ୍ରେ ଥିବା ଇଞ୍ଜିନିୟର୍ଙ୍କର କାର୍ଯ୍ୟ ଦକ୍ଷତା ୭୦ ବର୍ଷରୁ ଊର୍ଦ୍ଧ୍ୱ ରହିଛି। ଏହି କାର୍କୁ ଏକ ମଡର୍ନ ହେଲିକପ୍ଟର ସଦୃଶ ଫ୍ୟାନ୍ସି କାର୍ ବୋଲି କୁହାଯାଇ ପାରିବ। ଘଣ୍ଟା ପ୍ରତି ୧୭୭ କି.ମି. ବେଗରେ ଯାଉଥିବା ଏହି କାର୍ ଆକାଶ ମାର୍ଗରେ ୩୧ କି.ମି. ଦୂର ଅତିକ୍ରମ କରିପାରିବ। କାର୍ର ପ୍ରିସେଲ୍ ପ୍ରୋଗ୍ରାମ୍ ଅକ୍ଟୋବର ୧୯ରୁ ଆରମ୍ଭ ହୋଇଯାଇଛି। ଉଡ଼ିବା କ୍ଷମତା ଥିବା କାରଣରୁ ଏହି କାର୍ ଉଭୟ ଦୁର୍ଗମ ଏବଂ ଗ୍ରାମାଞ୍ଚଳକୁ ଯାଇପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।



# ଦେଶ ବିକାଶରେ ବିଶ୍ୱର ବିକାଶ

## ବିଶ୍ୱ ବିକାଶ ସୂଚନା ଦିବସ

**ସ**ମସ୍ତ ଦେଶର ବିକାଶରେ ପୃଥିବୀର ବିକାଶ ସମ୍ଭବ ହୋଇପାରିଥାଏ। ୧୯୭୨ରେ ମିଳିତ ଜାତିସଂଘର ସାଧାରଣ ସଭା ଅକ୍ଟୋବର ୨୪ରେ ମିଳିତ ଜାତିସଂଘର ଦିବସ ସହିତ ବିଶ୍ୱ ବିକାଶ ସୂଚନା ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ୧୯୭୦ରେ ଦ୍ୱିତୀୟ ରାଷ୍ଟ୍ର ବିକାଶ ଦଶନ୍ଧି ପାଇଁ ଅନ୍ତର୍ଜାତୀୟ ବିକାଶ କୌଶଳ ନୀତି ଗ୍ରହଣ କରାଯାଇଥିଲା। ସେଠାରୁ ଏହି ଦିନକୁ ପାଳନ ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ୧୭ ମେ ୧୯୭୨ରେ ଜାତିସଂଘର ବାଣିଜ୍ୟ ଏବଂ ବିକାଶ ସମ୍ମିଳନୀ ସୂଚନା ବିସ୍ତାର ତଥା ବାଣିଜ୍ୟ ଏବଂ ବିକାଶ ସମସ୍ୟା ସହ ଜନମତ ସଂଗ୍ରହ ପାଇଁ ପଦକ୍ଷେପ ପ୍ରସ୍ତାବ ଦେଇଥିଲା। ଯାହା ଜାତିସଂଘର ସାଧାରଣ ସଭାରେ ୧୯ ଡିସେମ୍ବର ୧୯୭୨ରେ ପାରିତ ହୋଇଥିଲା। ଏହି ସମସ୍ୟା ସମାଧାନର ଉପାୟ ଖୋଜିବା ପାଇଁ ଅନ୍ତର୍ଜାତୀୟ ସହଯୋଗକୁ କାହିଁକି ମଜଭୁତ କରିବା ଆବଶ୍ୟକ, ତାହା ସାଧାରଣ ଜନତାଙ୍କୁ ବୁଝାଇବା ଏହି ଦିବସ ପାଳନର ଅନ୍ୟ ଏକ ଉଦ୍ଦେଶ୍ୟ । ବିଶ୍ୱ ବିକାଶ ସୂଚନା ଦିବସ ପ୍ରଥମେ ୨୪ ଅକ୍ଟୋବର ୧୯୭୩ରେ ପାଳିତ ହୋଇଥିଲା। ସେହି ଦିନଠାରୁ ପ୍ରତିବର୍ଷ ଏହି ତାରିଖରେ ଏହା ପାଳିତ ହୋଇଆସୁଛି।

# ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଜାତିସଂଘ

## ମିଳିତ ଜାତିସଂଘ ଦିବସ

ପୃଥିବୀରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ମିଳିତ ଜାତିସଂଘର ସ୍ଥାପନା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ହୋଇଥିଲା। ୨୪ ଅକ୍ଟୋବର ୧୯୪୫ରେ ମିଳିତ ଜାତିସଂଘ ପ୍ରତିଷ୍ଠା ହୋଇଥିଲା। ତେଣୁ ବିଶ୍ୱ ଶାନ୍ତିରେ ଜାତିସଂଘର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅକ୍ଟୋବର ୨୪ରେ ମିଳିତ ଜାତିସଂଘ ଦିବସ ପାଳନ କରାଯାଇଥାଏ। ୧୯୪୭ରେ ଜାତିସଂଘ ସାଧାରଣ ସଭା ଏହି ଦିବସକୁ ପ୍ରତିଷ୍ଠା ଦିବସ ଭାବେ ଘୋଷଣା କରିଥିଲା। ୧୯୭୧ ମସିହାରେ ମିଳିତ ଜାତିସଂଘର ସାଧାରଣ ସଭା ଏକ ପ୍ରସ୍ତାବ ଗ୍ରହଣ କରିଥିଲା। ମିଳିତ ଜାତିସଂଘର ୨୭୮୨ତମ ପ୍ରସ୍ତାବରେ ଘୋଷଣା କରାଯାଇଥିଲା ଯେ, ମିଳିତ ଜାତିସଂଘ ଦିବସ ଏକ ଅନ୍ତର୍ଜାତୀୟ ଛୁଟିଦିନ ହେବ ଏବଂ ଏହାକୁ ମିଳିତ ଜାତିସଂଘର ସଦସ୍ୟ ରାଷ୍ଟ୍ରମାନଙ୍କ ଦ୍ୱାରା ଏକ ସାଧାରଣ ଛୁଟି ଭାବରେ ପାଳନ କରାଯିବା ପାଇଁ ସୁପାରିସ କରାଯାଇଥିଲା। ୧୯୫୧ ମସିହାରେ ମିଳିତ ଜାତିସଂଘ ଦିବସରେ ମିଳିତ ଜାତିସଂଘ ଡାକ ପ୍ରଶାସନ ପ୍ରଥମ ଜାତିସଂଘ ଷ୍ଟାମ୍ପ ଜାରି କରିଥିଲା। ଏହା ଆମେରିକାରେ ଜାରି କରାଯାଇଥିଲା। ୧୯୪୮ ପରଠାରୁ ପ୍ରତିବର୍ଷ ମିଳିତ ଜାତିସଂଘ ଦିବସ ପାଳନ ପାଇଁ ଘୋଷଣା କରାଯାଇଥିଲା।

### ବିର୍ସା ମୁଣ୍ଡା ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

କୁଚିଣ୍ଡା,(ଡି.ଏନ.ଏ.): କୁଚିଣ୍ଡା ଏନଏସି କୁଣ୍ଡାପୋଷିଠାରେ ୧୪୮ତମ ବୀର ବିର୍ସାମୁଣ୍ଡା ଜୟନ୍ତୀ ପାଳନ ନିମନ୍ତେ ସମ୍ବଲପୁର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆଦିବାସୀ କଲ୍ୟାଣ ସଂଘ ଉପସଭାପତି କରୁଣାକର କିସାନ ସଭାପତିତ୍ୱ କରିଥିଲେ। ବୈଠକରେ ନାକଟିଦେଉଳ, ରେଢାଖୋଲ, ଯୁଯୁମୁରା ବ୍ଲକର ପ୍ରଭାରି ରୋହିତ ଭୋଇ,ମହେନ୍ଦ୍ର କୁଅଁର, ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଉସମାନ ମୁଣ୍ଡା, ସାଧାରଣ ସମ୍ପାଦକ ଅକ୍ଷୟ ଭୋଇ, ସଂପାଦକ ସପ୍ନେଶର ପ୍ରଧାନ ଯୋଗଦାନ କରିଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଝାଡ଼ୁଆପଡ଼ା ବ୍ରହ୍ମପୁରା ଠାକୁରଙ୍କ ରଘୁନାଥ ବେଶ, ଝାଡ଼ୁଆପଡ଼ା ମନ୍ଦିର, ପୂର୍ବାହ୍ନ ୧୦ଟା ।
- -କଲମ ଅନୁଷ୍ଠାନ ପକ୍ଷରୁ ବହୁଭାଷୀ କବିତା ପାଠୋତ୍ସବ, ସାମ୍ବାଦିକ ଭବନ, ପୂର୍ବାହ୍ନ୧୦ଟା ୩୦ମିନିଟ ।

## ସଂକ୍ଷେପରେ

### ବିପର୍ଯ୍ୟୟ ପ୍ରଶମନ ତାଲିମ ଶିବିର ଉଦ୍‌ଯାପିତ

ସମ୍ବଲପୁର,୨୩।୧୦(ବ୍ୟୁରୋ): ୭ ଦିନ ବ୍ୟାପି ଚାଲିଥିବା ବିପର୍ଯ୍ୟୟ ପ୍ରଶମନ ତାଲିମ ଶିବିର ରବିବାର ସମ୍ବଲପୁର ଜିଲା ଚାଉଁରପୁରସ୍ଥିତ ବନ୍ୟା ଆଶ୍ରୟସ୍ଥଳୀରେ ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ଡେପୁଟି କମିଶନର ରୁକ୍ମଣ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରବର୍ତ୍ତନ ଅଧିକାରୀ ଶୁଭଙ୍କର ମହାନ୍ତି, ଅତିରିକ୍ତ କମିଶନର କରଣ ସୁନା, ଚାଉଁରପୁର ପୂର୍ବତନ ସରପଞ୍ଚ ଯୋଗିନ୍ଦ୍ର ମାଝୀ ସମ୍ମାନିତ ଅତିଥି ଥିଲେ। ଶିବିରରେ ୭୫ଜଣ ଯୁବତୀ ଯୁବକ ପ୍ରଶିକ୍ଷଣ ନେଇଥିଲେ। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ତାଲିମଦାତା ଜ୍ୟୋତିରଞ୍ଜନ ମହାପାତ୍ର, କାର୍ତ୍ତିକେଶ୍ୱର ତାଣ୍ଡି, ଶମ୍ଭୁ ପଟେଲ ଓ କୈଳାସ ଚନ୍ଦ୍ର ମେହେର ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ କରିଥିଲେ । ଉମାକାନ୍ତ ମହନ୍ତମ ଅତିଥିଙ୍କୁ ସ୍ୱାଗତ କରିଥିଲେ । ବାତ୍ୟା ବିପର୍ଯ୍ୟୟ ଆଶ୍ରୟସ୍ଥଳୀର ଭାରପ୍ରାପ୍ତ ସମ୍ପାଦିକା ସୁସ୍ମିତା ଦୀପ ଧନ୍ୟବାଦ ଅର୍ପଣ କରିଥିଲେ ।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ସମ୍ବଲପୁର,୨୩।୧୦(ବ୍ୟୁରୋ): ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଲିପିଣ୍ଡା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲୋକନାଥ ବିଶ୍ୱାଳ (୮୭)ଙ୍କ ପରଲୋକ



ହୋଇଯାଇଛି। ବହୁ ଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଯୁଯୁମୁରା ପ୍ରାଥମିକ ବିଦ୍ୟାଳୟ ସହ ବିଭିନ୍ନ ସ୍କୁଲରେ ଶିକ୍ଷାଦାନ କରି ଛାତ୍ରୀଛାତ୍ର, ଅଭିଭାବକଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ଗ୍ରାମ ତଥା ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନରେ ସଦସ୍ୟ ରହି ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ମୃତ୍ୟୁ ଖବର ପ୍ରଚାର ହେବା ପରେ ଯୁଯୁମୁରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିବିଶେଷ, ଆତ୍ମୀୟସ୍ୱଜନ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ସମ୍ବଲପୁରୀ ଭାଷା, ସଂସ୍କୃତିର ପ୍ରଚାର ପାଇଁ ଆହ୍ୱାନ

ସମ୍ବଲପୁର,୨୩।୧୦(ବ୍ୟୁରୋ)



ସମ୍ବଲଭୂମି ପକ୍ଷରୁ ବାର୍ଷିକ ଉତ୍ସବରେ ଅତିଥିମାନେ।

- ସମ୍ବଲଭୂମିର ବାର୍ଷିକ ଉତ୍ସବ
- ବହୁଭାଷୀ କବିତା ପାଠ, କବିଙ୍କୁ ସମ୍ମାନ

ସମ୍ବଲପୁରର ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ସମ୍ବଲଭୂମି ପକ୍ଷରୁ ବାର୍ଷିକ ସମାରୋହ ଓ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ସୁଧୀର ପୂଜାରୀ, ସମ୍ମାନିତ ଅତିଥି ଭାବେ ଖବରଦାତା ସୁବାଷ ପାଣିଗ୍ରାହୀ ଯୋଗ ଦେଇଥିଲେ। ସମ୍ବଲଭୂମିର ମୁଖ୍ୟ ଉପଦେଷ୍ଟା କବି ବୁଧରାମ ମୁଣ୍ଡା ଯୋଗଦେଇ ସମ୍ବଲପୁରୀ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସମ୍ବଲପୁରୀ ଭାଷାରେ ଅଧିକରୁ ଅଧିକ ରଚନା କରିବା ପାଇଁ କବି ଓ ଲେଖକମାନଙ୍କୁ ଆହ୍ୱାନ କରିଥିଲେ। ସମ୍ବଲଭୂମିର ନିର୍ଦ୍ଦେଶକ ପ୍ରହଲ୍ଲାଦ ଦାଶ ସ୍ୱାଗତ ଭାଷଣ ଦେବା ସହ ସମ୍ବଲଭୂମିର ବାର୍ଷିକ ସମାରୋହ ଆଭିମୁଖ୍ୟ ନେଇ ବକ୍ତବ୍ୟ ରଖିଥିଲେ। ସାହିତ୍ୟ ଓ ଉପନ୍ୟାସ ରଚନା ପାଇଁ ପ୍ରଜ୍ଞା ପଟ୍ଟନାୟକଙ୍କୁ ସମ୍ବଲଭୂମି ସମ୍ମାନ–୨୦୨୨ରେ ସମ୍ମାନିତ କରାଯାଇଥିଲା। ବିଭୁତି ଭୂଷଣ ମିଶ୍ର ମାନପତ୍ର ପାଠ କରିଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ହରିନାରାୟଣ ପଣ୍ଡା ଓ ପ୍ରଦିପ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଆଶୁକବି ପବିତ୍ର ସ୍ୱାଇଁଙ୍କ ଅକାଳ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସମ୍ବଲଭୂମି ବାର୍ଷିକ ସମାରୋହର ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ବହୁଭାଷୀ କବିତାପାଠରେ ବରିଷ୍ଠ କବି ବିନୋଦ ପ୍ରଶାୟତ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଡ.ଦ୍ୱାରିକାନାଥ ନାୟକ, କବି ଲକ୍ଷ୍ମୀ ନାରାୟଣ ହୋତା, କବି ଗଣେଶ ରାମ ନାହକ ଯୋଗଦାନ କରିଥିଲେ। ଲଳିତ ମୋହନ ବେବର୍ତ୍ତା ଓ କବୟିତ୍ରୀ ମମତା ନାଥ ସଂଯୋଜନା କରିଥିଲେ। କବୟତ୍ରୀ ଅନିତା ସାହୁ, ସୁରେଖା ସାହୁ, ବବଲୁ ବାଗ, ଦେବାଶିଷ ବେହେରା, କମଳଲୋଚନ ପଣ୍ଡା, ପ୍ରଦିପ ପାଣିଗ୍ରାହୀ, ସୂର୍ଯ୍ୟ ପାଣିଗ୍ରାହୀ, ରାଜାରାମ ଷଡଙ୍ଗୀ,ମେହେଫୁଜ ଆଲାମ, ତଫିଜୁଲ ହୁସେନ, ସୁକାନ୍ତ କର, ଇତିଶ୍ରୀ ମିଶ୍ର, କୁଞ୍ଜଲତା ପଧାନ, ରାଧାନାଥ ଭୋଇ, ଜ୍ୟୋତିର୍ମୟୀ ପଧାନ, ମାହେଶ୍ୱରୀ ପାଣିଗ୍ରାହୀ, ଶିବଶଙ୍କର ପଧାନ, ପ୍ରଦିପ ପଣ୍ଡା, ପ୍ରଣତି ପଟ୍ଟନାୟକ, ଜୟକୃଷ୍ଣ ବେହେରାଙ୍କ ସମେତ ବିଭିନ୍ନ ଜିଲାର ୬୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରି ଯୋଗଦେଇ ଓଡିଆ, ହିନ୍ଦୀ, ଇଂରାଜୀ, ଉର୍ଦ୍ଦୁ ଓ ସମ୍ବଲପୁରୀ ଭାଷାରେ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ।

# ବୁଧବାର ସରକାରୀ ଅଫିସ ବନ୍ଦ ରଖିବାକୁ ସ୍ଥିର

ସମ୍ବଲପୁର,୨୩।୧୦(ବ୍ୟୁରୋ)

**ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ପ୍ରସଙ୍ଗ**

ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଚାଲିଥିବା ଆନ୍ଦୋଳନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଜିଲା ଓକିଲ ସଂଘ ଓ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୭ତାରିଖ ଦିନ ଏକ ସାଧାରଣ ବୈଠକ ଅନୁଷ୍ଠିତ ହେବ। ଏଥିରେ ଆନ୍ଦୋଳନର ରୂପରେଖ ସ୍ଥିର କରାଯିବ ବୋଲି ଜିଲା ଓକିଲ ସଂଘ ସମ୍ପାଦକ ସରୋଜ ସାହୁ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଜିଲା ଓକିଲ ସଂଘର ଏକ କୋର କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ହାଇକୋର୍ଟ ସ୍ଥାୟୀ ବେଞ୍ଚକୁ ନେଇ ବିଶଦ ଭାବରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାରଙ୍କ ଉଦାସୀନତା ଓ ଅବହେଳାକୁ ନେଇ ଭୁବନେଶ୍ୱରରେ କିଛିଦିନ ତଳେ ଆନ୍ଦୋଳନ ହୋଇଥିଲା। ଏହି ସମୟରେ ରାଜ୍ୟ ସରକାରଙ୍କ ୩ ଜଣ ମନ୍ତ୍ରୀ ଓ ଉଚ୍ଚ ପଦାଧିକାରୀଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ହେଲେ ରାଜ୍ୟ ସରକାର ହାଇକୋର୍ଟ ବେଞ୍ଚ ନେଇ ପରବର୍ତ୍ତୀ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ଜଣାପଡ଼ିଛି। ଏହାକୁ ନେଇ ପଶ୍ଚିମ ଓଡ଼ିଶାରେ ଅସନ୍ତୋଷ ଦେଖାଦେଇଛି। ପଶ୍ଚିମଓଡିଶାର ବିଭିନ୍ନ ଜିଲାର ସମସ୍ତ ସରକାରୀ ଅଫିସଗୁଡ଼ିକ ନଭେମ୍ବର ମାସରୁ ପ୍ରତ୍ୟେକ ବୁଧବାର ବନ୍ଦ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି । ହେଲେ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ସାଧାରଣ ବୈଠକ ପରେ ନିଆଯିବ ବୋଲି କହିଥିଲେ। ଏହାସହ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ବିଭିନ୍ନ ସମସ୍ୟା ଲାଗିରହିଛି। ଯାହାକୁ ନେଇ ଓକିଲ ସଂଘ ସ୍ୱର ଉତ୍ତୋଳନ କରିବ। ଏପରିକି ସମ୍ବଲପୁରରେ ପ୍ରିପେଡ ବିଦ୍ୟୁତ ମିଟର ଓ ସ୍ମାର୍ଟ ୱାଟର ମିଟର ଲଗାଇବାକୁ କାମ ଆରମ୍ଭ କରାଯାଇଛି । ଏହାକୁ ମଧ ଓକିଲ ସଂଘ ବିରୋଧ କରି ଆନ୍ଦୋଳନ କରିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, କ୍ରିୟାନୁଷ୍ଠାନ କମିଟି ଅଧକ୍ଷ ପ୍ରଦୀପ ବହିଦାର, ସିଏସି ସମ୍ପାଦକ ବିଜିତେନ୍ଦ୍ରୀୟ ପ୍ରଧାନ ବୈଠକରେ ଉପସ୍ଥିତ ରହିଥିଲେ।

# ଶିକ୍ଷକ ସଂଘର ଆନ୍ଦୋଳନ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନେ।

କୁଚିଣ୍ଡା,୨୩।୧୦(ଡି.ଏନ.ଏ.)

ସରକାରଙ୍କ ଠିକାନିଯୁକ୍ତି ଉଚ୍ଛେଦ ଘୋଷଣା ପରେ ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକମାନେ ନିୟମିତ ହେବାରୁ ବଞ୍ଚିତ ହୋଇଛନ୍ତି। ଏଥିନିମନ୍ତେ ଆଗାମୀ ୨୯ତାରିଖ ଦିନ ସମ୍ବଲପୁରଠାରେ ହେବାକୁ ଥିବା ଜିଲାସ୍ତରୀୟ ଆନ୍ଦୋଳନକୁ ସଫଳ କରିବାକୁ ରବିବାର କୁଚିଣ୍ଡା ହାଇସ୍କୁଲଠାରେ ଏକ ବ୍ଲକସ୍ତରୀୟ ଶିକ୍ଷକ ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ ପ୍ରଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ କୁଚିଣ୍ଡା ବ୍ଲକରେ କାର୍ଯ୍ୟରତ ଜିଲାପରିଷଦ, ଶିକ୍ଷା ସହାୟକ, କନିଷ୍ଠ ଶିକ୍ଷକ, ଗଣ ଶିକ୍ଷକ ଓ ବହୁଭାଷୀ ଶିକ୍ଷକମାନେ ଯୋଗ ଦେଇଥିଲେ। ସରକାର ଠିକାନିଯୁକ୍ତି ଉଚ୍ଛେଦ ଘୋଷଣା କରିବା ପରେ ୨୦୦୧ରୁ୨୦୧୮ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ନୂତନ ପେନସନ ଯୋଜନାରେ ସାମିଲ କରି ରାଜ୍ୟ ସରକାର ତାଙ୍କୁ ନିୟମିତ କରିବାରୁ ବଞ୍ଚିତ କରିଥିବା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରକାଶିତ ଗେଜେଟ ନୋଟିଫିକେଶନରେ ସ୍ଥାନିତ ହୋଇ ନ ଥିବାରୁ ଏହି ବର୍ଗର ଶିକ୍ଷକମାନଙ୍କ ପ୍ରତି ସରକାର ଜାଣିଶୁଣି ଉପେକ୍ଷା କରିଥିବାରୁ ଆନ୍ଦୋଳନକୁ ଜୋରଦାର କରିବାକୁ ନିଷ୍ପତ୍ତି ନିଆଯାଇଛି। ନୂତନ ପେନ୍‌ସନ ଯୋଜନା ପରିବର୍ତ୍ତେ ପୁରୁଣା ପେନ୍‌ସନ ଯୋଜନା ଲାଗୁ କରିବା,ବରିଷ୍ଠତା ଭିତ୍ତିରେ ଇନକ୍ରିମେଣ୍ଟ ପ୍ରଦାନ କରିବା,କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ,ଏକ୍ସ କ୍ୟାଡର ଉଚ୍ଛେଦ କରି ପ୍ରାଥମିକ ଶିକ୍ଷକ ଅନ୍ତର୍ଭୁକ୍ତ କରିବା ଆଦି ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ସରକାରଙ୍କ ଟାଳଟୂଳ ନୀତି ଯୋଗୁ ଏହି ବର୍ଗର ଶିକ୍ଷକମାନେ ୨୦୧୩ ନିଯୁକ୍ତି ନିୟମାବଳୀରୁ ବଞ୍ଚିତ ହୋଇଥିବା ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ବୈଠକରେ ଶିକ୍ଷକ ନେତା କୁଶଳେଶ୍ୱର ଖର୍ସେଲ,ଅରୁଣ ନାଏକ,କଲ୍ୟାଣୀ ପଟେଲ,ସମ୍ପତ୍ତି ପଟେଲ,ପୂର୍ବତନ କିଷାନ, ହରେଷ ପଟେଲ, ବାଣେଶର ପ୍ରଧାନ, କୁବେର ଚରଣ ନାଏକ,କଲ୍ୟାଣୀ ନାଏକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ୨୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

# କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ

ନାକଟିଦେଉଳ,୨୩।୧୦(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଗିରିଶ୍ଚନ୍ଦ୍ରପୁର କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ସହ ଏକ କର୍ମଶାଳା ଶନିବାର ଦିନ ବଞ୍ଜାଗୋଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲଷ୍ଟର ଅନ୍ତର୍ଗତ ୯ଟି ବିଦ୍ୟାଳୟରୁ ୨୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିବା ବେଳେ ୨୭ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରାରମ୍ଭରେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର କର୍ମଶାଳା ଉଦ୍‌ଘାଟନ କରିଥିଲେ। ଉତ୍ତମ ପ୍ରକଳ୍ପ ପ୍ରଦର୍ଶନ ପାଇଁ ମଣ୍ଡୁଆମ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ମହାନ୍ତି ,ପାଣିଗ୍ରାହୀପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କେଶବ ଚନ୍ଦ୍ର ସାହୁ ଏବଂ ନୂତନ ଗଞ୍ଜାବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ କୁମାର ବିଶି ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଗିରିଶ୍ଚନ୍ଦ୍ରପୁର ସିଆରସିସି ଲୋକନାଥ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବଳମ ସରପଞ୍ଚ ଅନୁପମା ଗଡ଼ନାୟକ,ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାପକ ଡ଼.ଦୀପେନ କୁମାର ପଟ୍ଟନାୟକ,ସମ୍ମାନିତ ଅତିଥି ଭାବେ ବଳମ ଗ୍ରା.ପ.ର ସମିତି ସଭ୍ୟା ଭାରତୀ ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରତିମା ଜାଲ ଏବଂ ପ୍ରଧାନଶିକ୍ଷକ ବ୍ରଜଚନ୍ଦ୍ର ସାହୁ ଯୋଗଦେଇ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ଟ୍ରଫି ଦେଇ ପରସ୍କୃତ କରିଥିଲେ। ଜିତେନ୍ଦ୍ର ସାହୁ ଧନ୍ୟବାଦ ଦେଇଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଗୁରୁ ନାନକ ସ୍କୁଲରେ କବାଡ଼ି ପ୍ରତିଯୋଗିତା


ଗୁରୁ ନାନକ ସ୍କୁଲରେ କବାଡ଼ି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ସମ୍ବଲପୁର,୨୩।୧୦(ବ୍ୟୁରୋ)

ଗୁରୁ ନାନକ ପବ୍ଲିକ ସ୍କୁଲରେ ସପ୍ତାହ ବ୍ୟାପି ଚାଲିଥିବା ଆନ୍ତଃହାଉସ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ସ୍କୁଲର ୪ଟି ହାଉସର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ସବ୍ ଜୁନିୟର ଓ ଜୁନିୟର ଗ୍ରୁପରେ କବାଡ଼ି ଖେଳ ହୋଇଥିଲା। ବାଳିକା ସବ୍‌ଜୁନିୟର ବର୍ଗରେ ଜୁଝାର ହାଉସ ବିଜୟୀ ହୋଇଥିବା ବେଳେ ଅଜିତ ହାଉସ ରନର୍ସ ଅପ୍ ହୋଇଥିଲା। ଜୁନିୟର ବର୍ଗରେ ଫତେ ହାଉସ ବିଜୟୀ ଓ ଜୋରାଓର ହାଉସ ରନର୍ସ ଅଫ ହୋଇଥିଲା। ସେହିପରି ବାଳକ ସବ୍ ଜୁନିୟର ବର୍ଗରେ ଜୁଝାର ହାଉସ ବିଜୟୀ ଓ ଅଜିତ ହାଉସ ରନର୍ସ ଅପ୍ ହୋଇଥିବା ବେଳେ ଜୁନିୟର ବର୍ଗରେ ଫତେ ହାଉସ ବିଜୟୀ ଓ ଅଜିତ ହାଉସ ରନର୍ସ ଅପ୍ ହୋଇଥିଲା। ସ୍କୁଲ ଅଧକ୍ଷ ରବୀନ୍ଦ୍ର ନାଥ ଦାଶ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କବାଡ଼ି ପ୍ରତିଯୋଗିତାକୁ ଖେଳ ଶିକ୍ଷକ ପ୍ରୀତିରଞ୍ଜନ ପଣ୍ଡା, ଶିବାନନ୍ଦ ସରାଫ ଏବଂ ସଞ୍ଜମଣି ବାର୍ଲା ପରିଚାଳନା କରିଥିଲେ।

# ସିପିଆଇ ଜିଲା କାର୍ଯ୍ୟକାରୀ କମିଟି ବୈଠକ


ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କାର୍ଯ୍ୟକାରୀ କମିଟି ବୈଠକରେ ନେତୃବୃନ୍ଦ।

ସମ୍ବଲପୁର,୨୩।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ପରିଷଦ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ର କାର୍ଯ୍ୟକାରୀ କମିଟି ବୈଠକ ରବିବାର ଫାର୍ମରୋଡସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅରୁଣ କୁମାର ଖୁଣ୍ଟିଆଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ବାମପନ୍ଥୀ ମେଣ୍ଟ ଓ ଡେମୋକ୍ରେଟିକ ଫ୍ରଣ୍ଟକୁ ନେଇ ୨୦୨୪ ସାଧାରଣ ନିର୍ବାଚନରେ ଦେଶକୁ ବଞ୍ଚାଇବା ଲାଗି କାର୍ଯ୍ୟକ୍ରମ ହାତକୁ ନେବ। ଏନେଇ ବୈଠକରେ ଆଲୋଚନା ହୋଇଥିଲା। ଜିଲା କାର୍ଯ୍ୟକାରୀ କମିଟି ସମ୍ପାଦକ ଏନ. ଗୋପାଲ, ରବୀନ୍ଦ୍ର ମହାନ୍ତି, ନିରୋଧ ସିଂଦେଓ, ସରୋଜିନୀ ଆଚାର୍ଯ୍ୟ ଆଲୋଚନାରେ ଭାଗ ନେଇଥିଲେ। ଓଡ଼ିଶାର ଅଭୟ ସାହୁ, ଆଶିଷ କାନୁନଗୋ, ରାମକୃଷ୍ଣ ପଣ୍ଡା, କ୍ଷୀରୋଦ ସିଂଦେଓ କେନ୍ଦ୍ରୀୟ ପରିଷଦ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି।

# କମନ ନେଷ୍ଟିଙ୍ଗ ବାର୍ଡସ ଅଫ ଓଡ଼ିଶା ଉନ୍ମୋଚିତ

ସମ୍ବଲପୁର,୨୩।୧୦(ବ୍ୟୁରୋ)



ସମ୍ବଲପୁରସ୍ଥିତ ଜିଏମୟୁ ଅଧାପନା ପ୍ରକୋଷ୍ଠରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ସମ୍ବଲପୁରର ଚଢେଇ କ୍ଲବ ଆୟୋଜନରେ କମନ ନେଷ୍ଟିଙ୍ଗ ବାର୍ଡସ ଅଫ ଓଡ଼ିଶା ପୁସ୍ତକର ଦ୍ୱିତୀୟ ସଂସ୍କରଣ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଧାପନା ପ୍ରକୋଷ୍ଠଠାରେ ରବିବାର ଉନ୍ମୋଚିତ ହୋଇଯାଇଛି। ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଡ. ଅର୍କ କୁମାର ଦାଶମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନ୍ତର୍ଜାତୀୟ ଫଟୋଗ୍ରାଫର ଅରବିନ୍ଦ ମିଶ୍ର, ଡା. ରାମାବଲ୍ଲଭ ମିଶ୍ର, ସରୋଜ କୁମାର ପଣ୍ଡା, ପଦ୍ମଲୋଚନ ଦାଶ ଓ ଆଶିଷ କୁମାର ପ୍ରଧାନ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ମା' ସମଲେଶ୍ୱରୀ ଓ ସ୍ୱର୍ଗତ ସୁରେନ୍ଦ୍ର ମୋହନ ପ୍ରଧାନଙ୍କ ଫଟୋଚିତ୍ର ନିକଟରେ ଦୀପ ପ୍ରଜ୍ୱଳନ ପରେ ସଭା ଆରମ୍ଭ ହୋଇଥିଲା। ରଣଜିତ ସାହୁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ପୁସ୍ତକ ରଚୟିତା ସୁରେନ୍ଦ୍ର ମୋହନ ପ୍ରଧାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଥମେ ଆଶିଷ କୁମାର ପ୍ରଧାନ ପୁସ୍ତକ ଉପରେ ସୂଚନା ଦେଇଥିଲେ। ଶିଶିର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରେ ପକ୍ଷୀଜଗତର ଏକ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା।

# ପରିବହନ ମନ୍ତ୍ରୀଙ୍କୁ ଭେଟିଲେ ଜେସିବି ଚାଳକ ସଂଘ

ସମ୍ବଲପୁର,୨୩।୧୦(ବ୍ୟୁରୋ)

ପଶ୍ଚିମ ଓଡ଼ିଶା ଜେସିବି ଚାଳକ ସଂଘ ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନୀ ସାହୁଙ୍କୁ ଟିଟିଲାଗଡ଼ ଆବାସିକ କାର୍ଯ୍ୟାଳୟରେ ସାକ୍ଷାତ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ସଂଘ ପକ୍ଷରୁ ଚାଳକମାନଙ୍କୁ ଲାଇସେନ୍ସ ବାଧ୍ୟତାମୂଳକ କରାଯିବା ସହ ଆଠ ଘଣ୍ଟା ଡ୍ୟୁଟି,


ପଶ୍ଚିମ ଓଡ଼ିଶା ଜେସିବି ଚାଳକ ସଂଘ ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନୀ ସାହୁଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଲାଇସେନ୍ସ ପାଇଁ ଆରଟିଓ ଅଫିସକୁ ମେଶିନ ନେବାକୁ ବାଧ ନ କରିବା, ଦୁର୍ଘଟଣାରେ ଦେହାନ୍ତ ହେଲେ ପାଞ୍ଚ ଲକ୍ଷ ଟଙ୍କା କ୍ଷତିପୂରଣ, ବର୍ଷା ସମୟରେ ନ୍ୟୁନତମ ୭୫% ଦରମା, କମ୍ପାନୀଗୁଡିକରେ ସ୍ଥାନୀୟ ନିଯୁକ୍ତିକୁ ପ୍ରାଧାନ୍ୟ ଦେବା ଦାବି ନେଇ ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ପଶ୍ଚିମ ଓଡ଼ିଶା ଚାଳକ ସଂଘର ସଭାପତି ମିଥୁନ ମହାରଣା, ଉପସଭାପତି ରଞ୍ଜନ ବେହେରା, ସମ୍ପାଦକ ଦୀପକ ପ୍ରସାଦ ସାହୁ, ସହସମ୍ପାଦକ ହେମନ୍ତ ସାହୁ କୋଷାଧକ୍ଷ ଆଦିତ୍ୟ ସାହୁ, ବଲାଙ୍ଗୀର ଜିଲାର ଉପ ସଭାପତି କୃପାସିନ୍ଧୁ ଗହିର, କଳାହାଣ୍ଡି ଜିଲାର ସଂପାଦକ ନଳିନୀ ସାହୁ, ମିତ୍ରଭାନୁ ସାହୁ, ରାଧାକାନ୍ତ ସାହୁ, ଧନେଶ୍ୱର ସାହୁ, ଲୋକନାଥ ବନଛୋର, ଘନଶ୍ୟାମ ମାଝୀ, ହ୍ୱାର ସିଂଘ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ମନ୍ତ୍ରୀ ସାହୁ ଆଗକୁ ରାଜଧାନୀ ଭୁବନେଶ୍ୱରରେ ଆଲୋଚନା ମାଧ୍ୟମରେ ସମାଧାନ କରାଯିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ସବୁ ଜିଲାର ଜିଲାପାଳ, ଶ୍ରମ କାର୍ଯ୍ୟାଳୟ ତଥା ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟରେ ଦାବିପତ୍ର ଦିଆଯାଇଥିଲା।

# ଦୀପାବଳି ପାଇଁ ଜମନକିରା ଉତ୍ସବମୁଖର

ଜମନକିରା,୨୩।୧୦(ଡି.ଏନ.ଏ.)

ଦୀପାବଳୀ ପାଇଁ ସମ୍ବଲପୁର ଜିଲା ଜମନକିରା ବ୍ଲକ ଉତ୍ସବମୁଖର ହୋଇଉଠିଛି। କରୋନା କଟକଣା ହଟିଥିବାରୁ ଲୋକଙ୍କ ମନରେ ଉତ୍ସାହ ଉଦ୍ଦୀପନା ପରିଲକ୍ଷିତ ହୋଇଛି। ବାଣ ଦୋକାନଠାରୁ ଆରମ୍ଭ କରି ବିଭିନ୍ନ ଦୋକାନ ବଜାରରେ ଭିଡ ଜମିଛି। ମାଟି ଦୀପ, କଳସ ଓ ପୂଜା ସାମଗ୍ରୀ ଲୋକେ କିଣିବା ଦେଖିବାକୁ ମିଳିଛି। ହିନ୍ଦୁଧର୍ମ ଅନୁଯାୟୀ ପ୍ରଭୁ ଶ୍ରୀରାମ ରାବଣ ବଧ କରିବା ପରେ ଅଯୋଧ୍ୟା ରାଜ୍ୟରେ ଶ୍ରୀରାମଙ୍କୁ ଦୀପ ଜଳାଇ ସ୍ୱାଗତ ପୂର୍ବକ ପୂଜା, ବନ୍ଦାପନା କରାଯାଇଥିଲା। ଏହାକୁ ମନେ ପକାଇ ଆଜି ବି ଏହି ଅଞ୍ଚଳରେ


ଜମନକିରାରେ ବିକ୍ରି ପାଇଁ ମାଟି ଦୀପର ପସରା ।

ଦୀପ ଲଗାଇ ଧୁମଧାମରେ ଶ୍ରୀରାମଙ୍କୁ ପୂଜାର୍ଚ୍ଚନା କରାଯାଉଥିବା ଦେଖିବାକୁ ମିଳୁଛି। ବିଭିନ୍ନ ସ୍ଥାନରେ ଦୀପାବଳୀ ଓ କାଳୀ ପୂଜା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅୟୋଜନ କରାଯାଇଛି। ବିକ୍ରେତା ତୁଲାରାମ ରଣା କୁହନ୍ତି ବିଗତ ବର୍ଷଗୁଡିକରେ ଦୀପାବଳୀରେ ଆମେ କୁମ୍ଭାର ସମ୍ପ୍ରଦାୟର ଲୋକେ ମାଟିରେ ତିଆରି ଦୀପ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରି ବେଶ ଦୁଇ ପଇସା ଅର୍ଜନ କରୁଥିଲୁ। କିନ୍ତୁ ସମୟ ସହ ତାଳ ଦେଇ ବିଭିନ୍ନ ଯାନ୍ତ୍ରିକ ଜିନିଷ ବାହାରିବାରୁ ରୋଜଗାର ପୂର୍ବପରି ହେଉନାହିଁ। ତଥାପି ମାଟି ଦୀପର ଚାହିଦା ଏବେ ବି ରହିଛି। ମାରୱାଡ଼ି ସମ୍ପ୍ରଦାୟର ଶ୍ରୀ ଅଗ୍ରୱାଲ କୁହନ୍ତି କରୋନା ଯୋଗୁ ୨ ବର୍ଷ ଠିକ୍‌ରେ ଦୀପାବଳୀ ପାଳନ କରି ପାରିନଥିଲୁ। ଚଳିତବର୍ଷ ଆମର ବାଣ ବ୍ୟବସାୟ, କପଡା ଆଦି ବ୍ୟବସାୟ ଭଲ ଚାଲିଛି। ଏଥର ବାଣର ଚାହିଦା ବହୁତ ବଢିଛି।

# ସମସ୍ତଙ୍କ ମୁହଁରେ କୋହଲିଙ୍କ ପ୍ରଶଂସା



ଭାରତର ବିଜୟ ପରେ ବିରାଟ କୋହଲିଙ୍କ ପ୍ରତିକ୍ରିୟା।

ଟି୨୦ ବିଶ୍ୱକପର ରବିବାର ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ମ୍ୟାଚରେ ମ୍ୟାଚ ବିଜୟୀ ଇନିଂସ ଖେଳିଥିବାରୁ ବିରାଟ କୋହଲିଙ୍କ ପ୍ରଶଂସାରେ କ୍ରିକେଟ ଜଗତ ଶତମୁଖ। ମାଷ୍ଟର ବ୍ୟାଟର ସଚିନ ତେନ୍ଦୁଲକରଙ୍କଠାରୁ ଆରମ୍ଭ କରି ବୀରେନ୍ଦ୍ର ସେହ୍ୱାଗ, ମିଥାଲି ରାଜ, ହରଭଜନ ସିଂ ଏବଂ ୱେଷ୍ଟଇଣ୍ଡିଜ କିମ୍ବଦନ୍ତୀ ଇଆନ ବିଶପ ଟୁଇଟର ଜରିଆରେ କୋହଲିଙ୍କୁ ପ୍ରଶଂସା କରିବା ସହ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। **ସଚିନ ତେନ୍ଦୁଲକର:** ବିରାଟ କୋହଲି, ତୁମ ଜୀବନର ଏହା ଶ୍ରେଷ୍ଠ ଇନିଂସ ବୋଲି ନିର୍ଦ୍ୱନ୍ଦ୍ୱରେ କୁହାଯାଇ ପାରିବ। ତୁମ ଖେଳ ଦେଖିବାଭଳି ଥିଲା। ୧୯ତମ ଓଭରରେ ରୌଫଙ୍କ ବଲ୍‌କୁ ତୁମେ ଯେପରି ବ୍ୟାକ୍‌ଫୁଟ୍‌ରେ ଲଙ୍ଗଅନ୍ ଉପରେ ଛକା ମାରିଲ ତାହା ଚମକପ୍ରଦ। ଆଗକୁ ଏଭଳି ଜାରି ରହୁ। **ବୀରେନ୍ଦ୍ର ସେହ୍ୱାଗ:** ଶୁଭ ଦୀପାବଳି, ଏହା ଏକ ଚମକପ୍ରଦ ମ୍ୟାଚ। ଏଥି ସହିତ ସମସ୍ତଙ୍କ ଭାବାବେଗ ଜଡ଼ିତ ରହିଥିବାବେଳେ ମୁଁ ଦେଖିବାରେ ଏହା ସର୍ବଶ୍ରେଷ୍ଠ ଟି୨୦ ଇନିଂସ। ବିରାଟଙ୍କର ଏଭଳି ଇନିଂସ କେବେ ଦେଖି ନ ଥିଲି। ଚକ୍ ଦେ ଇଣ୍ଡିଆ। **ମିଥାଲି ରାଜ:** କୋହଲି ଦକ୍ଷତା ଓ ଟେମ୍ପରାମେଣ୍ଟର ଅପୂର୍ବ ମିଶ୍ରଣ ପ୍ରଦର୍ଶନ କଲେ। ହାର୍ଦ୍ଦିକଙ୍କ ସହ ତାଙ୍କର ପାର୍ଟନରଶିପ୍ ମ୍ୟାଚ ବଦଳାଇ ଦେଇଥିଲା। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଭାରତର ଚମକପ୍ରଦ ବିଜୟ। ବିଶ୍ୱକପ୍‌ରେ ଭାରତର ଭଲ ଆରମ୍ଭ। ବହୁତ ବଢ଼ିଆ। **ହରଭଜନ ସିଂ:** ସରଳ ଭାବେ କହିଲେ ଚମତ୍କାର ଏବଂ ଭାରତର ଅନ୍ୟତମ ଶ୍ରେଷ୍ଠ ବିଜୟ। ଏପରି ଇନିଂସ ପାଇଁ ବିରାଟ କୋହଲିଙ୍କୁ ମୋ ହୃଦୟର ଗଭୀରତମ କୋଣରୁ ଅଭିନନ୍ଦନ। ହାର୍ଦ୍ଦିକ ପାଣ୍ଡ୍ୟା ଓ ଅର୍ଶଦୀପ ସିଂଙ୍କ ପ୍ରଦର୍ଶନ ମଧ୍ୟ ପ୍ରଶଂସନୀୟ। **ଭିଭିଏସ ଲକ୍ଷ୍ମଣ:** ମୋ ଦେଖିବାରେ ଟି୨୦ ବିଶ୍ୱକପରେ ମୋହାଲି ଗ୍ରାଉଣ୍ଡରେ ବିରାଟ କୋହଲିଙ୍କ ପ୍ରଦର୍ଶନ ସମ୍ଭବତଃ ଅନ୍ୟତମ ଶ୍ରେଷ୍ଠ ଥିଲା। ମାତ୍ର ଏହି ଇନିଂସ ତା'ଠାରୁ ଉପରେ ରହିବ, କାରଣ ଭାରତ ୩୧ ରନରେ ୪ଟି ଉଇକେଟ ହରାଇ ସାରିଥିଲା। ଭାରତ ପାଇଁ ଏହା ଚିତାକର୍ଷକ ବିଜୟ। **ଗୌତମ ଗମ୍ଭୀର:** ଏପରି ପ୍ରଦର୍ଶନଠାରୁ ଭାରତର ବିଶ୍ୱକପ ଆରମ୍ଭ ଆଉ ଭଲ ହୋଇ ନ ପାରେ। **ଯୁବରାଜ ସିଂ:** ମୁଣ୍ଡ ଥଣ୍ଡା ରଖି ରବିଚନ୍ଦ୍ରନ ଅଶ୍ୱିନ ବଲ୍‌କୁ ୱାଇଡ୍ ହେବାକୁ ଦେଲେ। ଏପରି ଗେମ୍ ଅବିଶ୍ୱସନୀୟ। ଭାରତ ପାକିସ୍ତାନ ମୁକାବିଲା ସାଧାରଣ ମ୍ୟାଚଠାରୁ ଅଧିକ ଥାଏ। ଏଥି ସହିତ ଭାବାବେଗ ଜଡ଼ିତ ଥାଏ। ବିରାଟ କୋହଲି ନିଜ ଶ୍ରେଷ୍ଠତ୍ୱ ପ୍ରତିପାଦନ କଲେ। **ସୁରେଶ ରାଇନା:** ମ୍ୟାଚଟି ଶେଷ ପର୍ଯ୍ୟନ୍ତ ତୀବ୍ର ସଂଘର୍ଷପୂର୍ଣ୍ଣ ରହିଲା। ଶେଷରେ ଟିମ୍ ଇଣ୍ଡିଆର ବିଜୟ ହେଲା। ପ୍ରତି ଖେଳାଳିଙ୍କ ଲଢୁଆ ମନୋବୃତ୍ତି ଓ ଏନର୍ଜି ଚମତ୍କାର ଥିଲା। ବିଜୟ ପାଇଁ ଅଭିନନ୍ଦନ, ଜୟ ହିନ୍ଦ। **ଇଆନ ବିଶପ:** ବିରାଟ କୋହଲି ବଢ଼ିଆ ଖେଳିଲେ। ନିଜ ଶ୍ରେଷ୍ଠ ଦିନକୁ ଫେରି ଆସିଲେ।



କୋହଲିଙ୍କୁ ଟେକି ଧରିଛନ୍ତି ଅଧିନାୟକ ରୋହିତ ଶର୍ମା।

## ଏଭଳି କ୍ରିକେଟ ମହୋତ୍ସବ କେବେ ଦେଖା ନ ଥିଲା

**ମେଲବୋର୍ନ, ୨୩।୧୦(ପି.ଟି.)**

ଜୋହାନ୍ସବର୍ଗ, ମୀରପୁର, କଲମ୍ବୋ, କୋଲ୍‌କାତା, ବର୍ମିଂହାମ, ଆଡିଲେଡ୍, ଲଣ୍ଡନ ଓ ମାଞ୍ଚେଷ୍ଟର ଭାରତ-ପାକିସ୍ତାନ ମ୍ୟାଚ୍ ବେଳେ ଯଦି କେହି 'ଜନ ଗଣ ମନ' ଶୁଣିଥାନ୍ତି, ରବିବାର ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ସେମାନେ ଭିନ୍ନ ପରିବେଶ ଅନୁଭବ କରିଥିବେ। ଟି୨୦ ବିଶ୍ୱକପ୍ ସୁପର-୧୨ ପର୍ଯ୍ୟାୟରେ ଭାରତ-ପାକିସ୍ତାନ ମ୍ୟାଚ୍ ଦେଖିବା ଲାଗି ଗ୍ରାଉଣ୍ଡରେ ୯୦,୨୯୩ ଲୋକ ଉପସ୍ଥିତ ଥିଲେ। ତନ୍ମଧ୍ୟରେ ଭାରତୀୟ ଦର୍ଶକଙ୍କ ସଂଖ୍ୟା ୬୦,୦୦୦ରୁ ଅଧିକ ଥିଲା। 'ଜୟ ହେ' କୋରସ ଷ୍ଟାଡିୟମରେ ଯେଉଁ ପରିବେଶ ସୃଷ୍ଟି କରିଥିଲା ତାହା ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା। ଭାରତୀୟ ଟିମ୍ ଅଧିନାୟକ ରୋହିତ ଶର୍ମା ଖୁବ୍ ଭାବପ୍ରବଣ ଦେଖାଯାଉଥିଲେ। ସେ ନିଜ ଭାବନାକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଥିଲେ।

ଭାରତ-ପାକିସ୍ତାନ କ୍ରିକେଟ ମ୍ୟାଚ୍ ଦେଖିବାକୁ ଖେଳପ୍ରେମୀ କେତେ ପରିମାଣରେ ବ୍ୟାକୁଳ, ତାହାର ଏକ ନିଦର୍ଶନ ହେଉଛନ୍ତି କୋଲ୍‌କାତା ବାସିନ୍ଦା ସମିରନ ଚୌଧୁରୀ। ବ୍ୟାଙ୍କକ୍‌ରେ ତାଙ୍କର ପ୍ରଥମ ରେସ୍ତୋରାଁ ଖୋଲିବା ପରେ ବିଭିନ୍ନ କାରଣରୁ ସେ ଚାପରେ ଥିଲେ। ଏହାସତ୍ତ୍ୱେ ସେ ଭାରତ-ପାକିସ୍ତାନ ମ୍ୟାଚ୍ ମିସ୍ କରିବାକୁ ଚାହୁଁ ନ ଥିଲେ। ପ୍ରଥମ ଚେଷ୍ଟାରେ ତାଙ୍କୁ ଭିଜା ମିଳି ନ ଥିଲା। ହେଲେ ଦ୍ୱିତୀୟ ଚେଷ୍ଟାରେ ମିଳିଯାଇଥିଲା। ସେ ୧ଲକ୍ଷ ଟଙ୍କାରେ ବିମାନ ଟିକେଟ କ୍ରୟ କରି ମ୍ୟାଚ୍ ଦିନ ପହଞ୍ଚି ଯାଇଥିଲେ। ଟିକେଟ ପାଇଥିବାରୁ ସେ ନିଜକୁ ଗର୍ବ ଅନୁଭବ କରୁଥିଲେ। ସମିରନଙ୍କ ବନ୍ଧୁ ଦୀପରଞ୍ଜନ ଘୋଷ୍ ହେଉଛନ୍ତି ଜଣେ ସଫ୍ଟୱେର ପ୍ରଫେସନାଲ। ସେ ମେଲବୋର୍ନରେ ୧୨ ବର୍ଷ ଧରି ଅବସ୍ଥାନ କରୁଛନ୍ତି। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଯେକୌଣସି ଫର୍ମାଟ୍‌ରେ ଭାରତ ମ୍ୟାଚ୍‌କୁ କେବେ ହାତଛଡ଼ା କରିନାହାଁନ୍ତି। ସେ ଆସେସ୍ ଦେଖିଛନ୍ତି, ହେଲେ ରବିବାରର ପରିବେଶ ସେ କେବେ ଦେଖିନାହାନ୍ତି। ସୂଚନା ଯେ, ମେଲବୋର୍ନସ୍ଥିତ ସେଣ୍ଟ୍ରାଲ ବିଜ୍‌ନେସ ଡିଷ୍ଟ୍ରିକ୍ଟରେ ବହୁସଂଖ୍ୟାରେ ଭାରତୀୟ ଓ ପାକିସ୍ତାନୀ ବାସ କରିଥାନ୍ତି।

### ଭାରତ-ପାକିସ୍ତାନ ମ୍ୟାଚ ସ୍କୋରବୋର୍ଡ

**ପାକିସ୍ତାନ ଇନିଂସ୍**
ରିଜ୍‌ୱାନ-କ-ଭୁବନେଶ୍ୱର-ବୋ-ଅର୍ଶଦୀପ-୪
ବାବର ଆଜମ-ଏଲ୍‌ବିଡବ୍ଲ୍ୟୁ-ଅର୍ଶଦୀପ-୦
ଶାନ ମାସୁଦ-ନଟଆଉଟ-୫୨
ଇଫ୍ତିକର ଅହମଦ-ଏଲବିଡବ୍ଲ୍ୟୁ-ଶାମି-୫୧
ଶାଦାବ ଖାନ୍-କ-ସୂର୍ଯ୍ୟକୁମାର-ବୋ-ହାର୍ଦ୍ଦିକ-୫
ହାଇଦର ଅଲି-କ-ସୂର୍ଯ୍ୟକୁମାର-ବୋ-ହାର୍ଦ୍ଦିକ-୨
ନୱାଜ-କ-କାର୍ତ୍ତିକ-ବୋ-ହାର୍ଦ୍ଦିକ-୯
ଅସିଫ ଅଲି-କ-କାର୍ତ୍ତିକ-ବୋ-ଅର୍ଶଦୀପ-୨
ଶାହିନ ଆଫ୍ରିଦୀ-କଟ୍ ଆଣ୍ଡ ବୋ-ଭୁବନେଶ୍ୱର-୧୬
ହାରିସ ରୌଫ-ନଟଆଉଟ-୬
ଅତିରିକ୍ତ-୧୨
**ମୋଟ:** (୨୦ ଓଭର, ୮ ଉଇକେଟ) ୧୫୯।
**ଉଇକେଟ ପତନ:** ୧/୧, ୨/୧୫, ୩/୯୧, ୪/୯୬, ୫/୯୮, ୬/୧୧୫, ୭/୧୨୦, ୮/୧୫୧।
**ବୋଲିଂ (ଭାରତ)**
ଭୁବନେଶ୍ୱର କୁମାର ୪-୦-୨୧-୧
ଅର୍ଶଦୀପ ସିଂ ୪-୦-୩୨-୩
ମହମ୍ମଦ ଶାମି ୪-୦-୨୫-୧
ହାର୍ଦ୍ଦିକ ପାଣ୍ଡ୍ୟା ୪-୦-୩୦-୩
ରବିଚନ୍ଦ୍ରନ ଅଶ୍ୱିନ ୩-୦-୨୩-୦
ଅକ୍ଷର ପଟେଲ ୧-୦-୨୧-୦।

**ଭାରତ ଇନିଂସ**
କେ.ଏଲ୍. ରାହୁଲ-ବୋ-ନଶିମ୍ ଶାହା-୪
ରୋହିତ ଶର୍ମା-କ-ଇଫ୍ତିକାର-ବୋ-ରୌଫ-୪
ବିରାଟ କୋହଲି-ନଟଆଉଟ-୮୨
ସୂର୍ଯ୍ୟକୁମାର ଯାଦବ-କ-ରିଜୱାନ୍-ବୋ-ରୌଫ୍-୧୫
ଅକ୍ଷର ପଟେଲ-ରନ୍‌ଆଉଟ-୨
ହାର୍ଦ୍ଦିକ ପାଣ୍ଡ୍ୟା-କ-ବାବର ଆଜାମ-ବୋ-ନୱାଜ-୪୦
ଦୀନେଶ କାର୍ତ୍ତିକ-କ-ରିଜୱାନ-ବୋ-ନୱାଜ-୧
ରବିଚନ୍ଦ୍ରନ ଅଶ୍ୱିନ-ନଟଆଉଟ-୧
ଅତିରିକ୍ତ-୧୧
**ମୋଟ:** (୨୦ ଓଭର, ୬ ଉଇକେଟ) ୧୬୦।
**ଉଇକେଟ ପତନ:** ୧/୭, ୨/୧୦, ୩/୨୬, ୪/୩୧, ୫/୧୪୪, ୬/୧୫୮।
**ବୋଲିଂ (ପାକିସ୍ତାନ)**
ଶାହିନ ଆଫ୍ରିଦୀ ୪-୦-୩୪-୦
ନସିମ ଶାହା ୪-୦-୨୩-୧
ହାରିସ୍ ରୌଫ୍ ୪-୦-୩୬-୨
ଶାଦବ ଖାନ୍ ୪-୦-୨୧-୦
ମହମ୍ମଦ ନୱାଜ ୪-୦-୪୨-୨

## ମୋ ଶ୍ରେଷ୍ଠ ଇନିଂସ: କୋହଲି

**ମେଲବୋର୍ନ,୨୩।୧୦**

ପାକିସ୍ତାନ ବିପକ୍ଷ ସୁପର-୧୨ ମ୍ୟାଚ୍‌ରେ ୫୩ ବଲରୁ ଅପରାଜିତ ୮୨ ରନ୍‌ର ଇନିଂସ ଖେଳିଥିଲେ ପୂର୍ବତନ ଅଧିନାୟକ ବିରାଟ କୋହଲି। ୩୧ ରନ୍‌ରେ ଭାରତ ୪ ଉଇକେଟ ହରାଇଥିବା ବେଳେ କୋହଲି ଏକପାଖିଆ ଭାବେ ଭାରତକୁ ବିଜୟୀ କରାଇଥିଲେ। ତେବେ ଏହି ଇନିଂସ୍ ତାଙ୍କର ଶ୍ରେଷ୍ଠ ଇନିଂସ ହୋଇଥିବା ବେଳେ ଏହାକୁ ବର୍ଣ୍ଣନା କରିବା ପାଇଁ ତାଙ୍କ ପାଖରେ ଶବ୍ଦ ନ ଥିବା କହିଥିଲେ କୋହଲି। ସେ ଏହି ଇନିଂସରେ ୬ ଚୌକା ଓ ୪ ଛକା ମାରିଥିଲେ। ୧୫୦-୧୫୫ କିମି ବେଗରେ ଆସୁଥିବା ବଲ୍‌କୁ ଅନାୟାସରେ ସେ ବାଉଣ୍ଡ୍ରୀ ମାରିଥିଲେ। ୧୮ତମ ଓଭର ବୋଲିଂ କରିଥିବା ଶାହିନ ଶାହ ଆଫ୍ରିଦୀଙ୍କ ଓଭରରେ ୧୭ ରନ୍ ସଂଗ୍ରହ କରିବା ପରେ ହରିଶ ରୌଫଙ୍କ ପରବର୍ତ୍ତୀ ଓଭରରୁ ୧୫ ରନ୍ କରିଥିଲେ। ପ୍ରଥମ ୪ ବଲ୍‌ରେ ୩ ରନ୍ ଆସିଥିବା ବେଳେ ଅନ୍ତିମ ଦୁଇ ବଲରେ ଦୁଇଟି ଛକା ମାରିଥିଲେ କୋହଲି। ଫଳରେ ମହମ୍ମଦ ନୱାଜ୍‌ଙ୍କ ଅନ୍ତିମ ଓଭରରୁ ଭାରତକୁ ବିଜୟ ପାଇଁ ୧୫ ରନ୍ ଆବଶ୍ୟକ ଥିଲା। ମୋହାଲିରେ ୫୨ ବଲ୍‌ରେ ୮୨ ରନ୍ ମୋର ଶ୍ରେଷ୍ଠ ଇନିଂସ ରହିଥିଲା। ତେବେ ରବିବାର ପରିସ୍ଥିତିକୁ ଦୃଷ୍ଟି ଦେଲେ ଏମ୍‌ସିଜିର ଏହି ଇନିଂସ ମଧ୍ୟ ବେଶ୍ ସ୍ୱତନ୍ତ୍ର ବୋଲି କହିଥିଲେ କୋହଲି। ଅନ୍ୟପକ୍ଷରେ ୪୦ ରନ୍ କରିଥିବା ହାର୍ଦ୍ଦିକଙ୍କୁ ମଧ୍ୟ କୋହଲି ବେଶ୍ ପ୍ରଶଂସା କରିଥିଲେ। ଚାପ ପରିସ୍ଥିତିରେ ପାଣ୍ଡ୍ୟା ଧୈର୍ଯ୍ୟର ପରିଚୟ ଦେବା ସହିତ ଇନିଂସ ଆଗକୁ ବଢ଼ାଇବାର ପରାମର୍ଶ ଦେଇଥିଲେ। ଏହାସହିତ ତାଙ୍କ ଉପରେ ନିୟମିତ ବିଶ୍ୱାସ ଦେଖାଇଥିବା କାରଣରୁ ରୋହିତ ଶର୍ମାଙ୍କୁ ମଧ୍ୟ ସେ ପ୍ରଶଂସା କରିଥିଲେ। କୋହଲି ଏବଂ ପାଣ୍ଡ୍ୟା ଉଭୟ ବେଶ୍ ଅଭିଜ୍ଞ ଖେଳାଳି। ଉଭୟଙ୍କ ଉପରେ ଆମର ଭରସା ଥିଲା ବୋଲି ଅଧିନାୟକ ରୋହିତ ଶର୍ମା ପ୍ରକାଶ କରିଛନ୍ତି। ପାକିସ୍ତାନ ଅଧିନାୟକ ବାବର ଆଜମ୍ ମଧ୍ୟ ପାଣ୍ଡ୍ୟା ଓ କୋହଲିଙ୍କୁ ପ୍ରଶଂସା କରିଥିଲେ। ଆମ ବୋଲର ବେଶ୍ ଭଲ ବୋଲିଂ କରି ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲେ। ତେବେ କୋହଲି-ପାଣ୍ଡ୍ୟାଙ୍କ ପାର୍ଟନରଶିପ୍ ଆମ ହାତରୁ ମ୍ୟାଚ୍ ଛଡ଼ାଇନେଲା ବୋଲି ସେ କହିଥିଲେ।

## ଜାତୀୟ ସଙ୍ଗୀତ ସମୟରେ ରୋହିତ ଭାବବିହ୍ୱଳ

**ମେଲବୋର୍ନ,୨୩।୧୦:** ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ପାକିସ୍ତାନ ବିପକ୍ଷ ପ୍ରଥମ ସୁପର ୧୨ ମ୍ୟାଚ୍‌କୁ ଭାରତ ୪ ଉଇକେଟରେ ଜିତିନେଇଛି। ତେବେ ମ୍ୟାଚ୍ ଆରମ୍ଭ ପୂର୍ବରୁ ଜାତୀୟ ସଙ୍ଗୀତ ଗାନ କରାଯାଉଥିବା ବେଳେ ଭାରତୀୟ ଅଧିନାୟକ ରୋହିତ ଶର୍ମା ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ଏମ୍‌ସିଜିରେ ପ୍ରାୟ ୯୦ ହଜାରରୁ ଅଧିକ ଦର୍ଶକ ଉପସ୍ଥିତ ଥିବା ବେଳେ ଏହା ମଧ୍ୟରୁ ୬୦ ହଜାର ଭାରତୀୟ ଫ୍ୟାନ୍ ରହିଥିଲେ। ପ୍ରଥମ ଥର ଏକ ଆଇସିସି ଇଭେଣ୍ଟରେ ଭାଗ ନେଉଥିବା ରୋହିତଙ୍କ ପାଇଁ ଏହି ମୁହୂର୍ତ୍ତ ଥିଲା ବେଶ୍ ସ୍ୱତନ୍ତ୍ର। ଜାତୀୟ ସଙ୍ଗୀତ ଶେଷହେବା ବେଳକୁ ରୋହିତଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା।

## ଡିଜିଟାଲ ପ୍ଲାଟଫର୍ମରେ ରେକର୍ଡ ସଂଖ୍ୟକ ଦର୍ଶକ ଦେଖିଲେ ଭାରତ-ପାକିସ୍ତାନ ମ୍ୟାଚ

**ନୂଆଦିଲ୍ଲୀ, ୨୩।୧୦ (ପି.ଟି.)**

ରବିବାର ଅନୁଷ୍ଠିତ ଭାରତ-ପାକିସ୍ତାନ ଟି୨୦ ବିଶ୍ୱକପ୍ ମ୍ୟାଚ୍‌କୁ ଡିଜିଟାଲ ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମ, ଡିଜ୍‌ନି ପ୍ଲସ ହଟ୍‌ଷ୍ଟାରରେ ରେକର୍ଡ ସଂଖ୍ୟକ ଦର୍ଶକ ଦେଖିଛନ୍ତି। ସେମାନଙ୍କ ସଂଖ୍ୟା ୧.୮କୋଟି, ଯାହା ଏକ ନୂଆ ରେକର୍ଡ। ଟେଲିଭିଜନ ପାଇଁ ଭାରତରେ ମ୍ୟାଚ୍‌କୁ ଷ୍ଟାର ସ୍ପୋର୍ଟ୍ସ ଟେଲିକାଷ୍ଟ କରିଥିଲା। ଏଥିରେ ଦର୍ଶକ ସଂଖ୍ୟା କେତେ ତାହା ବ୍ରଡ୍‌କାଷ୍ଟ ଅଡିଏନ୍ସ ରିସର୍ଚ୍ଚ କାଉନ୍‌ସିଲ (ବିଏଆରସି) ଆକଳନ କରି ଏକ ସପ୍ତାହ ପରେ ପ୍ରକାଶ କରିବ। ମ୍ୟାଚ୍‌କୁ ଆହୁରି ମଧ୍ୟ ପିଭିଆର୍ ଓ ଆଇନକ୍ସ ଥିଏଟରର ବଡ଼ ପରଦାରେ ଦେଖିବାକୁ ଲୋକେ ଭିଡ଼ ଜମାଇଥିଲେ। ଡିଜ୍‌ନୀ ପ୍ଲସ୍ ହଟ୍‌ଷ୍ଟାର ଆପ୍‌ରେ ମ୍ୟାଚ୍‌ର ସିଧା ପ୍ରସାରଣ ସର୍ବାଧିକ ୧.୮କୋଟି ଦେଖିଥିଲେ। ଏହା ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ଏସିଆ କପ୍ ମ୍ୟାଚ୍ ରେକର୍ଡ (୧.୪କୋଟି)କୁ ଭାଙ୍ଗି ଦେଇଥିଲା। ଭାରତର ଭୁବନେଶ୍ୱର କୁମାର ଯେତେବେଳେ ମ୍ୟାଚ୍‌ର ପ୍ରଥମ ବଲ୍ ପକାଇଲେ ତାହାର ସିଧା ପ୍ରସାରଣକୁ ୩୬ ଲକ୍ଷ ଲୋକ ଦେଖିଥିଲେ। ପାକିସ୍ତାନ ଇନିଂସ୍ ଶେଷ ବେଳକୁ ଏହି ଆପ୍‌ରେ ଦର୍ଶକଙ୍କ ସଂଖ୍ୟା ୧.୪ କୋଟି ରହିଥିଲା। ଇନିଂସ୍ ବ୍ରେକ୍ ବେଳକୁ ଏହା ୧.୪ କୋଟିରେ ପହଞ୍ଚିଯାଇଥିଲା। ଭାରତର ବିଜୟ ଲକ୍ଷ୍ୟ ଚେଜ୍ ବେଳେ ଦର୍ଶକଙ୍କ ସଂଖ୍ୟା ୪୦ ଲକ୍ଷ ରହିଥିଲା। ଭାରତ ଏହି ମ୍ୟାଚ୍‌କୁ ୪ ଉଇକେଟରେ ଜିତିବାବେଳକୁ ଦର୍ଶକ ସଂଖ୍ୟା ୧.୮ କୋଟିରେ ପହଞ୍ଚି ଯାଇଥିଲା।





ଟି୨୦ କ୍ରିକେଟ ବିଶ୍ୱକପର ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ମ୍ୟାଚ ଅବସରରେ ଭାରତ ଓ ପାକିସ୍ତାନ ପ୍ରଶଂସକ।

## ସହଜ ବିଜୟ ସହ ଶ୍ରୀଲଙ୍କାର ଅଭିଯାନ

**ହୋବାର୍ଟ,୨୩।୧୦(ପି.ଟି.)**

କୁଶାଲ ମେଣ୍ଡିସ୍‌ଙ୍କ ଅର୍ଦ୍ଧଶତକ ବଳରେ ବିଜୟରୁ ଟି୨୦ ବିଶ୍ୱକପ୍‌ର ସୁପର ୧୨ ଅଭିଯାନ ଆରମ୍ଭ କରିଛି ଶ୍ରୀଲଙ୍କା। ରବିବାର ହୋବାର୍ଟରେ ଖେଳାଯାଇଥିବା ମ୍ୟାଚ୍‌ରେ ୯ ଉଇକେଟରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି ଦଶୁନ୍ ସନକାଙ୍କ ଦଳ। ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ ୮ ଉଇକେଟରେ ୧୨୮ ରନ୍ କରିଥିଲା। ମେଣ୍ଡିସଙ୍କ ଅପରାଜିତ ୬୮

**ଟି୨୦ ବିଶ୍ୱକପ୍ ସୁପର ୧୨**

ରନ୍ ବଳରେ ୧ ଉଇକେଟ ହରାଇ ୧୫ ଓଭରରେ ବିଜୟ ହାସଲ କରିଥିଲା ଶ୍ରୀଲଙ୍କା। କୁଶାଲ ମେଣ୍ଡିସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଆୟର୍ଲାଣ୍ଡ ୨୦ ଓଭରରେ ୧୨୮/୮ (ହ୍ୟାରି ଟେକ୍ଟର-୪୫, ପଲ୍ ଷ୍ଟର୍ଲିଂ-୩୪, ଜର୍ଜ ଡକରେଲ୍-୧୪, ମହୀଷ ଥିକସାନା-୨/୧୯, ୱାନିନ୍ଦୁ ହସରଙ୍ଗା-୨/୨୫, ଲାହିରୁ କୁମାରା-୧/୧୨)। ଶ୍ରୀଲଙ୍କା ୧୫ ଓଭରରେ ୧୩୩/୧ (କୁଶାଲ ମେଣ୍ଡିସ୍-୬୮*, ଚରିଥ୍ ଅସଲଙ୍କା-୩୧*, ଧନଞ୍ଜୟ ଡି ସିଲଭା-୩୧, ଗେରାଥ୍ ଡେଲାନି-୧/୨୮)।

## କେବଳ କୋହଲିଙ୍କ ନୁହେଁ, ଭାରତର ଶ୍ରେଷ୍ଠ ଟି୨୦ ପ୍ରଦର୍ଶନ

**ମେଲବୋର୍ନ, ୨୩।୧୦(ପି.ଟି.):** ପାକିସ୍ତାନ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ କେବଳ ବିରାଟ କୋହଲି ନୁହନ୍ତି, ଦେଶର ଟି୨୦ ଇତିହାସରେ ଏପର୍ଯ୍ୟନ୍ତ ଭାରତ ଏହା ଥିଲା ଶ୍ରେଷ୍ଠ ବ୍ୟାଟିଂ ପ୍ରଦର୍ଶନ। ମ୍ୟାଚ୍ ପରେ ଖବରଦାତାମାନଙ୍କ ଆଗରେ ସେ ଏକଥା ପ୍ରକାଶ କରିଛନ୍ତି। ଏହାକୁ କାହିଁକି ଭାରତର ଶ୍ରେଷ୍ଠ ଟି୨୦ ବ୍ୟାଟିଂ ବୋଲି କହିଛନ୍ତି ତାହା ମଧ୍ୟ ସେ ବଖାଣିଥିଲେ। ୧୩ତମ ଓଭର ବେଳକୁ ଆମେ ଗେମ୍‌ରେ ପଛୁଆ ରହିଥିଲୁ। ଆବଶ୍ୟକ ରନ୍‌ରେଟ୍ କ୍ରମେ ବୃଦ୍ଧି ପାଇବାରେ ଲାଗିଥିଲା। ହେଲେ ଆମେ ଏହି ସଙ୍କଟରୁ ମୁକୁଳି ବିଜୟ ଲକ୍ଷ୍ୟ ହାସଲ କରିପାରିଥିଲୁ। ବିରାଟଙ୍କ ଚମତ୍କାର ବ୍ୟାଟିଂ ଯୋଗୁ ଏହା ସମ୍ଭବ ହୋଇଥିଲା। ଭାରତୀୟ ଅଧିନାୟକ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭୂମିକାକୁ ପ୍ରଶଂସା କରିବାକୁ ଭୁଲି ନ ଥିଲେ। ବହୁ ସଂଘର୍ଷପୂର୍ଣ୍ଣ ଅନ୍ତର୍ଜାତୀୟ ଟି୨୦ ହେଉ ଅବା ଆଇପିଏଲ ସ୍ତରରେ ଉଭୟ କୋହଲି ଓ ପାଣ୍ଡ୍ୟା ଦଳକୁ ଚାପମୁକ୍ତ କରିଛନ୍ତି।

## ଥିଏଟରରେ ଭାରତ-ପାକିସ୍ତାନ ମ୍ୟାଚ୍

**ମୁମ୍ବାଇ/ନୂଆଦିଲ୍ଲୀ,୨୩।୧୦(ପି.ଟି)**

ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍‌ରେ ପରାସ୍ତ କରିଥିଲା ଭାରତ। ରବିବାର ଭାରତ ଅନ୍ତିମ ବଲରେ ମ୍ୟାଚ୍ ଜିତିବା ସହିତ ପାକିସ୍ତାନ ମୁହଁରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ ବିରାଟ କୋହଲି। ସମଗ୍ର ଦେଶ ଏହି ମ୍ୟାଚ ଦେଖିବାକୁ ଅତ୍ୟନ୍ତ ଆଗ୍ରହର ସହ ଅପେକ୍ଷା କରିଥିଲା। କିଛି ଫ୍ୟାନ୍‌ଙ୍କୁ ଷ୍ଟାଡିୟମରେ ମ୍ୟାଚ ଦେଖିବାର ସୁଯୋଗ ମିଳିଥିବା ବେଳେ ଅନେକ ଦର୍ଶକ ଟିଭି ଓ ସ୍ମାର୍ଟଫୋନ୍‌ରେ ମ୍ୟାଚ୍‌ର ମଜା ନେଇଥିଲେ। ତେବେ କିଛି ଦର୍ଶକ ଏହି ମ୍ୟାଚ୍‌କୁ ସିନେମା ହଲ୍‌ର ୭୦ ଏମ୍‌ଏମ୍ ସ୍କ୍ରିନ୍‌ରେ ଦେଖିବାର ମଜା ନେଇଥିଲେ। ଭାରତୀୟ ବ୍ୟାଟରଙ୍କ ଛକା, ଚୌକା ସହିତ ପାକିସ୍ତାନର ଉଇକେଟକୁ ସମସ୍ତେ ସେଲିବ୍ରେଟ୍ କରିଥିଲେ। ମଲ୍ଟିପ୍ଲେକ୍ସ ଚେନ୍ ଆଇନକ୍ସ ଓ ପିଭିଆର ପକ୍ଷରୁ ଦର୍ଶକଙ୍କୁ ଏହି ସୁଯୋଗ ପ୍ରଦାନ କରାଯାଇଥିଲା। ଆଇସିସି ସହିତ ହୋଇଥିବା ଚୁକ୍ତି ଅନୁସାରେ ଆଇନକ୍ସ ପକ୍ଷରୁ ଭାରତର ସମସ୍ତ ଗ୍ରୁପ୍ ମ୍ୟାଚ୍ ଥିଏଟରରେ ଲାଇଭ୍ ପ୍ରଦର୍ଶନ କରାଯିବ। କ୍ରିକେଟ୍‌ର ଏହି ଶୋ'ଗୁଡ଼ିକ ବେଶ୍ ଲାଭଦାୟକ ବୋଲି ଆଇନକ୍ସ ଲିଜରର ମୁଖ୍ୟ ପ୍ରୋଗ୍ରାମିଂ ଅଫିସର ରାଜେନ୍ଦ୍ର ସିଂ ଜୟଲା ପ୍ରକାଶ କରିଛନ୍ତି। ରବିବାରର ସମସ୍ତ ଶୋ' ପ୍ରାୟ ହାଉସ୍‌ଫୁଲ୍ ରହିଥିଲା ବୋଲି ସେ କହିଛନ୍ତି। ଭାରତର ସମସ୍ତ ଗ୍ରୁପ୍ ମ୍ୟାଚ୍ ସହିତ ସେମି ଓ ଫାଇନାଲ ମୁକାବିଲା ମଧ୍ୟ ଥିଏଟରରେ ଦେଖିବାକୁ ମିଳିବ। ଭାରତର ୪୫ ସହରର ୯୦ ଥିଏଟରରେ ଆଇନକ୍ସ ଓ ୧୦୦ ଥିଏଟରରେ ପିଭିଆର୍ ଦର୍ଶକଙ୍କୁ ବଡ଼ ସ୍କ୍ରିନ୍ ଓ ଡଲବି ସାଉଣ୍ଡରେ କ୍ରିକେଟର ମଜାନେବାର ସୁଯୋଗ ଦେଇଥିଲେ। ଅପରାହ୍ନ ୧.୩୦ରୁ ୫ଟା ୩୦ ଯାଏ ଏହି ସ୍କ୍ରିନିଂ କରାଯାଇଥିବା ବେଳେ ଟିକେଟର ମୂଲ୍ୟ ୨୫୦ରୁ ୫୦୦ ଟଙ୍କା ମଧ୍ୟରେ ରହିଥିଲା।

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ଗୋଲାପ ମଞ୍ଜରୀ ମୁଦୁଲି (୭୨)
ଆବିର୍ଭାବ: ୧୯।୦୫।୧୯୫୦
ତିରୋଧାନ: ୧୪।୧୦।୨୦୨୨
ତୁ ଯେଉଁଠି ଥା, ଭଲରେ ଥା ତୋ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ କର୍ତ୍ତବ୍ୟ ପରାୟଣତା ସର୍ବଦା ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉଥାଉ।
ଶୋକସନ୍ତପ୍ତ: ଅଜିତ, ଅତୀଶ, ଅରୂପ, ମାଳା, ଅନ୍ତୁ, ପିଙ୍କି, ଚିନ୍ତୁ, ନେହା ଓ ପରିବାରର ଅନ୍ୟମାନେ।
ଧ-୧୮୪୧

## ନୋବେଲ ପୁରସ୍କାର-୨୦୨୨ (ରସାୟନ ବିଜ୍ଞାନ)

# କ୍ଲିକ୍ କେମେଷ୍ଟ୍ରି


ପ୍ର. ରମେଶ ଚନ୍ଦ୍ର ପରିଡ଼ା

"କ୍ଲିକ୍ କେମେଷ୍ଟ୍ରି ଉପରେ ସ୍ୱତନ୍ତ୍ର ଭାବେ ଗବେଷଣା କରି ଏ କ୍ଷେତ୍ରକୁ ଭିନ୍ନ ଭିନ୍ନ ଦିଗରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିବାରୁ କେ. ବ୍ୟାରୀ. ସର୍ପଲେସ୍‌ଙ୍କ ସହିତ ଡେନମାର୍କର କୋପେନହାଗେନ୍ ବିଶ୍ୱବିଦ୍ୟାଳୟର ମୋର୍‌ଟେନ୍ ପିଟର୍ ମେଲ୍‌ଡାଲ୍ ଏବଂ ଆମେରିକାର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର କ୍ୟାରୋଲିନ୍ ଆର୍. ବେର୍‌ଟୋଜିଙ୍କୁ ମିଳିତ ଭାବରେ ମିଳିଛି ଚଳିତ ବର୍ଷର ରସାୟନ ବିଜ୍ଞାନ ପାଇଁ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର।"


କେ. ବ୍ୟାରୀ ସର୍ପଲେସ୍


ମୋର୍‌ଟେନ୍ ପିଟର୍ ମେଲ୍‌ଡାଲ୍


କ୍ୟାରୋଲିନ୍ ଆର୍. ବେର୍‌ଟୋଜି







ସାଧାରଣତଃ ଜୀବନର ରସାୟନ ଲାଗି ଗୁରୁତ୍ୱପୂର୍ଣ୍ଣ ହୋଇଥିବା ଜୈବିକ ଅଣୁଗୁଡ଼ିକ ପରସ୍ପର ସହିତ ସଂଯୁକ୍ତ ଅଙ୍ଗାର ପରମାଣୁମାନଙ୍କର ଆଧାର ହୋଇଥାଆନ୍ତି। ଆମଠାରେ ତାହା ସଂଶ୍ଳେଷିତ ହେବା ଲାଗି ପ୍ରକୃତି ତା'ର ବ୍ୟବସ୍ଥା ଖଞ୍ଜି ଦେଇଛି। ତେବେ କୃତ୍ରିମ ଭାବେ ତାହା କରିବା ରସାୟନ ବିଜ୍ଞାନୀମାନଙ୍କ ପକ୍ଷେ ବେଶ୍ କଷ୍ଟସାଧ୍ୟ। କାରଣ ବିଭିନ୍ନ ଅଣୁର ଅଙ୍ଗାର ପରମାଣୁଠାରେ ପରସ୍ପର ସହିତ ରାସାୟନିକ ବନ୍ଧ ଗଠନ କରିବାର ଆବଶ୍ୟକ ସାମର୍ଥ୍ୟ ସାଧାରଣତଃ ନଥାଏ। ଏଣୁ ସେମାନେ ଲୋଡ଼ନ୍ତି କୃତ୍ରିମ ଉପାୟରେ ସକ୍ରିୟକରଣ। ତେବେ ଏହା କଲାବେଳେ ବହୁ ଅନାବଶ୍ୟକ ପାର୍ଶ୍ୱ ପ୍ରତିକ୍ରିୟା ଘଟିଥାଏ। ଫଳରେ ଅନେକ ମାତ୍ରାରେ ବ୍ୟବହୃତ ପଦାର୍ଥ ଏହି ବାଟରେ ନଷ୍ଟ ହୁଏ। ଏଇ ଅସୁବିଧା ଦୂର କରିବା ଲାଗି ଆମେରିକାର ସ୍କ୍ରିପସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ଗବେଷଣାରତ ପ୍ରଫେସର କାର୍ଲ ବ୍ୟାରି ସାର୍ପଲେସ୍ ଏଥିରେ ପୂର୍ଣ୍ଣଭାବେ ଅଙ୍ଗାର ଆଧାର ଥିବା ଛୋଟ ଛୋଟ ଅଣୁ ବ୍ୟବହାର କରିବାକୁ ଲାଗିଲେ। ଏ ପ୍ରକାର ଅଣୁଗୁଡ଼ିକ ସରଳ ଏବଂ ଅମ୍ଳଜାନ ବା ଯବକ୍ଷାରଜାନ ସେତୁ ମାଧ୍ୟମରେ ସହଜରେ ପରସ୍ପର ସହିତ ସଂଯୁକ୍ତ ହୋଇପଡ଼ିବାର ଦେଖାଗଲା। ଫଳରେ ଅନାବଶ୍ୟକ ପାର୍ଶ୍ୱ ପ୍ରତିକ୍ରିୟାକୁ ଏଡ଼ାଇ ଦିଆଯାଇପାରିଲା। ସେ ୧୯୯୮ ମସିହାରେ ଏହି ପ୍ରକ୍ରିୟାର ନାମ ଦେଲେ 'କ୍ଲିକ୍ କେମେଷ୍ଟ୍ରି'।

ରସାୟନ ସଂଶ୍ଳେଷଣରେ ଏହା ସୂଚିତ କରେ ଗୋଟିଏ ଶ୍ରେଣୀର ଜୈବ-ସହଯୋଗୀ ସାନ ସାନ ଆଣବିକ ପ୍ରତିକ୍ରିୟା, ଯାହାକି ନିର୍ଦ୍ଦିଷ୍ଟ ଜୈବିକ ଅଣୁମାନଙ୍କ ସହିତ ପସନ୍ଦ ମୁତାବକ କ୍ରିୟାଧାର (ସବ୍‌ଷ୍ଟ୍ରେଟ୍)କୁ ଜୈବ ସଂଯୁଗରେ ସଂଯୁକ୍ତ ହେବା ଲାଗି ବ୍ୟବହୃତ ହୋଇଥାଏ। ଅତଏବ ତହିଁରୁ ଉତ୍ପନ୍ନ ହୋଇପାରେ ଆବଶ୍ୟକତା ମୁତାବକ ନିର୍ଦ୍ଦିଷ୍ଟ ଜୈବିକ ଅଣୁ ଏବଂ ଏଥିରେ ପାର୍ଶ୍ୱ ପ୍ରତିକ୍ରିୟା ପ୍ରାୟତଃ ଘଟେ ନାହିଁ। ସ୍ୱତନ୍ତ୍ର ଭାବେ ଗବେଷଣା କରି ଏ କ୍ଷେତ୍ରକୁ ଭିନ୍ନ ଭିନ୍ନ ଦିଗରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିବାରୁ କେ. ବ୍ୟାରୀ. ସର୍ପଲେସ୍‌ଙ୍କ ସହିତ ଡେନ୍‌ମାର୍କର କୋପେନହାଗେନ୍ ବିଶ୍ୱବିଦ୍ୟାଳୟର ମୋର୍‌ଟେନ୍ ପିଟର୍ ମେଲ୍‌ଡାଲ୍ ଏବଂ ଆମେରିକାର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର କ୍ୟାରୋଲିନ୍ ଆର୍. ବେର୍‌ଟୋଜିଙ୍କୁ ମିଳିତ ଭାବରେ ମିଳିଛି ଚଳିତ ବର୍ଷର ରସାୟନ ବିଜ୍ଞାନ ପାଇଁ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର।

**ସର୍ପଲେସ୍:** ଫିଲାଡେଲଫିଆଠାରେ ୧୯୪୧ ମସିହା ଏପ୍ରିଲ ୧୦ ତାରିଖରେ ଜନ୍ମଲାଭ କରିଥିବା ସାର୍ପଲେସ୍ ୧୯୬୮ରେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି ଡିଗ୍ରୀ ହାସଲ କରିଥିଲେ। ଏହା ହେଉଛି ତାଙ୍କର ରସାୟନ ବିଜ୍ଞାନରେ ଦ୍ୱିତୀୟ ନୋବେଲ ପୁରସ୍କାର। ଏଥିପୂର୍ବରୁ ୨୦୦୧ରେ ସେ ଉଇଲିୟମ୍ ଏସ୍.କ୍ନୋଟସ୍ ଏବଂ ରିଓଜି ନୋୟୋରୀଙ୍କ ସହ ମିଳିତ ଭାବେ ଏହି ପୁରସ୍କାର ପାଇଥିଲେ। ରସାୟନ ବିଜ୍ଞାନରେ ଦୁଇ ଥର ନୋବେଲ ପୁରସ୍କାର ହାସଲ କରିବାରେ ସେ ହେଉଛନ୍ତି ବିଶ୍ୱର ପଞ୍ଚମ ବ୍ୟକ୍ତି। ସେହିବର୍ଷ ସେ ମଧ୍ୟ ରସାୟନ ବିଜ୍ଞାନରେ ପ୍ରଥମ ଉଲ୍‌ଫ ପୁରସ୍କାର ପ୍ରାପ୍ତ ହୋଇଥିଲେ।

ସାର୍ପଲେସ୍ ସ୍କ୍ରିପସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ସ୍ଥିତ ତାଙ୍କ ସହଯୋଗୀ ହାର୍‌ମଥ୍ କୋଲବ୍ ଏବଂ ଏମ୍.ଜି. ଫିନ୍‌ଙ୍କ ସହିତ ପ୍ରଥମେ ୨୦୦୧ରେ 'କ୍ଲିକ୍ କେମେଷ୍ଟ୍ରି'ର ବ୍ୟାଖ୍ୟା କରିଥିଲେ। ଏଥି ଅନୁଯାୟୀ ଏହା ହେଉଛି ଏକ ପ୍ରକାର ଅତ୍ୟନ୍ତ ଚୟନାତ୍ମକ ତାପପେକ୍ଷୀ (ଏକ୍‌ସେଥର୍ମିକ୍) ପ୍ରତିକ୍ରିୟା, ଯାହାକି ସାଧାରଣ ଅବସ୍ଥା ମଧ୍ୟରେ ଘଟିଥାଏ। ଉଦାହରଣସ୍ୱରୂପ 'ଆଜାଇଡ୍' ଏବଂ 'ଆଲ୍‌କାଇନ୍' ମଧ୍ୟରେ ମୁଦ୍ରାକାର ସଂଯୋଗ (ସାଇକ୍ଲୋ-ଏଡିସନ୍) କଥା ବିଚାରକୁ ନିଆଯାଇପାରେ। ଏଥିରୁ ଉତ୍ପନ୍ନ "୧,୨,୩ ଟ୍ରାଇଆଜୋଲସ୍" ଏବଂ ପ୍ରତିକ୍ରିୟାରେ ତମ୍ବାକୁ ଉତ୍ପ୍ରେରକ ରୂପେ ବ୍ୟବହାର କରାଯାଏ। ଏହାଫଳରେ ନୂତନ ପ୍ରକାର ଔଷଧ, ରଙ୍ଗ ଓ କୃଷି ରସାୟନ ପ୍ରସ୍ତୁତ ହେବାର ମାର୍ଗ ସହଜ ହେଲା।

**ମେଲ୍‌ଡାଲ୍:** ଡେନ୍‌ମାର୍କରେ ୧୬ ଜାନୁୟାରୀ ୧୯୫୪ରେ ଜନ୍ମିତ ମେଲ୍‌ଡାଲ୍ ଟେକ୍ନିକାଲ୍ ୟୁନିଭର୍ସିଟି ଅଫ୍ ଡେନ୍‌ମାର୍କରେ ଶିକ୍ଷାଲାଭ କରିଥିଲେ ଏବଂ ସେଠାରୁ ୧୯୮୨ ମସିହାରେ କେମିକାଲ ଇଞ୍ଜିନିୟରିଂରେ ପିଏଚ୍.ଡି. ଡିଗ୍ରୀ ପ୍ରାପ୍ତ ହୋଇଥିଲେ। ତତ୍ପରେ ସେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ସୁନାମଧନ୍ୟ ଅନୁଷ୍ଠାନରେ କାର୍ଯ୍ୟ କଲା ପରେ କୋପେନ୍‌ହାଗେନ୍ ବିଶ୍ୱବିଦ୍ୟାଳୟରେ ପ୍ରଫେସର ରୂପେ ଯୋଗ ଦେଇଥିଲେ। ତମ୍ବା ଉତ୍ପ୍ରେରକ ବ୍ୟବହାର କରି 'ଆଜାଇଡ୍' ଏବଂ ଆଲ୍‌କାଇନ୍ ମଧ୍ୟରେ ମୁଦ୍ରାକାର ସଂଯୋଗ ଉପରେ ମଧ୍ୟ ତାଙ୍କର ଗବେଷଣା ଆଧାରିତ ଥିଲା, ଯାହାକି ତାଙ୍କୁ ନୋବେଲ ପୁରସ୍କାର ଆଣି ଦେଇଥିଲା।

ଚଳିତ ଶତାବ୍ଦୀର ପ୍ରାରମ୍ଭ ଆଡ଼କୁ ସେ ବିଭିନ୍ନ ନୂତନ ସମ୍ଭାବ୍ୟ ଔଷଧୀୟ ପଦାର୍ଥର ବିକାଶ ଲାଗି ପଦ୍ଧତିମାନଙ୍କର ଅନୁସନ୍ଧାନରେ ଲାଗିଥିଲେ। ତାଙ୍କର ଲକ୍ଷ୍ୟ ଥିଲା ତମ୍ବା ଆୟନ ଏବଂ ସମ୍ଭବତଃ ସାମାନ୍ୟ କିଛି ପାଲାଡିୟମକୁ ଉତ୍ପ୍ରେରକ ରୂପେ ବ୍ୟବହାର କରି ଏକ 'ଆଲକାଇନ୍' ସହ 'ଆସାଇଲ୍ ହାଲାଇଡ୍'ର ପ୍ରତିକ୍ରିୟା ଅଧ୍ୟୟନ କରିବା। ତେବେ ବିସ୍ମୟର କଥା ଯେ, 'ଆସାଇଲ୍ ହାଲାଇଡ୍'ର ଆଶା କରାଯାଉଥିବା ପ୍ରାନ୍ତରେ ପ୍ରତିକ୍ରିୟା ନ କରି ତାହା ଏହାର ବିପରୀତ ପ୍ରାନ୍ତରେ ଥିବା 'ଆଜାଇଡ୍ ଗ୍ରୁପ୍' ସହିତ ଯୋଗ ହୋଇଯାଇଛି। ଅତଏବ ଉତ୍ପନ୍ନ ହୋଇଛି ଏକ ମୁଦ୍ରିତକାର ଅଣୁ 'ଟ୍ରାଇଆଜୋଲ୍', ଯାହାକି ବିବିଧ ଔଷଧର ରଙ୍ଗ ଏବଂ କୃଷିରେ ବ୍ୟବହାର ହେବା ଗୁଣ ରହିଛି। ପୁନଶ୍ଚ ଏଥିରେ କୌଣସି ଅପଜାତ ଦ୍ରବ୍ୟ ସୃଷ୍ଟି ହୋଇନାହିଁ। ଏଣୁ ମେଲ୍‌ଡାଲ୍ ବୁଝିପାରିଲେ ଯେ, ଏହା ହେଉଛି ତମ୍ବା ଆୟନର ଯାଦୁ। ଏହାକୁ ନେଇ ୨୦୦୧ ମସିହାରେ ସେ ଗବେଷଣାପତ୍ରଟିଏ ଲେଖିଲେ। ଏହି ସଫଳତା ପାଇଁ ତାଙ୍କୁ ମିଳିଛି ନୋବେଲ୍ ପୁରସ୍କାର। (କ୍ରମଶଃ..)

-ଉଷା ନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର-୩୦
ମୋ: ୯୯୩୭୩୦୧୪୬୦

# ରକ୍ତ ସଞ୍ଚାଳନ ଓ ମହୁ



ମହୁରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ରକ୍ତ ସଞ୍ଚାଳନକୁ ସକ୍ରିୟ କରାଇଥାଏ। କେବଳ ସେତିକି ନୁହେଁ, ହାର୍ଟ ଆଟାକ, ଷ୍ଟ୍ରୋକ୍ ପରି ସମସ୍ୟାରୁ କେତେକାଂଶରେ ରକ୍ଷା ମଧ୍ୟ କରିଥାଏ। ସକାଳୁ ଉଷୁମ ପାଣିରେ ମହୁ ମିଶାଇ ପିଇଲେ ତାହା ଶରୀର ପାଇଁ ବେଶ୍ ଲାଭପ୍ରଦ। ରକ୍ତହୀନତା ସମସ୍ୟା ସହ ଜଡିତ ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ। ଛୋଟ ପିଲାମାନଙ୍କୁ ମୁଖ୍ୟତଃ ସର୍ଦ୍ଦି, କାଶ ଓ କଫ ବେଶି ହୋଇଥାଏ। ସେମାନଙ୍କ ପାଇଁ ଏହା ବରଦାନ ସଦୃଶ। ଘରୋଇ ଉପଚାର ଭାବେ ମହୁ ସହ କ୍ଷୀର ମିଶାଇ ପିଇବା ଦ୍ୱାରା ସେମାନଙ୍କୁ ଥଣ୍ଡାଜନିତ ସମସ୍ୟାରୁ ରକ୍ଷା କରିଥାଏ। ଆମ ଶରୀରର କୌଣସି ସ୍ଥାନରେ ଯଦି ଘା' ହୋଇଛି କିମ୍ବା କଟିଯାଇଛି, ତେବେ ସେହି ସ୍ଥାନରେ ମହୁକୁ ଆମେ ଲଗାଇ ପାରିବା। ଏହା ଆମ ମସ୍ତିଷ୍କର କାର୍ଯ୍ୟକୁ ଆହୁରି ସକ୍ରିୟ କରିବା ସହ ସ୍ମରଣ ଶକ୍ତି ବୃଦ୍ଧି କରିଥାଏ।

# ବ୍ୟାକ୍ଟେରିଆ ବୃଦ୍ଧି କରେ ରୋଗ ପ୍ରତିରୋଧକ ଶକ୍ତି



ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ଦରକାର। ତେବେ ଆମେ ରୋଗଠାରୁ ନିଜକୁ କେତେକାଂଶରେ ଦୂରେଇ ରଖିପାରିବା। ଏପରି କେତେକ ବ୍ୟାକ୍ଟେରିଆ ରହିଛି, ଯାହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। 'ରୋଗ ପ୍ରତିରୋଧକ ଶକ୍ତି ଓ ବ୍ୟାକ୍ଟେରିଆ' ଶୀର୍ଷକ ବିଷୟକୁ ନେଇ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଗବେଷଣା କରିଥିଲେ। ଏହି ସମୟରେ ସେମାନେ ଏପରି କେତେକ ବ୍ୟାକ୍ଟେରିଆକୁ ଠାବ କରିଥିଲେ ଯାହା ଶରୀର ପାଇଁ ବେଶ୍ ଉପକାରୀ। କେବଳ ସେତିକି ନୁହେଁ, ଜଣେ ବ୍ୟକ୍ତିର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଏଭଳି ବ୍ୟାକ୍ଟେରିଆ ଅନେକାଂଶରେ ସହାୟକ ହୋଇଥାଆନ୍ତି। ଏ ନେଇ ଅଧିକ ତଥ୍ୟ ଜାଣିବାକୁ ଆହୁରି ସମୟ ଆବଶ୍ୟକ ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଅତ୍ୟଧିକ ମିଠା ଖାଉଥିଲେ..



ମିଠା ଏପରି ଏକ ଖାଦ୍ୟ ଯାହାକୁ ଦେଖିଲେ ଜଣେ ସହଜରେ ନିଜ ଲୋଭକୁ ସମ୍ବରଣ କରିପାରେନା। ଅନେକ ବ୍ୟକ୍ତି ଅଧିକ ମିଠା ଖାଇବାକୁ ପସନ୍ଦ କରିଥାଆନ୍ତି। ୟୁନିଭର୍ସିଟି ଅଫ ବର୍ଲିନର ପୁଷ୍ଟିବିଜ୍ଞାନୀମାନେ ଅତ୍ୟଧିକ ମିଠା ଖାଇବା ଦ୍ୱାରା ତାହାର ଶରୀର ଉପରେ କି ପ୍ରକାର ପ୍ରଭାବ ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ମିଠାରେ ଏଭଳି ତତ୍ତ୍ୱ ରହିଛି ଯାହା ମେଦ ବୃଦ୍ଧିରେ କେତେକାଂଶରେ ସହାୟକ ହୋଇଥାଏ। ତେଣୁ ମିଠା ଖାଇବା ପରିମାଣକୁ ନିୟନ୍ତ୍ରଣରେ ରଖିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

# କାଟାରାକ୍ଟ ଆଶଙ୍କା କମାଏ ଗାଜର

ଗାଜରରେ ଏଭଳି ତତ୍ତ୍ୱ ରହିଛି, ଯାହା ଦୃଷ୍ଟିଶକ୍ତିଜନିତ ସମସ୍ୟାକୁ କେତେକାଂଶରେ ଦୂର କରିପାରେ। ବିଶେଷ ଭାବରେ କାଟାରାକ୍ଟ ରୋଗୀ ଏହାକୁ ନିୟମିତ ଖାଦ୍ୟ ତାଲିକାରେ ସାମିଲ କଲେ ତାହା ସେମାନଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଏହା ପଛରେ ଥିବା ସତ୍ୟତାକୁ ଜାଣିବା ଲାଗି କେତେକ କାଟାରାକ୍ଟ ରୋଗୀଙ୍କୁ ନିୟମିତ ଗାଜର ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ କିଛି ମାସ ପରେ ସେମାନେ ଏଭଳି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥିବାର ଜଣାପଡ଼ିଥିଲା। ଗାଜରରେ ଭିଟାମିନ୍ 'ସି' ଭରି ରହିଛି।



ଏହା ଶରୀରରେ ଆଣ୍ଟିବଡ଼ି ଗଠନ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖେ ଗାଜର। ତା'ସହ ଉଚ୍ଚ ରକ୍ତଚାପ ଆଶଙ୍କାଠାରୁ କେତେକାଂଶରେ ଦୂରେଇ ରଖିଥାଏ। ଏଥିରେ ପୋଟାସିୟମ୍ ଓ କ୍ୟାଲ୍‌ସିୟମ୍‌ର ମାତ୍ରା ଅଧିକ ରହିଛି। ଏହା ହାର୍ଟକୁ ସୁରକ୍ଷିତ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ। କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ।

## ସ୍ୱାସ୍ଥ୍ୟ ସୂଚନା

- ନିଜକୁ ସୁସ୍ଥ ରଖିବା ପାଇଁ ସବୁବେଳେ ଏକ ରୁଟିନ୍ ଲାଇଫ ଅନୁସରଣ କରନ୍ତୁ।
- ଦୈନନ୍ଦିନ ଖାଦ୍ୟ ତାଲିକାରେ ତଟକା ଫଳମୂଳ ସାମିଲ କରନ୍ତୁ। ବିଶେଷଭାବରେ ବ୍ରେକଫାଷ୍ଟରେ ଏହାକୁ ଖାଇଲେ ତାହା ଶରୀର ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ।
- ବୟସ ବଢ଼ିବା ସହ ସବୁବେଳେ ଡାଇବେଟିସ୍, ବ୍ଲଡପ୍ରେସର ଆଦି ସ୍ୱାସ୍ଥ୍ୟ ସମସ୍ୟା ପାଇଁ ସଚେତନ ରୁହନ୍ତୁ।
- ବୟସ୍କ ବ୍ୟକ୍ତିମାନେ ନିୟମିତ ସମୟ ଅନ୍ତରାଳରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ଦରକାର।
- ଯଦି ଶୋଷ ଲାଗୁଛି ତେବେ କାର୍ଯ୍ୟ ଆଳରେ ପାଣି ପିଇବାକୁ ଭୁଲନ୍ତୁ ନାହିଁ।
- ଏକାଥରେ ଅଧିକ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଇଲେ କିଛି କ୍ଷତି ନାହିଁ।
- ରାତିରେ ଶୋଇବାକୁ ଯିବା ପୂର୍ବରୁ ଅତି ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। କାରଣ ଏହା ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିଥାଏ।
- ନିଜକୁ ଚିନ୍ତା ତଥା ଟେନସନଠାରୁ ଦୂରେଇ ରଖିବା ପାଇଁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ଯୋଗ ସାମିଲ କରନ୍ତୁ।



# ଦୀପାବଳି ପ୍ରଦୂଷଣ


ନିକୁଞ୍ଜ ବିହାରୀ ସାହୁ

"ବାଣ ତିଆରିରେ ବ୍ୟବହୃତ ବିଭିନ୍ନ ପ୍ରକାର ରାସାୟନିକ ପଦାର୍ଥ ଉଭୟ ସ୍ୱାସ୍ଥ୍ୟ ଓ ପରିବେଶର ଅକଥନୀୟ କ୍ଷତି ସାଧନ କରେ। ଏସବୁ ପଦାର୍ଥ ଦହନ ଦ୍ୱାରା ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍, କାର୍ବନ ଡାଇଅକ୍ସାଇଡ୍ ଏବଂ କାର୍ବନ ମନୋଅକ୍ସାଇଡ୍ ଭଳି ବିଭିନ୍ନ ବିଷାକ୍ତ ବାଷ୍ପ ଉତ୍ପନ୍ନ ହୁଏ। ସଲଫର ଡାଇଅକ୍ସାଇଡ୍ ବାଷ୍ପ ଶ୍ୱାସରୁଦ୍ଧକାରୀ ଏବଂ ଚକ୍ଷୁ ପୋଡ଼ାଜଳାର କାରଣ। ସେହିପରି ନାଇଟ୍ରୋଜେନ୍ ବାଷ୍ପର ସଂସ୍ପର୍ଶରେ ଆସିଲେ ବିଭିନ୍ନ ଶ୍ୱାସ ରୋଗ ଓ କାଶ, ଛିଙ୍କ ଇତ୍ୟାଦି ଲକ୍ଷଣ ପ୍ରକାଶ କରେ।"

ଆଲୋକର ପର୍ବ ଦୀପାବଳିକୁ ଆସମସ୍ତେ ଆଗ୍ରହ, ଉଦ୍ଦୀପନାର ସହ ପାଳନ କରିଥାଆନ୍ତି। ଆମର ପାରମ୍ପରିକ ପଦ୍ଧତି ଅନୁସାରେ ଦୀପାବଳିକୁ ଦୀପ ଜାଳି ପାଳନ କରାଯାଏ। ମାତ୍ର ସମୟ ବଦଳିବା ସାଙ୍ଗକୁ ଉଚ୍ଚ ଶବ୍ଦ କରି ଫୁଟୁଥିବା ଫୋଟକା, ଆକର୍ଷଣୀୟ ଚାଇନା ବାଣ, ରଙ୍ଗବେରଙ୍ଗର ଆଲୋକ ପ୍ରଦାନ କରୁଥିବା ଆତସବାଜି ଏବକାର ଏକ ଫେସନ ପାଲଟି ଯାଇଛି। ଏସବୁ ବାଣ, ଫୋଟକା, ଆତସବାଜି ଦ୍ୱାରା ବାୟୁ ପ୍ରଦୂଷଣର ମାତ୍ରା ଅଶାତୀତ ଭାବରେ ବୃଦ୍ଧି ପାଉଛି।

ବାଣରେ ରଙ୍ଗିନ ଆଲୋକର ଶିଖା ସୃଷ୍ଟି କରିବା ନିମନ୍ତେ ସାଧାରଣତଃ ବିଭିନ୍ନ ଧାତୁର ରାସାୟନିକ ଲବଣ ବ୍ୟବହାର କରାଯାଏ। ବାଣରେ ନାଲି ରଙ୍ଗ ସୃଷ୍ଟି କରିବା ପାଇଁ ଷ୍ଟ୍ରନ୍ସିୟମ କ୍ଲୋରାଇଡ୍, ହଳଦିଆ ରଙ୍ଗ ଲାଗି ସୋଡିୟମ ନାଇଟ୍ରେଟ୍, ସବୁଜ ରଙ୍ଗ ସୃଷ୍ଟି ପାଇଁ ବେରିୟମ କ୍ଲୋରାଇଡ୍, ନୀଳ ରଙ୍ଗ ନିମନ୍ତେ କପର କ୍ଲୋରାଇଡ୍, ବାଇଗଣି ରଙ୍ଗ ପାଇଁ ଷ୍ଟ୍ରନ୍ସିୟମ ଓ କପର ଲବଣ ମିଶ୍ରଣ ଏବଂ ରୂପେଲି ରଙ୍ଗ ସୃଷ୍ଟି ନିମନ୍ତେ ଆଲୁମିନିୟମ କିମ୍ବା ମ୍ୟାଗ୍ନେସିୟମ ଧାତୁର ଲବଣ ବ୍ୟବହାର କରାଯାଏ। ସେହିପରି ବାଣରେ ଧୂଆଁଳିଆ ପ୍ରଭାବ ସୃଷ୍ଟି କରିବା ପାଇଁ 'ଦସ୍ତା' ବ୍ୟବହାର କରାଯାଉଥିବା ବେଳେ ଶିଖାରେ ଚମକ ପ୍ରଭାବ ଉତ୍ପନ୍ନ ପାଇଁ 'ଆଣ୍ଟିମନି' ଧାତୁର ଲବଣ ପ୍ରୟୋଗ କରାଯାଏ। ବାଣରେ ରଙ୍ଗୀନ ଶିଖା ସୃଷ୍ଟିକାରୀ ଏସବୁ ପଦାର୍ଥର ଦ୍ରୁତ ଦହନ ପାଇଁ ବିଭିନ୍ନ ଅକ୍ସିଡାଇଜର ଇତ୍ୟାଦିବ୍ୟବହାର କରାଯାଏ। ସେହିପରି ବମ୍ କିମ୍ବା ଫୋଟକାରେ ଯେଉଁ ବାରୁଦ ବ୍ୟବହାର କରାଯାଏ, ତାହା ପଟାସିୟମ ନାଇଟ୍ରେଟ୍, ଚାର୍କୋଲ ଓ ଗନ୍ଧକରୁ ପ୍ରସ୍ତୁତ ହୋଇଥାଏ। ଏସବୁ ଏକ ଆବଦ୍ଧ ପାତ୍ର ମଧ୍ୟରେ ରଖି ଦ୍ରୁତ ଦହନ କରାଯିବା ଦ୍ୱାରା ଉତ୍ପନ୍ନ ଗ୍ୟାସ୍‌ର ଅଚାନକ ପ୍ରସାରଣ ଘଟି ଉଚ୍ଚ ଶବ୍ଦ ସୃଷ୍ଟି ହୁଏ।

ବାଣ ତିଆରିରେ ବ୍ୟବହୃତ ଏସବୁ ରାସାୟନିକ ପଦାର୍ଥ ଉଭୟ ସ୍ୱାସ୍ଥ୍ୟ ଓ ପରିବେଶର ଅକଥନୀୟ କ୍ଷତି ସାଧନ କରେ। ଏସବୁ ପଦାର୍ଥ ଦହନ ଦ୍ୱାରା ସଲଫର ଡାଇଅକସାଇଡ୍, ନାଇଟ୍ରୋଜେନ୍ ଡାଇଅକସାଇଡ୍, କାର୍ବନ ଡାଇଅକ୍ସାଇଡ୍ ଏବଂ କାର୍ବନ ମନୋଅକ୍ସାଇଡ୍ ଭଳି ବିଭିନ୍ନ ବିଷାକ୍ତ ବାଷ୍ପ ଉତ୍ପନ୍ନ ହୁଏ। ସଲଫର ଡାଇଅକ୍ସାଇଡ୍ ବାଷ୍ପ ଶ୍ୱାସରୁଦ୍ଧକାରୀ ଏବଂ ଚକ୍ଷୁ ପୋଡ଼ାଜଳାର କାରଣ। ସେହିପରି ନାଇଟ୍ରୋଜେନ୍ ବାଷ୍ପ ସଂସ୍ପର୍ଶରେ ଆସିଲେ ବିଭିନ୍ନ ଶ୍ୱାସ ରୋଗ ଓ କାଶ, ଛିଙ୍କ ଇତ୍ୟାଦି ଲକ୍ଷଣ ପ୍ରକାଶ କରେ। ଏ ଦୁଇଟି ବାଷ୍ପ ମଧ୍ୟ ଅମ୍ଳ ବର୍ଷାର ସହାୟକ ହେବା ଦ୍ୱାରା ପରିବେଶର ଅକଥନୀୟ କ୍ଷତି ସାଧିତ ହୁଏ। କାର୍ବନ ଡାଇଅକ୍ସାଇଡ୍ ବା ଅଙ୍ଗାରକାମ୍ଳ ବାଷ୍ପର ସଂସ୍ପର୍ଶରେ ଯକୃତ୍ (ଲିଭର), ବୃକକ୍ (କିଡ୍‌ନୀ) ଓ କେନ୍ଦ୍ରୀୟ ସ୍ନାୟୁ ତନ୍ତ୍ର ଉପରେ ପ୍ରତିକୂଳ ପ୍ରଭାବ ପକାଇବା ସାଙ୍ଗକୁ ଚକ୍ଷୁ, ନାସା ଓ ଗଳାରେ ଅସ୍ୱସ୍ତିବୋଧର କାରଣ ହୋଇଥାଏ। ସବୁଠାରୁ ମାରାତ୍ମକ ବାଷ୍ପ ହେଉଛି କାର୍ବନ ମନୋଅକ୍ସାଇଡ୍, ଯାହା ରକ୍ତରେ ଅମ୍ଳଜାନ ବହନ ମନ୍ଦିତ କରିବା ସହିତ ଅତି ମାତ୍ରାରେ ସେବନ ଯୋଗୁ ମଧ୍ୟ ମୃତ୍ୟୁ ଘଟିପାରେ।

ଏବେ ବାଣରେ ବ୍ୟବହୃତ ବିଭିନ୍ନ ରାସାୟନିକ ପଦାର୍ଥର ସ୍ୱାସ୍ଥ୍ୟ ପ୍ରତି କୁପ୍ରଭାବ ସମ୍ପର୍କରେ ଆଲୋଚନା କରିବା। ଆଲୁମିନିୟମ ଚର୍ମ ରୋଗ ସୃଷ୍ଟିକାରୀ ଏବଂ ସ୍ମୃତି ବିଭ୍ରମ ଲକ୍ଷଣ ପ୍ରକାଶ କରୁଥିବା ଆଲଜିମର୍ସ ରୋଗର କାରଣ। ଷ୍ଟ୍ରନ୍ସିୟମ୍ ଶିଶୁମାନଙ୍କ ଅବିବୃଦ୍ଧି ହାରରେ ପ୍ରତିକୂଳ ପ୍ରଭାବ ପକାଇଥାଏ। କପର ବା ତମ୍ବା ଶରୀରରେ ଜମା ହୋଇ ରହିବା ସାଙ୍ଗକୁ କ୍ୟାନ୍‌ସର ପରି ମାରାତ୍ମକ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି। ଏହାର ସଂସ୍ପର୍ଶରେ ଆସିବା ଦ୍ୱାରା ଶରୀରରେ ହରମୋନ୍‌ରେ ଅସନ୍ତୁଳନ ଦେଖାଦିଏ। ବେରିୟମ ଶ୍ୱାସତନ୍ତ୍ରରେ ଅସ୍ୱସ୍ତିବୋଧ, ପାକସ୍ଥଳୀ ତଥା ଅନ୍ତନାଳୀରେ ପ୍ରଦାହ ଏବଂ ମାଂସପେଶୀରେ ଦୁର୍ବଳତା ସୃଷ୍ଟି କରେ। ସେହିପରି ମ୍ୟାଗ୍ନେସିୟମ ଧାତୁର ସଂସ୍ପର୍ଶରେ ଆସିବା ଦ୍ୱାରା ସ୍ନାୟବିକ ଦୁର୍ବଳତା ସୃଷ୍ଟି କରୁଥିବା 'ମେଟାଲ୍ ଫିଭର' ନାମକ ଏକ ଜ୍ୱର ଦେଖାଯାଏ।

ବାଣ ଫୁଟିବାରୁ ମଧ୍ୟ ବାୟୁମଣ୍ଡଳକୁ ବିପୁଳ ଭାସମାନ କଣିକା ପଦାର୍ଥ (suspended particulate Matter, SPM) ନିର୍ଗତ ହୋଇଥାଏ। ଏଗୁଡିକ ମଧ୍ୟରୁ ସବୁଠାରୁ ବେଶି ମାରାତ୍ମକ ହେଉଛି 'ପି.ଏମ.-୨.୫' (PM-2.5) କଣିକା ପଦାର୍ଥ ଯାହାର ସଂସ୍ପର୍ଶରେ ମୁଖ୍ୟତଃ ଆଜ୍‌ମା, ବ୍ରୋଙ୍କାଇଟିସ୍ ଭଳି ଶ୍ୱାସଜନିତ ରୋଗ ପ୍ରକାଶ ପାଇଥାଏ।

**ଶବ୍ଦ ପ୍ରଦୂଷଣ :** ଶବ୍ଦ ପ୍ରଦୂଷଣ ଦୀପାବଳିର ଅନ୍ୟ ଏକ ପ୍ରମୁଖ ସମସ୍ୟା। ଉଚ୍ଚ ଶବ୍ଦ କର୍ଣ୍ଣ ପଟ୍ଟହ ଉପରେ ପ୍ରତିକୂଳ ପ୍ରଭାବ ପକାଇବା ସାଙ୍ଗକୁ ମାନସିକ ଚାପ, ନିଦ୍ରାହୀନତା, ଭୟ ଓ ଉଦ୍‌ବେଗ ଭଳି ଲକ୍ଷଣମାନ ପ୍ରକାଶ କରେ। ୮୫ ଡେସିବେଲ୍ ପର୍ଯ୍ୟନ୍ତ ଶବ୍ଦ ଆମ କର୍ଣ୍ଣ ପାଇଁ ସୁହନୀୟ ଥିବା ବେଳେ ଦୀପାବଳିରେ ୧୪୦ ଡେସିବେଲ୍ ଭଳି ଉଚ୍ଚ ମାତ୍ରାର ଶବ୍ଦ ସୃଷ୍ଟି ହେବାର ଜଣାପଡେ।

ଦୀପାବଳିର ପରଦିନ ପଦାରେ ବାଣର ଅବଶେଷ ରୂପେ ନିର୍ଗତ କାଗଜ, ପ୍ଲାଷ୍ଟିକ ଭଳି କୁଢ଼ କୁଢ଼ କଠିନ ଆବର୍ଜନା ଜମା ହେବା ଅନ୍ୟ ଏକ ପରିବେଶୀୟ ସମସ୍ୟା। ପ୍ରତିକାର ବ୍ୟବସ୍ଥା ସ୍ୱରୂପ ପ୍ରତ୍ୟେକ ବ୍ୟକ୍ତି ବହୁ ସଂଖ୍ୟାରେ ବାଣ ନ ଫୁଟାଇ ସୀମିତ ସଂଖ୍ୟକ ବାଣ ଫୁଟାଇବା ଆବଶ୍ୟକ। ବାଣ ଘର କିମ୍ବା ଆବଦ୍ଧ ସ୍ଥାନରେ ନ ଫୁଟାଇ ଖୋଲା ସ୍ଥାନରେ ଫୁଟାଇବା ଉଚିତ, ଯେଉଁଠି ବାଣରୁ ନିର୍ଗତ ବିଷାକ୍ତ ବାଷ୍ପ ସହଜରେ ବାୟୁରେ ସଞ୍ଚାଳିତ ହୋଇପାରିବ। ଶସ୍ତା ଚାଇନା ବାଣ ତଥା ୧୦୦ ଡେସିବେଲ୍‌ରୁ ଉଚ୍ଚ ଶବ୍ଦ କରି ଫୁଟୁଥିବା ବାଣ ବ୍ୟବହାର କରିବା ଉଚିତ ନୁହେଁ। ବାଣ ଦୀର୍ଘ ସମୟ ନ ଫୁଟାଇ ଏହା ନିମନ୍ତେ ଏକ ସ୍ୱଳ୍ପ ସମୟସୀମା ଧାର୍ଯ୍ୟ କରନ୍ତୁ। ଡାକ୍ତରଖାନା ଭଳି ନୀରବତା ଅଞ୍ଚଳ ନିକଟରେ ମଧ୍ୟ ବାଣ ଫୁଟାଇବା ଉଚିତ ନୁହେଁ।



ଦୀପାବଳିରେ ଦୀପ ଜାଳିବା ଏକ ଭଲ ଅଭ୍ୟାସ। ଦୀପମାଳା ଦୀପାବଳିର ମହତ୍ତ୍ୱ ବୃଦ୍ଧି କରୁଥିବା ବେଳେ ଅନେକ ଅପକାରୀ କୀଟପତଙ୍ଗ ଦୀପ ଆଲୁଅରେ ପୋଡି ହୋଇ ମରିଯାଆନ୍ତି। ଫଳରେ ସେ ସମୟରେ ପ୍ରକୃତିରେ ବୃଦ୍ଧି ପାଉଥିବା କୀଟ ବଂଶ ନିୟନ୍ତ୍ରିତ ରହିଥାଏ।

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଅକ୍ଟୋବର ୨୪/୨୦୨୨ Sambalpur, Monday, October 24/ 2022

# ପେଡ୍ରୋଙ୍କ ଗୋଲ୍‌ରେ ଜିତିଲା ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୨୩।୧୦, (ସ୍ପୋର୍ଟ୍ସ ବ୍ୟୁରୋ)**



ଓଡ଼ିଶା ଏଫ୍‌ସି ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଇଣ୍ଡିଆନ୍ ସୁପର୍ ଲିଗ (ଆଇଏସ୍‌ଏଲ) ମ୍ୟାଚରେ ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ଚମତ୍କାର ବିଜୟ ହାସଲ କରିଛି। ପ୍ରଥମାର୍ଦ୍ଧରେ ୦-୧ରେ ପଛୁଆ ରହିବା ସତ୍ତ୍ୱେ ୮୬ ତମ ମିନିଟରେ ପେଡ୍ରୋ ଜୋସ୍ ମାରିନ୍‌ଙ୍କ ଗୋଲ୍ ବଳରେ ଓଡ଼ିଶା ଦଳ ଚଳିତ ସିଜନରେ ଦ୍ୱିତୀୟ ବିଜୟ ହାସଲ କରିଛି। ଦୀର୍ଘ ୩ ସିଜନ ପରେ ଘରୋଇ ଦର୍ଶକଙ୍କ ଆଗରେ ଖେଳୁଥିବା ଓଏଫ୍‌ସି କେରଳ ବ୍ଲାଷ୍ଟର୍ସକୁ ୨-୧ରେ ପରାସ୍ତ କରିଛି। ଜେରି ମାୱିମିଙ୍ଗଥାଙ୍ଗା (୫୪) ଓ ପେଡ୍ରୋ ଜୋସ୍ ମାରିନ(୮୬) ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଘରୋଇ ଦର୍ଶକଙ୍କ ଉପସ୍ଥିତିରେ ଓଏଫ୍‌ସି ବେଶ୍ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ବିଶେଷ କରି ଷ୍ଟ୍ରାଇକର ମାୱିମିଙ୍ଗଥାଙ୍ଗା କେରଳ ବ୍ଲାଷ୍ଟର୍ସ ଗୋଲ ପୋଷ୍ଟ ଉପରେ ଘନଘନ ଆକ୍ରମଣ କରିଥିଲେ। ତେବେ କେରଳ ବ୍ଲାଷ୍ଟର୍ସ ମଧ୍ୟ ଏହାର ଜବାବ ଦେଇଥିଲା। ୩୫ ତମ ମିନିଟରେ ବ୍ଲାଷ୍ଟର୍ସ ପକ୍ଷରୁ ହରମନଜୋତ୍ ସିଂ ଖାବ୍ରା ପ୍ରଥମ ଗୋଲ ସ୍କୋର କରିଥିଲେ। ଗୋଲ ଶୁଝାଇବାକୁ ଓଏଫ୍‌ସି ପକ୍ଷରୁ ଆପ୍ରାଣ ପ୍ରୟାସ କରାଯାଇଥିଲେ ହେଁ ପ୍ରଥମ ହାଫ୍‌ରେ ବ୍ଲାଷ୍ଟର୍ସ ୧-୦ରେ ଆଗୁଆ ରହିଥିଲା। ବ୍ରେକ୍ ପରେ ଓଡ଼ିଶା ଖେଳାଳିଙ୍କ ପକ୍ଷରୁ ଆକ୍ରମଣକୁ ଆହୁରି ଜୋରଦାର କରାଯାଇଥିଲା। ୫୪ ମିନିଟରେ ଜେରି ଓଡ଼ିଶା ପକ୍ଷରୁ ଗୋଲଟିକୁ ପରିଶୋଧ କରିଥିଲେ। ଓଏଫ୍‌ସିକୁ ମିଳିଥିବା କର୍ନରକୁ ଜେରି ଶଟ୍ ମାରିଥିବା ବେଳେ ପ୍ରଥମ ପ୍ରୟାସକୁ ନିଷ୍ଫଳ କରିଥିଲେ ଗୋଲକିପର ପ୍ରଭଶୁଖନ୍ ସିଂ ଗିଲ୍। ତେବେ ରିବାଉଣ୍ଡ ଶଟ୍‌କୁ ଗୋଲ ପୋଷ୍ଟକୁ ପଠାଇ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ ଜେରି। ୮୩ ତମ ମିନିଟରେ ଓଏଫ୍‌ସିର ରେନିୟର ଫର୍ନାଣ୍ଡେସ୍ ଏକ ହେଡର କରିଥିଲେ ହେଁ ଏହା ବାରରେ ବାଜି ବାହାରକୁ ଚାଲିଯାଇଥିଲା। ୮୬ ତମ ମିନିଟରେ ସ୍ୱେନ୍ ଖେଳାଳି ପେଡ୍ରୋ ଜୋସ୍ ମାରିନ୍‌ଙ୍କ ଏକ ଶକ୍ତିଶାଳୀ ଶଟ୍ ବ୍ଲାଷ୍ଟର୍ସ ଗୋଲକିପରଙ୍କୁ ପରାସ୍ତ କରିଥିଲା। 'ଡି' ବାହାରୁ ଏକ ଶକ୍ତିଶାଳୀ ଶଟ୍ ଜରିଆରେ ଗୋଲ କରିବା ସହିତ ଓଏଫ୍‌ସିକୁ ଅଗ୍ରଣୀ ପ୍ରଦାନ କରିଥିଲେ। ୮୭ ତମ ମିନିଟରେ ବିପଜ୍ଜନକ ଖେଳ ପାଇଁ ଭିକ୍ଟର ମୋଙ୍ଗିଲଙ୍କୁ ୟେଲୋ କାର୍ଡ ପ୍ରଦାନ କରିଥିଲେ ରେଫରି। ସମାନ ସମୟରେ ଆଗୁଆ ରହିଥିବା ଓଡ଼ିଶା ରକ୍ଷଣାତ୍ମକ ଖେଳିଥିଲା। ଜେରିଙ୍କ ସ୍ଥାନରେ ଡିଫେଣ୍ଡର ଦେନେଚନ୍ଦ୍ରା ମେଟେଇଙ୍କୁ ସବ୍‌ଷ୍ଟିଚ୍ୟୁଟ କରାଯାଇଥିଲା। ମ୍ୟାଚର ୮୯ତମ ମିନିଟରେ ଗୋଲକିପର ଅମରିନ୍ଦର ସିଂ ଏକ ଚମତ୍କାର ସେଭ୍ କରିଥିଲେ। ମ୍ୟାଚର ଇଞ୍ଜୁରି ଟାଇମ୍‌ରେ ବ୍ଲାଷ୍ଟର୍ସକୁ ଏକ କର୍ନର ମିଳିଥିଲେ ହେଁ ଓଏଫ୍‌ସି ଡିଫେଣ୍ଡର ଏହାକୁ ସେଭ୍ କରିବାରେ ସମର୍ଥ ହୋଇଥିଲେ। ଏହା ସହିତ ଓଏଫ୍‌ସି ଏହି ମ୍ୟାଚ ଜିତିବାରେ ସମର୍ଥ ହୋଇଥିଲା। କ୍ରୀଡ଼ା ଓ ଯୁବ ବ୍ୟାପାର ସଚିବ ଆର. ଭିନିଲ୍ କ୍ରିଷ୍ଣା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପେଡ୍ରୋ ଜୋସ୍ ମାରିନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।




## ପୂର୍ବାଞ୍ଚଳ ଶୁଟିଂରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୬ ପଦକ

**ଭୁବନେଶ୍ୱର, ୨୩।୧୦ (କ୍ରୀଡ଼ା ପ୍ରତିନିଧି):** ଦିଲ୍ଲୀର କାର୍ନି ସିଂ ଶୁଟିଂ ରେଞ୍ଜଠାରେ ଷଷ୍ଠ ପୂର୍ବାଞ୍ଚଳ trap ଓ skeet ଏବଂ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ସମୂହର ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ ହୋଇ ଯାଇଛି। ଓଡ଼ିଶା ବନ୍ଧୁକ ଚାଳନା ସଂଘ(ORA) ଦ୍ୱାରା ପ୍ରଥମଥରପାଇଁ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଥିଲା। ଏଥିରେ ଓଡ଼ିଶା ଶୁଟରମାନେ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ପାଇଛନ୍ତି। ରାକେଶ ମହାନ୍ତିଙ୍କ ନେତୃତ୍ୱରେ ଯାଇଥିବା ଓଡ଼ିଶାର ୮ ବନ୍ଧୁକ ଚାଳକଙ୍କ ମଧ୍ୟରୁ ପୁରୁଷ ଟ୍ରାପ୍ ଶୁଟିଂରେ ରୋହିଁ ଉପାଧ୍ୟାୟ ସ୍ୱର୍ଣ୍ଣ, ମନୋରଞ୍ଜନ ଦାସ୍ ରୌପ୍ୟ ଓ ଭରତ ଚନ୍ଦ୍ର ପ୍ରଧାନ ବ୍ରୋଞ୍ଜ ପଦକ ପାଇଥିଲେ। ସେହିପରି ଡବଲ ଟ୍ରାପ୍ ର ମାଷ୍ଟର ବିଭାଗ ରେ ରାକେଶ ମହାନ୍ତି ରୌପ୍ୟ, ସ୍କିଟରେ ସିଦ୍ଧାର୍ଥ ଶଙ୍କର ଦାସ ସ୍ୱର୍ଣ୍ଣ ଓ ପ୍ରମେଶ ମିଶ୍ର ରୌପ୍ୟ ପଦକ ଲାଭ କରିଛନ୍ତି। ଜାତୀୟ ବନ୍ଧୁକ ଚାଳନା ସଂଘ(NRAI) ସହଯୋଗରେ ଓଡ଼ିଶା ରାଇଫଲ ସଂଘ ଦିଲ୍ଲୀଠାରେ ଏହି ପ୍ରତିଯୋଗିତା ଅୟୋଜନ କରିପାରିଥିବାରୁ ରାଜ୍ୟ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଜାତୀୟ ସଂଘର ବରିଷ୍ଠ ଉପସଭାପତି କଳିକେଶ ନାରାୟଣ ସିଂହଦେଓଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟ ସଂଘ ସଭାପତି ଅନଙ୍ଗ ଉଦୟ ସିଂହଦେଓ କୃତି ପ୍ରତିଯୋଗିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଡିସେମ୍ବରରେ ଚନ୍ଦକାଠାରେ ରାଜ୍ୟ ଟ୍ରାପ୍ ଶୁଟିଂ ପ୍ରତିଯୋଗିତା ଆୟୋଜନ ହେବ ବୋଲି ସଂଘ ପକ୍ଷରୁ ଘୋଷଣା କରାଯାଇଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ସରକାରୀ ତାଲିମ କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କୁ ଶୋଷଣ

ନୂଆପଡ଼ା ଅଫିସ,୨୩।୧୦: ନୂଆପଡା ସଦର ବ୍ଲକ ଖରିଆରରୋଡ ମୁଣ୍ଡାଗାଁଠାରେ ଏକ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ରହିଛି। ଏହି ଶିଳ୍ପ ତାଲମ କେନ୍ଦ୍ରରୁ ଛାତ୍ରୀଛାତ୍ରମାନେ ଉର୍ତ୍ତର୍ଣ୍ଣ ହୋଇ ନିଜକୁ ସ୍ୱାବଲମ୍ବୀ କରି ପାରିଛନ୍ତି। ତେବେ ଉକ୍ତ କେନ୍ଦ୍ରର କିଛି ନର୍ଦ୍ଦିଷ୍ଟ କର୍ମଚାରୀ ଛାତ୍ରମାନଙ୍କୁ ବିଭିନ୍ନ ଆଳରେ ଶୋଷଣ କରୁଥିବା ଅଭିଯୋଗ ହେଉଛି। କିଛି ପୁରାତନ ଛାତ୍ର ନିଜ ନାମ ଗୋପନ ରଖି ଓ କର୍ମଚାରୀମାନଙ୍କ ନାମ ପ୍ରକାଶ ନ କରିବା ପାଇଁ କହିଛନ୍ତି। ଏହି କେନ୍ଦ୍ରରେ କେତେବେଳେ ପରୀକ୍ଷାରେ ପାସ କରାଇ ଦେବା ନାମରେ କେତେବେଳେ ପ୍ରାକ୍ଟିକାଲ ପାଇଁ ତ କେତେବେଳେ ଆପରେଂଟିସ ପାଇଁ ଟଙ୍କା ସଂଗ୍ରହ କରାଯାଉଛି। ଏପରିକି କେନ୍ଦ୍ରରୁ ଉତ୍ତିର୍ଣ୍ଣ ହେବା ପରେ ପାସଆଉଟ ସାର୍ଟିଫିକେଟ ପାଇଁ ମଧ୍ୟ ଟଙ୍କା ଅସୁଲି କରାଯାଉଥିବା ଅଭିଯୋଗ ହେଉଛି। ଏହି ସବୁ କାର୍ଯ୍ୟରେ ଏକ ର୍ୟାକେଟ କାମ କରୁଛି। ଏ ନେଇ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ହେମନ୍ତ ରଣାଙ୍କୁ ପଚାରିବାରୁ ମୁଁ ସବୁ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଅଛି ବୋଲି ଜଣାଇବା ସହ ମୁଁ ବାରମ୍ବାର ଛାତ୍ରମାନଙ୍କୁ ଯଦି କେହି ତୁମକୁ ଅଣଅଧିକାର କିଛି ମାଗେ ବା କହେ ତେବେ ତୁରନ୍ତ ମୋତେ ଜଣାଇବ ବୋଲି ଛାତ୍ରୀଛାତ୍ରମାନଙ୍କୁ କହିଛି। ଆବଶ୍ୟକ ପଡିଲେ ଛାତ୍ରମାନେ ଖୋଲାଖୋଲି ଜଣାଇବେ ବୋଲି ପ୍ରକାଶ କରିଛନ୍ତି।

### ପ୍ରାକ ବିଦ୍ୟାଳୟ କାର୍ଯ୍ୟକ୍ରମ ସମ୍ପର୍କିତ ତାଲିମ

ନର୍ଲା,୨୩।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକସ୍ଥିତ ନର୍ଲା ୧ ନନ୍ଦଘରଠାରେ ପ୍ରାକ ପ୍ରାଥମିକ ଯତ୍ନ ଓ ଶିକ୍ଷା ସମ୍ପର୍କିତ ତାଲିମ ଶିବିର ଶିବିର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମ ବେଦାନ୍ତ ଫାଉଣ୍ଡେଶନ, ଅନିଲ ଅଗ୍ରୱାଲ ଫାଉଣ୍ଡେସନଙ୍କ ସହାୟତା ଏବଂ ମମତା ଏଚଆଇଏମସିଙ୍କ ପରିଚାଳନାରେ ନନ୍ଦଘର ଅଧୀନସ୍ଥ ୦୩ରୁ ୦୬ ବର୍ଷର ଶିଶୁମାନଙ୍କ ପ୍ରାରମ୍ଭିକ ବିକାଶ, ଯତ୍ନ ଏବଂ ଶିକ୍ଷା ଉପରେ ବିଭିନ୍ନ ଖେଳ, ଗପ, ଭିଡ଼ିଓ ଏବଂ ଶିକ୍ଷଣୀୟ ସାମଗ୍ରୀଗୁଡିକ ବ୍ୟବହାର କରି ମାଷ୍ଟର ଟ୍ରେନର ରଜନୀକାନ୍ତ ଦାସ ଏବଂ ସହତାଲିମ ଦାତ୍ରୀ ଗୀତାଞ୍ଜଳି ପଟ୍ଟନାୟକ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରରେ ନର୍ଲା ସମ୍ମନିତ ଶିଶୁ ବିକାଶ ସେବା ଯୋଜନା ପକ୍ଷରୁ ସୁପର୍‌ଭାଇଜର ସଂଘମିତ୍ରା ପଟ୍ଟନାୟକ ଉପସ୍ଥିତ ରହି ଶିକ୍ଷଣୀୟ ସାମଗ୍ରୀଗୁଡ଼ିକୁ ନନ୍ଦଘର କାର୍ଯ୍ୟକ୍ରମରେ ଠିକ ବ୍ୟବହାର ଏବଂ ପରିଚାଳନା କରି ଶିଶୁମାନଙ୍କ ସାମଗ୍ରିକ ବିକାଶ ବିଷୟରେ ଅବଗତ କରିଥିଲେ। କାର୍ଯ୍ୟକ୍ରମ ମମତା ଏଚଆଇଏମସି ପକ୍ଷରୁ ପ୍ରୋଗ୍ରାମ ମ୍ୟାନେଜର ଦିବ୍ୟ ରଞ୍ଜନ ଯୋଶୀ, ଅରୁଣ ପ୍ରଧନୀ, ପୀତାମ୍ବର ଗଡଡ, ସାମନ୍ତ ମାଝି, ପ୍ରଶାନ୍ତ ପୋଡ, ଶତ୍ରୁଘ୍ନ ମାଝି, ଜୟ ଶଙ୍କର ରାଉତ ପ୍ରମୁଖ ପରିଚାଳନା କରିଥିଲେ।

### ବରିଷ୍ଠ ଶିକ୍ଷାବିତ୍ ବନମାଳୀ ପଣ୍ଡାଙ୍କ ପରଲୋକ

ଜୁନାଗଡ଼,୨୩।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଚୈଗୁଡା ଗ୍ରାମର ବିଶିଷ୍ଟ ଶିକ୍ଷାବିତ ତଥା ପ୍ରଗତି



ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ବନମାଳୀ ପଣ୍ଡାଙ୍କ ରବିବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ଖବର ପାଇ ଚିଚୈଗୁଡା ସ୍ଥିତବାସଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ତାଙ୍କ ଶେଷଦର୍ଶନ କରିଥିଲେ। ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଗଭୀର ଶୋକ ପ୍ରକାଶ କରିଥିଲେ। ସେ ୧୯୩୮ ଏପ୍ରିଲ ୧୮ ତାରିଖରେ ଚିଚୈଗୁଡା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ଚିଚୈଗୁଡା ମଧ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା ଜୀବନ ଆରମ୍ଭ କରି ପରବର୍ତ୍ତୀ ସମୟରେ ଖରିଆର ସହରସ୍ଥିତ ରାଜା ଏ.ଟି. ଉଚ୍ଚ ବିଦ୍ୟାଳୟରେ ମଧ ଶିକ୍ଷକତା କରିଥିଲେ। ଶେଷରେ ଧର୍ମଗଡ଼ ସହର ବାଳକ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରିବା ସହ ଜଣେ ଆଦର୍ଶ ଶିକ୍ଷକ ଭାବେ ବେଶ ସୁନାମ ଅର୍ଜନ କରିଥିଲେ। ୧୯୯୬ରେ ଶିକ୍ଷକତାରୁ ଅବସର ଗ୍ରହଣ କରିଥିଲେ। ଜିଲାର ଶିକ୍ଷାର ବିକାଶକୁ ଦୃଷ୍ଟିରେ ରଖି ସେ ଭବାନୀପାଟଣା ସହରରେ ପ୍ରଗତି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ଦୁଇପୁଅ, ବୋହୂ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଚିଚୈଗୁଡା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ବିଜୟ ପଣ୍ଡା ମୁଖାଗ୍ନି ଦେଇଥିଲେ।

# ଦୀପାବଳି ଆଣି ଦେଇଛି କୁମ୍ଭକାରଙ୍କ ପାଇଁ ଆଶାର ଆଲୋକ

କୋକସରା,୨୩।୧୦(ଡି.ଏନ.ଏ.)

ରାତି ପାହିଲେ ଦୀପାବଳି। ସାପ୍ତାହିକ ହାଟ, ସ୍ଥାନୀୟ ହାଟବଜାର ଓ ଘର ଘର ବୁଲି ଏବେ ମାଟି ଦୀପ ବିକ୍ରି କରୁଛନ୍ତି କୁମ୍ଭାର ସମ୍ପ୍ରଦାୟର କାରିଗର ପରିବାରର ମହିଳା। ଆଧୁନିକତା ଛାପରେ କିଛିଟା ବେଉସା ଉପରେ ଅଙ୍କୁଶ ଲାଗିଥିଲେ ମଧ ଦୀପାବଳିରେ ମାଟିଦୀପର ଚାହିଦା ରହିଛି। କୌଳିକ ବୃତ୍ତିକୁ ନେଇ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଥିବା କୁମ୍ଭକାର ପରିବାର ପାଇଁ ଦୀପାବଳି ପର୍ବ ଆଣି ଦେଇଛି ରୋଜଗାର। ତେବେ କୁମ୍ଭକାର ପରିବାରର ନୂତନ ପିଢ଼ି ଏହି କୁଳ ବେଉଷା ପ୍ରତି ଆନ୍ତରିକତା ଦେଖାଉ ନ ଥିବା କହନ୍ତି ବୟସ୍କ କୁମ୍ଭକାର କାରିଗର। ଜିଲା ଓ ବ୍ଲକ ପ୍ରଶାସନ ଏହି ମାଟି ସାମଗ୍ରୀ ବିକ୍ରି ପାଇଁ ସରକାରୀସ୍ତରରେ ବ୍ୟବସ୍ଥା କଲେ ହୁଏତ ଆଗକୁ କିଛି ପରିବର୍ତ୍ତନ ହେବ ବୋଲି ମାଝିଗୁଡା, ଫୁପଗାଁ ଓ କାଉଡୋଲା ଗ୍ରାମର କୁମ୍ଭକାର ପରିବାର କହିଛନ୍ତି। କୁମ୍ଭାର ପରିବାରମାନେ ବର୍ଷ ସାରା ଆଲୋକର ପର୍ବ ଦୀପାବଳିକୁ ଅପେକ୍ଷା କରି ରୁହନ୍ତି। ଏହି ପର୍ବରେ ସବୁଠୁ ଅଧିକା ଆବଶ୍ୟକ ହୁଏ ମାଟି ଦୀପ। ଦୀପାବଳିର ଅମାବାସ୍ୟା ଅନ୍ଧାରରେ ଦୀପାଳି ଜାଳି ଘରଠାରୁ ବାହାର ଯାଏ ବେଶ ଆଲୋକ ହୋଇଥାଏ। ହେଲେ ସାରା ଦୁନିଆଁକୁ ଦୀପାଳିର ଆଲୋକ ଦେବା ପାଇଁ ପୂର୍ବରୁ ମାଟି ଦୀପ ପ୍ରସ୍ତୁତ କରିଥିବା କୁମ୍ଭକାରମାନଙ୍କ କୂଳବେଉସା ନେଇ ଏବେ ଚିନ୍ତାରେ କୁମ୍ଭାର ପରିବାର। କୋକସରା ବ୍ଲକର ମାଝିଗୁଡା, ଫୁପଗାଁ, କାଉଡୋଲା ଆଦି ଗ୍ରାମରେ ରହୁଥିବା ଅନେକ କୁମ୍ଭକାର ପରିବାର ଏବେ କିଛି ରୋଜଗାର ଆଶାରେ ଦୀପ ତିଆରି କରୁଥିବା ଦେଖିବାକ ମିଳୁଛି। ଅଖ ଚକର ଚକାଭଉଁରୀ ସହ ଦିନରାତି ଏଠି ସବୁବେଳେ ମାଟି ସହ ମାଟି ହୋଇ କୁମ୍ଭକାର ପରିବାର ତିଆରି କରୁଛନ୍ତି ମାଟି ସାମଗ୍ରୀ। ଦୀପାବଳିରେ ରୋଜଗାର ଆଶାରେ ହଜାର ହଜାର ସଂଖ୍ୟାରେ ଦୀପ ତିଆରି କରିବାରେ ଏବେ ବ୍ୟସ୍ତ କୁମ୍ଭାର ପରିବାର। କୁମ୍ଭାର ଶାଳର ଚକ ବୁଲିଲେ କୁମ୍ଭକାର ସଂସାର ଚଳେ। ଗତ ୨ ବର୍ଷ କରୋନା ମାଡ଼ରେ ଅଣ୍ଟା ଭାଙ୍ଗିଥିବା କୁମ୍ଭାର ପରିବାର ଚଳିତ ଦୀପାବଳିରେ ଭଲ ରୋଜଗାର ଆଶା ରଖି ବହୁ ସଂଖ୍ୟକ ମାଟି ତିଆରି ଦୀପ ସହ ବହୁ ସାମଗ୍ରୀ ତିଆରି କରିଛନ୍ତି।



ମାଟିରେ ନିର୍ମିତ ବିଭିନ୍ନ ସାମଗ୍ରୀ ସହ ଏକ କୁମ୍ଭାର ପରିବାର।

# ଆମ୍ ଆଦ୍‌ମୀ ପାର୍ଟିର ପଦଯାତ୍ରା, କାର୍ଯ୍ୟକର୍ତ୍ତା ସମ୍ମିଳନୀ





ଜୁନାଗଡରେ ଏଏପିର ପଦଯାତ୍ରା।

- ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର, ରାଜ୍ୟ ସରକାରଙ୍କୁ ଟାର୍ଗେଟ
- ଦିଲ୍ଲୀ ଭଳି ଓଡିଶାରେ ମଧ ସଫଳ ଯୋଜନା କାର୍ଯ୍ୟକାରୀ ହେବ

ଜୁନାଗଡ,୨୩।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରରେ ରବିବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଏକ ପଦଯାତ୍ରା ସହ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ସ୍ଥାନୀୟ ଲଙ୍କେଶ୍ୱରୀ ମନ୍ଦିରରୁ ବାହାରି ସଂସ୍କୃତି ଭବନ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ସେଠାରେ ଜୁନାଗଡ ନିର୍ବାଚନ ମଣ୍ଡଳୀସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜୁନାଗଡ ନିର୍ବାଚନ ମଣ୍ଡଳୀ ସଭାପତି ଡୁଲେଶ୍ୱର ସାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପରିଷଦ ସଦସ୍ୟ କୃତିବାସ ମୁଣ୍ଡ, ଜିଲା ସଭାପତି ବିଘ୍ନରାଜ ପଣ୍ଡା, ଜିଲା ସଭାନେତ୍ରୀ ମମତା ନାୟକ, ଜିଲା ଉପଦେଷ୍ଟା କୃପାସିନ୍ଧୁ ନାଏକ, ଜୁନାଗଡ ବ୍ଲକ ସଭାପତି ମଙ୍ଗରାଜ ମାଝି, ଗୋଲାମୁଣ୍ଡା ବ୍ଲକ ସଭାପତି ବିଶ୍ୱମ୍ଭର ମାଝି, ଜିଲା ଉପସଭାପତି ସମୀର ଅଗ୍ରୱାଲ, ପ୍ରଫୁଲ କର, ସାଧାରଣ ସମ୍ପାଦକ ଗଣେଶ ବାଗ, ନିତ୍ୟାନନ୍ଦ ମାଝି ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ନିର୍ବାଚନ ସମୟ ଆସିଲେ ବିଜେଡି ଲୋକଙ୍କୁ ଭଣ୍ଡାଇବା ଲୋଭକର ଯୋଜନା କରୁଛି। ଭାଜପାର ମୋଦି ସରକାର ନିର୍ବାଚନ ପୂର୍ବରୁ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ସବୁ ମିଥ୍ୟାରେ ପରିଣତ ହୋଇଛି ବୋଲି କହିଥିଲେ। ସେହିପରି ଆଗାମୀ ସାଧାରଣ ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟିବିଜୟୀ ହେଲେ ଦିଲ୍ଲୀ ଭଳି ଓଡିଶାରେ ମଧ ସଫଳ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ଦଳୀୟ ନେତା ଅଭିଭାଷଣରେ କହିଥିଲେ। ଏହାସହ ଦଳୀୟ ସଙ୍ଗଠନକୁ ମଜଭୁତ୍ କରିବା ସହ ଏଏପିର ଜନହିତକର ଯୋଜନାଗୁଡିକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମ ଜୁନାଗଡ ନିର୍ବାଚନ ମଣ୍ଡଳୀର ସଂଯୋଜକ ଇସ୍ମାଇଲ ବାଗ ପରିଚାଳନା କରିଥିଲେ।

# ଲାଞ୍ଜିଗଡ଼ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ପଦଯାତ୍ରାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତୃମଣ୍ଡଳି।

ଲାଞ୍ଜିଗଡ଼,୨୩।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ ଅଧୀନ ଉକ୍ତ ବ୍ଲକରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଚମ୍ପାଦେଇପୁର ପଞ୍ଚାୟତ ଗୋଲାଙ୍ଗବନ୍ଧଠାରୁ ପଦଯାତ୍ରାରେ ବାହାରି ଗୁଲାମବନ୍ଧ, ଚନ୍ଦନପୁର, ଯୁଡାବନ୍ଧ ଦେଇ ଦୀର୍ଘ ୬ କି.ମି. ଚମ୍ପାଦେଇପୁର ପଞ୍ଚାୟତ ଖେଳ ପଡିଆ ପରିସରରେ ପହଞ୍ଚିଥିଲେ। ସେଠାରେ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ସଭାନେତ୍ରୀ ଲଳିତା ନାଏକ, ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାଏକ, ଲାଞ୍ଜିଗଡ ଜୋନ-୧ ଜିଲା ପରିଷଦ ସଦସ୍ୟା ଅଞ୍ଜଳି ମାଝି, ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରିକ୍ଷିତ ନାଏକ, ପୂର୍ବତନ ବିଧାୟକ ଶିବାଜୀ ମାଝି, ପୂର୍ବତନ ଅଧ୍ୟକ୍ଷ ଫକିର ମୋହନ ମାଝି, ବିଧାୟକ ପ୍ରତିନିଧି ପ୍ରଦୀପ ଘଡ଼େଇ, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବ୍ଲକ ସଭାନେତ୍ରୀ ସୁଜିତା ଘଡ଼େଇ, ଲାଞ୍ଜିଗଡ ବ୍ଲକ ଜୋନ-୧ ବିଜେଡି ସଭାପତି ଚନ୍ଦ୍ରଶେଖର ମହାପାତ୍ର, ଲାଞ୍ଜିଗଡ଼ ଯୁବ ବିଜେଡି ସଭାପତି ଡିଲେଶ କୁମାର ନାଗ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋହର ହରପାଲ, ବ୍ଲକ ମିଡିଆ ସେଲ ସଭାପତି ସନ୍ତୋଷ କୁମାର ଡୁଲଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ମଞ୍ଚାସୀନ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ନିମନ୍ତେ ଜାରି ରଖିଛନ୍ତି। ଦଳର କର୍ମକର୍ତ୍ତା ତଥା ଗାଁରୁ ସହର ସବୁଠି ଲୋକ ସେବାରେ ନିୟୋଜିତ କର୍ମୀଙ୍କ ନିଷ୍ଠା, କଠିନ ପରିଶ୍ରମ ଓ ତ୍ୟାଗ ଯୋଗୁ ବିଜେଡି ଲୋକଙ୍କ ନିକଟତର ହୋଇପାରିଛି ବୋଲି ଅତିଥିମାନେ କହିଥିଲେ। ଏଥିରେ ବ୍ଲକ ବରିଷ୍ଠ ବିଜେଡି ନେତା ଓ କର୍ମୀମାନେ ଉପସ୍ଥିତ ଥିବା ବେଳେ ପୂର୍ବତନ ଉପାଧ୍ୟକ୍ଷ ଜଗଦୀଶ ବେନିଆଁ ମଞ୍ଚ ପରିଚାଳନା କରିଥିଲେ। ଜିଲା ପରିଷଦ ସଦସ୍ୟ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷକ ସାଥୀଙ୍କୁ ସ୍ଥାୟୀ ନିଯୁକ୍ତିରେ ସାମିଲ ଦାବି

କେସିଙ୍ଗା,୨୩।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କୃଷକ ସାଥୀ ସଂଘ ପକ୍ଷରୁ ଏକ ସାଧାରଣ ବୈଠକ ରବିବାର ପର୍ଥଲା ଗ୍ରାମର ଏକ ବଗିଚାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କାମଦେବ ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଠିକା କର୍ମଚାରୀମାନଙ୍କୁ ହଟାଇ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଘୋଷଣା କରିଛନ୍ତି। କିନ୍ତୁ କେସିଙ୍ଗା ବ୍ଲକରେ କାର୍ଯ୍ୟରତ କୃଷକ ସାଥୀମାନଙ୍କୁ ଏଥିରୁ ବାଦ ଦିଆଯାଇ ଥିବାରୁ କୃଷକ ସାଥୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେଥିପାଇଁ ରାଜ୍ୟ ସରକାରଙ୍କୁ କୃଷକ ସାଥୀମାନେ ଅନୁରୋଧ କରିଛନ୍ତି ଯେ, ଯଦି ସ୍ଥାୟୀ ନିଯୁକ୍ତିରେ ସାମିଲ ନ କରାଗଲେ ଭୁବନେଶ୍ୱରଠାରେ ଅର୍ନିଦିଷ୍ଟକାଳ ପାଇଁ ଗଣବିକ୍ଷୋଭ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। କୃଷକ ସାଥିମାନେ ରାଜ୍ୟ ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟ ଯୋଜନା ଯଥା କାଳିଆ ଯୋଜନା, ବଳରାମ ଯୋଜନା ଇତ୍ୟାଦି ଯୋଜନାରେ କାର୍ଯ୍ୟ କରି ମାସକୁ ଦରମା ଏକ ହଜାର ଟଙ୍କାରେ ବହୁକଷ୍ଟରେ ପରିବାର ପ୍ରତି ପୋଷଣ କରୁଛନ୍ତି। ରାଜ୍ୟ ସରକାର ଯଥାଶୀଘ୍ର କୃଷକ ସାଥୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏଥିରେ ଜିଲା ସଭାପତି ହୃଦାନନ୍ଦ ମାଝି, ସମ୍ପାଦକ ଚିନ୍ତାମଣି ନାଏକ, ବୈଷ୍ଣବ ନାଏକ, କୋଷାଧକ୍ଷ ଗରୁଡ଼ଧ୍ୱଜ ସାହୁଙ୍କ ସମେତ ବହୁ ସଂଖ୍ୟା ସଭ୍ୟମାନେ ଯୋଗଦାନ କରିଥିଲେ। ସମ୍ପାଦକ ଗରୁଡ଼ଧ୍ୱଜ ସାହୁ ଧନ୍ୟବାଦ ଦେଇଥିଲେ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଜୁନାଗଡ,୨୩।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କୁଲିହାରୀ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରାହ୍ମଣୀଗୁଡା କ୍ଲଷ୍ଟରର ୧୫ଟି ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ଗୀତ, ନାଚ, ପ୍ରବନ୍ଧ ଲିଖନ, ବକ୍ତୃତା, ବିତର୍କ ଆଦି ୧୬ଟି ପ୍ରତିଯୋଗୀତା ହୋଇଥିଲା। ଏଥିର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ର ଆସନ୍ତା ୨୭ ତାରିଖରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମଳୟ ରଞ୍ଜନ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ଜୟପ୍ରକାଶ ନାଏକ, ପିଇଓ ଟୁନୁ ଗଡତିଆ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସ୍ଥାନୀୟ ସିଆରସିସି ତ୍ରିଲୋଚନ ସେଠ ପରିଚାଳନା କରିଥିଲେ। ସ୍ଥାନୀୟ ଶିକ୍ଷକ ଧିରେନ୍ଦ୍ର ମେହେର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ/ଶିକ୍ଷକ ସହଯୋଗ କରିଥିଲେ।



ସ୍ଥାନୀୟ ସରପଞ୍ଚ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ନୂତନ ପେନ୍‌ସନଭୁକ୍ତ ଜିଲା ପ୍ରାଥମିକ ଶିକ୍ଷକ ସଂଘର ବୈଠକ



ନୂତନ ପେନସନଭୁକ୍ତ ଜିଲା ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା।

ଭବାନୀପାଟଣା,୨୩।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଏକ ହୋଟେଲରେ ରବିବାର ନୂତନ ପେନସନଭୁକ୍ତ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାର କିପରି ନୂତନ ପେନସନଭୁକ୍ତ ଶିକ୍ଷକଙ୍କ ପ୍ରତି ଅବହେଳା ଓ ବୈମାତୃକ ମନୋଭାବ ପୋଷଣ କରିଛନ୍ତି ତାହାର ତୀବ୍ର ପ୍ରତିବାଦ କରାଯାଇଥିଲା। ନିଜର ହକ ପାଇଁ ୫ଦଫା ଦାବି ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ, ୬ବର୍ଷର ଠିକା ନିଯୁକ୍ତିକୁ ମୂଳ ଚାକିରିରେ ଗଣନା, ୬ଟି ଇନକ୍ରିମେଣ୍ଟ ପ୍ରଦାନ, ଏକ୍ସକ୍ୟାଡର ଉଚ୍ଛେଦ ଆଦି ପ୍ରଦାନ ନେଇ ସଂଘ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପରେ ନୂତନ ଜିଲା କାର୍ଯ୍ୟକାରିଣୀ କମିଟି ଗଠିତ ହୋଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ପ୍ରଫୁଲ୍ଲ ଠାକୁର, କାର୍ଯ୍ୟକାରୀ ସଭାପତି ବିଶ୍ୱଜିତ ବେହେରା, ସାଧାରଣ ସମ୍ପାଦକ ବୈକୁଣ୍ଠ ଜାଲ, ସଙ୍ଗଠନ ସମ୍ପାଦକ ଅଜିତ ପଧାନ, ଜିଲା ସଂଯୋଜକ ସଞ୍ଜୀବ ପାଢ଼ୀ, ଉପସଭାପତି ଉଗ୍ରସେନ ସାହୁ, ମନୋଜ ସାହୁ, ନନ୍ଦିକିଶୋର ନାଏକ, ଯୁଗ୍ମସମ୍ପାଦକ ମଙ୍ଗଳ ତାଣ୍ଡି, ଘାସିରାମ ଖାଡାଙ୍ଗା, କୋଷାଧ୍ୟକ୍ଷ ନାରାୟଣ ବଗର୍ତ୍ତୀ, ମିଡିଆସେଲ ସଂଯୋଜକ ଭାବେ ଅମିତ ଜାଲ, ଉପଦେଷ୍ଟା ଭାବେ ସତ୍ୟବାନ ପାଣିଗ୍ରାହୀ, ଜାକୀର ମହମ୍ମଦ, ମନୋଜ ପଣ୍ଡା, ଅକ୍ଷୟ ରଥ, ରବୀନ୍ଦ୍ର ସେଠୀ ଓ ଧନଞ୍ଜୟ ସାହୁଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ଜିଲାର ସମସ୍ତ ବ୍ଲକରୁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ।

# ମା’ ରାଜମାଉଲି ଫୁଟବଲ: ଦୀପ ବ୍ରଦର୍ସ ଚାମ୍ପିୟନ

ବୋଡେନ,୨୩।୧୦(ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ଆମଗୁଡା ଖେଳ ପଡିଆରେ ଚାଲିଥିବା ମା’ ରାଜମାଉଲି ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଆମଗୁଡା ଦୀପ ବ୍ରଦର୍ସ ଓ ଟେମରୀ ମଧ୍ୟରେ ଆୟୋଜିତ ଫାଇନାଲ ମ୍ୟାଚରେ ୧-୦ ଗୋଲରେ ଦୀପ ବ୍ରଦର୍ସ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟ ପରିଚାଳନା କମିଟି ସଭାପତି ନରେନ୍ଦ୍ର ବଛାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ବିଜୁ ଜନତା ଦଳ ନୂଆପଡା ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ବିଜେଡି ବରିଷ୍ଠ ନେତା ନୃପରାଜ ତାଣ୍ଡି, ବୋଡେନ ବ୍ଲକ ସଭାପତି ଲୋକନାଥ ଛତ୍ରିଆ, ରିଖିରାମ ସଲମା, ଗୌତମ ନିଆଲ, ପ୍ରସନ୍ନ ବାଗ, ପୁନୁ ଦୀପ, ଦୁଧନାଥ ବାଗ, କୃଷ୍ଣଲାଲ ଦୀପ, କୃଷ୍ଣଲାଲ ବାଗ, ସତ୍ୟନାରାୟଣ ନିଆଲ, ମୁଚୁ କାଣ୍ଡି ପ୍ରମୁଖ ଅତିଥି ଭାବେ ମଞ୍ଚସୀନ ଥିଲେ। ବଳରାମ ସରାଫ ଖେଳ ପରିଚାଳନା କରିଥିବା ବେଳେ ସନ୍ଦିପ ଓ ବନ ସହଯୋଗ କରିଥିଲେ।



ଖେଳାଳିଙ୍କ ସହ ଅତିଥିବୃନ୍ଦ।

# ତୃଣମୂଳସ୍ତରରେ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ

## କଂଗ୍ରେସର ଜିଲାସ୍ତରୀୟ କର୍ମୀ ସମ୍ମିଳନୀ

- ସାମିଲ ହେଲେ ଭାଜପା, ବିଜେଡିର ଅନେକ କର୍ମକର୍ତ୍ତା

ଭବାନୀପାଟଣା,୨୩।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ରବିବାର କଂଗ୍ରେସର ଜିଲାସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ, ଉପସଭାପତି ପରମାନନ୍ଦ ମାଝି, ପୂର୍ବତନ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ଡୁଲେଶ୍ୱର ନାଏକ, ରାଜ୍ୟ ଯୁବ କଂଗ୍ରେସ ଉପସଭାପତି ମହମ୍ମଦ ସାହେବ, ଭବାନୀପାଟଣା ନଗର ସଭାପତି ସାଗର ପଟ୍ଟନାୟକ, ଜିଲା ଛାତ୍ର କଂଗ୍ରେସ ସଭାପତି ସୁଶାନ୍ତ ପ୍ରଧାନୀ, ଜିଲା ସଭାନେତ୍ରୀ ମହେନ୍ଦ୍ରୀ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଦ୍ରୋପଦୀ ମାଝି, ପିସିସି ସଦସ୍ୟା ଜୋତ୍ସ୍ନା ବଗର୍ତ୍ତୀ, ବରିଷ୍ଠ ନେତା, ଦିଗାମ୍ବର ଦୁରିଆ, ପ୍ରଭାତ ଦାଶ, ଜିଲା ସାଧାରଣ ସମ୍ପାଦକ ଚିତ୍ତ ରଞ୍ଜନ ନିଆଲ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଜିଲା ଉପସଭାପତି ରବିନ୍ଦ୍ର ପଟ୍ଟଯୋଷୀ ପରିଚାଳନା କରିଥିଲେ। ସମ୍ମିଳନୀରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଦଳୀୟ ନେତା କଡା ସମାଲୋଚନା କରିବା ସହ କଂଗ୍ରେସକୁ ଶକ୍ତିଶାଳୀ କରିବାକୁ ହେଲେ ତୃଣମୂଳସ୍ତରରେ ସଙ୍ଗଠନକୁ ମଜଭୁତ୍ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ସେହିପରି ଆଗାମୀ ସାଧାରଣ ନିର୍ବାଚନ ପାଇଁ ଦଳର ରଣନିତୀ ପ୍ରସ୍ତୁତ କରାଯାଇଥିଲା। ସମ୍ମିଳନୀରେ ଭାଜପା ଓ ବିଜେଡି ଛାଡି ଅନେକ କର୍ମକର୍ତ୍ତା କଂଗ୍ରେସରେ ସାମିଲ ହୋଇଥିଲେ। ସେମାନଙ୍କୁ ଦଳ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା।





ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ଉଦ୍‌ବୋଧନ ଦେଉଛନ୍ତି।

## ସଂକ୍ଷେପରେ

### ଜନ୍ମଦିନରେ ସ୍ମାର୍ଟ ଲାଇବ୍ରେରିକୁ ପୁସ୍ତକ ଦେଲେ

**ବିନିକା, ୨୩।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକାର ଯୁବ ଉଦ୍ୟୋଗୀ ପ୍ରକାଶ ଅଗ୍ରୱାଲ ଶନିବାର ନିଜ ଜନ୍ମଦିନରେ ପତ୍ନୀ ନିତୁ ଅଗ୍ରୱାଲ ବିନିକା ସ୍ପୋର୍ଟସ କ୍ଲବରେ ଥିବା ସ୍ମାର୍ଟ ଲାଇବ୍ରେରୀକୁ ୧୨୫ଖଣ୍ଡ ପୁସ୍ତକ ପ୍ରଦାନ କରିଛନ୍ତି। ଏହି ଉପଲକ୍ଷେ ହୋଇଥିବା କାର୍ଯ୍ୟକ୍ରମରେ ଅତିଥିଭାବେ ବିନିକା ଏନଏସି ଅଧକ୍ଷ ସୁବାସ ଚନ୍ଦ୍ର ଭୋଇ, ଥାନାଧିକାରୀ ପବିତ୍ର ସାହୁ, ଏଏସଆଇ ଆନନ୍ଦ ନାୟକ, ଶଙ୍କରା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଦାଶରଥି ନନ୍ଦ, ସ୍ପୋର୍ଟସ କ୍ଲବ ସଭାପତି ସୋମନାଥ ମିଶ୍ର, ଲାଇବ୍ରେରୀ ଇନଚାର୍ଜ ହିମାଂଶୁ ଶେଖର ପୁଟେଲ, ସାମାଜିକ କର୍ମୀ ରାମ ଗୋପାଲ ବାଘ, ଚିତ୍ତରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ରାତିରେ ବିନିକା ନିକଟ ଚଡେଇପଙ୍କସ୍ଥିତ ହ୍ୟାପି ହେଣ୍ଡସ ସ୍କୁଲ ଫର ବି ଡେଫର ସମସ୍ତ ଛାତ୍ରୀଛାତ୍ରଙ୍କୁ ଏକ ରେଷ୍ଟୁରାଣ୍ଟ ନେଇ ମନ ପସନ୍ଦ ଖାଦ୍ୟ ପରସୀ ଥିଲେ L ପରେ ବିଭିନ୍ନ ପାଠ୍ୟ ସାମଗ୍ରୀ ପ୍ରଦାନ କରିଥିଲେ L

### ବୌଦ୍ଧ ଜିଲା ବୈଦ୍ୟ ସଂଘର ବୈଠକ

**ବୌଦ୍ଧ,୨୩।୧୦(ସ୍ୱ.ପ୍ର.):** ବୌଦ୍ଧ ଜିଲା ବୈଦ୍ୟ ସଂଘର ବାର୍ଷିକ ସଭା ସରସରା ଠାରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ବୈଦ୍ୟ ସଂଘର ସଭାପତି ସୁଧୀର କର୍ଣ୍ଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବୈଦ୍ୟମାନେ ନିଜର ଅନୁଭୂତି କହିବା ସହ ବିଭିନ୍ନ ରୋଗର ଉପଚାର ଉପରେ ଆଲୋଚନା କରିଥିଲେ। ସଭାରେ ସଭାପତି କର୍ଣ୍ଣ ଉତ୍ତମ ପରିବେଶ ଓ ଚିକିତ୍ସାର ଉପଚାର ପାଇଁ ଅତିକମରେ ୧୦ ଗୋଟି ବୃକ୍ଷ ନିଜ ନିଜ ଅଗଣାରେ ଲଗାଇବାକୁ ପରାମର୍ଶ ଦେଇଥିଲେ। ସଭାରେ ସଂଘର ସଂପାଦକ ପ୍ୟାରୀମୋହାନ ଶତପଥୀ, ବୈଦ୍ୟ ସନ୍ତୋଷ ବାରିକ, ଦିଲିପ ବିଶି, ଜଗବନ୍ଧୁ ଭୋକ୍ତା , ନିରଞ୍ଜନ ନାଗ, ନିର୍ଗୁଣ ମହାକୁଡ ଯୋଗଦେଇ ଆଧୁନିକ ଯୁଗରେ ମଧ ଗ୍ରାମାଞ୍ଚଳରେ ବୈଦ୍ୟମାନେ ରୋଗର ଉପଚାର କରି ଆସୁଥିବା କହିଥିଲେ। ବୈଠକରେ ଜିଲାର ବିଭିନ୍ନ ସ୍ଥାନର ବୈଦ୍ୟମାନେ ଯୋଗ ଦେଇଥିଲେ।

### ଦାଦନ ଶ୍ରମିକ ବାଟରୁ ନିଖୋଜ, ଚିନ୍ତାରେ ପରିବାର

**ବୌଦ୍ଧ,୨୩।୧୦(ସ୍ୱ.ପ୍ର.):** ବୌଦ୍ଧ ଜିଲାର ବୌଦ୍ଧ ଥାନା ଅନ୍ତର୍ଗତ ବ୍ରାହ୍ମଣପାଲି ଗ୍ରାମ ପଞ୍ଚାୟତ ବିଜାପଦର ଗ୍ରାମର ଜଣେ ଦାଦନ ଶ୍ରମିକ ଘରକୁ ଫେରୁଥିବା ବେଳେ ବାଟରେ ନିଖୋଜ ହୋଇ ଯାଇଥିବା ନେଇ ପରିବାର ଲୋକ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ବିଜାପଦର ଗ୍ରାମର ପ୍ରଶାନ୍ତ ମହାନନ୍ଦ (୨୫) ୭ ମାସ ତଳେ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିଲେ। ସେଠାରେ ଏକ ସୂତାକଳରେ ଶ୍ରମକ ଭାବେ କାର୍ଯ୍ୟ କରୁଥିଲେ। ଶ୍ରମିକ ଜଣକ ସେଠାରୁ ଗତ ୧୪ ତାରିଖରେ ତ୍ରିପୁର ରେଳଷ୍ଟେଶନରୁ ରେଳଯାତ୍ରା ଆରମ୍ଭ କରିଥିଲେ। ରେଳରେ ଯାତ୍ରା ସମୟରେ ଗତ ୧୫ ତାରିଖରେ ଘରକୁ ଫୋନ କରିଥିଲେ। କିନ୍ତୁ ସେ ଘରକୁ ଆସି ନ ଥିବା ବେଳେ ସେହିଦିନ ଠାରୁ ତାଙ୍କର ଖୋଜଖବର ନାହିଁ। ଏନେଇ ପରିବାର ଲୋକ ଗତ ଶନିବାର ଦିନ ବୌଦ୍ଧ ବିଧାୟକ ତଥା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦିପ କୁମାର ଅମାତଙ୍କୁ ଭେଟି ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଗୁହାରୀ କରିଥିବା ଜଣାଯାଇଛି।

# ୫୪ ବର୍ଷରେ ମଝିପଡ଼ା କାଳୀପୂଜା



ମଝିପଡାରେ ନିର୍ମିତ କାଳୀପୂଜା ମଣ୍ଡପ।



ଖବରଦାତା ସମ୍ମିଳନୀରେ ପୂଜା କମିଟିର କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

**ସୋନପୁର,୨୩।୧୦(ନି.ପ୍ର.)**

- ହିନ୍ଦୁ-ମୁସଲିମ୍ ଭାଇଚାରାର ବାର୍ତ୍ତା ଦିଏ
- ୧ରୁ ୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର ସହର ମଝିପଡାରେ ୫୪ତମ ସାର୍ବଜନୀନ କାଳୀପୂଜା ୨୪ ତାରିଖ ସୋମବାର ରାତିରୁ ଆରମ୍ଭ ହେବ। ରାମଧୂନ କ୍ଲବ ମଝିପଡା ପକ୍ଷରୁ ଏହି ପୂଜା ମହୋତ୍ସବ ମହା ସମାରୋହରେ ଆୟୋଜିତ ହେବ ବୋଲି ପୂଜା କମିଟି ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। କରୋନା ମହାମାରୀ ପାଇଁ ଗତ ଦୁଇବର୍ଷ ନିରାଡମ୍ବର ଭାବେ ପୂଜା ଆୟୋଜନ ହୋଇଥିଲା। ତେଣୁ ଚଳିତ ବର୍ଷ କାଳୀପୂଜା ମହୋତ୍ସବ ଆଡମ୍ବର ସହକାରେ ପାଳନ ହେଉଛି। ପୂଜାରେ ସାଜସଜ୍ଜା, ଆଲୋକ ସଜ୍ଜା, ରକ୍ତଦାନ ଶିବିର, ଦଣ୍ଡନୃତ୍ୟ, ସୁନ୍ଦରାକାଣ୍ଡ ପାରାୟଣ ଓ ଭଜନ, ନୃତ୍ୟ ପ୍ରତିଯୋଗିତା, ସମ୍ବଲପୁରୀ ଲୋକନୃତ୍ୟ ଏବଂ ମେଲୋଡି ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରାୟ ୧୧ ଲକ୍ଷ ଟଙ୍କାର ଅଟକଳ କରାଯାଇଛି। ପୂଜା ମଣ୍ଡପ ଓ ପଡାର ସମସ୍ତ ରାସ୍ତାକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି। ୩୧ ତରିଖରେ ଶହୀଦ ପ୍ରତାପ କୁମାର ନାଏକଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ।

୫୪ ବର୍ଷ ପୂର୍ବରୁ ପଡାର ହିନ୍ଦୁ ଓ ମୁସଲିମ୍ ସମ୍ପ୍ରଦାୟର ଲୋକ ମିଳିତ ହୋଇ କାଳୀପୂଜା ଆରମ୍ଭ କରିଥିଲେ। ମୁସଲିମ୍ ସମ୍ପ୍ରଦାୟର ଲୋକେ ଏହି ପୂଜା କମିଟିର କର୍ମମର୍ତ୍ତା ଓ ସଭ୍ୟ ରହି ଆସୁଛନ୍ତି। ଏହି ପଡାରେ ପ୍ରାୟ ୮୦ ମୁସଲିମ ପରିବାର ବସବାସ କରୁଛନ୍ତି। ପୂଜାରେ ସର୍ବଧର୍ମ ସମନ୍ୱୟ ଓ ହିନ୍ଦୁ-ମୁସଲିମ୍ ଭାଇଚାରାର ବାର୍ତ୍ତା ଦେଖିବାକୁ ମିଳିଥାଏ। ଚଳିତ ବର୍ଷ ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ବେଶ ଆକର୍ଷଣୀୟ ହୋଇଛି। ପୂଜା ଉପଲକ୍ଷେ ହାତୀଶାଳ କଲ୍ୟାଣ ମଣ୍ଡପରେ ରବିବାର ଠାରୁ ମୀନାବଜାର ଖୋଲିଛି। ଛୋଟ ପିଲା ମାନେ ମୀନାବଜାରର ବେଶ ମଜା ନେଉଛନ୍ତି। କମିଟି ଉପଦେଷ୍ଟା ତଥା ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାମଧୂନ କ୍ଲବର ସମ୍ପାଦକ ବିକାଶ ପଣ୍ଡା ସଂଯୋଜନା କରିଥିଲେ। କ୍ଲବ ସମ୍ପାଦକ ପୀୟୁଷ କୁମାର ପଣ୍ଡା, ପୂଜା କମିଟି ସଭାପତି ସୁରଜ ସାହୁ, ସମ୍ପାଦକ ପୂରନ ନାଏକ, କୋଷାଧକ୍ଷ ରାଜୀବ ସାହୁ, କମିଟିର ଉପଦେଷ୍ଟା ଲଡ୍ଡୁକିଶୋର ମଲ୍ଲିକ, ବରିଷ୍ଠ ସଭ୍ୟ ହରିନାରାୟଣ ସାହୁ, ଶେଷଦେବ ମେହେର, ମାଧବ ଦାସ, ଜଗତବନ୍ଧୁ ତ୍ରିପାଠୀ, ଭକ୍ତିରଞ୍ଜନ ଦଳେଇ, ଜାଭେଦ ଖାନ, ରାଜ ମହମ୍ମଦ, ଅରବାଜ ଖାନ ଓ ମନୋରଞ୍ଜନ ତ୍ରିପାଠୀ ସମ୍ମିଳନୀରେ ଉପସ୍ଥିତ ରହି ପୂଜା, ରକ୍ତଦାନ ଶିବିର, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନଭେମ୍ବର ୮ତାରିଖରେ ଭସାଣୀ ଶୋଭାଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ।

# କପିଳେଶ୍ୱର ମନ୍ଦିର ଦାନବାକ୍ସରୁ ଚୋରି

**ବିନିକା, ୨୩।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚରଦା କପିଳେଶ୍ୱର ମନ୍ଦିରରେ ଥିବା ୩ ଦାନବାକ୍ସ ଭାଙ୍ଗି ମୁଖାପିନ୍ଧା ଦୁର୍ବୃତ୍ତ ଲୁଟ୍‌ପାଟ୍ କରିଥିବା ବିନିକା ଥାନାରେ ଅଭିଯୋଗ ହୋଇଛି। ରବିବାର ସକାଳେ ଅନୁସନ୍ଧାନକାରୀ କୁକୁର ସହାୟତାରେ ପୋଲିସ ଘଟଣାର ତନାଘନା ଚଳାଇଥିଲେ ହେଁ ଚୋରଙ୍କ ପତ୍ତା ପାଇ ପାରିନାହିଁ। ସିସି ଟିଭି ଫୁଟେଜରୁ ମିଳିଥିବା ତଥ୍ୟ ଅନୁସାରେ ଶନିବାର ବିଳମ୍ବିତ ରାତିରେ ୩ଜଣ ମୁଖାପିନ୍ଧା ବ୍ୟକ୍ତି ମନ୍ଦିର ପଛ କବାଟ ଭାଙ୍ଗି ଭିତରକୁ ପଶିଥିଲେ। ସେଠାରୁ ସିଂହଦ୍ୱାର, ମହାଦେବ ବାବାଙ୍କ ସମ୍ମୁଖ ଓ ଚରଦେଇ ମନ୍ଦିର ସମ୍ମୁଖରେ ଥିବା ଦାନବାକ୍ସକୁ ଭାଙ୍ଗି ସେଥିରେ ଥିବା ଟଙ୍କା ଚୋରି କରି ନେଇଛନ୍ତି । ଟ୍ରଷ୍ଟ ବୋର୍ଡ ସଭାପତିଙ୍କଠାରୁ ଖବର ପାଇ ବିନିକା ଥାନା ଅଧିକାରୀ ପବିତ୍ର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ସୋନପୁର ଏସ୍‌ଡିପିଓ ପୁଷ୍ପାଞ୍ଜଳି ମିଙ୍ଗ ଅନୁସନ୍ଧାନକାରୀ କୁକୁର ସହାୟତାରେ ତଦନ୍ତ କରିଥିଲେ। କୁକୁର ପ୍ରଥମେ ମହାପ୍ରଭୁଙ୍କ ରୋଷେଇ ଶାଳା, ପାର୍ବତୀ ମନ୍ଦିର ପଛପଟ ବାବାମଠ, ବାମ୍ପି ରାସ୍ତାଦେଇ ଚାଷ ଜମିରେ ଶନିଶ୍ଚର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ୨୦୧୧ ମସିହାରେ ମଧ ଏହି ମନ୍ଦିରରୁ ସୁନା ଅଳଙ୍କାର ଚୋରି ହୋଇଥିଲା। ଅଦ୍ୟାବଧି ଚୋର ଧରା ପଡିନାହିଁ କି, ଚୋରି ସାମଗ୍ରୀ ଉଦ୍ଧାର ହୋଇନାହିଁ।



ବିନିକା ପୋଲିସ ମନ୍ଦିରରେ ପହଞ୍ଚି ଘଟଣାର ତଦନ୍ତ କରୁଛି।

# ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ଅଞ୍ଚଳବାସୀ



ସଭାରେ ମନ୍ତ୍ରୀ ଓ ଅନ୍ୟମାନେ।

**ବୌଦ୍ଧ,୨୩।୧୦(ସ୍ୱ.ପ୍ର.)**

**ବୀରନରସିଂହପୁର ଉଚ୍ଚ ବିଦ୍ୟାଳୟ ଉଚ୍ଚ ମାଧମିକ ବିଦ୍ୟାଳୟକୁ ଉନ୍ନୀତ**

ବୌଦ୍ଧ ଜିଲାରେ ହାତ ଗଣତି କେତୋଟି ଯୁକ୍ତ ଦୁଇ ମହାବିଦ୍ୟାଳୟ ଥିବା ବେଳେ ଜିଲାର ଗ୍ରାମାଞ୍ଚଳରେ ରହୁଥିବା ବହୁ ଗରିବ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। କିଛି ଦିନ ତଳେ ରାଜ୍ୟ ସରକାର ଜିଲାର ଦୁଇଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧମିକ ବିଦ୍ୟାଳୟକୁ ଉନ୍ନୀତ କରିଥିଲେ । ଏହି ଦୁଇ ବିଦ୍ୟାଳୟ ହେଲା ହରଭଙ୍ଗା ବ୍ଲକର ବୀରନରସିଂହପୁର ସାଧୁଚରଣ ଉଚ୍ଚ ବିଦ୍ୟାଳୟ ଓ ବୌଦ୍ଧ ବ୍ଲକର ବ୍ରାହ୍ମଣପାଲି ଉଚ୍ଚ ବିଦ୍ୟାଳୟ । ବୀରନରସିଂହପୁର ସାଧୁଚରଣ ଉଚ୍ଚ ବିଦ୍ୟାଳୟ ଉଚ୍ଚ ମାଧମିକ ବିଦ୍ୟାଳୟକୁ ଉନ୍ନୀତ ହେବା ପରେ ଏହି ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ଏନେଇ ରବିବାର ଦିନ ଅଞ୍ଚଳର ୪ ଗୋଟି ପଞ୍ଚାୟତ ବୀରନରସିଂହପୁର, ସାମ୍ଭୋଚ, ମଥୁରା ଓ ରାଧାନଗରର ଅଧିବାସୀମାନେ ଉକ୍ତ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା କରିଥିଲେ । ପୂର୍ବତନ ସରପଞ୍ଚ ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ, ପାନୀୟଜଳ ଯୋଗାଣ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ମହାକୁଡ, ସୁଧାଂଶୁ ଶେଖର ପ୍ରଧାନ, ସଦାନନ୍ଦ ଦେହୁରୀ, ଗୋକୁଳ ପ୍ରଧାନ , ଅଧାପକ ପ୍ରବୀର ଦାସ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଓମ ପ୍ରକାଶ ପ୍ରଧାନ ଯୋଗ ଦେଇଥିଲେ । ଏହି ବିଦ୍ୟାଳୟ ଉଚ୍ଚ ମାଧମିକ ବିଦ୍ୟାଳୟରେ ଉନ୍ନୀତ ହୋଇଥିବା ଯୋଗୁ ଅଞ୍ଚଳବାସୀ ମନ୍ତ୍ରୀ ଅମାତଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ମନ୍ତ୍ରୀ ଅମାତ ଏହି ଉଚ୍ଚ ବିଦ୍ୟାଳୟ ମାଧମିକ ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ ହେବା ଯୋଗୁ ଅଞ୍ଚଳର ଛାତ୍ରୀଛାତ୍ର ଘରେ ରହି ଶିକ୍ଷା ଲାଭ କରିପାରିବେ ବୋଲି କହିଥିଲେ । ସଭାକୁ ନବକିଶୋର ଦୀପ ପରିଚାଳନା କରିଥିଲେ । ଦେବେନ୍ଦ୍ର କୁମାର ଦେହୁରୀ ଧନ୍ୟବାଦ ଦେଇଥିଲେ । ଶେଷରେ ଅଞ୍ଚଳବାସୀ ବୀରନରସିଂହପୁରଠାରୁ କରଡି ରାସ୍ତା,ଚମ୍ପାପୁର ଠାରୁ କେଳାକଟା ଓ ରାମ୍ଭିକଟା ଠାରୁ ସାମ୍ଭୋଚ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ କରିବାକୁ ଦାବି କରିଥିଲେ ।

## ଆୟୁର୍ବେଦିକ ମହାସଂଘ ପାଳିଲା ଧନ୍ୱନ୍ତରୀ ଜୟନ୍ତୀ

**ଅମରପାଲି, ୨୩।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁରପୁର ଜିଲା ଆୟୁର୍ବେଦିକ ମହାସଂଘ ତରଫରୁ ଧନ୍ୱନ୍ତରୀଙ୍କ ଜୟନ୍ତୀ ପାଳନ କରାଯାଇଛି। ବୀରମହାରାଜପୁର ବ୍ଲକ ଉଫୁଲାଠାରେ ଆୟୋଜିତ ଧନ୍ୱନ୍ତରୀ ଜୟନ୍ତୀ ପାଳନ ସଭାରେ ସଂଘ ସଭାପତି ଉପେନ୍ଦ୍ର ମେହେର ଅଧକ୍ଷତା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ କବିରାଜ ପ୍ରଫୁଲ୍ଲ ସାହୁ, ଗୋପାଳ ପଧାନ, ଲିଙ୍ଗରାଜ ମେହେର, ହୃଷିକେଶ ମେହେର, ଗଙ୍ଗାଧର ପରଡିଆ, ଗଦାଧର ବାଦୀ ଉପସ୍ଥିତ ଥିଲେ। ସଂଘ ସମ୍ପାଦକ ଗଦାଧର ବାଦୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ହକ୍ ପାଇଁ ଏକତ୍ରିତ ହୁଅ

**ସୋନପୁର, ୨୩।୧୦(ନି. ପ୍ର.)**

**ସୋନପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଗଠିତ**

ସୋନପୁର ଆଦର୍ଶ ବିଦ୍ୟାଳୟରେ ସୋନପୁର ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ପ୍ରାଥମିକ ବିଦ୍ୟାଳୟ ସଂଘ ସାଧାରଣ ସମ୍ପାଦକ ଦିଲୀପ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଶିକ୍ଷକମାନଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ନେଇ ସଭାରେ କ୍ଷୋଭ ପ୍ରକାଶ କରାଯାଇଥିଲା। ଏ ନେଇ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଶିକ୍ଷକ ସଂଘ ନିଷ୍ପତ୍ତି ନେଇଛି। ଏଥିପାଇଁ ସୋନପୁର ବ୍ଲକର ସମସ୍ତ ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଏକତ୍ରିତ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏଥିପାଇଁ ଏକ ମଧ୍ୟବର୍ତ୍ତିକାଳୀନ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଗଠନ ହୋଇଛି। ସର୍ବସମ୍ମତିକ୍ରମେ ସଭାପତିଭାବେ ଉମାକାନ୍ତ ମିଶ୍ର, କାର୍ଯ୍ୟକାରୀ ସଭାପତି ସୋନୁ କୁମାର ନାଏକ, ଉପସଭାପତି ଶଙ୍କର ମିଶ୍ର, ସାଧାରଣ ସମ୍ପାଦକ ହରିହର ସା, ସାଙ୍ଗଠାନିକ ସମ୍ପାଦକ ପ୍ରଭାସ ବେହେରା ଓ କୋଷାଧକ୍ଷଭାବେ ଶ୍ୟାମ ସୁନ୍ଦର ପାତ୍ରଙ୍କୁ ମନୋନୀତ କରାଯାଇଛି। ଆଗାମୀ ଦିନରେ ସରକାରଙ୍କ ଦ୍ୱାରା ଠିକାପଦ୍ଧତି ଉଚ୍ଛେଦ ପ୍ରକ୍ରିୟାରେ ଅନ୍ୟାନ୍ୟ କର୍ମଚାରୀଙ୍କ ପରି ଶିକ୍ଷକମାନଙ୍କୁ ସମାନ ସୁବିଧା ସୁଯୋଗ ଦେବାକୁ ଦାବି ଜଣାଇବାକୁ ପ୍ରସ୍ତାବ ନିଆଗଲା। ପୁରୁଣା ପେନସନ ଲାଗୁ କରିବାକୁ ମଧ ସରକାରଙ୍କୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଆସନ୍ତା ୧୦ଦିନ ମଧରେ ଦାବି ପୂରଣ ନ ହେଲେ ରାଜ୍ୟସ୍ତରରେ ହେବାକୁ ଥିବା ମିଳିତ ଶିକ୍ଷକ ସଂଘ ଆନ୍ଦୋଳନରେ ସାମିଲ ହେବାକୁ ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ଶିକ୍ଷକ ନେତା ଗୋପେସ ପଣ୍ଡାଙ୍କୁ ସଂଘର ମାର୍ଗଦର୍ଶକ ଭାବେ ମନୋନୀତ କରାଯାଇଛି। ବ୍ରତାନନ୍ଦ ଭୋଇ , ଓମ ପୂଝାରୀ, ଲିଙ୍ଗରାଜ ପ୍ରଧାନ, ଶଙ୍କର ଡାଙ୍ଗ, ଶ୍ୟାମ ସୁନ୍ଦର ସୁନା, ହେମନ୍ତ ମେହେର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଠିକା ଅବଧିକୁ ମୂଳ ଚାକିରିରେ ଗଣନା କର

**ସୋନପୁର,୨୩।୧୦(ନି.ପ୍ର.)**

**ମୁଖ୍ୟମନ୍ତ୍ରୀଙ୍କୁ ପ୍ରାଥମିକ ଶିକ୍ଷକ ସଂଘର ନିବେଦନ**

ଠିକା ନିଯୁକ୍ତି ଉଚ୍ଛେଦ ଘୋଷଣାକୁ ନେଇ ସୁବର୍ଣ୍ଣପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନସ୍‌ନ ଯୋଜନଭୁକ୍ତ) ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। କିନ୍ତୁ ସଂଘ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି, ଯେ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକମାନଙ୍କୁ ସାବତ ପୁଅ ଭଳି ବ୍ୟବହାର କରୁଛନ୍ତି। ଯେଉଁମାନଙ୍କଠାରୁ ଚୁକ୍ତିଭିତ୍ତିକ ପ୍ରଥା ଆରମ୍ଭ ହୋଇଥିଲା ବିଜ୍ଞାପନ ଅନୁସାରେ ସେମାନଙ୍କୁ ହିଁ ସୁବିଧା ସୁଯୋଗରୁ ବଞ୍ଚିତ କରାଯାଇଛି। ଠିକାରେ କାର୍ଯ୍ୟ କରିଥିବା ପ୍ରାଥମିକ ଶିକ୍ଷକଙ୍କ ୬ବର୍ଷର ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବାକୁ ସେମାନେ ସରକାରକୁ ଅନୁରୋଧ କରିଛନ୍ତି। ଜିଲା ସଂଘ ଆବାହକ ଦୋଳଗୋବିନ୍ଦ ପଣ୍ଡା କହିଛନ୍ତି, ୨୦୦୧ ମସିହାରେ ଓଡ଼ିଶାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହିଁ ଠିକା ନିଯୁକ୍ତି ପ୍ରଥା ଆରମ୍ଭ ହୋଇଥିଲା। ଶିକ୍ଷା ସହାୟକଭାବେ ନିଯୁକ୍ତି ପାଇ ମାସିକ ୧୫୦୦ ଟଙ୍କା ଭତ୍ତାରେ କାମ ଆରମ୍ଭ କରିଥିଲେ। ପରେ ୬ବର୍ଷିଆ ଠିକା ନିଯୁକ୍ତି ଓଡିଶାରେ କାର୍ଯ୍ୟ କଲେ। କିନ୍ତୁ ବିଜ୍ଞାପନ ଅନୁସାରେ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଠିକା କର୍ମଚାରୀଙ୍କ ଠିକା ନିଯୁକ୍ତି ଉଚ୍ଛେଦ କରାଯାଇଛି। ସେମାନଙ୍କ ୬ବର୍ଷର ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ୬ଟି ଇନକ୍ରିମେଣ୍ଟ ଦେଇ ଗଣନା କରାଯାଇଛି। ହେଲେ ପ୍ରାଥମିକ ବିଦ୍ୟାଳୟରେ ଠିକା କାର୍ଯ୍ୟକୁ ଆଜି ପର୍ଯ୍ୟନ୍ତ ମୂଳ ଚାକିରିରେ ଗଣନା କରାଗଲା ନାହିଁ। ଠିକାରେ ୮ ବର୍ଷ ଓ ୬ ବର୍ଷ କାର୍ଯ୍ୟ କରି ନିୟମିତ ହୋଇଥିବା ପ୍ରାଥମିକ ଶିକ୍ଷକଙ୍କୁ ରାଜ୍ୟ ସରକାର ପକ୍ଷପାତ କରିଛନ୍ତି। ଏହି ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ପୁନଃବିଚାର କରନ୍ତୁ ଓ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ମଧ ଚୁକ୍ତିଭିତ୍ତିକ ନିୟମ ମୂଳରୁ ଲାଗୁ କରନ୍ତୁ। ନଚେତ୍ ପ୍ରାଥମିକ ଶିକ୍ଷକ ସମାଜ ବାଧ ହୋଇ ରାସ୍ତାକୁ ଓହ୍ଲାଇବ। ଶିକ୍ଷା କ୍ଷେତ୍ରରେ ଉପୁଜିବା ପରିସ୍ଥିତି ପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ପଣ୍ଡା କହିଛନ୍ତି ।

# ପାଇପ ଜଳ ଯୋଗାଣ ସମସ୍ୟା ନେଇ ବୈଠକ



ବୈଠକରେ ଉପସ୍ଥିତ ଜନ ପ୍ରତିନିଧି।

**ଅମରପାଲି, ୨୩।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଅନ୍ତର୍ଗତ କମଲପୁର ଗାଁରେ ପାନୀୟ ଜଳ ବଣ୍ଟନରେ ସମସ୍ୟା ଲାଗି ରହିଛି। ଏହି ସମସ୍ୟାକୁ ନେଇ ରବିବାର ଉଫୁଲା ପଞ୍ଚାୟତ ସଭାଗୃହରେ ସରପଞ୍ଚ ଶ୍ରୀୟା କର୍ମୀଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଉପାଧକ୍ଷ ନାରାୟଣ ଲୁହା ଯୋଗଦେଇ କମଲପୁର ସମେତ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାଇପ ପାଣି ପାଇବାରୁ ବଞ୍ଚିତ ପରିବାରକୁ ଖୁବ୍‌ଶୀଘ୍ର ଜଳ ଯୋଗାଇ ଦିଆଯିବ ବୋଲି କହିଥିଲେ। ବିଭିନ୍ନ ସ୍ଥାନରେ ପାଇପ ଫାଟି ଜଳ ବଣ୍ଟନରେ ରହିଥିବା ସମସ୍ୟା ପ୍ରସଙ୍ଗ ବଲାଙ୍ଗୀର ଏମ୍‌ପି ପ୍ରତିନିଧି ନଳୀନି ପଣ୍ଡା ଉଠାଇ ତୁରନ୍ତ ସମାଧାନ ପାଇଁ କହିଥିଲେ। ଅନ୍ୟମାନଙ୍କ ମଧରେ ଆମ୍ବା ଅଧକ୍ଷ ବିବସ୍ୱତି ପଣ୍ଡା, ନାଏବ ସରପଞ୍ଚ କମଳିନୀ ମହାପାତ୍ର, ଏମବିକେ ପଦ୍ମାଳୟା ନନ୍ଦ, ୱାର୍ଡ ସଭ୍ୟାସଭ୍ୟ, ମହିଳା ସ୍ୱୟଂ ସହାୟକ ସଦସ୍ୟା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସଞ୍ଜୟ ସ୍ମାରକୀ କ୍ରିକେଟ: ଖୁଣ୍ଟୁଲାପାଲି ଚାମ୍ପିୟନ

**ଅମରପାଲି,୨୩।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନଟେଲା ପଞ୍ଚାୟତର ଦାଦରପାଲି ଗ୍ରାମରେ ଚାଲିଥିବା ୪ର୍ଥ ସଞ୍ଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଗୌଡଗାଡକୁ ହରାଇ ଖୁଣ୍ଟୁଲାପାଲି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟ ମ୍ୟାଚ ୧୨-୧୨ ଓଭର ବିଶିଷ୍ଟ ହୋଇଥିଲା। ଖୁଣ୍ଟୁଲାପାଲି ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ଉଇକେଟ ହରାଇ ୧୫୮ରନ କରିଥିଲା। ଜବାବରେ ଗୌଡଗାଡ ଦଳ ୧୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୮୯ରନ କରିଥିଲା। ଦ୍ୱିତୀୟ ଫର୍ମାଟ ଟି ୬-୬ଓଭର ବିଶିଷ୍ଟ ହୋଇଥିଲା। ଏଥିରେ ଖୁଣ୍ଟୁଲାପାଲି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ଓଭରରେ ୮ ଉଇକେଟ ହରାଇ ୬୯ରନ କରିଥିଲା। ଜବାବରେ ଗୌଡଗାଡ ଦଳ ୬ ଓଭରରେ ୪ ଉଇକେଟ ହରାଇ ୫୩ ରନ କରି ପରାସ୍ତ ହୋଇଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଖୁଣ୍ଟୁଲାପାଲୋ ଦଳ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସରପଞ୍ଚ ରଞ୍ଜିତ ଖେତି ମୁଖ୍ୟ ଅତିଥି, ଲମ୍ବୋଦର ମହାକୁର ଓ କ୍ରୀଡାବିତ୍ ସୋମନାଥ ମହାକୁର ସମ୍ମାନୀତ ଅତିଥିଭାବେ ଯୋଗଦେଇ ଖୁଣ୍ଟୁଲାପାଲିର କହ୍ନେଇ ପାତ୍ରଙ୍କୁ ମ୍ୟାନ ଅଫ ଦି ଫାଇନାଲ ଓ ଶଙ୍କର ପାତ୍ରଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରିଥିଲେ। ଚାମ୍ପିୟନ ଖୁଣ୍ଟୁଲାପାଲି ଦଳକୁ ଟ୍ରଫି ସହିତ ନଗଦ ୩ହଜାର ୩୩୩ ଏବଂ ରନର୍ସ ଅପ ଗୌଡଗାଡ ଦଳକୁ ଟ୍ରଫି ସହିତ ନଗଦ ୨ହଜାର ୨୨୨ଟଙ୍କା ପ୍ରଦାନ କରାଯାଇଥିଲା।



ଅତିଥିଙ୍କ ସହିତ ଚାମ୍ପିୟନ ଖୁଣ୍ଟୁଲାପାଲି ଦଳ।

**ସଂକ୍ଷେପରେ**

## ସ୍ୱାମୀ ହତ୍ୟାକାରୀ ସ୍ତ୍ରୀ ଗିରଫ



ଗିରଫ ଯଶୋଦା ଭୋଇ।

**ବଲାଙ୍ଗୀର ଅଫିସ/ଗୁଡଭେଲା, ୨୩।୧୦ (ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ତୁଷରା ଥାନା ଅନ୍ତର୍ଗତ ମହୀପୁର ଗ୍ରାମରେ ଶୁକ୍ରବାର ସ୍ୱାମୀଙ୍କୁ ହତ୍ୟା କରି ଫେରାର ହୋଇଯାଇଥିବା ସ୍ତ୍ରୀଙ୍କୁ ପୋଲିସ ରବିବାର ଗିରଫ କରିଛି। ସକାଳେ ବୁରୋମାଲ-ସମରା ରାସ୍ତାରୁ ପୋଲିସ ତାଙ୍କୁ ଧରିଥିଲା। ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଶନିବାର ରାତି ପ୍ରାୟ ୨ଟାରେ ଦିବ୍ୟସିଂ ଭୋଇଙ୍କୁ ହତ୍ୟା କରି ତାଙ୍କ ସ୍ତ୍ରୀ ଯଶୋଦା ଫେରାର ହୋଇଯାଇଥିବା ନେଇ ତୁଷରା ଥାନାରେ ଏକ ମାମଲା (୧୬୨/୨୨) ରୁଜୁ ହୋଇଥିଲା। ପୋଲିସ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ ଶୁକ୍ରବାର ରାତି ପ୍ରାୟ ୨ଟାରେ ଯଶୋଦା ଘରର ଦାଣ୍ଡ କବାଟ ଜୋରରେ ଖୋଲିବାରୁ ପାଖରେ ଶୋଇଥିବା ଦିବ୍ୟସିଂଙ୍କ ଭାଇ ଦୀପକ ଭୋଇ ଉଠିପଡିଥିଲେ। କାହିଁକି ଏତେ ଜୋରରେ କବାଟ ଖୋଲୁଛ ବୋଲି ସେ ଭାଉଜଙ୍କୁ ପଚାରିଥିଲେ। ହେଲେ ଯଶୋଦା କିଛି ନକହି ଦୌଡ଼ି ସେଠାରୁ ବାହାରକୁ ପଳେଇ ଯାଇଥିଲେ। ଦୀପକ କିଛି ବୁଝି ନ ପାରି ଭାଇ ଦିବ୍ୟସିଂଙ୍କୁ ଡାକିଥିଲେ। କୌଣସି ଉତ୍ତର ନ ପାଇବାରୁ ଘର ଭିତରକୁ ଗଲା ପରେ ଦିବ୍ୟସିଂଙ୍କ ରକ୍ତ ଜୁଡୁବୁଡୁ ଶରୀର ପଡିଥିଲା। ତାଙ୍କ ଚିତ୍କାର ଶୁଣି ଘରର ଅନ୍ୟ ସଦସ୍ୟ ଉଠିଥିଲେ। ଦିବ୍ୟସିଂଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ନିଆଯାଇଥିଲା। ହେଲ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଥାନାଧିକାରୀ ସଞ୍ଜୀବ କୁମାର ପଧାନ ଘଟଣାସ୍ଥଳକୁ ସାଇଣ୍ଟିଫିକ୍ ଟିମ ଡକାଇ ଛାନବିନ୍ କରିଥିଲେ। ଘଟଣାସ୍ଥଳରୁ ଏକ ରକ୍ତଲଗା ଲୁହା କୁରାଢ଼ି ପୋଲିସ ଜବତ କରବା ସହ ଫେରାର ଯଶୋଦାଙ୍କୁ ଖୋଜୁଥିଲା ।

## ଦୁର୍ଘଟଣାରେ ୩ ଗୁରୁତର

**ଖଡ଼ିଆଲ,୨୩।୧୦(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଲ କଣ୍ଟାବାଞ୍ଜି ରାସ୍ତା ପାର୍ଶ୍ୱରେ ଥିବା ଅସ୍ଥାୟୀ ବାଣ ଦୋକାନଠାରେ ଦୁର୍ଘଟଣାରେ ୫ଜଣ ଆହତ ହୋଇଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ ରବିବାର ସନ୍ଧ୍ୟା ୫ଟାରେ କଣ୍ଟାବାଞ୍ଜିରୁ ଖଡ଼ିଆଲ ଆସୁଥିବା ଏକ କାର୍ ରାସ୍ତା କଡରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ବାଣ କିଣିବାକୁ ସ୍କୁଟିରେ ଯାଉଥିବା ପରିବାରର ୩ଜଣ ବାପା କିଶୋର ଶର୍ମା, ଝିଅ ଶ୍ରଦ୍ଧା ଓ ପୁତୁରା ଜଣେ ଶିଶୁଙ୍କୁ ଧକ୍କା ଦେଇଥିବାରୁ ୨୦ଫୁଟ ଦୂରରେ ଛିଟିକି ପଡ଼ିଥିଲେ। ଗାଡି ଚାଳକ ଯୋଗେନ୍ଦ୍ର ଭୋଇ ଓ ଗାଡ଼ିରେ ବସିଥିବା ରିତିକ ବନଛୋର ମଧ ଆହତ ହୋଇଛନ୍ତି। ସେଥି ମଧ୍ୟରେ କିଶୋର ଓ ଶ୍ରଦ୍ଧା ଗୁରୁତର ଥିବାରୁ ରାୟପୁର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାର ଶିକାର ହୋଇଥିବା ପରିବାର ଖଡ଼ିଆଲ ଗଡ୍ରାମୁଣ୍ଡାର ବୋଲି ଜଣାପଡ଼ିଛି । ଦୁର୍ଘଟଣାରେ ୩ ବାଇକ୍ ଓ ସାଇକେଲ କ୍ଷତି ହୋଇଥିବା ଜଣାଜଣା ପଡ଼ିଛି ।

# ଆୟୁର୍ବେଦ ଦିବସରେ ସ୍ୱାସ୍ଥ୍ୟ ଶିବିର, ଖାଦ୍ୟମେଳା

**ବଲାଙ୍ଗୀର ଅଫିସ,୨୩।୧୦**

ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟରେ ଶବିବାର ସପ୍ତମ ଆୟୁର୍ବେଦ ଦିବସ ପାଳିତ ହୋଇଥିଲା। ଆୟୁର୍ବେଦର ପ୍ରବର୍ତ୍ତକ ଭଗବାନଶ୍ରୀଧନ୍ୱନ୍ତରୀଙ୍କ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠାନରେ ବିଶେଷ ପୂଜା ଅନୁଷ୍ଠିତ ହୋଇଥିଲା। ଆୟୁର୍ବେଦର ବାର୍ତ୍ତା ସାଧାରଣ ଜନସାଧରଣଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ରବିବାର ସକାଳେ ଅନୁଷ୍ଠାନ ଛାତ୍ରୀଛାତ୍ର ତଥା ଶିକ୍ଷକମାନେ ମିଳିତ ଭାବେ ଏକ ଜନସଚେତନ ପଦଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହି ପଦଯାତ୍ରାକୁ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ଅରୁଣ କୁମାର ଦାସ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ପଦଯାତ୍ରା ସହରର ଭାଗିରଥି ଛକ, ପିପି ଏକାଡେମୀ, ରମାଇଁ ଟକିଜ୍, ଦୈନିକ ବଜାର, ବିକ୍ରମ ଛକ, ରେଳ ଷ୍ଟେସନ ରୋଡ ଏବଂ ରୁଗୁଡିପଡା ମାର୍ଗ ଦେଇ କଲେଜକୁ ଫେରିଥିଲା।

ପରେ ଚିକିତ୍ସାଳୟ ପରିସରରେ ସ୍ୱାସ୍ଥ୍ୟ ଶିବିର, ଖାଦ୍ୟ ମେଳା ଅନୁଷ୍ଠିତ ହୋଇଥିଲା। ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର



ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜରେ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ଖାଦ୍ୟମେଳାକୁ ବିଧାୟକ ନରସିଂହ ମିଶ୍ର ବୁଲି ଦେଖୁଛନ୍ତି।

**ବଲାଙ୍ଗୀର ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ**

ଆୟୁର୍ବେଦିକ କଲେଜ ପକ୍ଷରୁ ଅନେକ ଭଲ ପଦକ୍ଷେପ ନିଆଯାଉଛି। ସମସ୍ତଙ୍କ ସହଯୋଗରେ ଏହି କଲେଜର ଉନ୍ନତି କରାଯିବ। କିଛି କାମ ସରିଛି ଆଉ କିଛି କାମ କରିବାର ଅଛି ବୋଲି ବିଧାୟକ ମିଶ୍ର କହିଥିଲେ। ସ୍ୱାସ୍ଥ୍ୟ ଶିବିରକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ମହେନ୍ଦ୍ର ମହାପାତ୍ର ଉଦ୍ଘାଟନ କରି ହଜାର ବର୍ଷ ପୁରୁଣା ଆୟୁର୍ବେଦ ଉପରେ କହି ବିଜ୍ଞାନ ସମ୍ମତ ଜ୍ଞାନ କୌଶଳ ସହ ଆୟୁର୍ବେଦ ଆଗକୁ ବଢୁ ବୋଲି କହିଥିଲେ। ସମ୍ମାନିତ ଅତିଥି ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ସ୍ୱାସ୍ଥ୍ୟ ଶିବିର ତଥା ଖାଦ୍ୟ ମେଳାକୁ ବୁଲି ଦେଖିବା ସହ ସୁସ୍ଥ ସମାଜ ଗଠନ ଦିଗରେ ଆୟୁର୍ବେଦର ବଡ ଭୂମିକା ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପୁରାତନ ଛାତ୍ର, ଅବସରପ୍ରାପ୍ତ ବରିଷ୍ଠ ଚିକିତ୍ସକ ଡା.ବିପିନ ବିହାରୀ ମିଶ୍ର, ଡା. ଗୋପାଳକୃଷ୍ଣ ମିଶ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱାସ୍ଥ୍ୟ ଶିବିରରେ ବିଭିନ୍ନ ରୋଗୀଙ୍କ ଚିକିତ୍ସା ବିଶେଷଜ୍ଞ ଚିକିତ୍ସକ ମାନଙ୍କ ଦ୍ୱାରା କରାଯାଇଥିଲା। ଏହି ଅବସରରେ ରକ୍ତ ଶର୍କରା ନିରୂପଣ, ଅନ୍ୟାନ୍ୟ ରକ୍ତ ପରୀକ୍ଷା, ଔଷଧ ବଣ୍ଟନ, ଔଷଧୀୟ ଚାରା ବଣ୍ଟନ ତଥା ଜନସାଧାରଣଙ୍କ ନିମନ୍ତେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଶିଶୁମାନଙ୍କ ଶାରୀରିକ, ମାନସିକ ତଥା ବୌଦ୍ଧିକ ବିକାଶ ନିମନ୍ତେ ସ୍ୱର୍ଣ୍ଣପ୍ରାଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ୫୦ ଜଣ ଛାତ୍ରୀଛାତ୍ର ବିଭିନ୍ନ ଖାଦପେୟ ପ୍ରସ୍ତୁତି ପ୍ରଣାଳୀ ତଥା ଏହାର ଉପଯୋଗିତା ବିଷୟରେ ଖାଦ୍ୟ ମେଳାରେ ଲୋକଙ୍କୁ ବୁଝାଇ ଉଚ୍ଚ ପ୍ରଶଂସିତ ହୋଇଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପରୋକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନ ପ୍ରଫେସର ଡା. ଉନୋଜ କୁମାର ସାହୁ, ପ୍ରଫେସର ଡା. ଶିବବ୍ରତ ବେହେରା, ପ୍ରଫେସର ଡା. ସରିତା ମହନ୍ତ, ପ୍ରଫେସର ଡା. ସୀମାଦ୍ରୀ ଭୂଷଣ ନାୟକ, ଅଧ୍ୟାପକ ଡା. ବୁଦ୍ଧଦେବ ମିଶ୍ର, ଛାତ୍ର ସଂସଦ ସଭାପତି ସତ୍ତ୍ୱମ ଚନ୍ଦ୍ରାକର, ସାଧାରଣ ସମ୍ପାଦକ ବୁଲୁ ମେହେର, ଉପସଭାପତି ସନ୍ଦୀପ ମେହେର ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ରୀ, ଗୃହ ଚିକିତ୍ସକ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଲକ୍ଷେଘର ଗଣ୍ଡା ସମାଜ ନୂତନ କର୍ମକର୍ତ୍ତା ଚୟନ

**ଲାଠୋର,୨୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲକ୍ଷେଘର ଗଣ୍ଡା ସମାଜ ସଭାପତି ଛିନୁ ଟାକ୍ରିଙ୍କ ନେତୃତ୍ୱରେ ରବିବାର କରୁଆଝର ପଞ୍ଚାୟତ କମିଟି ଗଠନ ସହ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ପଞ୍ଚାୟତ ଅଧିନ ୫ଖଣ୍ଡ ଗ୍ରାମର ଗଣ୍ଡା ସମ୍ପ୍ରଦାୟ ଅଧିବାସୀଙ୍କୁ ନେଇ ଚାଉଲଡ଼ିଆ ଗ୍ରାମରେ ଏକ ବୈଠକ ହୋଇଥିଲା। ବୈଠକରେ ତୃଣମୂଳସ୍ତରରେ ସମାଜ କେମିତି ଆଗକୁ ଆଗେଇବ ସେ ଉପରେ ଆଲୋଚନା ହୋଇଥିଲା। ପରେ ଉପସ୍ଥିତ ଅଧିବାସୀଙ୍କ ସହମତିକ୍ରମେ ସଭାପତି ଜଳନ୍ଧର ମହାନନ୍ଦ, ଉପସଭାପତି ସୁରୁନାରାୟଣ ତାଣ୍ଡି, ସମ୍ପାଦକ ପଞ୍ଚୁ କୁମ୍ଭାର, ଯୁଗ୍ମ ସମ୍ପାଦକ କୈବଲ୍ୟ ତାଣ୍ଡି, କୋଷାଧକ୍ଷଭାବେ ଗୌରୀଶଙ୍କର ବାରିକଙ୍କୁ ମନୋନୀତ କରାଯାଇଥିଲା। ବ୍ଲକ ସମ୍ପାଦକ ମୋହନ ସୁନା କାର୍ଯ୍ୟକ୍ରମ ପରିଚାଳନା, ସନ୍ତୋଷ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆପଡ଼ା ଗସ୍ତରେ ହାଇକୋର୍ଟ ବିଚାରପତି

**ନୂଆପଡ଼ା ଅଫିସ,୨୩।୧୦**

ନୂଆପଡା ଜିଲା ଦିନିକିଆ ଗସ୍ତରେ ଆସି ଓଡିଶା ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀ ଜିଲା ସଦର ମହକୁମା ଜିଲା ଦୌରାଜଜ୍‌ଙ୍କ ଅଦାଲତ, ଜିଲା ମୁଖ୍ୟ ବିଚାର ବିଭାଗୀୟ ଅଦାଲତ ତଥା ଅନ୍ୟ ଅଦାଲତଗୁଡିକର ପ୍ରତ୍ୟେକ୍ଷ ନିରୀକ୍ଷଣ କରିଥିଲେ। ଏହି ଅବସରରେ ଜିଲା ସଦର ମହକୁମାସ୍ଥିତ ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲ। ଏହି ଆଲୋଚନା ସଭାରେ ଜିଲାର ସମସ୍ତ ବାରର ଓକିଲମାନେ ଅଂଶ ଗ୍ରହଣ କରିଥିବା ବେଳେ ବିଚାରପତି ଶତପଥୀ, ଜିଲା ଦୌରାଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ, ଜିଲା ବାର ଆସୋସିଏଶନ ସଭାପତି ପ୍ରସନ୍ନ କୁମାର ପାଢୀ, ଉପସଭାପତି ପ୍ରକାଶ କୁମାର ସ୍ୱାଇଁ, ସମ୍ପାଦକ ଅଶ୍ୱନୀ ବାଗ,




ବିଚାରପତିଙ୍କୁ ଫଟୋଚିତ୍ର ପ୍ରଦାନ କରାଯାଉଛି।

ଜିଲା ସିଭିଲ ବାର ଉପଦେଷ୍ଟା ବିଶ୍ୱମଣୀ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ଗସ୍ତରେ ଥିବା ବିଚାରପତିଙ୍କୁ ଜିଲା ଓକିଲମାନଙ୍କ ପକ୍ଷରୁ ଜିଲାର ଐତିହ କଳା ସଂସ୍କୃତି ପର୍ଯ୍ୟଟନ ସ୍ଥଳିର ଏକ ଫଟୋଚିତ୍ର ସ୍ମୃତିଚିହ୍ନ ସ୍ୱରୂପ ପ୍ରଦାନ କରିଥିଲେ।

## ମୃତାଙ୍କ ଗାଁରେ ପହଞ୍ଚିଲା ବନ ବିଭାଗ, ପୋଲିସ

**ହାତୀ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ ଘଟଣା**

**ଖପ୍ରାଖୋଲ, ୨୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଦୁଇ ଦନ୍ତା ହାତୀ ଶୁକ୍ରବାର ରାତିରେ ଆତଙ୍କ ସୃଷ୍ଟି କରିଥିଲେ। ଲାଠୋର ସହରରେ ପଶିବା ପରେ ସେମାନେ ଶନିବାର ଫୁଲକିମୁଣ୍ଡା, ପିଙ୍ଗଲମୁଣ୍ଡା, ତେଲେନପାଲି, କର୍ଲାମାଲ, ଜୁନାନୀବାହାଲ ଗାଁ ମଝିରେ ଯାଇଥିଲେ। ଭୟରେ ଗାଁରେ ତାଟିକିବାଟ ପଡି ଯାଇଥିଲା। ବିଳମ୍ବିତ ରାତିରେ ବାଗଝରଣ ଗାଁରେ ପହଞ୍ଚି ଥିଲେ ୨ଦନ୍ତା। ଶୌଚ ପାଇଁ ଘର ବାହାରକୁ ବାହାରି ଥିବା ବାସନ୍ତୀ ଅଙ୍ଗରିଆ(୭୦) ହାତୀ ହାବୁଡରେ ପଡିଥିଲେ। ରବିବାର ସକାଳେ ବନବିଭାଗ ଓ ପୋଲିସ ବାଗଝରଣ ଗାଁରେ ପହଞ୍ଚି ବୃଦ୍ଧାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ଅପମୃତ୍ୟୁ ମାମଲା(୧୨/୨୨)ରୁଜୁ ହୋଇଥିବା ହରିଶଙ୍କର ଫାଣ୍ଡି ଅଧିକାରୀ ସେନ କେରକେଟା ପ୍ରକାଶ କରିଛନ୍ତି। ସେହିପରି ବନବିଭାଗ ତରଫରୁ କ୍ଷତିପୂରଣ ବାବଦ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ କାଗଜପତ୍ର ସଂଗ୍ରହ କରାଯାଇଥିବା ହରିଶଙ୍କରବନାଞ୍ଚଳ ଅଧିକାରୀ ଗିରଧାରୀ ନାଗ ପ୍ରକାଶ କରିଛନ୍ତି। ଖବର ଲେଖା ହେବା ଯାଏ ୨ ହାତୀ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ବ୍ରାହ୍ମଣୀ, ଚାବରିପାଲି ଦେଇ ସୀମାନ୍ତ ବରଗଡ ଜିଲାକୁ ପଳାଇ ଯାଇଥିବା ବନବିଭାଗ ସୂଚନା ଦେଇଛି।

# ସତର୍କ ନ ରହିଲେ ଆଗକୁ ଭୟଙ୍କର ପରିସ୍ଥିତି



ଜଳବାୟୁ ପରିବର୍ତ୍ତନ ଉପରେ ବାହାରିଥିବା ସଚେତନତା ରାଲି ।

**ଜଳବାୟୁ ପରିବର୍ତ୍ତନ ଉପରେ କର୍ମଶାଳା**

**ଲୋଇସିଂହା,୨୩।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କୁରୁରାପାଲି ଗ୍ରାମରେ ବ୍ଲକ କୃଷି ଓ ବନ ବିଭାଗ ମିଳିତ ଆନୁକୂଲ୍ୟରେ ଜଳବାୟୁ ପରିବର୍ତ୍ତନ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ସ୍ଥାନୀୟ ସରପଞ୍ଚ କିରଣ ସାହୁ ଅଧ୍ୟକ୍ଷତା କରିଥିଲେ । ଏଥିରେ ବ୍ଲକ ସହକାରୀ କୃଷି ଅଧିକାରୀ ସୁଶୀଲ କୁମାର ସେଠୀ, ସରଗାଡ ଫରେଷ୍ଟର ସୁନୀଲ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ଜଳବାୟୁ ପରିବର୍ତ୍ତନର କାରଣ ଓ ନିରାକରଣ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଜଙ୍ଗଲ ଧ୍ୱଂସ ଯୋଗୁ ବନ୍ୟଜନ୍ତୁ ଗାଁ ମୁହାଁ ହୋଇ ଫସଲ ଏବଂ ଧନଜୀବନ ନଷ୍ଟ ହେଉଛି। ଅନେକ ସମୟରେ ହାତୀ-ମଣିଷର ଲଢେଇ ଦେଖିବାକୁ ମିଳୁଛି। ଏଦିଗରେ ଜନସାଧାରଣ ସତର୍କ ଓ ସଚେତନ ନ ରହିଲେ ଆଗାମୀ ଦିନରେ ଆହୁରୀ ଭୟଙ୍କର ପରିସ୍ଥିତି ସାମ୍ନା କରିବାକୁ ପଡିବ ବୋଲି କର୍ମଶାଳାରେ ଚିନ୍ତା ପ୍ରକଟ କରିଥିଲେ ଫରେଷ୍ଟର ସୁନୀଲ ମିଶ୍ର । ଏହି ପରିସ୍ଥିତିରେ ପୁଣି ଜଙ୍ଗଲ ସଜାଡିବାକୁ ପଡିବ। ବ୍ୟାପାକ ମାତ୍ରାରେ ଗଛ ଲଗାଇବାକୁ ଜନସାଧାରଣଙ୍କୁ ଏହି ଅବସରରେ ସେ ଆହ୍ୱାନ ଜଣାଇଥିଲେ। ପରେ ଏକ ସଚେତନତା ରାଲି ଗାଁ ପରିକ୍ରମା କରିଥିଲା । ଶେଷରେ ଗ୍ରାମ ମିଶନ ଶକ୍ତି ଗୃହ ନିକଟରେ ସାମୂହିକ ଚାରାରୋପଣ କରାଯାଇଥିଲା।

# ଓଷ୍ଟା ବୋଡେନ ବ୍ଲକ ଶାଖାର ବୈଠକ

**ବୋଡେନ,୨୩।୧୦(ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକ ଧରଣୀମାଲ ହାଇସ୍କୁଲରେ ଓଷ୍ଟା ବୋଡେନ ବ୍ଲକ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାବେବୀର ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପତିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଓଷ୍ଟା ନୂଆପଡା ଜିଲା ସଭାପତି ବନ ବିହାରୀ ମେହେର, ଜିଲା ସମ୍ପାଦକ ରବିନ୍ଦ୍ରନାଥ ଯୋଷୀ, ସିନାପାଲି ବ୍ଲକ ସମ୍ପାଦକ ସୁବାଷ ସାହୁ, ବୋଡେନ ବ୍ଲକ ସମ୍ପାଦକ ସିମାଞ୍ଚଳ ଦାସ, ଧରଣୀମାଲ ପ୍ରଧାନ ଶିକ୍ଷକ ଲିଙ୍ଗରାଜ କଟା, ଜିଲା ଯୁଗ୍ମ ସମ୍ପାଦକ ପ୍ରିୟ ମରୀ ବେହେରା ମଞ୍ଚସୀନ ଥିଲେ। ବୋଡେନ ବ୍ଲକ ସମ୍ପାଦକ ଦାସ ବୈଠକର ଉଦ୍ଦେଶ୍ୟ ଜ୍ଞାପନ ସହ ବିବରଣୀ ପାଠ କରିଥିଲେ। ବୈଠକରେ ସପ୍ତମ ବେତନ କମିଶନ ତଥା ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଜିଲା ସମ୍ପାଦକ ଯୋଷୀ ଶିକ୍ଷକଙ୍କ ସମସ୍ୟା ନେଇ ଓଷ୍ଟା ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ପୁଣି ସଂଘ ପକ୍ଷରୁ ପ୍ରତିବର୍ଷ ଭଳି ଶିଶୁ ପ୍ରତିଭା ଚୟନ ପରୀକ୍ଷା ଓ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଆୟୋଜନ ନେଇ ଆଲୋଚନା ହୋଇଥିଲା। ଏଥିରେ ସର୍ବସମ୍ମତିକ୍ରମେ କରଙ୍ଗାମାଲ ହାଇସ୍କୁଲରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ ପାଳନ ନେଇ ସ୍ଥିର କରାଯାଇଛି। ବୈଠକରେ ବୋଡେନ ବ୍ଲକ ଓଷ୍ଟା ଶାଖା ସଦସ୍ୟ ଓ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମୁରିବାହାଲ ବ୍ଲକ ଡ୍ରାଇଭର ସଂଘର ବୈଠକ

**ମୁରିବାହାଲ,୨୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଡ୍ରାଇଭର ସଂଘର ଏକ ବୈଠକ ସ୍ଥାନୀୟ ରାଧାକୃଷ୍ଣ ଓ ଶିବ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଡ୍ରାଇଭର ସଂଘର କାର୍ଯ୍ୟକାରୀ ସଭାପତି ବିକି ମହାରଣା ବୈଠକରେ ଅଧକ୍ଷତା କରି କହିଥିଲେ ଯେ, ମହାସଂଘ ତରଫରୁ ଗତ ୨ବର୍ଷ ଧରି ବିଭିନ୍ନ ସମସ୍ୟାକୁ ନେଇ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଥିଲେ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ବୈଠକରେ ବ୍ଲକ ଡ୍ରାଇଭର ସଂଘ ସଭାପତି ଦୁଷ୍ମନ୍ତ ପଧାନ, ବ୍ଲକ ଡ୍ରାଇଭର ୟୁନିୟନର ସଭାପତି ଦେବେନ୍ଦ୍ର ହାତୀ, ସଂଘର କୋଷାଧକ୍ଷ ନେତ୍ରାନନ୍ଦ ମାଝି, ସୁରେଶ ଖାଡିଆ ବକ୍ତବ୍ୟ ରଖିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ୨୦୨୧ ଅକ୍ଟୋବର ୧୮ ତାରିଖରେ ଭୁବନେଶ୍ୱରଠାରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ତନ୍ମଧ୍ୟରୁ ୫ଟି ଦାବିକୁ ପୂରଣ କରାଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ୧ବର୍ଷ ବିତିଯାଇଥିଲେ ହେଁ ଉକ୍ତ ଦାବିଗୁଡିକ ବିଷୟରେ ଚିନ୍ତା କରାଯାଇ ନାହିଁ ବୋଲି ସଂଘର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଏ ନେଇ ସମ୍ବଲପୁରଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଦଣ୍ଡ ପଦଯାତ୍ରା ଚାଲିଛି। ଉକ୍ତ ପଦଯାତ୍ରାରେ ସାମିଲ ହେବାପାଇଁ ସଂଘ ତରଫରୁ ନିଷ୍ପତ୍ତି ଗ୍ରହଣ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁରିବାହାଲ ବ୍ଲକର ୨୨ ପଞ୍ଚାୟତର ସଂଘ ସଭାପତି, ଏଡ଼ମିନ ଓ ଶତାଧିକ ଡ୍ରାଇଭର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜକସନ ସେଲେମା, ଚିତ୍ରସେନ ହାତୀ, ପବିତ୍ର ମହାଲିଙ୍ଗ, ବିକ୍ରମ କର୍ମୀ, ଜନାର୍ଦ୍ଦନ ପୁଟଲ, ରାଜିତ ବାଗ, ରଷବ ବାଗ, ଗିରିଧାରୀ ଦାସ ପ୍ରମୁଖ ସହଯୋଗ କରିଥିଲେ।



ବୈଠକରେ ଉପସ୍ଥିତ ମୁରିବାହାଲ ବ୍ଲକ ଡ୍ରାଇଭର ସଂଘ ସଦସ୍ୟ।

# ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ

**କଣ୍ଟାବାଞ୍ଜି,୨୩।୧୦(ଡି.ଏନ.ଏ.)**

**ଯାଦବ ବୁଦ୍ଧିଜୀବୀ ମଞ୍ଚ ଜୋନ୍‌ସ୍ତରୀୟ ସମ୍ମିଳନୀ**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ କନାବିରା ଗ୍ରାମରେ ଯାଦବ ବୁଦ୍ଧିଜୀବୀ ମଞ୍ଚ ଓଡିଶାର ଜୋନ୍‌ସ୍ତରୀୟ ପରିଚୟ ସମ୍ମିଳନୀ ଓ ଆଲୋଚନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକକ ସଂଖ୍ୟାଗରିଷ୍ଠ ଯାଦବମାନଙ୍କ ପ୍ରତିନିଧିତ୍ୱ ଉପରେ ଆଲୋଚନା ହୋଇଥିଲା । ସଭାରେ ବଙ୍ଗୋମୁଣ୍ଡା ବ୍ଲକ ଯାଦବ ମହାସଭା ସଭାପତି ରାଧେଶ୍ୟାମ କେତକୀ ଅଧକ୍ଷତା କରିଥିଲେ। ଗଣତନ୍ତ୍ରରେ ଯାଦବ ମାନଙ୍କ ପ୍ରତିନିଧିତ୍ୱ ଓ ହକ୍ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥିଭାବେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ସୁପାରୀ ଠେଲା, ସମ୍ମାନୀତ ଅତିଥିଭାବେ ଭବାନୀପାଟଣା ମ୍ୟୁନିସିପାଲିଟି ଅଧକ୍ଷା ସଂଯୁକ୍ତା ବେହେରା, କେସିଙ୍ଗା ଏନଏସି ଅଧକ୍ଷା ନୃପରାଜ ଯାଦବ, ବଲାଙ୍ଗୀର ପଞ୍ଚାୟତ ସମିତି ଅଧକ୍ଷା ସରିତା ବାଗ, ଅବସରପ୍ରାପ୍ତ ଅଣ୍ଡର ସେକ୍ରେଟାରୀ




ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

**ବ୍ୟବସ୍ଥାପିକା ସଭାରେ ମିଳୁ ଅଧିକ ଜନ ପ୍ରତିନିଧିତ୍ୱ**

ଓଡିଶା ମଧୁସୂଦନ ଯାଦବ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଅମରେନ୍ଦ୍ର ନାରାୟଣ ଯାଦବ, ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ.ବିରାଜ ବାଗ, ଉତ୍କଳ ଯାଦବ ମହାସଭା ରାଜ୍ୟ ସଭାପତି ଲକ୍ଷ୍ମଣ ବାଗ, ଆଇନଜୀବୀ ଜହରଲାଲ ବାଗ, ତପନ ଯୁଆଡି, ଭରତଲାଲ ରାଉତ, ଆଇନଜୀବୀ ଯୋଗେନ୍ଦ୍ର ବଛା, ଦାମୋଦର ଚନ୍ଦନ, ବଳରାମ ଚନ୍ଦନ, ଧବଳେଶ୍ୱର ମନହୀରା, ଶ୍ୟାମପ୍ରସାଦ ଗରିଆ, ଗୁରୁଦୟାଲ ଉପସ୍ଥିତ ଥିଲେ। ଆଲୋଚନାରେ ଯାଦବମାନଙ୍କ ଶିକ୍ଷା ଉପରେ ଗୁରତ୍ୱାରୋପ କରାଯାଇଥିଲା। ବୁଦ୍ଧିଜୀବୀ ମଞ୍ଚ ମାଧ୍ୟମରେ ଯାଦବ ସମାଜର ଉନ୍ନତି ପରିକଳ୍ପନା କରାଯାଇଥିଲା। ସଭାର ଉପସ୍ଥାପନା ଯାଦବ ବୁଦ୍ଧିଜୀବୀ ମଞ୍ଚ ଆବାହକ ଧବଳେଶ୍ୱର ବାଗଙ୍କ ନେତୃତ୍ୱରେ ହୋଇଥିଲା। କଳାହାଣ୍ଡି, ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗୀର, ବରଗଡ ଆଦି ଜିଲାର ବହୁ ସଂଖ୍ୟାରେ ଆଇନଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମୁନୀରାମ ବାଗ, ଘନଶ୍ୟାମ ମନହୀରା, ଅର୍ଦ୍ଧେନ୍ଦୁ ଦାସଯାଦବ, ଦେବକୀ ହଂସ ପରିଚାଳନା କରିଥିଲେ।

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ୨୪ ଅକ୍ଟୋବର, ୨୦୨୨



## ସଂକ୍ଷେପରେ

### ଗମ୍ଭାରିପାଲିରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଜାମଟିକ୍ରା, ୨୩।୧୦(ଡି.ଏନ.ଏ.):** ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଗମ୍ଭାରୀପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ମା ମାହେଶ୍ୱରୀ ସେନା ତରଫରୁ ରବିବାର ପୂର୍ବାହ୍ନ ୧୦ଟାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଡୁମାଲ ସମାଜ ଗମ୍ଭାରୀପାଲି କେନ୍ଦ୍ର ସଭାପତି ପ୍ରେମରାଜ କର୍ମ୍ମ, ଟାମ୍ପରସରା ସରପଞ୍ଚ ରାଜକିଶୋର ଛନ୍ଦ, ଗମ୍ଭାରୀପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କର୍ଣ୍ଣ ଓ ମନ୍ଦିର ପରିଚାଳନା କମିଟି ସଭାପତି ନରେନ୍ଦ୍ର ନାଏକ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୫୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇ ଭିମସାର ବୁର୍ଲା ରକ୍ତଭଣ୍ଡାରକୁ ଦିଆଯାଇଥିଲା। ବୁର୍ଲା ରକ୍ତଭଣ୍ଡାରର ଟେକ୍‌ନିସିଆନମାନଙ୍କ ଦ୍ୱାରା ରକ୍ତ ସଂଗୃହୀତ ହୋଇଥିଲା। ମା' ମାହେଶ୍ୱରୀ ସେନାର ସଦସ୍ୟ ଓ ଗମ୍ଭାରୀପାଲି ଗ୍ରାମବାସୀ ଶିବିର ପରିଚାଳନା କରିଥିଲେ।

### ଫୁଟବଲ: ବହଲପାଲି ଚାମ୍ପିୟନ

**ବରଗଡ଼ ଅଫିସ୍,୨୩।୧୦:** ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡାରେ ଚାଲିଥିବା ଆଜାଦୀ କପ୍ ଫୁଟବଲ ମହୋତ୍ସବରେ ବହଲପାଲି ପ୍ରତିପକ୍ଷ ଜାଣ୍ଡୋଲ ଦଳକୁ ୧-୦ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ଜାଣ୍ଡୋଲର ଶରତ ମଲ୍ଲିକ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ସୁବ୍ରତ ମହାରଣା ଶ୍ରେଷ୍ଠ ଗୋଲକିପର୍, ବହଲପାଲିର ଆକାଶ ଦେ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ମର୍ହାପାଲି ଶ୍ରେଷ୍ଠ ଶୃଙ୍ଖଳିତ ଦଳ ବିବେଚିତ ହୋଇଥିଲେ। ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ମୁଖ୍ୟଅତିଥି, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ପୁରନ୍ଦର ମିଶ୍ର, ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ସଜ୍ଜନ ତିୱାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିବୃନ୍ଦ କୃତୀ ଦଳ ଏବଂ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଶିବାନନ୍ଦ ଦାଶ, ପଞ୍ଚାନନ ପାତ୍ର, ଅଶ୍ୱିନୀ ମେହେର ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ସଞ୍ଜୟ ନନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ।

### ୨୦୦ ରୋଗୀଙ୍କ ଚକ୍ଷୁ ପରୀକ୍ଷା

**ବରଗଡ଼ ଅଫିସ, ୨୩।୧୦:** ବରଗ ଜିଲା ଭଟଲି ପଞ୍ଚାୟତ କାର୍ଯ୍ୟାଳୟ ନିକଟ ରାଜୀବ ଭବନରେ ରବିବାର ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭଟଲି ଓ ଆଖପାଖ ଅଞ୍ଚଳରୁ ୨୦୦ ଚକ୍ଷୁ ରୋଗୀ ମାଗଣାରେ ସେମାନଙ୍କ ଚକ୍ଷୁ ପରୀକ୍ଷା କରାଇଥିଲେ ଏବଂ ସେମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ଚଷମା ଓ ଔଷଧ ଯୋଗାଇ ଦିଆଯାଇଥିଲା। ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ ସୁମନ୍ତ ଭୋଇ ଶିବିର ପରିଚାଳନା କରିଥିବାବେଳେ ବ୍ୟାସଦେବ ବେହେରା, ରଶ୍ମିତା ମେହେର, ଲୀଳିମା ଗର୍ଡିଆ, ଭଟଲି ବ୍ଲକ ବରିଷ୍ଠ ନାଗରିକ ସଂଘ ସଭାପତି ବାଙ୍କା ବିହାରୀ ମିଶ୍ର, ଉପସଭାପତି ସନ୍ତୋଷ କୁମାର ବନଛୋର, ସମ୍ପାଦକ ଜଗଦୀଶ ସାହୁ, ସହ ସମ୍ପାଦକ ଘନଶ୍ୟାମ ସାହୁ, କୋଷାଧକ୍ଷ ମାଧବ ନାଏକ, ସଙ୍ଗଠନ ସମ୍ପାଦକ ସତ୍ୟାନନ୍ଦ ପ୍ରଧାନ, ଉପଦେଷ୍ଟା ପ୍ରେମରାଜ ମେହେର, ଭଟଲି ସରପଞ୍ଚ ପ୍ରମୋଦିନୀ ପ୍ରଧାନ ଓ ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ରେଙ୍ଗାଲପାଲି, ବଡ଼ମାଳ ବିଜୟୀ

**ବରଗଡ଼ ଅଫିସ୍,୨୩।୧୦:** ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ରବିବାର ମ୍ୟାଚ୍‌ରେ ରେଙ୍ଗାଲପାଲି ଏବଂ ବଡ଼ମାଳ ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ରେଙ୍ଗାଲପାଲି ଓ ନୂଆଗଡ଼ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏଥିରେ ରେଙ୍ଗାଲପାଲି ୧-୦ ଗୋଲରେ ବିଜୟୀ ହୋଇଥିଲା। ଦଳର ସରୋଜ ନାଏକ ଗୋଲ ସ୍କୋର କରିଥିଲେ। ଶୁଭମ ପାତ୍ର, ସଚିନ ଭୁଏ, ସୁନିଲ ବାଗ, ଗୀତା ମହାକୁର ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ବଡ଼ମାଳ ଏବଂ ଅତାବିରା ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ବଡ଼ମାଳ ୬-୫ ଗୋଲରେ ବିଜୟୀ ହୋଇଥିଲା। ସନ୍ତୋଷ ପ୍ରଧାନ, ଶଙ୍କର୍ଷଣ ପ୍ରଧାନ, ସଚିନ ଭୁଏ, ସ୍ୱର୍ଣ୍ଣଲତା ରାଉତ ମ୍ୟାଚ୍ ପରିଚାଳନା କରିଥିଲେ।

### ରାଜ୍ୟସ୍ତରୀୟ ସମ୍ମିଳନୀ ପାଇଁ ପ୍ରସ୍ତୁତି

**ବରଗଡ଼ ଅଫିସ, ୨୩।୧୦:** ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପକ୍ଷରୁ ଅକ୍ଟୋବର ୩୦ରେ ହେବାକୁ ଥିବା ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସମ୍ମିଳନୀ ପାଇଁ ସ୍ଥାନୀୟ ଏଇଏମ୍ ଇଂରାଜୀ ମାଧମ ବିଦ୍ୟାଳୟ ପରିସରରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟି ଅଧକ୍ଷ ଡଃ ତପସ୍ୱିନୀ ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କମିଟିର ସଦସ୍ୟମାନେ ନିଜର ମତବ୍ୟକ୍ତ କରିଥିଲେ। ମନୋରଞ୍ଜନ ମେହେର, ଶିବାନନ୍ଦ ମଟାରି, ମାମରାଜ ସ୍ୱାଇଁ, ଡ଼ଃ ସେଶାନ ବିଶି ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ମଳୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ବିଳମ୍ବିତ ଧାନକିଣା ନିଷ୍ପତ୍ତିକୁ ବିରୋଧ

- ନଭେମ୍ବର ୧୫ସୁଦ୍ଧା ମଣ୍ଡି ଖୋଲିବାକୁ ଦାବି
- ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର

**ବରଗଡ଼ ଅଫିସ୍,୨୩।୧୦**

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆସନ୍ତା ଡିସେମ୍ବର ୧ରୁ ଆରମ୍ଭ ହେବ ବୋଲି ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲା ପ୍ରଶାସନର ଏହି ନିଷ୍ପତ୍ତି ଦୂରଦୃଷ୍ଟିହୀନତାର ନିଦର୍ଶନ ଏବଂ ଅଭିସନ୍ଧିମୂଳକ ବୋଲି ଜୟ କିଷାନ ଆନ୍ଦୋଳନ ଅଭିଯୋଗ କରି ଏହାର ଦୃଢ଼ ବିରୋଧ କରିଛି ଏହି ନିଷ୍ପତ୍ତିର ପୁନର୍ବିଚାର କରି ଆସନ୍ତା ନଭେମ୍ବର ୧୫ତାରିଖ ସୁଦ୍ଧା ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରା ନ ଗଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ଜୟ କିଷାନ ଆନ୍ଦୋଳନ ଚେତାବନୀ ଦିଆଯାଇଛି ।

ବରଗଡ଼ ସମତା ଭବନରେ ରବିବାର ଜୟ କିଷାନ ଆନ୍ଦୋଳନ ପକ୍ଷରୁ ଆହୂତ ଖବରଦାତା ସମ୍ମିଳନୀରେ ଯୋଗଦେଇ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ କହିଥିଲେ, ବରଗଡ଼ ଜିଲାରେ ଅତାବିରା ସେଚ ଅଞ୍ଚଳ ଏବଂ ପଦ୍ମପୁର ଅଣସେଚ ଅଞ୍ଚଳର କୃଷକମାନେ ନଭେମ୍ବର ପ୍ରଥମ ସପ୍ତାହରୁ ଧାନ ଆମଳ ଆରମ୍ଭ କରି ବିକ୍ରି ପାଇଁ ପ୍ରସ୍ତୁତି କରିଥାନ୍ତି। ଆଗରୁ ଜିଲାରେ ନଭେମ୍ବର



ଖବରଦାତା ସମ୍ମିଳନୀରେ ଚାଷୀ ପ୍ରତିନିଧିବୃନ୍ଦ ।

ପ୍ରଥମାର୍ଦ୍ଧରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯାଉଥିବା ବେଳେ ଚଳିତବର୍ଷ ପ୍ରଥମଥର ପାଇଁ ଡିସେମ୍ବର ପହିଲାରୁ ଏହି ପ୍ରକ୍ରିୟା ଆରମ୍ଭ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ଏହାହେଲେ ଜିଲାର ଚାଷୀମାନେ ଅମଳ ଧାନ ବେପାରୀ କିମ୍ବା ମିଲର୍ସଠାରେ କମ୍ ଦରରେ ବିକ୍ରି କରିବାକୁ ବାଧ୍ୟ ହୋଇ କ୍ଷତିଗ୍ରସ୍ତ ହେବେ।

ପୁନଶ୍ଚ ଚଳିତବର୍ଷ ଦେଶର କେତେକ ରାଜ୍ୟରେ ବର୍ଷାର ଅନିୟମିତତା କାରଣରୁ ଧାନ ଉତ୍ପାଦନ ୧କୋଟି ଟନ୍‌ରୁ ଅଧିକ ହ୍ରାସ ପାଇବା ସ୍ପଷ୍ଟ ଆଶଙ୍କା କେନ୍ଦ୍ରର କୃଷି ବିଭାଗ ଦେଇ ସାରିଛି। ଅନୁକୂଳ ପାଗ ଯୋଗୁ ବରଗଡ଼ ଜିଲାରେ ଧାନର ବମ୍ପର ଉତ୍ପାଦନ ସମ୍ଭାବନା ରହିଛି। ଏହି ଦୃଷ୍ଟିରୁ କୃଷକମାନଙ୍କୁ ଉଚିତ ଦର ବ୍ୟବସ୍ଥା କରିବା ବଦଳରେ ବିଳମ୍ବିତ ଧାନ ସଂଗ୍ରହ ପ୍ରକ୍ରିୟା ଜିଲା ପ୍ରଶାସନ ଏବଂ ସରକାରଙ୍କର ଏକ ଷଡ଼ଯନ୍ତ୍ର ବୋଲି ଜୟ କିଷାନ ଆନ୍ଦୋଳନ ସଭାପତି ସୁଶିଲ ସାହୁ କହିଛନ୍ତି । ଧାନକିଣା ଯେତେ ବିଳମ୍ବିତ ହେବ, ଚାଷୀ ସେଭଳି ଭାବେ ଶୋଷିତ ହେବ । ଜିଲା ପ୍ରଶାସନ ତୁରନ୍ତ ସେହି ନିଷ୍ପତ୍ତିରୁ ଓହରି ନଭେମ୍ବର ୧୫ତାରିଖ ସୁଦ୍ଧା ମଣ୍ଡି ଖୋଲିବାକୁ ସେ ଦାବି କରିଛନ୍ତି । ଚାଷୀନେତା ଶିବପ୍ରସାଦ ପ୍ରଧାନ କହିଛନ୍ତି, ଗତ ୩/୪ବର୍ଷ ହେଲା ଧାନ ସଂଗ୍ରହ ପ୍ରକ୍ରିୟାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଯଥା ଏକର ପ୍ରତି ଧାନବିକ୍ରି ପରିମାଣ, ଟୋକନ କଟକଣା ତଥା ତଦ୍‌ଜନିତ ସମସ୍ୟାର ସମାଧାନ ଆଦି ରାଜ୍ୟସ୍ତରୀୟ କମିଟିରେ ନିଆଯାଉଛି ଏବଂ ଜିଲାସ୍ତରୀୟ କମିଟିକୁ ଏକପ୍ରକାର ସଙ୍କୁଚିତ କରି ଦିଆଯାଇଛି। ତଥାପି ନିୟନ୍ତ୍ରିତ ବଜାର କମିଟି ଗୁଡ଼ିକରେ କୃଷକଙ୍କଠାରୁ ମାର୍କେଟ୍ ଫି ବାବଦକୁ ସଂଗୃହୀତ ଶହ ଶହ କୋଟି ଟଙ୍କା ଗଚ୍ଛିତ ରହିଛି। କିନ୍ତୁ ମଣ୍ଡି ଗୁଡ଼ିକର ଭିତ୍ତିଭୂମି ବିକାଶ କରାଯାଉନାହିଁ। ଏହାଦ୍ୱାରା ଧାନର ଓଜନ, ଗୁଣମାନ ନିର୍ଦ୍ଧାରଣ ପାଇଁ ମିଲର୍ସଙ୍କ ମନମୁଖୀ କାରବାରକୁ ପ୍ରୋତ୍ସାହନ ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି। ଚାଷୀଙ୍କ ପ୍ରତି ଏଭଳି ସ୍ୱେଚ୍ଛାଚାରିତା ଚାଲିଲେ ଜିଲା ପ୍ରଶାସନ ଏବଂ ସରକାରଙ୍କୁ ଏହାର ପରିଣାମ ଭୋଗିବାକୁ ପଡ଼ିବ ବୋଲି ସେ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଜୟ କିଷାନ ଆନ୍ଦୋଳନର ସମ୍ପାଦକ ହର ବଣିଆଙ୍କ ସମେତ ଅନ୍ୟ ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ।

# କାଳୀପୂଜା ପାଇଁ କଳସ ଶୋଭାଯାତ୍ରା



ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

**ସରଣ୍ଡା/ଅତାବିରା, ୨୩।୧୦(ଡି.ଏନ.ଏ.)**

ଅତାବିରା ବ୍ଲକ ଅନ୍ତର୍ଗତ ରେଙ୍ଗାଲିକ୍ୟାମ୍ପ ସାର୍ବଜନୀନ ୬୩ତମ କାଳୀପୂଜା ପାଇଁ ରବିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ମହିଳାମାନେ ଅତାବିରା ଶାଖା କେନାଲରୁ ପୂର୍ଣ୍ଣ କଳସଗୁଡିକୁ ଏକ ଶୋଭାଯାତ୍ରାରେ ଆଣି କାଳୀ ମନ୍ଦିରରେ ସ୍ଥାପନା କରିବା ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ସକାଳେ ରେଙ୍ଗାଲିକ୍ୟାମ୍ପ ଛକରୁ ମା'ଙ୍କ ପିତ୍ତଳ ବିଗ୍ରହକୁ ଏକ ଶୋଭାଯାତ୍ରାରେ କାଳୀମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା । ମୁଖ୍ୟ ପୁରୋହିତ ପଣ୍ଡିତ ଅଚ୍ୟୁତାନନ୍ଦ ଶତପଥି, ପଣ୍ଡିତ ପ୍ରଭାକର ଶତପଥି, ମଳୟ କୁମାର ଦାଶ ଏବଂ ମନ୍ଦିର ପୁରୋହିତ କାହ୍ନୁଚରଣ ମହାପାତ୍ର ପୂଜା କାର୍ଯ୍ୟ ଏବଂ ଦିବ୍ୟକିଶୋର କଅଁର ଓ ଦୀପାଞ୍ଜଳି କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। କଳସଯାତ୍ରାରେ ବୁର୍ଲା ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ମହାନ୍ତି, ରେଙ୍ଗାଲିକ୍ୟାମ୍ପ ସହକାରୀ ଯନ୍ତ୍ରୀ ଇଂ. ରବୀନ୍ଦ୍ର କୁମାର ସେଠୀ, ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ ପ୍ରମୁଖ ସାମିଲ ହୋଇଥିଲେ। ଆସନ୍ତା ୨୬ ତାରିଖରେ ଏହି ପୂଜା ସମ୍ପନ୍ନ ହେବ ବୋଲି ଜଣାପଡିଛି।

# ଗୋବିନ୍ଦପାଲି ଧନଲକ୍ଷ୍ମୀ ପୂଜା ଆରମ୍ଭ



ଧନଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା ।

**ବରଗଡ଼ ଅଫିସ୍,୨୩।୧୦**

ବରଗଡ଼ ଗୋବିନ୍ଦପାଲିରେ ମା' ଧନଲକ୍ଷ୍ମୀଙ୍କ ବାର୍ଷିକ ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ରବିବାର କଳସ ଶୋଭାଯାତ୍ରା ହୋଇଥିଲା। ସ୍ଥାନୀୟ କୁମ୍ଭାରବନ୍ଧରେ ପୂଜାର୍ଚ୍ଚନା ପରେ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ବାହାରି ଜଳପୂର୍ଣ୍ଣ କଳସ ଧରି ପୂଜା ମଣ୍ଡପରେ ପହଞ୍ଚିଥିଲେ। ସୋମବାର ମା' ଧନଲକ୍ଷ୍ମୀଙ୍କ ମହାସ୍ନାନ କରାଯିବା ପରେ ଷୋଡ଼ଶ ପୂଜା କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ସରିତା ମହାପାତ୍ର, ସ୍ୱାମୀ ଜାପାନ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ପଣ୍ଡିତ ରୂପେଶ୍ୱର ଷଡ଼ଙ୍ଗୀ, ଚିତ୍ତରଞ୍ଜନ ଦାଶ, ଆଲୋକ ଷଡ଼ଙ୍ଗୀ, ନରେଶ ଷଡ଼ଙ୍ଗୀ ପ୍ରମୁଖ ପୂଜା ଦାୟିତ୍ୱରେ ଅଛନ୍ତି। ଏହି ଅବସରରେ ଡାଲଖାଇ ଲୋକନୃତ୍ୟ, ଅର୍କେଷ୍ଟ୍ରା, ଭଜନ, କୃଷ୍ଣଗୁରୁ, ଦଣ୍ଡନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଆସନ୍ତା ୩୦ତାରିଖରେ ପୂର୍ଣ୍ଣାହୁତି ଏବଂ ମହାପ୍ରସାଦ ବଣ୍ଟନ କରାଯିବ ବୋଲି ଜଣାପଡିଛି।

# ସୃଜନଶୀଳତାର ବିକାଶ ପାଇଁ ବୃଦ୍ଧିମାନ ହେବା ଜରୁରୀ ନୁହେଁ



ଗୁରୁମନ୍ତ୍ର କାର୍ଯ୍ୟକ୍ରମରେ ଜଣେ ଅତିଥି ବକ୍ତବ୍ୟ ରଖୁଛନ୍ତି।

**ବରଗଡ଼ ଅଫିସ, ୨୩।୧୦**

ବରଗଡ଼ ବିଦ୍ୟାବିହାର ସ୍ଥିତ ଇମ୍ପେରିୟଲ କଲେଜ ପରିସରରେ ରବିବାର ଗୁରୁମନ୍ତ୍ର ସିରିଜ-୧୦ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ଜନସଞ୍ଚାର ସଂସ୍ଥାର ନିର୍ଦ୍ଦେଶକ ପ୍ରଫେସର ଡଃ ମୃଣାଳ ଚାଟାର୍ଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସୃଜନଶୀଳତାର ବିକାଶ ପାଇଁ ବୃଦ୍ଧିମାନ ହେବା ଜରୁରୀ ନୁହେଁ। ନିଜ ଆଖପାଖରେ ଥିବା ବିଭିନ୍ନ ଜିନିଷକୁ ସୂକ୍ଷ୍ମ ରୂପରେ ନିରୀକ୍ଷଣ କରି ଚିନ୍ତା କଲେ ସୃଜନଶୀଳତା ଭାବନାର ବିକାଶ କରି ହେବ। ମଣିଷ ଜୀବନରେ ସୃଜନଶୀଳତାର ଭାବନା କେବଳ ଯେ ନିଜକୁ ଖୁସି ପ୍ରଦାନ କରି ନ ଥାଏ ବରଂ ଏହା ଅନ୍ୟ ପାଇଁ ବହୁ ସୁଯୋଗ ସୃଷ୍ଟି କରିଥାଏ। ମଣିଷ ଜୀବନରେ ଏକ ପରିଚୟ ସୃଷ୍ଟି କରିବାକୁ ହେଲେ ସୃଜନଶୀଳତାର ଭାବନାର ବିକାଶ କରିବାକୁ ପଡିବ। ଏଥିପାଇଁ ସେ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ସୂତ୍ର ସମ୍ପର୍କରେ ସୂଚନା ଦେବା ସହ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଚାଟାର୍ଜୀ ପରାମର୍ଶ ଦେଇଥିଲେ। କଲେଜର ଚେୟାରମେନ ଦୀପକ ଗୋୟଲ, ଅଧକ୍ଷ ଦୁର୍ଗେଶ ଶତପଥୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀ ଚାଟାର୍ଜୀଙ୍କୁ ସ୍ମାରକୀ ସ୍ୱରୂପ କଲେଜ ପକ୍ଷରୁ ଏକ ପଟ୍ଟଚିତ୍ର ପ୍ରଦାନ କରିଥିଲେ। ଅଧାପିକା ଝରଣା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଚୋରି ଅଭିଯୋଗ, ୩ ଗିରଫ

**ଅତାବିରା/ସରଣ୍ଡା, ୨୩।୧୦(ଡି.ଏନ.ଏ)**

କପଡ଼ା ବୋଝେଇ ବାଇକ୍ ଚୋରି ଅଭିଯୋଗରେ ବରଗଡ଼ ଜିଲା ଅତାବିରା ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଟାଉନ ଥାନା କୁର୍ଲା ଗ୍ରାମର ସୁରଥ ବୁଡ଼ା(୪୦), ବାନ୍ଧୁଟିକ୍ରା ସୁନାରୀପଡ଼ାର ସୁଦାମ ମଲ୍ଲିକ ଏବଂ ଅତାବିରା ଥାନା ଲସ୍ତଲା ଗ୍ରାମର ସୁବାସ ତାଣ୍ଡି(୩୬)। ସେମାନଙ୍କ ପାଖରୁ ଚୋରି ହୋଇଥିବା ବାଇକ୍, କପଡ଼ା ଆଦି ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ଅତାବିରା ଥାନାରେ ଏକ ମାମଲା (ନଂ.୩୬୮।୨୨) ରୁଜୁ ହୋଇଛି। ପ୍ରକାଶ ଯେ, ଅତାବିରା ଥାନା ବୃନ୍ଦଧର ଗ୍ରାମର ସୁରେଶ ବାଗ(୪୨) ଗାଁ ଗାଁ ବୁଲି କପଡ଼ା ବିକି ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି। ଗତ ୧୦ ତାରିଖରେ ସେ ଏକ ବାଇକ୍ (ନଂ.ଓଡ଼ି୧୭ଆର/୬୮୩୪)ରେ ନୂଆ କପଡ଼ା ବୋଝେଇ କରି ଲସ୍ତଲା ଗ୍ରାମକୁ ବିକିବା ପାଇଁ ଯାଇଥିଲେ। ଅପରାହ୍ନ ପ୍ରାୟ ୧ଟା ୩୦ମିନିଟ୍‌ରେ ଅଭିଯୁକ୍ତମାନେ କପଡ଼ା ବୋଝେଇ ସେହି ବାଇକ୍‌କୁ ଚୋରି କରିନେଇଥିଲେ। ଏ ନେଇ ସେ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିବା ସହିତ ଚୋରି କପଡ଼ା ବୋଝେଇ ବାଇକ୍‌କୁ ଜବତ କରିଥିଲା।

# ସ୍ଥାୟୀ ନିଯୁକ୍ତି ନ ହେଲେ ଆନ୍ଦୋଳନ




ବରଗଡ଼ରେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ବୈଠକ ।

**ବରଗଡ଼ ଅଫିସ୍,୨୩।୧୦**

ବରଗଡ଼ ଜିଲା ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଂଘ ସଭାପତି ସଞ୍ଜୟ ପଟ୍ଟନାୟକ ଉଦ୍‌ବୋଧନ ଦେଇଥିଲେ। ସରକାର ତୁରନ୍ତ ଆଉଟ୍‌ସୋର୍ସିଂ ପ୍ରଥା ଉଚ୍ଛେଦ କରିବା ସହିତ ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ସେ ଦାବି କରିଥିଲେ। ସମାନ କାମକୁ ସମାନ ଦରମା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଦାବି ପୂରଣ ନ ହେଲେ ସଂଘ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରିବ ବୋଲି ପଟ୍ଟନାୟକ ଚେତାବନୀ ଦେଇଥିଲେ। ବୈଠକରେ ସଂଘର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜାତୀୟ ଆୟୁର୍ବେଦ ଦିବସ ପାଳିତ

**ବରଗଡ଼ ଅଫିସ୍,୨୩।୧୦**

ବରଗଡ଼ ସହର ଉପକଣ୍ଠ ନାଗେନପାଲିରେ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିବାର ଜାତୀୟ ଆୟୁର୍ବେଦ ଦିବସ ତଥା ଧନ୍ୱନ୍ତରୀ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଧନ୍ୱନ୍ତରୀଙ୍କ ପୂଜାର୍ଚ୍ଚନା ସହିତ ମାଗଣା ଆୟୁର୍ବେଦ ଚିକିତ୍ସା ଶିବିର ହୋଇଥିଲା। ଶିବିରରେ ୨୦୦ରୁ ଅଧିକ ରୋଗୀଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ଏହାସହିତ ଔଷଧୀୟ ଚାରା ବଣ୍ଟନ ଏବଂ ଯୋଗ ପ୍ରଶିକ୍ଷଣ ଶିବିର ହୋଇଥିଲା। ସେହିପରି ଆୟୁର୍ବେଦର ଉପକାରିତା ଉପରେ ଆଲୋଚନାଚକ୍ର ହୋଇଥିଲା। ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ଡୋଲାମଣି ପୁରୋହିତଙ୍କ ଅଧ୍ୟକ୍ଷତାରେ ହୋଇଥିବା ଆଲୋଚନାଚକ୍ରରେ ବଲାଙ୍ଗୀର ଆୟୁର୍ବେଦ କଲେଜର ପୂର୍ବତନ ଅଧୀକ୍ଷକ ଡଃ ସ୍ୱାଧୀନ କୁମାର ଶର୍ମା, ମହନ୍ତ ପରମାନନ୍ଦ ଦାସ, ଡା. ଅଜିତ କୁମାର ଦର୍ଜୀ, ଡା. ସୁନୀତା ଗଡ଼ତିଆ, ଡା. ସରିତା ମଞ୍ଜରୀ ସାହୁ ପ୍ରମୁଖ ଯୋଗଦେଇ ଆୟୁର୍ବେଦ ଏବଂ ଯୋଗର ଉପକାରିତା ଉପରେ ଆଲୋଚନା କରିଥିଲେ। ଡା. ହର୍ଷ କୁମାର ପାଣିଗ୍ରାହୀ, ଡା. ରମେଶ କୁମାର ପୋଢ଼, ଡା. ଜିତେନ୍ଦ୍ର ଆଚାର୍ଯ୍ୟଙ୍କ ସମେତ ବହୁ ଚିକିତ୍ସାଧିକାରୀ, ଆୟୁଷ ସହାୟକ ଉପସ୍ଥିତ ଥିଲେ। ଆୟୁଷ ସହାୟକ ଚିତ୍ତରଞ୍ଜନ ଶର୍ମା, କିଶୋର ଭୋଇ, ସଞ୍ଜିତ କୁମାର ବିଶ୍ୱାଳ, ସୁଶିଲ କୁମାର ମାହାର, ତାପସ ରଞ୍ଜନ ପ୍ରଧାନ, ପୂଜା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବିଜ୍ଞାନ କାର୍ଯ୍ୟକଳାପ, କୌଶଳ କର୍ମଶାଳା

**ବରଗଡ଼ ଅଫିସ, ୨୩।୧୦**

ବରଗଡ଼ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଟୁକୁର୍ଲାସ୍ଥିତ ବିଜ୍ଞାନ କେନ୍ଦ୍ରରେ ବିଜ୍ଞାନର କାର୍ଯ୍ୟକଳାପ ଓ ବିଭିନ୍ନ କୌଶଳ ସମ୍ବନ୍ଧରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ସ୍କୁଲର ୫୦ରୁ ଊର୍ଦ୍ଧ୍ୱ ବିଜ୍ଞାନ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ଡ଼ଃ ମନୋଜ କୁମାର ସାହୁ, ଭାର୍ଗବ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାର ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ଏବଂ ଏଡିଇଓ ଛତ୍ରପତି ସାହୁ ପ୍ରମୁଖ ଯୋଗଦେଇ ବିଜ୍ଞାନର ବିଭିନ୍ନ ବ୍ୟବହାରିକ ଦିଗ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଧନ କର୍ମୀ ମିଥୁନ ମେଥ୍ୟୁ ଓ ଆଦର୍ଶ ପଟ୍ଟନାୟକ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଜେପୁର ବ୍ଲକ ତାଳପଦର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରେନ୍ଦ୍ର ଦାଶ ସହଯୋଗ କରିଥିଲେ। ଗୋପୀନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



କର୍ମଶାଳାରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକବୃନ୍ଦ।

# କ୍ରଶର ଚଳାଇବାକୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ଦାବି

## କ୍ରଶର ମାଳିକ ସଂଘର ଖବରଦାତା ସମ୍ମିଳନୀ

**ବୌଦ୍ଧ,୨୩।୧୦(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖରଭୁଇଁଠାରେ ଥିବା କ୍ରଶର ଗୁଡିକ ଚଳାଇବାକୁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯିବା ପରେ କ୍ରଶର ମାଲିକ ସଂଘ ପକ୍ଷରୁ ବୌଦ୍ଧର ଏକ ହୋଟେଲରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। କ୍ରଶର ଚଳାଇବାକୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ଏହି ସମ୍ମିଳନୀରେ ଦାବି କରାଯାଇଛି। କ୍ରଶରମାଲିକମାନଙ୍କ ଅଭିଯୋଗ ଅନୁଯାୟୀ, କ୍ରଶର ଚଳାଇବାକୁ ପ୍ରଶାସାନ ପକ୍ଷରୁ ସମସ୍ତ ପ୍ରକାର ଅନୁମତି ରହିଥିବା ବେଳେ ସେମାନଙ୍କ କ୍ରଶରଗୁଡିକ ଦୀର୍ଘଦିନ ହେଲା ବନ୍ଦ ରହିଥିବାରୁ କ୍ରଶରମାଲିକମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ସରକାରଙ୍କୁ ବିପୁଳ ରାଜସ୍ୱ ପ୍ରଦାନ କରୁଥିଲେ ମଧ କେତେକ




ଖବରଦାତା ସମ୍ମିଳନୀରେ କ୍ରଶର ମାଲିକମାନେ।

ବ୍ୟକ୍ତିବିଶେଷ ଉଦ୍ଦେଶ୍ୟମୂଳକ ଭାବରେ ଗ୍ରାମବାସୀଙ୍କୁ ଉସୁକାଇ କ୍ରଶରକୁ ବିରୋଧ କରୁଥିବା ନେଇ ଅଭିଯୋଗ କରିଥିଲେ। ଏଥିସହ ସେମାନଙ୍କଠାରୁ ବିଭିନ୍ନ ସମୟରେ ଅର୍ଥ ଦାବି କରି ନେଉଥିବା ନେଇ ଅଭିଯୋଗ କରିବା ସହ ଏକ ଭିଡିଓ ଗଣମାଧ୍ୟମ ଆଗରେ ଦେଖାଇଥିଲେ। କ୍ରଶର ବନ୍ଦ ଯୋଗୁ ବହୁ ଉନ୍ନତିମୂଳକ କାମ ବନ୍ଦ ହୋଇ ପଡିଥିବା କହିଥିଲେ। ଅନ୍ୟପକ୍ଷରେ ପ୍ରଶାସନ ବାଲି ଚାଲାଣ ଉପରେ ଚଢାଉ ଆରମ୍ଭ କରିଥିବା ବେଳେ କ୍ରଶରଗୁଡିକ ବନ୍ଦ ରହିଥିବା ଯୋଗୁ ଘର ନିର୍ମାଣ କରିବା ସାଧାରଣବର୍ଗର ଲୋକଙ୍କ ପାଇଁ କଷ୍ଟକର ହୋଇପଡିଛି। ତେଣୁ ଜିଲାର ବିକାଶ ଏବଂ ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ ନିର୍ମାଣ କାର୍ଯ୍ୟ କରିବା ପାଇଁ କ୍ରଶରଗୁଡିକୁ ଚଳାଇବାକୁ ପ୍ରଶାସନ ପକ୍ଷରୁ ସୁରକ୍ଷା ଯୋଗାଇ ଦେବାକୁ ମାଲିକ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ କ୍ରଶର ସଂଘର ସଭାପତି ଅଭିଷେକ ଅଗ୍ରୱାଲା, ବୁଦ୍ଧି ସାଗର ମିଶ୍ର, ସଜ୍ଜନ କୁମାର ଅଗ୍ରୱାଲା, ବିକାଶ ଅଗ୍ରୱାଲା ଓ ଅନ୍ୟ କ୍ରଶର ମାଲିକମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦିନିକିଆ ଜାତୀୟ ସେବା ଯୋଜନା ଶିବିର

**ଖଡ଼ିଆଳ,୨୩।୧୦(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହା ବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ପକ୍ଷରୁ ଦିନିକିଆ ସ୍ୱଚ୍ଛ ଭାରତ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରୋଗ୍ରାମ ଅଧିକାରୀ ଡ଼ା ସୁରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ଅଧକ୍ଷ ଡ଼ା ତରୁଣ କୁମାର ପ୍ରଧାନ ଅଧକ୍ଷତା କରିଥିବା ବେଳେ ଡିନ ଡ଼ା ପଦ୍ମଲୋଚନ ବର୍ମା ଉପସ୍ଥିତ ରହି ସ୍ୱଚ୍ଛ ଭାରତ ଅଭିଯାନର ଉଦ୍ଦେଶ୍ୟ ତଥା ସ୍ୱେଚ୍ଛା ସେବୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି କ୍ରମରେ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିବେଶ ସୁରକ୍ଷା ପାଇଁ ଶପଥ ନେଇଥିଲେ। ପରେ ମହାବିଦ୍ୟାଳୟ ପରିସୀମା ଭିତରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରିଥିଲେ। ଏଥିରେ ଅନ୍ୟାନ୍ୟ କର୍ମଚାରୀ ସହ ଡ଼ା ସରୋଜ କୁମାର ପଣ୍ଡା ଓ ୨୦ଜଣ ସ୍ୱେଚ୍ଛାସେବୀ ଭାଗ ନେଇଥିଲେ। ଏଥିରେ ସ୍ୱେଚ୍ଛାସେବୀ ସରୋଜ କଲତା, ବଳରାମ କଟା, ବିକାଶ ବଛା, ମାନସ ସାଗର, ଗୟାଧର ଜଗତ, ସୁଭମ କାଣ୍ଡ, ରୋଷଣ ବଘେଲ, ଥବିର ଶବର, ରଞ୍ଜୁ ନାୟକ, ସତ୍ୟବ୍ରତ ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଡ଼ା ସୁରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ପୋଲିସ ଶହୀଦ ଦିବସ ପାଳିତ

**ଭବାନୀପାଟଣା,୨୩।୧୦(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ରିଜର୍ଭ ପୋଲିସ ପଡିଆଠାରେ ଶୁକ୍ରବାର ୬୩ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ପି ଅନ୍ୱେଷା ରେଡ୍ଡୀ, ଏସ୍‌ପି ଅଭିଲାଷ ଜି ସମବେତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହାପରେ ଦେଶମାତୃକା ପାଇଁ ନିଜ ଜୀବନକୁ ବଳିଦାନ ଦେଇଥିବା ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ବୀରତ୍ୱର ଗାଥାର ସ୍ମୃତି ଚାରଣ କରିଥିଲେ । ଅନ୍ୟପଟେ ଜିଲାରେ ମାଓବାଦୀ ମୁକାବିଲା ପାଇଁ ନିୟୋଜିତ ଥିବା ସିଆରପିଏଫ ୬୪ ବାଟାଲିଆନ ଜାରିଙ୍ଗ କ୍ୟାମ୍ପଠାରେ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ସିଆରପିଏଫ ୬୪ ବାଟାଲିୟନର କମାଣ୍ଡାଣ୍ଟ ଜତୀନ୍ଦ୍ର କରଙ୍କ ସମେତ ସମସ୍ତ ଯବାନ ସାମିଲ ହୋଇ ଦେଶ ସୁରକ୍ଷାରେ ନିଜ ଜୀବନକୁ ବଳିଦାନ ଦେଇଥିବା ବୀର ଯବାନଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାସହ ଜିଲାରେ ମାଓବାଦୀ ମୁକାବିଲା ସମୟରେ ଶହୀଦ ହୋଇଥିବା ବୀର ଯବାନଙ୍କୁ ମଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### କଟୁରିରେ ହାଣି ସ୍ତ୍ରୀଙ୍କୁ ହତ୍ୟା

## ପାରିବାରିକ କଳହରୁ ବୀଭତ୍ସ କାଣ୍ଡ

**ପାରଳାଖେମୁଣ୍ଡି,୨୩।୧୦(ଡି.ଏନ୍.ଏ.):** ଗଜପତି ଜିଲା ଗୁମ୍ମା ବ୍ଲକ ସେରଙ୍ଗ ଥାନା ଅନ୍ତର୍ଗତ ବାଇଝଲ ନିକଟ କୁଣ୍ଡିଡା ଗ୍ରାମରେ ରବିବାର ପାରିବାରିକ କଳହରୁ ଏକ ହତ୍ୟାକାଣ୍ଡ ଘଟିଛି। ସ୍ୱାମୀ କଟୁରି ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ଗୁଡି ଦଳବେହେରା। ସେରଙ୍ଗ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ସ୍ୱାମୀ ଇଲାନ ଦଳବେହେରା ଫେରାର୍ ହୋଇଯାଇଛନ୍ତି। ଝିଅ ଅସୁସ୍ଥ ଥିବାରୁ ତାକୁ ଚିକିତ୍ସା ପାଇଁ ହସ୍ପିଟାଲ ନେବାକୁ ଗୁଡି ତାଙ୍କ ସ୍ୱାମୀ ଇଲାନ୍‌ଙ୍କୁ କହିଥିଲେ। ଏହାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଉତ୍‌କ୍ଷିପ୍ତ ହୋଇ ଗୁଡିଙ୍କୁ ଇଲାନ୍ ମାଡ଼ ମାରିଥିଲେ। ଏଥିରେ ଭୟଭୀତ ହୋଇ ସେ ବାହାରକୁ ଦୌଡି ପଳାଉଥିବା ବେଳେ ଇଲାନ୍ କଟୁରି ଧରି ତାଙ୍କ ପଛରେ ଗୋଡାଇ ହାଣି ଦେଇଥିଲେ। ସେମାନଙ୍କ ନାବାଳକ ପୁଅ ଝିଅ ଏହା ଦେଖି ଅବାକ ହୋଇ ଯାଇଥିଲେ। ମୁଣ୍ଡରେ କଟୁରି ଚୋଟ ବାଜି ମା' ରାସ୍ତା ଉପରେ ଟଳି ପଡ଼ିବା ଦେଖି ପୁଅ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ଗ୍ରାମବାସୀ ପହଞ୍ଚିବା ବେଳକୁ ଗୁଡିଙ୍କ ପ୍ରାଣବାୟୁ ଉଡି ଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ହତ୍ୟାକାଣ୍ଡରେ ବ୍ୟବହୃତ କଟୁରି ଜବତ ହୋଇଛି। ପାରିବାରିକ କଳହରୁ ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତ ପରେ ସେରଙ୍ଗ ଥାନା ଅଧିକାରୀ ଅଶୋକ କୁମାର ହାଂସଦା କହିଛନ୍ତି। ଅଭିଯୁକ୍ତ ଇଲାନଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଛି।



ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ କ୍ରୀଡାବିତ୍‌।

# ମୟଙ୍କ, ତନ୍‌ଭିଙ୍କୁ ଦ୍ୱିମୁକୁଟ

**ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ**

- ୧୫ବର୍ଷ ଯୁଗଳରେ ଶ୍ରୀୟାଂସ, ଶୁଭକେତନ, ୧୭ବର୍ଷ ଯୁଗଳରେ ଅର୍ପିତ, ସ୍ୱରାମ ଚାମ୍ପିୟନ
- ମନ ମୋହିନେଲା କୁନି ତନ୍‌ଭି

**ବଲାଙ୍ଗୀର ଅଫିସ,୨୨।୧୦**

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ବ୍ୟାଡମିଣ୍ଟନ ଇନଡୋର ଷ୍ଟାଡିୟମଠାରେ ଚାଲିଥିବା ରାଜ୍ୟ ସବ୍‌ଜୁନିୟର ବ୍ୟାଡମିଣ୍ଟନ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଛି। ସମଗ୍ର ରାଜ୍ୟର ୨୧୦ ପ୍ରତିଯୋଗୀଙ୍କୁ ନେଇ ତିନିଦିନ ଧରି ଚାଲିଥିବା ଏହି ଚାମ୍ପିୟନଶିପ୍‌ର ଶେଷ ଦିନରେ ସେମି ଫାଇନାଲ ଏବଂ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଉଭୟ ୧୫ ଓ ୧୭ବର୍ଷରୁ କମ୍ ବର୍ଗ ବାଳକ ଏକକ ବିଭାଗରେ ମୟଙ୍କ ଭାରଦ୍ୱାଜ ଫାଇନାଲରେ ବାଜି ମାରି ନେଇଥିଲେ। ବାଳିକା ବିଭାଗରେ ମାତ୍ର ୧୧ବର୍ଷର କୁନିଝିଅ ତନ୍‌ଭୀ ପତ୍ରୀ ଚମତ୍କାର ଖେଳ ପ୍ରଦର୍ଶନ କରି ଉଭୟ ବର୍ଗର ବାଳିକା ଏକକ ବିଭାଗରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ସେହିପରି ୧୫ ବର୍ଷ ବର୍ଗର ବାଳକ ଯୁଗଳ ଫାଇନାଲରେ ଶ୍ରେୟାଂସ ଜେନା ଓ ଶୁଭ୍ରକେତନ ମଲ୍ଲିକଙ୍କ ଯୋଡି ବିଜୟୀ ହୋଇଥିଲେ। ୧୭ବର୍ଷ ବର୍ଗ ବାଳକ ଯୁଗଳ ଫାଇନାଲରେ ଅର୍ପିତ ପଣ୍ଡା ଓ ସ୍ୱରାଜ ଓରାମଙ୍କ ଯୋଡି ବିଜୟୀ ହୋଇଥିଲେ। ସେହିପରି ମିଶ୍ରିତ ଯୁଗଳ ପ୍ରତିଯୋଗିତାରେ ଶୁଭମ ଘୋଷ ଓ ଅମିତା ଦାଶଙ୍କ ଯୋଡି ଫାଇନାଲରେ ଚାମ୍ପିୟନ ହୋଇଛି।

ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ସମ୍ମାନିତ ଅତିଥି ଭାବେ ଆନ୍ତର୍ଜାତିକ କ୍ରୀଡାବିତ୍ ଆନନ୍ଦିନୀ ଦର୍ଜୀ, ଓଡିଶା ସାହତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକା ଗାୟାତ୍ରୀ ସରାଫ, ଆନ୍ତର୍ଜାତିକ କୋଚ ମୁରଲୀ କ୍ରିଷ୍ଣା, ରାଜ୍ୟ ସମ୍ପାଦକ ନିଳିନ କୁମାର, କୋଷାଧକ୍ଷ ପ୍ରଦୀପ ମହାନ୍ତି, ଜିଲା କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା ଓ ପ୍ରତିଯୋଗିତା ସାଙ୍ଗଠନିକ ସମ୍ପାଦକ ସୁରୁଲାଲ ମଟାରୀ ମଞ୍ଚାସୀନ ଥିଲେ। ସମସ୍ତ ଅତିଥିଙ୍କୁ ଜିଲା କାର୍ଯ୍ୟକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଗଣ କୃତି ଖେଳାଳୀ, ରେଫରୀ, ଆମ୍ପେୟାରମାନଙ୍କୁ ସମ୍ମାନିତ କରିଥିଲେ । ପ୍ରତିଯୋଗିତାର ପ୍ରଥମ ଦିନ ସମୁଦାୟ ୯୮ ଗୋଟି ମ୍ୟାଚ ଓ ଦ୍ୱିତୀୟ ଦିନ ୯୬ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିନ ସକାଳୁ ନକ୍‌ଡାଉନ ଶୈଳୀରେ ସେମିଫାଇନାଲ ସ୍ତରକୁ ପହଞ୍ଚିଥିବା ଖେଳାଳୀମାନେ ପରସ୍ପର ମଧ୍ୟରେ ମ୍ୟାଚ୍ ଖେଳିଥିଲେ। ସେମିଫାଇନାଲରେ ୧୫ ବର୍ଷ ବର୍ଗ ବାଳକ ଏକକ ବିଭାଗରେ ଶୁଭ୍ରକେତନ ଓ ମୟଙ୍କ, ଯୁଗଳ ବିଭାଗରେ ଶ୍ରେୟଂସ, ଶୁଭକେତନ ଓ ବାପୁନ ଓ ଦିବ୍ୟମଙ୍କ ଯୋଡି ଫାଇନାଲରେ ପଦାର୍ପଣ କରିଥିଲା। ୧୭ବର୍ଷ ବର୍ଗର ବାଳକ ଏକକ ବିଭାଗରେ ମୟଙ୍କ ଭାରଦ୍ୱାଜ ଓ ଶ୍ରୟାଂଶ ପରିଡା, ଯୁଗଳ ବିଭାଗରେ ଅନିର୍ବାନ, ଆୟୁଷ୍ମାନ ଓ ଅର୍ପିତ,ସ୍ୱରାଜଙ୍କ ଯୋଡି ଫାଇନାଲକୁ ଉନ୍ନୀତ ହୋଇଥିବା ବେଳେ ସାଇକେଶବ,ଅନୁଷ୍କା ଓ ଶୁଭମ, ଅନିତାଙ୍କ ଯୋଡି ଫାଇନାଲ ପହଞ୍ଚିଥିଲେ। ସେହିପରି ବାଳିକା ଏକକ ବିଭାଗରେ ପ୍ରଗତି ପରିଡା, ତନଭି ପାତ୍ରୀ ଫାଇନାଲ ମୁକାବିଲା କୁ ପହଞ୍ଚିଥିଲେ । ତିନି ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାକୁ ରାଜ୍ୟ ବ୍ୟାଡମିଣ୍ଟନ ସଂଘ ରେଫରି ଗୀତା ଦାଶ, ମ୍ୟାଚ କଣ୍ଟ୍ରୋଲର ବିଜୟ ବାଗ ଓ ସଟଲ କଣ୍ଟ୍ରୋଲର ଲକ୍ଷପତି ନନ୍ଦ ତାଙ୍କ ବୈଷୟିକ ଦଳ ସହିତ ପରିଚାଳନା କରିଥିଲେ।



ଅଧ୍ୟାପକ ହେମନ୍ତ କୁମାର ମଲ୍ଲିକ ଏନ୍‌ଏସ୍ଏସ୍ ପୁରସ୍କାର ଗ୍ରହଣ କରୁଛନ୍ତି।

## ସରକାରୀ ମହିଳା ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ୟୁନିଟ୍ ପୁରସ୍କୃତ

**ବଲାଙ୍ଗୀର ଅଫିସ,୨୩।୧୦**

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ୟୁନିଟ୍‌କୁ ଶ୍ରେଷ୍ଠ ୟୁନିଟ୍ ବିବେଚିତ ହୋଇଛି। ଏଥିସହ ଏହି କଲେଜର ଶିକ୍ଷା ବିଭାଗ ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ମଲ୍ଲିକଙ୍କୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏନ୍‌ଏସ୍‌ଏସ୍ ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଉଚ୍ଚଶିକ୍ଷା କମିଶନର ବିଷ୍ଣୁପଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ରୋହିତ ପୂଜାରୀ, ସମ୍ମାନିତ ଅତିଥିଭାବେ ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାସ ନାୟକ ଓ ରାଜ୍ୟ ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଯୋଗଦାନ କରିଥିଲେ। ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ୟୁନିଟ୍, ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଏବଂ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ବଲାଙ୍ଗୀର ମହିଳା ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ୟୁନିଟ୍ ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ପୁରସ୍କାର ଏବଂ ଏନ୍‌ଏସ୍‌ଏସ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟାପକ ମଲ୍ଲିକଙ୍କୁ ୨୦୨୧-୨୨ ଶିକ୍ଷା ବର୍ଷ ପାଇଁ ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଭାବେ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ମଲ୍ଲିକ ତାଙ୍କର ଏହି ସଫଳତା ପାଇଁ ଉଚ୍ଚଶିକ୍ଷା ବିଭାଗ ଉପଶାସନ ସଚିବ ତଥା ଏନ୍‌ଏସ୍‌ଏସ୍ ମୁଖ୍ୟ ଡ ରମେଶ ଚନ୍ଦ୍ର ବେହେରାଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ସେ ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ର, ଅନ୍ୟ ସହ ଅଧ୍ୟାପକ ଏବଂ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଜିଲା ଯୁବ କଂଗ୍ରେସ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର

**ଭବାନୀପାଟଣା,୨୩।୧୦(ସ୍ୱ.ପ୍ର.)**

**ଅର୍ଚ୍ଚନା ନାଗ ଘଟଣାର ନିରପେକ୍ଷ ତଦନ୍ତ ଦାବି**

ରାଜ୍ୟରେ ଅର୍ଚ୍ଚନା ନାଗଙ୍କ ଘଟଣାକୁ ନେଇ ଗତ କିଛି ଦିନ ହେଲା ହଇଚଇ ସୃଷ୍ଟି ହୋଇଛି। ଅର୍ଚ୍ଚନାଙ୍କ କେଲେଙ୍କାରୀରେ ଅନେକ ନେତା, ଅଧିକାରୀ ମଧ ସାମିଲ ଥିବା ଧୀରେ ଧୀରେ ପଦାକୁ ଆସିଲାଣି। ସେହିପରି ଅର୍ଚ୍ଚନାଙ୍କ କଳାସାମ୍ରାର୍ଯ୍ୟରେ ସାମିଲ ଥିବା ନେତା, ଅଧିକାରୀଙ୍କୁ ତୁରନ୍ତ ଫର୍ଦ୍ଦାଫାସ କରାଯାଇ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛି କଳାହାଣ୍ଡି ଜିଲା ଯୁବ କଂଗ୍ରେସ। ଏହି ପରିପ୍ରେକ୍ଷୀରେ ଜିଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଭବାନୀପାଟଣାରେ ଏକ ଶୋଭାଯାତ୍ରା କରାଯିବା ସହ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜିଙ୍କୁ ଜିଲା ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଘଟଣାରେ ସାମିଲ ଥିବା ନେତା, ଅଧିକାରୀଙ୍କ ଫର୍ଦ୍ଦାଫାସ କରାଯାଇ କାର୍ଯ୍ୟାନୁଷ୍ଠାନ ଓ ସରକାରୀ କଳର ଦୁରପୋଯୋଗର ନିରପେକ୍ଷ ତଦନ୍ତ ଦାବି କରାଯାଇଛି।



ଏସ୍‌ପି ଅଫିସ ସମ୍ମୁଖରେ ଜିଲା ଯୁବ କଂଗ୍ରେସର ବିକ୍ଷୋଭ।

## ୧୮ ଦାଦନ ଶ୍ରମିକ ଉଦ୍ଧାର

**ବଲାଙ୍ଗୀର ଅଫିସ୍/ ସଇଁତଳା/ ଟିକ୍ରାପଡ଼ା,୨୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କୁମ୍ଭେକେଲା ଗ୍ରାମର ୧୮ଜଣ ଦାଦନ ଶ୍ରମିକଙ୍କୁ ହାଇଦ୍ରାବାଦ ଚାଲାଣ ପାଇଁ କଣ୍ଟାବାଞ୍ଜି ରେଳଷ୍ଟେଶନକୁ ନିଆଯାଉଥିବା ବେଳେ ପୋଲିସ ଉଦ୍ଧାର କରିଛି। ଶନିବାର ବିଳମ୍ବିତ ରାତିରେ କୁମ୍ଭାରୀ ଗାଁ ନିକଟରୁ ଉଦ୍ଧାର ପରେ ଶ୍ରମିକମାନଙ୍କୁ ସେମାନଙ୍କ ଗାଁକୁ ପଠାଇ ଦିଆଯାଇଛି। ଶ୍ରମିକମାନଙ୍କ ସହ ୧୦ଜଣ ଛୋଟ ପିଲା ଥିଲେ। ଶ୍ରମିକମାନଙ୍କୁ ପିକ୍‌ଅପ(ଓଡି-୦୩ଏଚ-୩୩୪୮)ରେ ନିଆଯାଉଥିବା ଟିଟିଲାଗଡ ଏସ୍‌ଡିପିଓ ଅଙ୍କିତା କୁମ୍ଭାର ସୂଚନା ଦେଇଛନ୍ତି। କଣ୍ଟାବାଞ୍ଜି ଅଞ୍ଚଳର ଜଣେ ଦାଦନ ସର୍ଦ୍ଦାର ଏହି ଶ୍ରମିକମାନଙ୍କୁ ପଞ୍ଜୀକୃତ ନ କରି ରାଜ୍ୟ ବାହାରକୁ ଚାଲାଣ କରୁଥିଲେ।

## ୨୯ରେ ବଲାଙ୍ଗୀର ଜିଲା ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ

**ବଲାଙ୍ଗୀର ଅଫିସ,୨୩।୧୦**

ପ୍ରାଥମିକ ଶିକ୍ଷକମାନଙ୍କ ପ୍ରତି ଓଡିଶା ସରକାରଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ ବଲାଙ୍ଗୀର ଜିଲା ପ୍ରାଥମିକ ଶିକ୍ଷକମାନେ ଆସନ୍ତା ୨୯ ତାରିଖରେ ୩ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ହୋଇଛନ୍ତି। ୨୦୦୧ଠାରୁ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷା ସହାୟକ, ଗଣଶିକ୍ଷକ, କନିଷ୍ଠ ଶିକ୍ଷକ ଠିକା ନିଯୁକ୍ତି ଦିନଠାରୁ ଚାକିରି ଗଣନା କରିବା ସହ ୬ଟି ଇନ୍‌କ୍ରିମେଣ୍ଟ ଦେବା, ଅନ୍ୟ ରାଜ୍ୟ ଭଳି ନୂତନ ପେନସନ ଯୋଜନା ଉଚ୍ଛେଦ କରି ପୁରୁଣା ପେନସନ ଯୋଜନା ପ୍ରଚଳନ କରିବା ଏବଂ ଏକ୍ସ-କ୍ୟାଡର ଶିକ୍ଷକମାନଙ୍କୁ ଏଲିମେଣ୍ଟ୍ରି କେଡରରେ ସାମିଲ କରିବା ଦାବି ନେଇ ଆନ୍ଦୋଳନ କରାଯିବ ବୋଲି ଶିକ୍ଷକମାନେ ଜଣାଇଛନ୍ତି। ରବିବାର ଜିଲାର ସବୁବର୍ଗର ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ସ୍ଥାନୀୟ ରାଧାରମଣ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଓଡିଶା ସରକାର ଠିକା ନିଯୁକ୍ତି ସମୟ ଶେଷ ହୋଇଗଲା ବୋଲି କହି ଠିକା ନିଯୁକ୍ତିର ପ୍ରଥମ ୬ବର୍ଷକୁ ସରକାରୀ ଚାକିରିରେ ସମସ୍ତ ସୁବିଧା ପ୍ରଦାନ କରିଥିବାବେଳେ ଆଶ୍ଚର୍ଯ୍ୟଜନକ ଭାବେ ୨୦୦୧ରୁ ସୃଷ୍ଟି କରିଥିବା ଠିକା ନିଯୁକ୍ତି ଆଳରେ ଶିକ୍ଷା ସହାୟକ, ଗଣ ଶିକ୍ଷକ, କନିଷ୍ଠ ଶିକ୍ଷକକୁ ଏହି ସୁବିଧା ଦେବାରୁ ବାଦ ଦିଆଯାଇଛି । ଏମାନଙ୍କୁ ସରକାର ନିଯୁକ୍ତିର ସମସ୍ତ ନିୟମ ଅବଲମ୍ବନ କରାଯାଇ ନିଯୁକ୍ତି ଦିଆଯାଇଥିବା ସତ୍ତ୍ୱେ ସରକାରଙ୍କ ଐତିହାସିକ ନିଷ୍ପତ୍ତିରୁ ଏମାନେ କିଭଳି ବାଦ ପଡିଲେ ବୋଲି ପ୍ରଶ୍ନ କରାଯାଇଛି । ଏ ପରିପ୍ରେକ୍ଷୀରେ ୩ ଦଫା ଦାବି ନେଇ ୨୯ ତାରିଖ ଦିନ ବଲାଙ୍ଗୀର ଜିଲାରେ କଳାମଣ୍ଡଳ ପଡିଆ ଠାରୁ ବାହାରି ସବୁ ବର୍ଗର ଶିକ୍ଷକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରିବେ। ଜିଲାପାଳଙ୍କ ଜରିଆରେ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିବେ ବୋଲି ଜିଲାର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଶିତୋଷ କୁମାର ପାଣିଗ୍ରାହୀ, ସମ୍ପାଦକ ଚକାନନ୍ଦ କମ୍ପ, କାର୍ଯ୍ୟକାରୀ ସଭାପତି କରୁଣା ପଟେଲ, ଏକ୍ସ-କ୍ୟାଡର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜୟନ୍ତୀଲାଲ ସାହୁ, ତରଣୀ ପ୍ରଧାନ, ଉକାଲୁ ସା, ଦେବକାନ୍ତ ମେହେର, ସଞ୍ଜୀବ ଷଡଙ୍ଗୀ, ଦେବଦତ୍ତ ପଟେଲ, ସୁମନ ସାହୁ, ସୁଶୀଳ ପୋଡ, ଜ୍ୟୋତି ପ୍ରକାଶ ଷଡଙ୍ଗୀ, କୋଷରାଜ ବେହେରା ଅକ୍ଷୟ ଧରୁଆ ଜଣାଇଛନ୍ତି।

## ଅରବିନ୍ଦ, ରଞ୍ଜିତ ଓ ସୁବାସ ବିଜୟୀ

**ସୋନପୁର,୨୩।୧୦(ନି.ପ୍ର.)**

**ସୋନପୁର ଆରସିଏମ୍‌ଏସ୍ ନିର୍ବାଚନ**

ସୋନପୁର ଆଞ୍ଚଳିକ ସମବାୟ ବାଣିଜ୍ୟ ସମିତି ଲିଃ(ଆରସିଏମଏସ) ପରିଚାଳନା ପରିଷଦର ସଦସ୍ୟ ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ବହୁ ପ୍ରତିକ୍ଷିତ ନିର୍ବାଚନରେ କଳାପଥର ପଞ୍ଚାୟତର ସମିତି ସଭ୍ୟ ତଥା କଳାପଥର ପାକ୍ସ ସଭାପତି ଅରବିନ୍ଦ ବାରିକ ଜୋନ୍‌୬ରୁ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି। ବାରିକ୍ ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ଲଢି ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେଡି ଏସସି ସେଲର ଜିଲା ସଭାପତି ରାଜ କୁମାର ସୁନାଙ୍କୁ ପରାସ୍ତ କରିଛନ୍ତି। ସେହିପରି ୭ନମ୍ବର ଜୋନରୁ ରଞ୍ଜିତ କୁମାର ସା ପ୍ରତିଦ୍ୱନ୍ଦ୍ୱୀ ଭକ୍ତରାମ ମେହେରଙ୍କୁ ଓ ୧୨ନମ୍ବର ଜୋନ୍‌ରୁ ସୁବାସ ସେଠୀ ପ୍ରତିପକ୍ଷ ରଣବୀର ମହାନନ୍ଦଙ୍କୁ ପରାସ୍ତ କରିଥିବା ଆରସିଏମଏସର ସମ୍ପାଦକ ସୁରେଶ ଚନ୍ଦ୍ର ପୁରୋହିତ ସୂଚନା ଦେଇଛନ୍ତି। ସୋନପୁର ଆରସିଏମଏସ ସୋନପୁର ଓ ତରଭା ବ୍ଲକର ୨୨ଟି ପ୍ରାଥମିକ କୃଷି ସମବାୟ ସମିତ(ପାକ୍ସ)କୁ ନେଇ ଗଠିତ। ଆରସିଏମଏସର ମୋଟ ୧୫ଟି ଜୋନ୍‌ରୁ ପୂର୍ବରୁ ୧୨ଜଣ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେମାନେ ହେଲେ ୧ ନମ୍ବର ଜୋନରୁ ନବକୃଷ୍ଣ ଦନ୍ତା, ୨ ନମ୍ବରରୁ ଅପୂର୍ବ ପୋଢ, ୩ ନମ୍ବରରୁ ମନିନ୍ଦ୍ର କୁମାର ମେହେର, ୪ ନମ୍ବରରୁ ତପନ କୁମାର ଅଗ୍ରୱାଲା, ୫ ନମ୍ବରରୁ ଜ୍ୟୋସ୍ନାମୟୀ ଶତପଥୀ, ୮ ନମ୍ବର ଜୋନରୁ ପ୍ରହଲ୍ଲାଦ ନାୟକ, ୯ ନମ୍ବର ଜୋନରୁ ଆନନ୍ଦ ବିହାରୀ ଶତପଥୀ, ୧୦ ନମ୍ବରରୁ ମଧୁସୂଦନ ମିଶ୍ର, ୧୧ ନମ୍ବରରୁ ଉମେଶ ନାଏକ, ୧୩ ନମ୍ବରରୁ ଗୀତା ଭୁଏ, ୧୪ ନମ୍ବରରୁ ଦଶରଥ ସାହୁ ଓ ୧୫ ନମ୍ବର ଜୋନରୁ ବିପିନ କଉଡି। ନିର୍ଦ୍ଦେଶକ ତଥା ଆରସିଏମଏସର ନିର୍ବାଚିତ ପରିଚାଳନା ସମିତି ସଦସ୍ୟମାନେ ପରବର୍ତ୍ତୀ ସମୟରେ ଆରସିଏମଏସ ସଭାପତି ଚୟନ କରିବେ। ଏଥିପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡିଛି।

# ସୁଚିସ୍ମିତାଙ୍କ ଘରେ ଭିଜିଲାନ୍ସ ବିଭାଗର ଛାନ୍‌ଭିନ୍

**ଭବାନୀପାଟଣା,୨୩।୧୦(ସ୍ୱ.ପ୍ର.)**

- ଜମି ବିକାଳି ଅଚ୍ୟୁତାନନ୍ଦ ପାଣିଗ୍ରାହୀଙ୍କୁ ଜେରା
- ୭.୭୫ ଲକ୍ଷ ଟଙ୍କାରେ ୫ ଡିସିମିଲ ଜାଗା କିଣା ଯାଇଥିଲା
- ୧୫ ଦିନ ପରେ ବି ସୁଚିସ୍ମିତାଙ୍କୁ ଧରିପାରିଲାନି ପୋଲିସ


ସୁଚିସ୍ମିତା ସୁଆର।

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବିଇଓ ଅଫିସ ଆକାଉଣ୍ଟାଣ୍ଟ ସୁଚିସ୍ମିତା ସୁଆର ଏକ୍ସକ୍ୟାଡର ଶିକ୍ଷକଙ୍କ ଗୋଟିଏ ମାସର ଦରମା ଓ ଅନ୍ୟ ଅନୁଦାନ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରି ଫେରାର ହୋଇଥିବା ଘଟଣାରେ ଭିଜିଲାନ୍ସ ବିଭାଗ ତାଙ୍କ ଆଜବେଷ୍ଟସ ଘର ସମ୍ପର୍କରେ ଛାନଭିନ ଆରମ୍ଭ କରିଛି। ସେହିପରି ସୁଚିସ୍ମିତାଙ୍କ ମା'ଙ୍କୁ ବିକ୍ରି କରିଥିବା ଜମି ମାଲିକ ଅଚ୍ୟୁତାନନ୍ଦ ପାଣିଗ୍ରାହୀଙ୍କୁ ଭିଜିଲାନ୍ସ ପକ୍ଷରୁ ଜେରା କରାଯିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ଭବାନୀପାଟଣା ସଦର ବିଇଓ ଅଫିସ୍ର ଆକାଉଣ୍ଟାଣ୍ଟ ସୁଚିସ୍ମିତାଙ୍କ ଇରିଗେସନ କଲୋନୀସ୍ଥିତ ଆଜବେଷ୍ଟସ ଘରକୁ ଯାଇ ଭିଜିଲାନ୍ସ ବିଭାଗ ତଦନ୍ତ କରିଥିଲା। ଇରିଗେସନ କଲୋନୀରେ ୫ ଡିସିମିଲ ଜାଗାରେ ଏହି ଆଜବେଷ୍ଟସ ଘର ରହିଛି। ୨୦୨୦ରେ ଶୁଚିସ୍ମିତା ତାଙ୍କ ମା' ସ୍ୱପ୍ନା ସୁଆରଙ୍କ ନାମରେ ଜାଗା କିଣିଥିଲେ। ଅଚ୍ୟୁତାନନ୍ଦଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୭ ଲକ୍ଷ ୭୫ ହଜାର ଟଙ୍କା ଟ୍ରାନ୍ସଫର କରି ଜମି ରେଜିଷ୍ଟ୍ରେଶନ କରିଥିଲେ। ଅଚ୍ୟୁତାନନ୍ଦଙ୍କୁ ଭିଜିଲାନ୍ସ ବିଭାଗ ଏହି ଜମି ବିକ୍ରି ନେଇ ପଚରାଉଚରା ଜାରି ରଖିଛି। ବିଇଓ ଅଫିସ ଟଙ୍କା ହଡ଼ପ କରି ୨୦୨୦ରେ ଏହି ୫ ଡିସିମିଲ ଜାଗା କିଣିଥିଲେ। ସୁଚିସ୍ମିତା ଫେରାର ହେବା ଦିନ ତାଙ୍କୁ ଏକ୍ସକ୍ୟାଡର ଶିକ୍ଷକ ପୂର୍ଣ୍ଣଶଶି ମହାନ୍ତି ବାଇକ୍‌ରେ ନେଇ ଭବାନୀପାଟଣା ସଦର ଥାନା ନିକଟରେ ଛାଡ଼ିଥିଲେ। ପୂର୍ବରୁ ସୂଚନା ପାଇଁ ବରଗଡ଼ ତାଙ୍କ ଭିଣୋଇ ଗା ଆଣି ଭବାନୀପାଟଣା ସଦର ଥାନାକୁ ଆସି ନେଇଯାଇଥିଲେ। ଏଥିରେ ବରଗ ମହାନ୍ତିପଡ଼ା ଗୋପାଳ କୃଷ୍ଣ ଦାସ ସହଯୋଗ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଶୁଚିସ୍ମିତାର ଭିଣୋଇ ଗଙ୍ଗାଧର ପୂଝାରୀଙ୍କ ବରଗଡ଼ସ୍ଥିତ ଅମ୍ବାପାଲି ବାସଭବନରୁ ସେ ଫେରାର ଥିବା ଜଣାପ ସେହିପରି ୧୫ ଦିନ ପରେ ବି ପୋଲିସ ସୁଚିସ୍ମିତାଙ୍କୁ ଗିରଫ କରିପାରି ନାହିଁ। ଗୋଟିଏପଟେ ଭବାନୀପାଟଣା ଟାଉନ ଥାନା ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ଅନ୍ୟପଟେ କଳାହାଣ୍ଡି ଭିଜିଲାନ୍ସ ବିଭାଗ ଖୋଳତାଡ଼ ଜାରି ରଖିଛି।